ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୪/୨୦୨୩ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, October 14/2023 | Page 20 | ₹ 7.00

୪୯ଶ ଭାଗ ୩୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 320 | ମୂଲ୍ୟ₹୭/-






SnapUp



₹199*-ରେ
ସ୍ମାର୍ଟ ୱାଚ
₹2499 ର କିଣିବା ଉପରେ
MRP ~~₹2499~~



₹199*-ରେ
ଡଫଲ ଟ୍ରଲି
(24" inch)
₹4999 ର କିଣିବା ଉପରେ
MRP ~~₹4999~~

V MART

*Terms & conditions apply. Image used are for reference only. Indicative pricing of which may vary product wise, all prices mentioned are inclusive of all taxes. No two offers can be clubbed together. For more details regarding size, quantity, customer care manager, marketer refer product pack and label of the product. VMRL reserves the right to amend terms & conditions at its discretion without any prior notice. In case of any dispute, V-Mart has the right to take the final decision.

HDFC BANK
FESTIVE TREATS
Up to 7.5% Instant Discount*
with HDFC Bank Cards & EasyEMI
Min. Trxn.: ₹2,500; Max. Discount up to ₹1000
Validity: 14 October - 2 November 2023. *T&C Apply.

Shop Online: LimeRoad.com

+91 9027 057 057
customercare@vmart.co.in

439 STORES | 283 CITIES | 27 STATES

SCAN & SHOP

ନବରଙ୍ଗପୁର: ଗାନ୍ଧୀ ଛକ, ମେନ୍ ରୋଡ୍, ପୁରାନୀ ବଜାର • କେନ୍ଦୁଝର: ମାଗୁରଗଡ଼ିଆ, ଗାନ୍ଧୀ ଛକ ନିକଟ • ବ୍ରହ୍ମପୁର: ଅର୍ବାନ୍ ବ୍ୟାଙ୍କ ରୋଡ୍
ବାରିପଦା: କେ.ସି. ସର୍କଲ, ଉଦଳା ରୋଡ୍ • ଝାରସୁଗୁଡ଼ା: ସରବାହାଲ ରୋଡ୍, ଶଙ୍କର ଉଦ୍ୟାନ ନିକଟ • ସମ୍ବଲପୁର: ନୟାପଡ଼ା, ଗୋଲ ବଜାର ଛକ
କଟକ: କଟକ ଲିଙ୍କ୍ ରୋଡ୍, ବିଶ୍ରାମ ନଗର, ବାଦାମବାଡ଼ି • ରାଉରକେଲା: ମେନ୍ ରୋଡ୍, ଡେଲି ମାର୍କେଟ, ହରିୟାଣା ଭବନ ନିକଟ
ପଟିଆ: ମାରୁତି ମଲ୍, ଭୁବନେଶ୍ୱର • ଅନୁଗୁଳ: ଶଙ୍କର ସିନେମା ରୋଡ୍

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୪ ଅକ୍ଟୋବର , ୨୦୨୩

**ଫ୍ରାନ୍ସ ସ୍କୁଲରେ ଆକ୍ରମଣ: ଶିକ୍ଷକ ମୃତ**

ଫ୍ରାନ୍ସର ଆରାସ୍ ସହରରେ ଥିବା ଏକ ସ୍କୁଲରେ ଶୁକ୍ରବାର ଛୁରି ଆକ୍ରମଣରେ ଜଣେ ଶିକ୍ଷକ ପ୍ରାଣ ହରାଇବା ସହ ଅନେକ ଲୋକ ଆହତ ହୋଇଛନ୍ତି। ଆକ୍ରମଣକାରୀଙ୍କୁ ଗିରଫ କରାଯାଇଥିବା ଆଞ୍ଚଳିକ କର୍ତ୍ତୃପକ୍ଷ କହିଛନ୍ତି। ଆକ୍ରମଣକାରୀ 'ଆଲ୍ଲାହୁ ଆକବର' ଚିତ୍କାର କରୁଥିବା ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇଥିବାବେଳେ ପୋଲିସ ଏହାକୁ ସ୍ପଷ୍ଟ କରିନାହିଁ। ଆକ୍ରମଣକାରୀ ୨୦ ବର୍ଷୀୟ ଯୁବକ ଉକ୍ତ ସ୍କୁଲର ପୂର୍ବତନ ଛାତ୍ର ବୋଲି ଜଣାପଡ଼ିଛି। ଆକ୍ରମଣକାରୀଙ୍କ ଭାଇକୁ ମଧ୍ୟ ଗିରଫ କରାଯାଇଛି। ପ୍ରାଣ ହରାଇଥିବା ଶିକ୍ଷକ ଜଣକ ଫ୍ରେଞ୍ଚ ଭାଷା ପଢ଼ାଉଥିଲେ। ଏହା ବ୍ୟତୀତ ଖେଳ ଶିକ୍ଷକ ଛୁରାମାଡ଼ରେ ଆହତ ହୋଇଛନ୍ତି।





ଗାଜା ଷ୍ଟ୍ରିପ୍ ସୀମାରେ ଆର୍ମୋର୍ଡ ପର୍ସନେଲ କେରିୟର (ଏପିସି) ସହ ଇସ୍ରାଏଲୀ ସୈନ୍ୟ।

# ଗାଜାରୁ ଗଣପଳାୟନ

**➩ବଡ଼ ଆକ୍ରମଣ ପାଇଁ ଇସ୍ରାଏଲର ପ୍ରସ୍ତୁତି ➩୧୦ ଲକ୍ଷ ଲୋକଙ୍କୁ ଖାଲି କରିବାକୁ ନିର୍ଦ୍ଦେଶ**

**ଜେରୁଜେଲମ/ଗାଜା ସିଟି, ୧୩।୧୦**

ଗାଜାର ଶାସକ ହମାସ୍ ଆତଙ୍କବାଦୀ ଗୋଷ୍ଠୀ ବିରୋଧରେ ଇସ୍ରାଏଲ ସ୍ଥଳସେନା ପକ୍ଷରୁ ବଡ଼ ଧରଣର ଆକ୍ରମଣ ହେବାକୁ ଯାଉଛି। ଏଥିପାଇଁ ୧୦ ଲକ୍ଷ ପାଲେଷ୍ଟିନୀୟ ୨୪ ଘଣ୍ଟା ମଧ୍ୟରେ ଉତ୍ତର ଗାଜା ଛାଡ଼ି ଦକ୍ଷିଣ ପାର୍ଶ୍ୱକୁ ଚାଲିଯିବା ପାଇଁ ଇସ୍ରାଏଲ୍ ସୈନ୍ୟବାହିନୀ ପକ୍ଷରୁ ଶୁକ୍ରବାର ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଚେତାବନୀ ପରେ ଗାଜା ଷ୍ଟ୍ରିପ୍‌ରୁ ବହୁସଂଖ୍ୟାରେ ଲୋକ ଘର ଛାଡ଼ିବା ଆରମ୍ଭ କରିଛନ୍ତି। ବହୁ ସଂଖ୍ୟାରେ ଲୋକେ କାର୍ ଛାତରେ ବିଛଣାପତ୍ର ଓ ଅତ୍ୟାବଶ୍ୟକ ସାମଗ୍ରୀ ଧରି ପଳାଉଥିବା ଦେଖାଯାଇଛି। ଗାଜା ସିଟି, ବେଇଟ୍ ଲାହିଆ, ବେଇଟ୍ ହାନୌନ ଏବଂ ଜାବାଲିଆ ଆର୍‌ସିରୁ ବାସିନ୍ଦାମାନେ ଗଣପଳାୟନ କରୁଛନ୍ତି। ଯେଉଁମାନେ ଘର ନ ଛାଡ଼ିବେ ସେମାନେ ମାରାତ୍ମକ ପରିଣାମର ସମ୍ମୁଖୀନ ହୋଇପାରନ୍ତି ବୋଲି ଇସ୍ରାଏଲ୍ ସେନା ଚେତାବନୀ ଦେଇଥିଲା।

ଗାଜା ଷ୍ଟ୍ରିପ୍ ଉପରେ ଆକାଶ ମାର୍ଗରୁ ବୋମା ଓ ରକେଟ ମାଡ଼ କରିଚାଲିଥିବା ଇସ୍ରାଏଲ୍ ସେନା ଏବେ ସ୍ଥଳପଥରେ ଉକ୍ତ ଅଞ୍ଚଳକୁ ଦଖଲ କରିବାକୁ ଚାହୁଁଛି। ଏଥିପାଇଁ ୩ ଲକ୍ଷ ସୈନ୍ୟଙ୍କୁ ଗାଜା ସୀମାକୁ ପଠାଯିବା ସହ ବହୁସଂଖ୍ୟାରେ ଟ୍ୟାଙ୍କ ଠୁଳ କରିଛି। ଯେକୌଣସି ମୁହୂର୍ତ୍ତରେ ସେମାନେ ଗାଜା ଭିତରେ ପ୍ରବେଶ କରିବେ। ସେଥିପାଇଁ ଉତ୍ତର ଗାଜାର ଲୋକମାନେ ସେମାନଙ୍କର ତଥା ସେମାନଙ୍କ ପରିବାର ସଦସ୍ୟମାନଙ୍କ ସୁରକ୍ଷା ଲାଗି ଦକ୍ଷିଣ ଭାଗକୁ ପଳାଇଯିବା ଲାଗି କୁହାଯାଇଛି। ହମାସ୍ ଆତଙ୍କବାଦୀମାନେ ନିରୀହ ଲୋକମାନଙ୍କୁ ମାନବ ଢାଲ ଭାବେ ବ୍ୟବହାର କରୁଥିବା ଇସ୍ରାଏଲ ସେନା କହିଛନ୍ତି। ହମାସ୍ ଆତଙ୍କବାଦୀମାନେ ସାଧାରଣ ଜନବସତି ମଧ୍ୟରେ ଆତ୍ମଗୋପନ କରିଥିବା ଅଭିଯୋଗ ହୋଇଛି।

ଉତ୍ତର ଗାଜାରୁ ଏତେ ସଂଖ୍ୟାରେ ଲୋକଙ୍କ ଗଣପଳାୟନ ବିପର୍ଯ୍ୟୟ ସୃଷ୍ଟି କରିବ ବୋଲି ଜାତିସଂଘ ସତର୍କ କରାଇଦେଇଛି। ଇସ୍ରାଏଲ୍ ପକ୍ଷରୁ ଉତ୍ତର ଗାଜା ଖାଲି କରିବାକୁ ନିର୍ଦ୍ଦେଶ ଦିଆଯିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଆକାଶମାର୍ଗରୁ ଘନଘନ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଅନେକ ଲୋକ ଘରଦ୍ୱାର ଛାଡ଼ି ପଳାଇଥିଲେ। ଏବେ ଇସ୍ରାଏଲ୍ ସମଗ୍ର ଅଞ୍ଚଳକୁ ଦଖଲ କରିବାକୁ ଉଦ୍ୟମ କରୁଥିବାରୁ ତାହା ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇଯିବ ବୋଲି ଆଶଙ୍କା କରାଯାଉଛି। ଏବେ ଲୋକ ଖାଦ୍ୟ, ବିଜୁଳି, ଇନ୍ଧନ ଆଦିକୁ ଭୁଲିଗଲେଣି। କେବଳ ଜୀବନ ବଞ୍ଚାଇବାକୁ ସେମାନେ ଚିନ୍ତା କରୁଛନ୍ତି ବୋଲି ପାଲେଷ୍ଟିନୀୟ ରେଡ୍ କ୍ରିସେଣ୍ଟ ମୁଖପାତ୍ର ନେବାଲ ଫରସାଖ୍ କହିଛନ୍ତି। ଯୁଦ୍ଧରେ ଉଭୟ ପକ୍ଷରୁ ୩,୦୦୦ରୁ ଅଧିକ ଲୋକାଙ୍କ ମୃତ୍ୟୁ ଘଟିବା ସହ ଉତ୍ତେଜନା ବଢ଼ିବାରେ ଲାଗିଛି। ଲେବାନନ୍‌ର ହେଜବୋଲ୍ଲା ଆତଙ୍କବାଦୀ ସଂଗଠନ ଉପରେ ଇସ୍ରାଏଲ୍ ଆକ୍ରମଣ କରିଥିବାରୁ ଯୁଦ୍ଧ ଅଧିକ ଅଞ୍ଚଳକୁ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି। ଶୁକ୍ରବାର ମୁସଲମାନଙ୍କ ନମାଜ ପାଠ ବେଳେ ଆଖପାଖ ଦେଶଗୁଡ଼ିକରେ ଉତ୍ତେଜନା ଦେଖାଦେଇଛି।

ଗତ ଶନିବାର ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିବା ପରେ ଜେରୁଜେଲମ୍ ପକ୍ଷରୁ ଗାଜା ଉପରେ କ୍ରମାଗତ ବୋମାମାଡ଼ ଜାରି ରହିଛି। ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ହଜାର ହଜାର ରକେଟ ମାଡ଼ କରିବା ସହ ଏହାର ଦକ୍ଷିଣ ଭାଗରେ ଥିବା କେତେକ ସହରରେ ପ୍ରବେଶ କରି ଛୋଟ ପିଲାଙ୍କ ସମେତ ବହୁ ଲୋକଙ୍କୁ ହତ୍ୟା କରିଥିଲେ। ସେମାନେ ୧୫୦ ଲୋକଙ୍କୁ ଅପହରଣ କରି ଗାଜାକୁ ନେଇଯାଇଛନ୍ତି।



ଇସ୍ରାଏଲର ଚେତାବନୀ ପରେ ଗାଜାର ରାଫାହରୁ ପିଲାଛୁଆଙ୍କୁ ଧରି ପଳାୟନ କରୁଛନ୍ତି ପାଲେଷ୍ଟିନୀୟ ମହିଳା।

## ମଣିପୁର ଛାତ୍ରୀଛାତ୍ର ହତ୍ୟା: ୫ମ ଅଭିଯୁକ୍ତଙ୍କୁ ଗିରଫକଲା ସିବିଆଇ

**ପୁଣେ, ୧୩।୧୦:** ହିଂସାକାଣ୍ଡ ଲାଗି ରହିଥିବା ମଣିପୁରରେ ମେଇତି ସମ୍ପ୍ରଦାୟର ଜଣେ ଛାତ୍ର ଓ ଜଣେ ଛାତ୍ରୀଙ୍କୁ ଅପହରଣ କରିନେଇ ହତ୍ୟା କରିବା ଅଭିଯୋଗରେ ସିବିଆଇ ମହାରାଷ୍ଟ୍ରର ପୁଣେରୁ ୫ମ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ମାମଲାରେ ଅକ୍ଟୋବର ୧ରେ ୪ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଥିଲା। ଜୁଲାଇ ୬ରୁ ୨ ମେଇତି ଛାତ୍ରୀଛାତ୍ର ନିଖୋଜ ଥିବାବେଳେ ପରେ ସେମାନଙ୍କ ମୃତଦେହ ମିଳିଥିଲା। ୨୨ ବର୍ଷୀୟ ବାଓଲୁନ୍ ମାଙ୍ଗଙ୍କୁ ଗିରଫ କରାଯାଇ ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ଅଦାଲତ ତାଙ୍କୁ ଅକ୍ଟୋବର ୧୬ ପର୍ଯ୍ୟନ୍ତ ପୋଲିସ ହାଜତକୁ ପଠାଇଦେଇଛନ୍ତି। ଛାତ୍ରୀଛାତ୍ରଙ୍କୁ ଅପହରଣ ଓ ହତ୍ୟା ମାମଲାରେ ମାଙ୍ଗଙ୍କର ପ୍ରମୁଖ ଭୂମିକା ଥିଲା ସିବିଆଇ ଅଧିକାରୀମାନେ ତାଙ୍କୁ ଜେରା କରୁଛନ୍ତି।

## ଜି୨୦ ବାଚସ୍ପତି ସମ୍ମିଳନୀ ଉଦ୍‌ଘାଟିତ

**ଶାନ୍ତି ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ**

**ନୂଆଦିଲ୍ଲୀ, ୧୩।୧୦:** ଜି୨୦ ରାଷ୍ଟ୍ର ଗୋଷ୍ଠୀର ସଂସଦୀୟ ବାଚସ୍ପତିମାନଙ୍କ ସମିଟ୍ (ପି୨୦)କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ନୂଆଦିଲ୍ଲୀର ଯଶୋଭୂମିଠାରେ ଉଦ୍‌ଘାଟନ କରିଛନ୍ତି। ଇସ୍ରାଏଲ-ହମାସ ଯୁଦ୍ଧ ପରିପ୍ରେକ୍ଷୀରେ ଶାନ୍ତି ଓ ଭ୍ରାତୃଭାବ ପାଇଁ ସେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ସମସ୍ତ ପ୍ରକାର ଆତଙ୍କବାଦ ହେଉଛି ମାନବୀୟତାର ବିରୋଧୀ। ଏବେ ଶାନ୍ତି ଓ ଭ୍ରାତୃଭାବର ସମୟ ଆସିଛି, ଯାହାଦ୍ୱାରା ସମସ୍ତେ ଏକାଠି ଚାଲି ଆଗକୁ ବଢ଼ିପାରିବେ। ନବମ ପି୨୦ ସମିଟ୍‌ରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଏହାକୁ ସଂସଦୀୟ ପରମ୍ପରାର ମହାକୁମ୍ଭ ବୋଲି କହିଥିଲେ। ବିଶ୍ୱର ବିଭିନ୍ନ ଭାଗରେ ଘଟୁଥିବା ଘଟଣା ସହ ପ୍ରତ୍ୟେକ ସଚେତନ ଅଛନ୍ତି। ସାରା ବିଶ୍ୱ ଏବେ ସଂଘର୍ଷ ଓ ମୁହାଁମୁହିଁ ସ୍ଥିତିର ସମ୍ମୁଖୀନ। ବିବାଦ ଏବଂ ସଂଘର୍ଷ କାହା ପାଇଁ ଭଲ ନୁହେଁ। ବିଭାଜିତ ବିଶ୍ୱ ମାନବବାଦ ସମ୍ମୁଖୀନ ହେଉଥିବା ବୃହତ୍ ଚ୍ୟାଲେଞ୍ଜଗୁଡ଼ିକର ସମାଧାନ କରିପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆତଙ୍କବାଦର ମୁକାବିଲା ପାଇଁ କଠୋର ଆଭିମୁଖ୍ୟ ନେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

## ଅପରେଶନ ଅଜୟ: ଫେରିଲେ ୨୧୨ ଭାରତୀୟ

**ନୂଆଦିଲ୍ଲୀ, ୧୩।୧୦**



ଯୁଦ୍ଧ ପ୍ରଭାବିତ ଇସ୍ରାଏଲ୍‌ରୁ ପ୍ରଥମ ପର୍ଯ୍ୟାୟରେ ୨୧୨ ଭାରତୀୟ ଫେରିଛନ୍ତି। ସେମାନଙ୍କୁ ଆଣି ଆସିଥିବା ଚାର୍ଟାର୍ଡ ବିମାନ ଶୁକ୍ରବାର ଭୋର ସମୟରେ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିଲା। ସେମାନଙ୍କ ମଧ୍ୟରେ ଛାତ୍ରୀଛାତ୍ର ଅଛନ୍ତି। ହମାସ ଆତଙ୍କବାଦୀଙ୍କ ଆକ୍ରମଣ ପରେ ଇସ୍ରାଏଲ୍‌ରେ ଫସିରହିଥିବା ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବା ଲାଗି ନୂଆଦିଲ୍ଲୀ ପକ୍ଷରୁ ଅପରେଶନ ଅଜୟ ଆରମ୍ଭ ହୋଇଛି। ବିମାନବନ୍ଦରରେ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଉପସ୍ଥିତ ରହି ଯାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। ୨୦୧୯ରୁ କେନ୍ଦ୍ରୀୟ ଇସ୍ରାଏଲରେ ରହୁଥିବା ଗବେଷକ ଶାଶ୍ୱତ ସିଂ ତାଙ୍କ ସ୍ତ୍ରୀଙ୍କ ସହ ଦିଲ୍ଲୀ ଫେରିଛନ୍ତି। ଆକାଶମାର୍ଗରୁ ଆକ୍ରମଣ ସାଇରନ ସହ ତାଙ୍କ ନିଦ ଭାଙ୍ଗୁଥିଲା। ସେଠାରେ କୃଷି ଉପରେ ପୋଷ୍ଟ ଡକ୍ଟରେଟ୍ କରୁଥିବା ସିଂ ଭାରତର ଅପରେଶନ ଅଜୟ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଇସ୍ରାଏଲ୍‌ରେ ଥିବା ଭାରତୀୟ ଦୂତାବାସକୁ ଧନ୍ୟବାଦ ଜଣାଇଛନ୍ତି। ଇସ୍ରାଏଲ୍‌ରେ ୧୮,୦୦୦ ଭାରତୀୟ ରହିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ଗୁରୁବାର କହିଥିଲେ।

## ୬୦ ହମାସ୍ ଆତଙ୍କବାଦୀ ନିହତ

**୨୫୦ ପଣବନ୍ଦୀଙ୍କୁ ଉଦ୍ଧାର କଲା ଇସ୍ରାଏଲ୍ ସେନା**

**ଜେରୁଜେଲମ୍, ୧୩।୧୦**

ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ଶୁକ୍ରବାର ଏକ ଦୁଃସାହସିକ ଅଭିଯାନକ୍ରମେ ୬୦ ହମାସ ଆତଙ୍କବାଦୀଙ୍କୁ ହତ୍ୟାକରି ସେମାନଙ୍କ କବଳରୁ ୨୫୦ରୁ ଊର୍ଦ୍ଧ୍ୱ ପଣବନ୍ଦୀଙ୍କୁ ମୁକ୍ତ କରିଛି। ଆଇଡିଏଫ୍‌ର ଫ୍ଲୋଟିଲା-୧୩ ୟୁନିଟ୍ ସୁଫା ଆଉଟପୋଷ୍ଟ ଉପରେ ଚଢ଼ାଉ କରି ୬୦ରୁ ଅଧିକ ହମାସ୍ ଆତଙ୍କୀଙ୍କୁ ହତ୍ୟା କରିଥିଲା। ହମାସ୍ ସଦର୍ନ ନାଭାଲ ଡିଭିଜନର ଉପ କମାଣ୍ଡର ମହମ୍ମଦ ଅବୁ ଆଲିଙ୍କ ସମେତ ୨୬ ଆତଙ୍କବାଦୀଙ୍କୁ ଇସ୍ରାଏଲୀ ସେନା ବନ୍ଦୀ କରିଛି।

## ଇସ୍ରାଏଲ, ଆମେରିକାକୁ ପ୍ରବଳ ବିରୋଧ

**ଜୋର୍ଡାନ୍‌ର ଅମ୍ମାନଠୁ ନେଇ ୟେମେନ୍ ରାଜଧାନୀ ସନା ପର୍ଯ୍ୟନ୍ତ ମୁସଲମାନ ସମ୍ପ୍ରଦାୟର ଲୋକେ ଶୁକ୍ରବାର ନମାଜ ପାଠ ପରେ ରାସ୍ତାକୁ ଓହ୍ଲାଇଥିଲେ। ସେମାନେ ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲର ଅଭୂତପୂର୍ବ ଏୟାରଷ୍ଟ୍ରାଇକ୍‌କୁ ବିରୋଧ କରି ଇସ୍ରାଏଲୀ ଓ ଆମେରିକୀୟ ପତାକା ପୋଡ଼ିଥିଲେ। ମଧ୍ୟପ୍ରାଚ୍ୟ, ଉପସାରଗୀୟ ଓ ମୁସଲମାନ ବହୁଳ ଅନେକ ରାଷ୍ଟ୍ରରେ ଶୁକ୍ରବାର ଅନୁରୂପ ବିକ୍ଷୋଭ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା।**

**ଜେରୁଜେଲମ୍/ବାଗ୍‌ଦାଦ/ ପ୍ୟାରିସ୍, ୧୩।୧୦**

**ଇସ୍‌ଲାମୀୟ ରାଷ୍ଟ୍ରଗୁଡ଼ିକରେ ବ୍ୟାପକ ବିକ୍ଷୋଭ**

ହମାସ୍ ସହ ଇସ୍ରାଏଲର ଯୁଦ୍ଧକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଉଛି। ମଧ୍ୟପ୍ରାଚ୍ୟରେ ଅନେକ ହଜାର ଲୋକ ରାସ୍ତାକୁ ଓହ୍ଲାଇ ଗାଜା ଉପରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍ ବିରୋଧରେ ପ୍ରତିବାଦ ଜଣାଇଛନ୍ତି। ନିଜ ଦେଶର ରାଜଧାନୀରେ ନମାଜ ପାଠ ପାଇଁ ମସ୍‌ଜିଦଗୁଡ଼ିକରେ ଠୁଳ ହୋଇଥିବା ମୁସଲମାନମାନେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶିଆ ନେତା ମୋକ୍ତାଦା ସଦର୍ ଗାଜା ସପକ୍ଷରେ ବିକ୍ଷୋଭ କରିବାକୁ ଆହ୍ୱାନ ଦେବା ପରେ ଇରାକ୍‌ର ବାଗ୍‌ଦାଦରେ ଆନ୍ଦୋଳନକାରୀ ସ୍ଲୋଗାନ ଦେଇଥିଲେ, 'କବ୍‌ଜା ଚଳିବ ନାହିଁ', 'ଆମେରିକାର ଆଧିପତ୍ୟ ଗ୍ରହଣୀୟ ନୁହେଁ'। ଅଧିକୃତ ପାଲେଷ୍ଟାଇନ୍‌ରେ ଚାଲିଥିବା ରକ୍ତପାତ ଓ ମାନବ ଅଧିକାର ଉଲ୍ଲଂଘନକୁ ନିନ୍ଦା କରିବା ପାଇଁ ଏହି ରାଲିର ଆୟୋଜନ କରାଯାଇଛି ବୋଲି ବିକ୍ଷୋଭ ଆୟୋଜକ ଅବୁ କନ୍ୟାନ୍ କହିଛନ୍ତି। ତେହରାନ୍‌ରେ ବିକ୍ଷୋଭକାରୀମାନେ ଇରାନୀ, ପାଲେଷ୍ଟିନୀୟ, ଲେବାନନ୍‌ର ହେଜ୍‌ବୋଲ୍ଲା ପତାକା ଉଡ଼ାଇଥିଲେ। ସେମାନେ ଧରିଥିବା ବ୍ୟାନରଗୁଡ଼ିକରେ ଲେଖାଥିଲା, 'ଡାଉନ୍ ୱିଥ୍ ଆମେରିକା' ଏବଂ 'ଡାଉନ୍ ୱିଥ୍ ଇସ୍ରାଏଲ'। ଇରାନ୍‌ର ଅନ୍ୟ ସହରଗୁଡ଼ିକରେ ମଧ୍ୟ ବିକ୍ଷୋଭକାରୀମାନେ ଆମେରିକା ଓ ଇସ୍ରାଏଲର ଜାତୀୟ ପତାକାକୁ ପୋଡ଼ିଥିଲେ। ବାହାରିନ୍‌ର ଦିରାଜ ମସ୍‌ଜିଦ ଆଗରେ ନମାଜ ପାଠ ପୂର୍ବରୁ ଅନେକ ହଜାର ମୁସଲମାନ ସ୍ଲୋଗାନ ଦେଇଥିଲେ, 'ଡେଥ୍ ଟୁ ଇସ୍ରାଏଲ' ଏବଂ 'ଡେଟ୍ ଟୁ ଆମେରିକା'। ସାଉଦି ରାଜଧାନୀ ରିୟାଧରେ ବିକ୍ଷୋଭକୁ ନିଷିଦ୍ଧ କରାଯାଇଥିବାବେଳେ କେତେଜଣ ଲୋକ ଏହାକୁ ଅବଜ୍ଞା କରିଛନ୍ତି। ଆଇନ ଅମାନ୍ୟକାରୀ ଜଣେ ପୂଜକଙ୍କୁ ପୋଲିସ ଗିରଫ କରି ନେଉଥିବାବେଳେ ସେ କହୁଥିଲେ, 'ଷ୍ଟିକ୍ ଆବାଉଟ୍ ପାଲେଷ୍ଟାଇନ୍'!





ମାଲେସିଆର କୁଆଲାଲମ୍ପୁରରେ ଇସ୍ରାଏଲ ବିରୋଧୀ ବିକ୍ଷୋଭ ବେଳେ ମହିଳାମାନେ ସ୍ଲୋଗାନ ଦେଉଛନ୍ତି।

## ହମାସ୍‌ର ଗୁପ୍ତ ସୁଡ଼ଙ୍ଗ ଇସ୍ରାଏଲ ସେନା ପାଇଁ ବଡ଼ ଚ୍ୟାଲେଞ୍ଜ



ଇସ୍ରାଏଲ୍ ସ୍ଥଳସେନା ଜୋର୍‌ଦାର ଆକ୍ରମଣ କରି ଗାଜା ଷ୍ଟ୍ରିପ୍‌କୁ ଦଖଲ ପାଇଁ ପ୍ରସ୍ତୁତି ଚଳାଇଛି। ତେବେ ସେଠାରେ ହମାସ ଆତଙ୍କବାଦୀଙ୍କ ଗୁପ୍ତ ସୁଡ଼ଙ୍ଗ ଇସ୍ରାଏଲ୍ ସୈନ୍ୟଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। ସ୍ଥଳଭାଗରେ ଆକ୍ରମଣ କଲେ ଇସ୍ରାଏଲ୍‌କୁ ମହଙ୍ଗା ପଡ଼ିପାରେ ବୋଲି ବହୁ ବିଶେଷଜ୍ଞ ସତର୍କ କରାଇଛନ୍ତି। ଗାଜା ଷ୍ଟ୍ରିପ୍‌ରେ ଅନେକ ଦୀର୍ଘ ଗୁପ୍ତ ସୁଡ଼ଙ୍ଗ ନେଟ୍‌ୱର୍କ ରହିଛି। ଉକ୍ତ ଟନେଲ ନେଟ୍‌ୱର୍କ ଉପରେ ଆକ୍ରମଣ କରାଯିବ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ମୁଖପାତ୍ର କହିଛନ୍ତି। ତେବେ ଏହା ସହଜ ନୁହେଁ। ୨୦୨୧ରେ ହମାସର ୧୦୦ କିଲୋମିଟରରୁ ଅଧିକ ଟନେଲ ନେଟ୍‌ୱର୍କକୁ ଧ୍ୱଂସ କରାଯାଇଥିବା ଇସ୍ରାଏଲ ଡିଫେନ୍ସ ଫୋର୍ସ ଦାବି କରିଥିଲା। ତେବେ ସେଠାରେ ୫୦୦ କିଲୋମିଟର ଟନେଲ ନେଟ୍‌ୱର୍କ ରହିଥିବାବେଳେ ମାତ୍ର ୫ ପ୍ରତିଶତ ନଷ୍ଟ ହୋଇଥିବା ହମାସ ନେତା ୟାହ୍‌ୟା ସିନଓ୍ୱର କହିଥିଲେ। ଦିଲ୍ଲୀର ଆୟତନ ଗାଜାର ୪ ଗୁଣ ହୋଇଥିବାବେଳେ ମୋଟ ମେଟ୍ରୋ ନେଟ୍‌ୱର୍କ ୩୯୨ କିଲୋମିଟର ରହିଛି। ଏଥିରୁ ଗାଜାରେ ସୁଡଙ୍ଗ ନେଟ୍‌ୱର୍କ କେତେ ଅଧିକ ତାହା ସହଜେ ଅନୁମେୟ।

## ଇସ୍ରାଏଲୀଙ୍କ ସୁରକ୍ଷା ଚିନ୍ତା: ଦିଲ୍ଲୀ, ମହାରାଷ୍ଟ୍ର, ଗୋଆରେ ହାଇ ଆଲର୍ଟ

**ନୂଆଦିଲ୍ଲୀ, ୧୩।୧୦**

ଇସ୍ରାଏଲ୍ ଏବଂ ହମାସ୍ ଆତଙ୍କବାଦୀ ସଂଗଠନ ମଧ୍ୟରେ ଯୁଦ୍ଧ ଲାଗିଥିବାବେଳେ ଭାରତରେ ଅସାମାଜିକ କାର୍ଯ୍ୟକଳାପ ସମ୍ଭାବନା ନେଇ ସୁରକ୍ଷା ସଂସ୍ଥାଗୁଡ଼ିକ ସତର୍କ କରାଇବା ପରେ ଦିଲ୍ଲୀ, ମହାରାଷ୍ଟ୍ର, ଗୋଆ ସମେତ ବିଭିନ୍ନ ସ୍ଥାନରେ ଶୁକ୍ରବାର ହାଇ ଆଲର୍ଟ ଜାରି ହୋଇଛି। ଶୁକ୍ରବାର ନମାଜ ପାଠ ବେଳେ ସତର୍କତା ସ୍ୱରୂପ ଜାତୀୟ ରାଜଧାନୀର ରାସ୍ତାଗୁଡ଼ିକରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହା ବ୍ୟତୀତ ଇସ୍ରାଏଲୀ ଦୂତାବାସ ଏବଂ ଇହୁଦୀ ଧର୍ମ ପ୍ରତିଷ୍ଠାନ ଆଦି ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା ବଢ଼ାଇ ଦିଆଯାଇଥିଲା। ଇସ୍ରାଏଲୀ କୂଟନୀତିଜ୍ଞ, କର୍ମଚାରୀ ଓ ପର୍ଯ୍ୟଟକମାନଙ୍କୁ ସୁରକ୍ଷା ନିଶ୍ଚିତ କରିବା ଲାଗି ମହାରାଷ୍ଟ୍ର, ହିମାଚଳପ୍ରଦେଶ ଏବଂ ଗୋଆ ସରକାର ନିର୍ଦ୍ଦେଶ ଦେଇଛନ୍ତି।

## ସୁପ୍ରିମକୋର୍ଟଙ୍କୁ ଅବଜ୍ଞା କରିପାରିବେ ନାହିଁ ବାଚସ୍ପତି

**ନୂଆଦିଲ୍ଲୀ, ୧୩।୧୦**

**ଶିବସେନା ବିବାଦ**

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ତାଙ୍କ ସମର୍ଥକ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଆବେଦନ ଉପରେ ବିଧାନସଭା ବାଚସ୍ପତି ନିଷ୍ପତ୍ତି ନେବାରେ ବିଳମ୍ବ କରୁଥିବାରୁ ସୁପ୍ରିମକୋର୍ଟ ଶୁକ୍ରବାର ତାଙ୍କୁ ଭର୍ତ୍ସନା କରିଛନ୍ତି। ବାଚସ୍ପତି ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ ଅବଜ୍ଞା କରିପାରିବେ ନାହିଁ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ଉକ୍ତ ପ୍ରସଙ୍ଗ ଉପରେ ନିଷ୍ପତ୍ତି ନେବାର ସମୟସୀମା କୋର୍ଟଙ୍କୁ ଜଣାଇବାକୁ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ଆବେଦନ ଉପରେ ନିଷ୍ପତ୍ତି ନେବାକୁ ହେବ, ନଚେତ୍ ସମୁଦାୟ ପ୍ରକ୍ରିୟା ନିଷ୍ଫଳ ହେବ ବୋଲି ସିଜେଆଇ କହିଛନ୍ତି। ବାଚସ୍ପତିଙ୍କ ସମୟସୀମାରେ ଅଦାଲତ ସନ୍ତୁଷ୍ଟ ନ ହେଲେ ୨ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେବେ। ଶିନ୍ଦେ ଓ ତାଙ୍କ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ସମୟସୀମା ଧାର୍ଯ୍ୟ କରିବାକୁ ଗତମାସ ୧୮ରେ ସୁପ୍ରିମକୋର୍ଟ ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପିଟିଶନର ପରବର୍ତ୍ତୀ ଶୁଣାଣି ସୋମବାର କିମ୍ବା ମଙ୍ଗଳବାର ଅନୁଷ୍ଠିତ ହେବ।

**ଆବେଦନକାରୀଙ୍କୁ ସୁପ୍ରିମକୋର୍ଟ କହିଲେ**

## ନିଜ ବୈଜ୍ଞାନିକ ମତବାଦ ପ୍ରଚାର କର

**ଡାରଓ୍ୱିନ୍ ସିଦ୍ଧାନ୍ତ, ଆଇନ୍‌ଷ୍ଟାଇନ୍‌ଙ୍କ ଆପେକ୍ଷିକ ତତ୍ତ୍ୱକୁ ଚ୍ୟାଲେଞ୍ଜ**

**ନୂଆଦିଲ୍ଲୀ, ୧୩।୧୦**

ବ୍ରିଟେନ୍‌ର ପ୍ରକୃତି ବିଜ୍ଞାନୀ ଚାର୍ଲ୍ସ ଡାରଓ୍ୱିନ୍‌ଙ୍କ ଇଭୋଲ୍ୟୁଶନ୍ ଥିଓରି (ବିବର୍ତ୍ତନବାଦ) ଅନୁସାରେ ସମସ୍ତ ଜୀବନ୍ତ ପ୍ରାଣୀଙ୍କ ବିବର୍ତ୍ତନ ଏକ ପ୍ରାକୃତିକ ଚୟନ ଜରିଆରେ ହୋଇଥାଏ। ସେହିପରି ପ୍ରଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ '$E = mc^2$' ସମୀକରଣ ଜରିଆରେ ଦ୍ରବ୍ୟମାନ ଓ ଶକ୍ତିର ସମାନତା ପ୍ରତିପାଦିତ କରିଛନ୍ତି। ଡାରଓ୍ୱିନ୍‌ଙ୍କ ବିବର୍ତ୍ତନ ସିଦ୍ଧାନ୍ତ ଓ ଆଇନ୍‌ଷ୍ଟାଇନଙ୍କ ଆପେକ୍ଷିକ ତତ୍ତ୍ୱକୁ ଚ୍ୟାଲେଞ୍ଜକରି ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଥିଲା। ଜଷ୍ଟିସ୍ ସଞ୍ଜୟ କିଷାନ କୌଲ ଏବଂ ସୁଧାଂଶୁ ଧୂଲିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଡାରଓ୍ୱିନ୍‌ଙ୍କ ବିବର୍ତ୍ତନ ସିଦ୍ଧାନ୍ତ ଏବଂ ଆଇନ୍‌ଷ୍ଟାଇନଙ୍କ ସମୀକରଣକୁ ଆବେଦନକାରୀ ଭୁଲ୍ ପ୍ରମାଣିତ କରିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ଏକ ମଞ୍ଚ ଲୋଡ଼ୁଛନ୍ତି। ଯଦି ତାଙ୍କର କିଛି ସ୍ୱତନ୍ତ୍ର ଧାରଣା ଅଛି, ତେବେ ସେ ନିଜ ମତବାଦର ପ୍ରଚାରପ୍ରସାର କରିପାରନ୍ତି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୨ ଅଧୀନରେ ଏକ ରିଟ୍ ପିଟିଶନ ଦାଖଲ କରି ବୈଜ୍ଞାନିକ ମତବାଦଗୁଡ଼ିକୁ ଚ୍ୟାଲେଞ୍ଜ କରାଯାଇପାରିବ ନାହିଁ। ଏହି ଅନୁଚ୍ଛେଦ କେବଳ ମୌଳିକ ଅଧିକାର ସମ୍ପର୍କରେ କହିଥାଏ।



କୋର୍ଟରୁମ୍‌କୁ ଗୈରିକ ପୋଷାକ ପରିଧାନ କରି ଆସିଥିବା ରାଜକୁମାର ଏହି ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ କରିଛନ୍ତି। ପୂର୍ବରୁ ବିଜ୍ଞାନ ଛାତ୍ର ଥିବା ରାଜକୁମାର ଏଥିରେ ଉଲ୍ଲେଖ କରିଛନ୍ତି, ଡାରଓ୍ୱିନ୍‌ଙ୍କ ସିଦ୍ଧାନ୍ତ ଓ ଆଇନ୍‌ଷ୍ଟାଇନଙ୍କ ବିଷୟରେ ସ୍କୁଲ କଲେଜରେ ପଢ଼ିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଗବେଷଣା କରି ଉଭୟଙ୍କ ମତବାଦ ଭୁଲ୍ ବୋଲି ଜାଣିବାକୁ ପାଇଛନ୍ତି। ତାଙ୍କ ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ କହିଥିଲେ, ଆପଣ ନିଜ ଥିଓରିକୁ ଅଧିକ ବିକଶିତ କରି ତା'ର ପ୍ରଚାରପ୍ରସାର କରିପାରନ୍ତି। ଏହା ଉପରେ ସୁପ୍ରିମକୋର୍ଟ କ'ଣ କରିବେ? ୨ ବୈଜ୍ଞାନିକଙ୍କ ସିଦ୍ଧାନ୍ତ ଯୋଗୁ ଅନୁଚ୍ଛେଦ ୩୨ରେ ପ୍ରଦତ୍ତ ଆପଣଙ୍କର କେଉଁ ମୌଳିକ ଅଧିକାର ଉଲ୍ଲଂଘନ ହୋଇଛି ବୋଲି ସୁପ୍ରିମକୋର୍ଟ ରାଜକୁମାରଙ୍କୁ ପ୍ରଶ୍ନ କରିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୪/୨୦୨୩ | Bhubaneswar, Saturday, October 14/2023 | ପୃଷ୍ଠା-୧


## ଅଲିମ୍ପିକ୍ସରେ ସାମିଲ ହେବ ଟି୨୦ କ୍ରିକେଟ

**ମୁମ୍ବାଇ, ୧୩।୧୦ (ପି.ଟି.)**

ଅଲିମ୍ପିକ୍ସ ୨୦୨୮ରେ କ୍ରିକେଟ ସାମିଲ ହେବାକୁ ଯାଉଛି। ଲସଆଞ୍ଜେଲ୍ସ ଗେମ୍ସ ଆୟୋଜକଙ୍କର ଏ ସମ୍ପର୍କିତ ପ୍ରସ୍ତାବ ଶୁକ୍ରବାର ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଦ୍ୱାରା ଅନୁମୋଦନ ଲାଭ କରିଛି। କ୍ରିକେଟ ଟି୨୦ ଫର୍ମାଟରେ ଖେଳାଯିବ। ଅନ୍ୟ ୪ଟି ଖେଳ ମଧ୍ୟ ଏଥିରେ ସ୍ଥାନ ପାଇବ। ସେଗୁଡ଼ିକ ହେଲା ବେସ୍‌ବଲ୍-ସଫ୍ଟବଲ, ଫ୍ଲାଗ୍ ଫୁଟ୍‌ବଲ, ଲାକ୍ରୋସେ (ସିକ୍ସେସ) ଏବଂ ସ୍କ୍ୱାଶ। ଏହା ମଧ୍ୟ ଥୋମାସ ବ୍ୟାକ୍‌ଙ୍କ ଅଧ୍ୟକ୍ଷତାରେ ଆଇଓସିର କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଗୃହୀତ ହୋଇଯାଇଛି। ଏଠାରେ ରବିବାର ଆରମ୍ଭ ହେବାକୁଥିବା ଆଇଓସି ସେସନରେ ଏହି ପ୍ରସ୍ତାବଗୁଡ଼ିକ ନେଇ ଭୋଟ ଗ୍ରହଣ ହେବ। କ୍ରିକେଟ ସପକ୍ଷରେ ଯଦି ଅଧିକ ସମର୍ଥନ ମିଳେ ତେବେ ୧୯୦୦ ପରେ କ୍ରିକେଟ ଅଲିମ୍ପିକ୍ସରେ ସ୍ଥାନ ପାଇବ। ଏହି ଅତିରିକ୍ତ କ୍ରୀଡ଼ାଗୁଡ଼ିକ ☞ପୃଷ୍ଠା-୨

## ଆଜି ପାକିସ୍ତାନକୁ ଭେଟିବ ଭାରତ

**ଅହମଦାବାଦ, ୧୩।୧୦ (ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ୍-୨୦୨୩ରେ ଭାରତ-ପାକିସ୍ତାନ ମ୍ୟାଚ୍ ଅହମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଶନିବାର ଖେଳାଯିବ। ଭାରତରେ ଖେଳାଯାଉଥିବା ଏହି ବିଶ୍ୱକପ୍‌ରେ ଘରୋଇ ଦଳ ଫେଭରିଟ୍ ରହିବ। ୭ ବର୍ଷ ପରେ ପାକିସ୍ତାନ ଦଳ ଭାରତକୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ଆସିଛି। ଅନ୍ୟପକ୍ଷରେ ରେକର୍ଡକୁ ଦେଖିଲେ ଭାରତୀୟ ଦଳକୁ ଫେଭରିଟ୍ ବୋଲି ବିବେଚନା କରାଯିବ। ☞ପୃଷ୍ଠା-୨




# ଡାଟା ଚୋରି ଯୋଗୁ ପିଲା ହଇରାଣ

ବ୍ୟକ୍ତିଗତ ତଥ୍ୟ(ଡାଟା) ଚୋରି ସମ୍ପ୍ରତି ଲୋକଙ୍କୁ ବହୁଳମାତ୍ରାରେ ପ୍ରଭାବିତ କରୁଛି। ଲୋକଙ୍କ ଫୋନନମ୍ବର, ଠିକଣା, ଆଧାର ଆଦି ତଥ୍ୟକୁ ନେଇ ବଡ଼ ବଡ଼ ଠକେଇ ସମେତ ଅନେକ ଅପରାଧ ସଙ୍ଗଠିତ ହେଉଛି, ଯାହାର ଏକ ସଦ୍ୟ ଦୃଷ୍ଟାନ୍ତ ବଲାଙ୍ଗୀର ଜିଲାରେ ଦେଖିବାକୁ ମିଳିଛି। ସରକାରୀ ମେଡିକାଲ କଲେଜରେ ନାମଲେଖା ନାଁରେ ଜଣେ ଛାତ୍ରୀଙ୍କ ବାପାଙ୍କଠାରୁ ୧୬ ଲକ୍ଷ ଟଙ୍କା ଠକି ନେଇଛନ୍ତି ଦୁର୍ବୃତ୍ତମାନେ। ଛାତ୍ରୀଙ୍କ ଡାଟା ଚୋରି ଯୋଗୁ ଏହା ସମ୍ଭବ ହୋଇପାରିଛି। କାରଣ ସେ ସରକାରୀ ମେଡିକାଲ କଲେଜରେ ନାମଲେଖା ପାଇଁ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ୍)ରେ ଯୋଗ୍ୟ ର୍ୟାଙ୍କ ପାଇ ନ ଥିଲେ। ସରକାରୀ ବ୍ୟବସ୍ଥାରେ ଏହି ପରୀକ୍ଷା ହେଉଥିବାବେଳେ ଛାତ୍ରୀଜଣକ ଆବଶ୍ୟକ ର୍ୟାଙ୍କ ପାଇ ନ ଥିବା ତଥ୍ୟ ହାସଲ କରିନେଇଥିଲେ ଠକେଇ ସଂସ୍ଥା। ଫଳରେ ଛାତ୍ରୀଙ୍କ ବାପା ଠକେଇ ସଂସ୍ଥା ଷଡ଼ଯନ୍ତ୍ରର ଶିକାର ହୋଇ ବିପୁଳ ଟଙ୍କା ହରାଇଛନ୍ତି। ଏହାସହ ବ୍ୟକ୍ତିଗତ ତଥ୍ୟକୁ ସୁରକ୍ଷା ଦେବାରେ ସରକାରୀ ବ୍ୟବସ୍ଥା ବିଫଳ ହୋଇଥିବା ପ୍ରମାଣିତ ହେଉଛି। ଡାଟା ଚୋରି ମାଧ୍ୟମରେ ଏଭଳି ଠକେଇ ଏହି ଘଟଣାରେ ସୀମିତ ନାହିଁ, ପ୍ରତିଦିନ ବହୁସଂଖ୍ୟକ ଛାତ୍ରୀଛାତ୍ର, ନିଯୁକ୍ତି ଆଶାୟୀ ଯୁବତୀଯୁବକ, ବ୍ୟବସାୟୀ, ଅବସରପ୍ରାପ୍ତ କର୍ମଚାରୀଙ୍କ ସମେତ ସାଧାରଣ ନାଗରିକ ଆର୍ଥିକ ଠକେଇ ଏବଂ ଅନ୍ୟ ଅପରାଧର ଶିକାର ହେଉଛନ୍ତି।

## ସରକାରୀ ମେଡିକାଲ କଲେଜ ନାମଲେଖା ନାଁରେ ଠକେଇ

- ଯୋଗ୍ୟ ନିଟ୍ ର୍ୟାଙ୍କ୍ ନ ଥିବା ଛାତ୍ରୀଛାତ୍ରଙ୍କୁ ଟାର୍ଗେଟ
- ଝିଅର ନାମଲେଖା ପାଇଁ ବାପାଙ୍କଠାରୁ ଠକିନେଲେ ୧୬ ଲକ୍ଷ
- ୩ ଗିରଫ, ୧.୯ ଲକ୍ଷ ଟଙ୍କା ଜବତ
- ଭୁବନେଶ୍ୱର ବରମୁଣ୍ଡାସ୍ଥିତ କଳିଙ୍ଗ ଏକାଡେମୀ ସିଲ୍
- ଖୋଲାଯାଇଥିଲା ଜାଲ୍ ଅଫିସ, ୱେବ୍‌ସାଇଟ୍

**ବଲାଙ୍ଗୀର, ୧୩।୧୦**
**(ବୀରେନ୍ଦ୍ର କୁମାର ଝାଙ୍କର)**

ସରକାରୀ ମେଡିକାଲ କଲେଜରେ ଆଡ୍‌ମିଶନ କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ କରୁଥିବା ଏକ ର୍ୟାକେଟକୁ ବଲାଙ୍ଗୀର ସାଇବର ପୋଲିସ ଟିମ୍ ପର୍ଦ୍ଦାଫାଶ କରିଛି। ଭୁବନେଶ୍ୱରରେ ରହି ଏହି ର୍ୟାକେଟ ରାଜ୍ୟବ୍ୟାପୀ ଠକାଇରେ ସକ୍ରିୟ ରହିଥିଲା। ଯୋଗ୍ୟ ନିଟ୍ ର୍ୟାଙ୍କ୍ ନ ଥିବା ଛାତ୍ରୀଛାତ୍ରଙ୍କୁ ଏହି ଠକ ଦଳ ଟାର୍ଗେଟ କରୁଥିଲା। ର୍ୟାକେଟର ୩ଜଣ ଅଭିଯୁକ୍ତଙ୍କୁ ବଲାଙ୍ଗୀର ସାଇବର ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅନ୍ତର୍ଗତ ବଳରାମ ପ୍ରସାଦ ମା’ ମଙ୍ଗଳା ସାହିର ବ୍ୟାସଦେବ ମହାନ୍ତି (୨୮), ଫୁଲବାଣୀ କେନ୍ଦୁପଡାର ଅବିନାଶ ଓରଫ୍ କାହ୍ନା ପୁରୋହିତ (୩୩) ଏବଂ ଭୁବନେଶ୍ୱର ଝାରପଡ଼ା ନିବାସୀ ତଥା ନୟାଗଡ଼ ଜିଲା ଓଡ଼ଗାଁର ମୂଳ ବାସିନ୍ଦା ମାନସ ପରିଡ଼ା (୩୧)। ସେମାନଙ୍କଠାରୁ ୧ ଲକ୍ଷ ୯୦ ହଜାର ଟଙ୍କା, ୫ଟି ମୋବାଇଲ ଫୋନ୍, ୬ଟି ଡେବିଟ୍ କାର୍ଡ, ୪ଟି ସିମ୍ କାର୍ଡ, ଅଫିସ ଆସବାବପତ୍ର, ଡାଏରି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କ ବ୍ୟାଙ୍କ ଆକାଉଣ୍ଟ ବାଜ୍ୟାପ୍ତ କରାଯାଇଥିବା ବଲାଙ୍ଗୀର ଏସ୍‌ପି ଋଷିକେଶ ☞ପୃଷ୍ଠା-୨






## ୨୦ରୁ ପୂଜା ଛୁଟି

**ଭୁବନେଶ୍ୱର, ୧୩।୧୦**
**(ଅସମାପିକା ସାହୁ)**

ଦୁର୍ଗାପୂଜା ଓ ଗଜଲକ୍ଷ୍ମୀ ପୂଜା ପାଇଁ ରାଜ୍ୟରେ ଆସନ୍ତା ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ସ୍କୁଲ ଛୁଟି ରହିବ। ପୂଜା ଛୁଟି ନେଇ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ୧୪ ତାରିଖ ଶନିବାର ମହାଳୟା ପାଇଁ ମଧ୍ୟ ସ୍କୁଲ ବନ୍ଦ ରହିବ। ପୂର୍ବରୁ ରାଜ୍ୟ ସରକାରଙ୍କ ବାର୍ଷିକ ଛୁଟି ତାଲିକାରେ ମହାଳୟା ଛୁଟି ଦିଆଯାଇ ନ ଥିଲା। ଫଳରେ ଶିକ୍ଷକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ମହାଳୟା ଦିନ ସ୍କୁଲ ଛୁଟି ଦେବା ପାଇଁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅନୁରୋଧ କରାଯାଇଥିଲା। ମହାଳୟା ଏକ ପବିତ୍ର ଦିନ ଏବଂ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଇଥାଏ। ଦ୍ୱିତୀୟ ଶନିବାର ଏହା ପଡ଼ିଥିବାରୁ ସରକାରୀ କର୍ମଚାରୀଙ୍କ ଛୁଟି ରହିବ। ତେଣୁ ସେମାନଙ୍କ ପାଇଁ କୌଣସି ଅସୁବିଧା ହେବ ନାହିଁ। କିନ୍ତୁ ଶିକ୍ଷକମାନଙ୍କର ଛୁଟି ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ମହାଳୟା ଦିନ ସ୍କୁଲ ଛୁଟି କରିବା ପାଇଁ ଓଷ୍ଟା ଅନୁରୋଧ କରିଥିଲା।


ବିଶ୍ୱ କ୍ରସ୍‌ବୋ ଶୁଟିଂରେ ଭାଗନେବେ ଭଉଣୀଭାଇ
୨


### ଆଜିର ସମ୍ପାଦକୀୟ

ଭାଜପାରେ ଅମଲାତନ୍ତ୍ରୀ

### ଆଜିର ମନ୍ତବ୍ୟ

“ବିଶ୍ୱର ଯେକୌଣସି ସ୍ଥାନରେ କୌଣସି ରୂପରେ ହେଲେ ବି ଆତଙ୍କବାଦ ମାନବଜାତିର ବିରୋଧୀ। ସଂଘର୍ଷରୁ କୌଣସି ପକ୍ଷକୁ ଲାଭ ମିଳି ନ ଥାଏ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠେକିରେ ଭାଜିଲି ଚଣା,**
**ଗୁଡ଼ ଗୋଳିଦେଲି ପଣା,**
**କିଏ ସିଙ୍ଗିଟାଳି କିଏ ମଗର,**
**ଏଇଠାରେ ଯିବ ଜଣା।**

ପରୀକ୍ଷା ନିରୀକ୍ଷା କରି ସତ୍ୟାସତ୍ୟ ଜାଣିବା ବା ବାହାର କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ଅସଲି ଏବଂ ନକଲି ତଥା ସାଧୁ ଓ ଠକଙ୍କୁ ପରୀକ୍ଷା କରିବାର କାଇଦା ପ୍ରତି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଠକ ସୁନାରି, ଗଉଡ଼ ମିତ**
**ଠକ ନ ଦେଖିଲେ ବଣିଆ ଦେଖ।**

ସୁନାରି ବଣିଆ ଅଳଙ୍କାର ତିଆରି କରିବା ସମୟରେ ଖାଦ ମିଶାଇ ପ୍ରକୃତ ସୁନାର କିଛି ପରିମାଣ ଅପହରଣ କରିନେବା ପରି ଗଉଡ଼ ମଧ୍ୟ କ୍ଷୀରରେ ପାଣି ମିଶାଇ ଗ୍ରାହକଙ୍କୁ ଠକିଥାନ୍ତି। ତେଣୁ ସୁନାରି ଓ ଗଉଡ଼ ଦୁହେଁ ସମାନ ସ୍ତରର ବା ସ୍ୱଭାବର ବ୍ୟକ୍ତି ଅଟନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




# ଆଉ ଜଣଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

### ଜାଲ୍ ଦସ୍ତାବିଜରେ ଜମି ଠକେଇ

ଭୁବନେଶ୍ୱର,୧୩।୧୦(ସତ୍ୟଜିତ୍ ରାଉତ)

ଜାଲ୍ ଦସ୍ତାବିଜ ଜରିଆରେ ଜମି ଠକେଇ ଘଟଣାରେ ସମ୍ପୃକ୍ତ ର୍ୟାକେଟ୍‌ର ଆଉ ଜଣେ ସଦସ୍ୟଙ୍କୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ଅଭିଯୁକ୍ତ ହେଲେ ଖୋର୍ଦ୍ଧା ମଳିପଡ଼ା ଅଞ୍ଚଳର ବିଚିତ୍ର ବେହେରା। ତାଙ୍କୁ ଶୁକ୍ରବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ବିଚିତ୍ରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ଏହି ମାମଲାରେ ବିଏମ୍‌ସିର ପୂର୍ବତନ କର୍ମଚାରୀ ହଳଧର ଦାସ, ମାଷ୍ଟରମାଇଣ୍ଡ ତଥା ମୋହରିର ଅନ୍ତର୍ଯ୍ୟାମୀ ସେନାପତି, ମମତା ପରିଡ଼ା, ଗାୟତ୍ରୀ ମଲ୍ଲିକଙ୍କ ସମେତ ୬ଜଣ ଗିରଫ ହୋଇ ଜେଲ ଯାଇଛନ୍ତି।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ନଶଡ଼ିପୁର ଗ୍ରାମର ଲିପିକା ଦାସଙ୍କର ଭୁବନେଶ୍ୱର ମଳିପଡ଼ା ମୌଜାସ୍ଥିତ ବସନ୍ତ ବିହାରରେ ଏକ ଜମି ରହିଛି। ସେ ଉକ୍ତ ଜମିକୁ ୧୯୯୯ରେ କିଣିଥିଲେ। ତେବେ ସେ ଖଜଣା ଦେବାକୁ ଯିବାବେଳେ ତାଙ୍କ ଜମି ଅଭିଯୁକ୍ତ ହଳଧରଙ୍କ ନାମରେ ଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ଇଓଡବ୍ଲ୍ୟୁ ଫେବୃୟାରୀ ୨୧ରେ ଏକ ମାମଲା (ନଂ.୭/୨୦୨୩) ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତମାନେ ଖଣ୍ଡଗିରିସ୍ଥିତ ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ଲିପିକାଙ୍କ ଦସ୍ତଖତକୁ ନକଲ କରି ଏହି ଠକେଇ କରିଥିବା ଜଣାପଡ଼ିଥିଲା। ମୋହରିର ଅନ୍ତର୍ଯ୍ୟାମୀଙ୍କ ପରିଚାଳନାରେ ହିଁ ଏହି ଠକେଇ ହୋଇଥିଲା। ଏହାପରେ ଗୋଟିଏ ପରେ ଗୋଟିଏ ଠକେଇ ଘଟଣା ପଦାକୁ ଆସିଥିଲା। ଏଥିରେ ଏକ ର୍ୟାକେଟ ସମ୍ପୃକ୍ତ ଥିବା ଜଣାପଡିଥିଲା। ସେହିପରି କଟକ ଗୋବିନ୍ଦପୁରର ସତ୍ୟଭାମା ଦାସଙ୍କ ମଳିପଡ଼ା ମୌଜାରେ ଥିବା ୪ଟି ପ୍ଲଟ୍‌କୁ ମଧ୍ୟ ଅଭିଯୁକ୍ତମାନେ ବିକ୍ରି କରିଦେଇଥିଲେ। ଏଥିରେ ଗାୟତ୍ରୀ ନକଲି ମାଲିକାଣୀ ସାଜିଥିଲେ। ଅଭିଯୁକ୍ତମାନେ ରାଜଧାନୀ ଉପକଣ୍ଠରେ ଥିବା ଏକାଧିକ ଜମିକୁ ଏଭଳି ନିଜ ନାମରେ କରି ଏହାକୁ ଅନ୍ୟମାନଙ୍କୁ ବିକ୍ରି କରି ଠକେଇ କରୁଥିଲେ। ସେମାନଙ୍କ ଦ୍ୱାରା ହୋଇଥିବା ୮ଟି ଜମି ଠକେଇ ଘଟଣା ଇଓଡବ୍ଲ୍ୟୁ ନଜରକୁ ଆସିଛି।

# ଖୋଲିବା ପୂର୍ବରୁ ଶିମିଳିପାଳ ପ୍ରବେଶ ପଥ ଅବରୋଧ




ଶିମିଳିପାଳ ପ୍ରବେଶ ପଥ ସମ୍ମୁଖରେ ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ୫ ଦଫା ଦାବି ନେଇ ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ

ବାରିପଦା,୧୩।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଆକ୍ଟୋବର ୧୪ରେ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ଲାଗି ଖୋଲିବ ବୋଲି ବନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ଖୋଲିବା ପୂର୍ବରୁ ପ୍ରବେଶ ପଥ ଅବରୋଧ କରିଛନ୍ତି ସ୍ଥାନୀୟ ଜନସାଧାରଣ। ୫ଦଫା ଦାବି ନେଇ ସେମାନେ ଯଶିପୁରର କାଳିଆଣିସ୍ଥିତ ତନଖି ଫାଟକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରବେଶ ଫାଟକ ବନ୍ଦ ରହିବ ବୋଲି ଚେତାବନୀ ଦେଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ବୁଝାଶୁଝା କରୁଥିବା ବେଳେ ଲୋକେ ଯିଦ୍‌ରେ ଅଡ଼ି ବସିଛନ୍ତି। ଅଭୟାରଣ୍ୟ ମଧ୍ୟକୁ ପର୍ଯ୍ୟଟକଙ୍କ ପ୍ରବେଶ ନିମନ୍ତେ ଦୁଇଟି ପ୍ରବେଶ ପଥ ରହିଛି। ବାରିପଦା ସହର ଦେଇ ପିଠାବଟା ତନଖି ଫାଟକ ଏବଂ ଯଶିପୁରସ୍ଥିତ କାଳିଆଣି ତନଖି ଫାଟକ ଦେଇ ପର୍ଯ୍ୟଟକମାନେ ଶିମିଳିପାଳ ଅଭୟାରଣ୍ୟରେ ପ୍ରବେଶ କରିଥାନ୍ତି। ତେବେ ଶିମିଳିପାଳ ମଧ୍ୟରେ ରହିଥିବା ସମସ୍ୟାକୁ ନେଇ ୫ ଦଫା ଦାବିରେ ଶତାଧିକ ମହିଳା ପୁରୁଷ ଯଶିପୁରସ୍ଥିତ ତନଖି ଫାଟକ ସମ୍ମୁଖ ରାସ୍ତା ଅବରୋଧ କରିଛନ୍ତି। ଏହି ଆନ୍ଦୋଳନରେ ଗୁଡୁଗୁଡିଆ,ବରେହିପାଣି ଓ ଅସ୍ତକୁଅଁର ପ୍ରଭୃତି ୩ ପଞ୍ଚାୟତର ଜନସାଧାରଣ ସାମିଲ ଅଛନ୍ତି। କାଳିଆଣି ତନଖି ଫାଟକଠାରୁ ଗଡ଼ ଶିମିଳିପାଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ଶିମିଳିପାଳ ମଧ୍ୟରେ ମୋବାଇଲ ଟାୱାର ନିର୍ମାଣ, ଶିମିଳିପାଳ ମୁଖ୍ୟ ରାସ୍ତାରେ କାଠ ପୋଲ ବଦଳରେ କଂକ୍ରିଟ ପୋଲ ନିର୍ମାଣ, ଅଭୟାରଣ୍ୟ ମଧ୍ୟରେ ଥିବା ରାଜସ୍ୱ ଗାଁଗୁଡ଼ିକରେ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ଏବଂ ଅଭୟାରଣ୍ୟ ମଧ୍ୟରେ ବସବାସ କରୁଥିବା ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନ ଲାଗି ଦାବି କରାଯାଇଛି। ଦାବି ପୂରଣ ନ ହେଲେ ମୁଖ୍ୟ ଗେଟ ଖୋଲିବେ ନାହିଁ ଓ ପର୍ଯ୍ୟଟକମାନଙ୍କୁ ଶିମିଳିପାଳ ଭିତରକୁ ଛାଡ଼ିବେ ନାହିଁ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

# ଯୁବପିଢ଼ିଙ୍କ ବିକାଶ ପାଇଁ ସ୍ୱାୟତ୍ତ ସଂସ୍ଥା

### ‘ମେରା ଯୁବା ଭାରତ’ ପ୍ରତିଷ୍ଠାକୁ କ୍ୟାବିନେଟ ଅନୁମୋଦନ

ନୂଆଦିଲ୍ଲୀ, ୧୩।୧୦

ଭାରତର ଯୁବତୀ ଯୁବକମାନଙ୍କ ବିକାଶ ସାଧନ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ମଞ୍ଚ ପ୍ରସ୍ତୁତି ପାଇଁ ମେରା ଯୁବା ଭାରତ (ମାଇଁ ଭାରତ) ପ୍ରତିଷ୍ଠା କରାଯିବ। ଏହି ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ‘ମେରା ଯୁବା ଭାରତ’କୁ ଏକ ସ୍ୱୟଂଶାସିତ ସଂସ୍ଥା ରୂପେ ଗଢ଼ିତୋଳିବା ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଯୁବ ବିକାଶ ଓ ଯୁବ ନେତୃତ୍ୱାଧୀନ ବିକାଶ ପାଇଁ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପରିଚାଳିତ ଏକ ବ୍ୟାପକ ସକ୍ଷମ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବା, ସବୁ ସରକାରୀ କ୍ଷେତ୍ରରେ ଯୁବପିଢ଼ିଙ୍କ ଆଶା ଆକାଂକ୍ଷାକୁ ସାକାର କରିବା ଲାଗି ସମାନ ସୁବିଧା ଦେବା ଏବଂ ବିକଶିତ ଭାରତ ଗଠନ ଉଦ୍ଦେଶ୍ୟରେ ଏହି ସଂସ୍ଥା କାର୍ଯ୍ୟ କରିବ। ଏହି ବ୍ୟବସ୍ଥା ଅଧୀନରେ ସମ୍ବଳର ଉପଲବ୍ଧତା ଏବଂ ସୁଯୋଗ ସହିତ ସଂଯୋଗ ଜରିଆରେ ଯୁବତୀଯୁବକଙ୍କୁ ପରିବର୍ତ୍ତନର ସୂତ୍ରଧର ତଥା ରାଷ୍ଟ୍ର ନିର୍ମାତା ଭାବେ ପରିଣତ କରିବା ଲାଗି ପଦକ୍ଷେପ ନିଆଯିବ। ଫଳରେ ସେମାନେ ସରକାର ଏବଂ ନାଗରିକମାନଙ୍କ ମଧ୍ୟରେ ଯୁବ ସେତୁ ଭାବେ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରିବେ।

# ବିଶ୍ୱ କ୍ରସ୍‌ବୋ ଶୁଟିଂରେ ଭାଗନେବେ ଭଉଣୀଭାଇ


ନେହା ପଟ୍ଟନାୟକ


ଲୋହିତ ପଟ୍ଟନାୟକ

ରାୟଗଡ଼ା,୧୩।୧୦ (ଆଶିଷ ରଞ୍ଜନ ପଣ୍ଡା)

ପୂର୍ବରୁ ଜାତୀୟସ୍ତରରେ କ୍ରସ୍‌ବୋ ଶୁଟିଂ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିବା ଭାଇଭଉଣୀ ବର୍ତ୍ତମାନ ୧୦ତମ ବିଶ୍ୱ କ୍ରସ୍‌ବୋ ଶୁଟିଂରେ ଭାଗନେବା ପାଇଁ ଚୟନ ହୋଇଛନ୍ତି । ଇଣ୍ଡିଆନ କ୍ରସ୍‌ବୋ ଶୁଟିଂ ଆସୋସିଏଶନ ପକ୍ଷରୁ ଉତ୍ତରପ୍ରଦେଶର ଆଗ୍ରା ପୋଲିସ ଲାଇନ ପରେଡ୍ ପଡ଼ିଆରେ ୨୬ରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଆୟୋଜିତ ହେବ। ଏହି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ରାୟଗଡ଼ାର ଏହି ୨ଯୁବ ପ୍ରତିଭା ଭାଗନେବା ପାଇଁ ଚୟନ ହୋଇଥିବାରୁ ଅଞ୍ଚଳରେ ଖୁସିର ଲହରି ଖେଳିବା ସହ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଦୁଇ ଭାଇ ଭଉଣୀ ହେଉଛନ୍ତି ରାୟଗଡ଼ା ନିବାସୀ ଆନନ୍ଦ ପଟ୍ଟନାୟକଙ୍କ ଝିଅ ନେହା ପଟ୍ଟନାୟକ ଓ ଲୋହିତ ଚନ୍ଦ୍ର ପଟ୍ଟନାୟକ ।

## ପ୍ରଥମ ପୃଷ୍ଠାରୁ...





ଗିରଫ ୩ ଅଭିଯୁକ୍ତ। ବଲାଙ୍ଗୀର ସାଇବର ଥାନା ପୋଲିସ ଜବତ କରିଥିବା ଟଙ୍କା, ମୋବାଇଲ ଫୋନ୍।

### ଡାଟା ଚୋରି ଯୋଗୁ ...

ଡି. ଖିଲାରୀ ଜିଲା ପୋଲିସ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବରଗଡ଼ ଜିଲା ପଦ୍ମପୁର ଥାନା ସୂର୍ଯ୍ୟନଗର ନିବାସୀ ବୃନ୍ଦାବନ ମେହେର ଏହି ର୍ୟାକେଟ ଦ୍ୱାରା ୧୬ ଲକ୍ଷ ଟଙ୍କାର ଠକାମିର ଶିକାର ହୋଇଥିବା ବଲାଙ୍ଗୀର ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନାରେ ଗତ ୪ ତାରିଖରେ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା (୨୪/୨୩) ରୁଜୁ ହୋଇଥିଲା। ଅଭିଯୋଗ ମୁତାବକ ବୃନ୍ଦାବନଙ୍କ ଝିଅ ସରକାରୀ ମେଡିକାଲ କଲେଜରେ ଆଡ୍‌ମିଶନ ପାଇଁ ଆବଶ୍ୟକ ର୍ୟାଙ୍କ ପାଇ ନ ଥିବାରୁ ଘରୋଇ ମେଡିକାଲ କଲେଜରେ ପଢ଼ିବାକୁ ଚାହୁଁଥିଲେ। ନିଟ୍ ରେଜଲ୍ଟର କିଛିଦିନ ପରେ ଭୁବନେଶ୍ୱର ବରମୁଣ୍ଡା ରୁଚିକା ମାର୍କେଟଠାରେ ଥିବା କଳିଙ୍ଗ ଏକାଡେମୀ ନାମକ ଏକ ସଂସ୍ଥାରୁ ବୃନ୍ଦାବନଙ୍କୁ ଯୋଗାଯୋଗ କରାଯାଇଥିଲା। ଉକ୍ତ ସଂସ୍ଥା ଜରିଆରେ ରାଜ୍ୟର ବଲାଙ୍ଗୀର, ବାରିପଦା ଏବଂ କୋରାପୁଟ ସରକାରୀ ମେଡିକାଲ କଲେଜରେ ତାଙ୍କ ଝିଅର ନାମଲେଖା ସିଧାସଳଖ ସମ୍ଭବ ହୋଇପାରିବ ବୋଲି କୁହାଯାଇଥିଲା। ଏହାପରେ ବୃନ୍ଦାବନ ଏବଂ ତାଙ୍କ ଝିଅ ଭୁବନେଶ୍ୱର କଳିଙ୍ଗ ଏକାଡେମୀକୁ ଯାଇଥିଲେ। ସେଠାରେ ୮ ଜଣ ବ୍ୟକ୍ତି ନିଜକୁ ବିଭିନ୍ନ ପଦାଧିକାରୀ ପରିଚୟ ଦେଇ ସେମାନଙ୍କୁ କଳିଙ୍ଗ ଏକାଡେମୀ ୱେବ୍‌ସାଇଟ ସହ ପୂର୍ବରୁ ତିଆରି ହୋଇଥିବା ବିଭିନ୍ନ ସରକାରୀ ମେଡିକାଲ କଲେଜର ଜାଲ୍ ୱେବ୍‌ସାଇଟ୍ ଦେଖାଇଥିଲେ। ବଲାଙ୍ଗୀର, ବାରିପଦା ଏବଂ କୋରାପୁଟ ସରକାରୀ ମେଡିକାଲ କଲେଜରେ ନାମଲେଖା ହୋଇପାରିବ ବୋଲି ସେମାନଙ୍କୁ କୁହାଯାଇଥିଲା। ବଲାଙ୍ଗୀର ପାଇଁ ୩୦ ଲକ୍ଷ ଓ ବାରିପଦା ଏବଂ କୋରାପୁଟ ମେଡିକାଲ କଲେଜ ନିମନ୍ତେ ୨୭ ଲକ୍ଷ ଟଙ୍କା ଲେଖାଏ ଦେବାକୁ ପଡ଼ିବ ବୋଲି କୁହାଯାଇଥିଲା। ବୃନ୍ଦାବନ ତାଙ୍କ ଝିଅଙ୍କ ଆଡ୍‌ମିଶନ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ କରିବେ ବୋଲି ସ୍ଥିର କରିଥିଲେ। ଦୁଇଜଣ ଠକ ଓଡ଼ିଶା ଜଏଣ୍ଟ ଏଣ୍ଟ୍ରାନ୍ସ ଟେଷ୍ଟ ଅଫିସର ଭାବେ ନିଜକୁ ପରିଚୟ ଦେଇ ସେମାନଙ୍କୁ ସେହି ଅଫିସକୁ ମଧ୍ୟ ନେଇଥିଲେ। ସେଠାରେ ଝିଅର ଫର୍ମ ଫିଲ୍ ଅପ୍ କରିଥିଲେ। ଝିଅର ଆଡ୍‌ମିଶନ ସରକାରୀ ମେଡିକାଲ କଲେଜରେ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫର୍ମ ଧରି ଜଣେ ଠକ ଓଜେଇଇ ଅଫିସ୍ ଭିତରକୁ ଯାଇଥିଲେ ଓ କିଛି ସମୟ ପରେ ଫେରି ଆସି ତାଙ୍କ ଇ-ମେଲ ଚେକ୍ କରିବାକୁ କହିଥିଲେ। ଏହାପରେ ଭୀମ ଭୋଇ ମେଡିକାଲ କଲେଜ ନାଁରେ ଖୋଲାଯାଇଥିବା ଜାଲ୍ ମେଡିକାଲ ଡୋମେନ୍‌ରୁ ଇ-ମେଲ୍ ଆସିଥିଲା। ଏହାକୁ ବୃନ୍ଦାବନ ଏବଂ ତାଙ୍କ ଝିଅ ସତ ବୋଲି ଭାବି ନେଇଥିଲେ। ଏଥିପାଇଁ ଠକମାନେ ବୃନ୍ଦାବନଙ୍କଠାରୁ ୧୬ ଲକ୍ଷ ଟଙ୍କା ନେଇଥିଲେ। ନାମଲେଖା ଇ-ମେଲ୍ ଧରି ବୃନ୍ଦାବନଙ୍କ ଝିଅ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜକୁ ଯିବାପରେ ତାହା ଜାଲ୍ ବୋଲି ଜଣାପଡ଼ିଥିଲା। ଏହାପରେ ବଲାଙ୍ଗୀର ସାଇବର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ଏସ୍‌ପି ଋଷିକେଶ ଡି. ଖିଲାରୀ ସାଇବର ଥାନା ଆଇଆଇସି ଭାରତୀ ନାଏକ, ସବ୍‌ଇନ୍ସପେକ୍ଟର ଅବିନାଶ ନାୟକ, ଆକାଶ ସାମଲ, ଏସ୍. ବାରିକ ଏବଂ ବଲାଙ୍ଗୀର ଟାଉନ୍ ଏବଂ ସଦର ପୋଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଏହି ଟିମ୍ ଭୁବନେଶ୍ୱର ଯାଇ ବରମୁଣ୍ଡା କଳିଙ୍ଗ ଏକାଡେମୀ ସିଲ୍ କରିବା ସହ ସେଠାରୁ ୩ ଜଣଙ୍କୁ ଗିରଫ କରିଛନ୍ତି। ଏହି ର୍ୟାକେଟ ବରଗଡ଼ ଏବଂ କେନ୍ଦୁଝର ଜିଲାର ଅନ୍ୟ ପ୍ରାର୍ଥୀଙ୍କୁ ମଧ୍ୟ ଠକିଥିବା ଜଣାପଡିଛି।

ଛାତ୍ରୀଙ୍କ ସମ୍ପର୍କୀୟ ଜୟ ମେହେର କହିଛନ୍ତି, ଭୁବନେଶ୍ୱରରେ ଏକ ବଡ଼ଧରଣର ର୍ୟାକେଟ ଚାଲିଛି। ପଶ୍ଚିମ ଓଡ଼ିଶାର ମଧ୍ୟବିତ୍ତ ଶ୍ରେଣୀର ପ୍ରାର୍ଥୀ ଏବଂ ଯେଉଁମାନଙ୍କ ଅଭିଭାବକ କମ୍ ପାଠୁଆ, ସେହିମାନଙ୍କୁ ଅଭିଯୁକ୍ତମାନେ ଟାର୍ଗେଟ କରୁଥିବା ସେ କହିଛନ୍ତି। ଭୁବନେଶ୍ୱରର ଜଣେ ଯୁକ୍ତ୨ ଛାତ୍ରୀଙ୍କ ବାପା କହିଛନ୍ତି, ସରକାରୀ ଅଫିସ୍‌ରୁ ତାଙ୍କ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହେବା ଯୋଗୁ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ମାନସିକ ଯନ୍ତ୍ରଣା ପାଇଛନ୍ତି। ତାଙ୍କ କହିବାନୁଯାୟୀ ଯୁକ୍ତ୨ ନାମଲେଖା ପାଇଁ ରାଜ୍ୟ ସରକାର ସାମ୍ସ ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନ୍ ବ୍ୟବସ୍ଥା କରିଛନ୍ତି। ଏଥିରେ ଅଭିଭାବକ ଜଣକ ତାଙ୍କ ଝିଅର ନାମଲେଖା ପାଇଁ ଆବଶ୍ୟକ ତଥ୍ୟ ଦେଇଥିଲେ। ତେବେ ନାମଲେଖା ମେରିଷ୍ଟ ଲିଷ୍ଟ ପ୍ରକାଶ ପାଇବା ପରେ ତାଙ୍କ ପାଖକୁ ପ୍ରାୟ ୧ ମାସ ଧରି ବିଭିନ୍ନ କୋଚିଂ ସେଣ୍ଟରରୁ ଘନ ଘନ ଫୋନ୍‌କଲ୍ ଆସିଥିଲା। ସେଥିରେ ସେ ବ୍ୟସ୍ତବିବ୍ରତ ହେଉଥିଲେ ମଧ୍ୟ ସେଥିରୁ ତ୍ରାହି ମିଳି ନ ଥିଲା। କୋଚିଂ ସେଣ୍ଟରଗୁଡ଼ିକ ସରକାରୀ ଅଫିସ୍‌ରୁ ଛାତ୍ରୀଛାତ୍ରଙ୍କ ଡାଟା ସଂଗ୍ରହ କରିବାରେ ସକ୍ଷମ ହୋଇଥିବାରୁ ବହୁ ଅଭିଭାବକ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

### ଆଜି ପାକିସ୍ତାନକୁ ...

ଦିନିକିଆରେ ରେକର୍ଡ ପାକିସ୍ତାନ ସପକ୍ଷରେ ରହିଥିଲେ ମଧ୍ୟ ବିଶ୍ୱକପ୍‌ରେ ଭାରତର ପଲା ଭାରି ରହିଛି। ୧୩୪ ଥର ଦିନିକିଆରେ ଖେଳିଥିବା ବେଳେ ପାକିସ୍ତାନ ୭୩ ଥର ବିଜୟୀ ହୋଇଛି ଓ ଭାରତ ୫୬ ଥର ଜିତିଛି। ଏହା ମଧ୍ୟରେ ୫ଟି ମ୍ୟାଚ ବାତିଲ ହୋଇଥିବା ବେଳେ ଘରୋଇ ମାଟିରେ ଭାରତ ୧୧ ଥର ବିଜୟୀ ହୋଇଛି। ଉଭୟ ଦଳ ବିଶ୍ୱକପ୍‌ରେ ୭ ଥର ପରସ୍ପରକୁ ଭେଟିଥିବା ବେଳେ ସମସ୍ତ ଥର ଭାରତ ବିଜୟ ମୁକୁଟ ପିନ୍ଧିଛି। ଅଷ୍ଟମ ମୁକାବିଲାରେ ମଧ୍ୟ ଭାରତ ସମାନ ସଫଳତା ଦୋହରାଇବାକୁ ପ୍ରୟାସ କରିବ। ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଘରୋଇ ପରିବେଶର ଫାଇଦା ଉଠାଇବାକୁ ଚେଷ୍ଟା କରିବ। ଉଭୟ ଦଳ ବିଶ୍ୱକପ୍‌ର ପ୍ରଥମ ଦୁଇ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ପାକିସ୍ତାନ ଅପେକ୍ଷା ଭାରତୀୟ ଦଳ ଅଧିକ ସନ୍ତୁଳିତ ମନେହେଉଛି। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ଭାରତୀୟ ଦଳର ପ୍ରଦର୍ଶନ ଚମତ୍କାର ରହିଥିବା ବେଳେ ଶନିବାର ମ୍ୟାଚରେ ଭାରତ ଏହାର ବିଜୟ ରେକର୍ଡ ୮-୦ରେ ପହଞ୍ଚାଇବା ନେଇ ଆଶା କରାଯାଉଛି।

### ଅଲିମ୍ପିକ୍ସରେ ସାମିଲ ...

ଲସ୍‌ଆଞ୍ଜେଲ୍ସ ଆୟୋଜକ କମିଟି ତରଫରୁ ସୁପାରିସ କରାଯାଇଥିଲା। ଅଲିମ୍ପିକ ପ୍ରୋଗ୍ରାମ୍ କମିଶନ (ଓପିସି) ଦ୍ୱାରା ସମୀକ୍ଷା ପରେ କାର୍ଯ୍ୟନିର୍ବାହୀ ବୋର୍ଡକୁ ଫରଓ୍ୱାର୍ଡ କରାଯାଇଥିଲା। ଲସଆଞ୍ଜେଲ୍ସ ଅଲିମ୍ପିକ୍ସରେ କମ୍ପାଉଣ୍ଡ ଆର୍ଚେରୀକୁ ସାମିଲ କରିବା ପ୍ରସ୍ତାନ ଆଇଓସି କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକରେ କାଟ୍‌ଖାଇଯାଇଛି। ଭାରତୀୟ ତୀରନ୍ଦାଜ ପାଇଁ ଏହା ନୈରାଶ୍ୟଜନକ ବିଷୟ। ଲସଆଞ୍ଜେଲ୍ସ ୨୦୨୮ ଅଲିମ୍ପିକ ଗେମ୍ସ କାର୍ଯ୍ୟକ୍ରମରେ କମ୍ପାଉଣ୍ଡ ଆର୍ଚେରୀକୁ ସ୍ଥାନ ମିଳି ନ ଥିଲା। ମାତ୍ର ଏହାକୁ ସାମିଲ କରିବା ଲାଗି ଗତବର୍ଷ ଜୁନ୍‌ରେ ୱାର୍ଲ୍ଡ ଆର୍ଚେରୀ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଅନ୍ୟପକ୍ଷରେ ଆଇଓସି କାର୍ଯ୍ୟନିର୍ବାହୀ ପରିଷଦ ବକ୍ସିଂକୁ ଝୁଲା ଅବସ୍ଥାରେ ରଖିଥିବା ବେଳେ ଆଧୁନୀକ ପେଣ୍ଟାଥ୍ଲନ ଓ ଭାରୋତ୍ତୋଳନକୁ ସାମିଲ କରିବା ଲାଗି ସୁପାରିସ କରିଛି। ଆଇଓସି ବକ୍ସିଂ ପାଇଁ କୌଣସି ଗଭର୍ଣ୍ଣିଂବଡିକୁ ସ୍ୱୀକୃତି ଦେଇନାହିଁ। ଦୁଇ ଦିନିଆ ଆଇଓସି କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକ ଶୁକ୍ରବାର ଶେଷ ହୋଇଛି। ଏଥିରେ ସୁପାରିସ ହୋଇଥିବା ପ୍ରସ୍ତାବ ଗୁଡ଼ିକ ନେଇ ଅକ୍ଟୋବର ୧୫ରୁ ୧୭ ପର୍ଯ୍ୟନ୍ତ ଏଠାରେ ହେବାକୁଥିବା ଆଇଓସିର ୧୪୧ତମ ସେସନରେ ଭୋଟିଂ ହେବ। ଏହି ସେସନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ରାଶିକୁ ମଙ୍ଗଳଙ୍କ ଦୃଷ୍ଟି ହେତୁ ଆଜି କର୍ମକ୍ଷେତ୍ରରେ ନୈରାଶ୍ୟ କ୍ରମଶଃ ଦୂରେଇଯିବ। ସହମତିତା କାରଣରୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ବନ୍ଧୁ ଗହଣରେ ପ୍ରିୟଜନଙ୍କ ସାନିଧ୍ୟ ଲାଭ କରି ଖୁସି ରହିବେ।

**ବୃଷ** – ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲାଭଳି ଅନୁଭବ କରିବେ। ଗୁରୁଚାଣ୍ଡାଳ ଯୋଗ ପ୍ରଭାବରୁ ସମସ୍ୟା କମିବା ବଦଳରେ ବିଶେଷ ଭାବେ ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର ଭଲରେ ଚାଲିବ। ପରୋକ୍ଷ ଶତ୍ରୁତା ଦୈନିକ ଜୀବନଚର୍ଯ୍ୟାକୁ କେତେକାଂଶରେ ପ୍ରଭାବିତ କରିପାରେ।

**ମିଥୁନ** – ଶୁକ୍ରଙ୍କ ସୁପ୍ରଭାବରେ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ଉଦ୍ୟମକୁ ସାକାର କରିବାରେ ସାହାଯ୍ୟ କରିବ। ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। ଆତ୍ମୀୟଙ୍କ ମିଥ୍ୟାରୋପ ଅଶାନ୍ତିର ମୁଖ୍ୟ କାରଣ ହେବାର ଆଶଙ୍କା ରହିଛି।

**କର୍କଟ** – କାମଟିକୁ ସୁରୁଖୁରୁରେ କରିପାରିବା କାରଣରୁ ଟେନସନ୍ କିଛି ମାତ୍ରାରେ କମିଯିବ। ସମସ୍ୟା ସମାଧାନରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ଚନ୍ଦ୍ର ସହ ବୁଧ ସମ୍ପର୍କଜନିତ ସଭାସମିତିରେ କାହା ସହ କାହା କଥା ମିଶିବ ନାହିଁ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ହେତୁ ସାମୟିକ ଖୁସି ରହିପାରନ୍ତି।

**ସିଂହ** – ଆଜି କର୍ମକ୍ଷେତ୍ରର ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ। ଶୁକ୍ରଙ୍କ ସ୍ଥିତିରୁ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ହଠାତ୍ କୌଣସି କ୍ଷେତ୍ରରେ ଭାଙ୍ଗି ପଡ଼ନ୍ତୁ ନାହିଁ।

**କନ୍ୟା** – କର୍ମକ୍ଷେତ୍ରରେ ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। ପାରିବାରିକ କ୍ଷେତ୍ରରେ ଅର୍ଥ ଦେବା ନେବାକୁ କେନ୍ଦ୍ରକରି ସମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ବୁଧାଦିତ୍ୟ ଯୋଗରୁ ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା** – ଆଜିର ଯାତ୍ରା, ନୂତନ କର୍ମାରମ୍ଭ ଓ ଚୁକ୍ତିପତ୍ର ସକାଶେ ବହୁତ ଶୁଭଫଳ ପାଇବେ। କର୍ମକ୍ଷେତ୍ରରେ ଛୋଟବଡ଼ ସମସ୍ୟାର ସରଳ ସମାଧାନ କରି ଏକପ୍ରକାର ଆନନ୍ଦ ଅନୁଭବ କରିପାରନ୍ତି। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଶନିଙ୍କ ପ୍ରଭାବରେ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ବିଛା** – ଆପଣ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ ଚର୍ଚ୍ଚା, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ଦ୍ୱାଦଶସ୍ଥ କେତୁଯୁକ୍ତ ମଙ୍ଗଳଜନିତ ଶାରୀରିକ ସୁସ୍ଥତା ରହି ନ ପାରେ।

**ଧନୁ** – ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ଶନିଙ୍କ ସ୍ଥିତି କାରଣରୁ ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପଡ଼ୋଶୀଙ୍କ ଶ୍ଳେଷାତ୍ମକ କଥାକୁ ଠିକ୍ ଭାବେ ବୁଝିବା କଷ୍ଟକର ହୋଇପାରେ।

**ମକର** – ପରିବାରର ପରିସ୍ଥିତିକୁ ଆଖି ଅଗରେ ରଖି ଧାର କରଜ କରିବାକୁ ବାଧ୍ୟ ହେବେ। ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ, ଏହି କାରଣରୁ ପାଖ ମାଡିବେ ନାହିଁ। ପାପଯୁକ୍ତ ଗୁରୁ ହେତୁ ପରିହାସ ଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ଆଶ୍ୱସ୍ତି ଅନୁଭବ କରିବେ।

**କୁମ୍ଭ** – ଦୀର୍ଘ ଦିନର ଆଶା ପୂରଣ ହେବ ଏବଂ ଅଧାପନ୍ତରିଆ କାର୍ଯ୍ୟଟିକୁ ପୂର୍ଣ୍ଣାଙ୍ଗ କରିପାରିବେ। ଶୁକ୍ରଙ୍କ ପ୍ରଭାବରେ ନୂତନ ଜିନିଷ କ୍ରୟ କରିବା ସକାଶେ ପାଇଁ ମନ ବଳାଇପାରନ୍ତି। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅଶାନ୍ତି ବଢ଼ିଯିବ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନଚେତ୍ ହରାଇପାରନ୍ତି।

**ମୀନ** – କର୍ମକ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡ଼ିଯାଇଥିବ। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଆଦୌ ଦେଉ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ସପ୍ତମସ୍ଥ ଏକାଧିକ ଗ୍ରହ ପ୍ରଭାବରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବା ହେତୁ ବିବାଦୀୟ ସ୍ଥିତି ଦୂର ହେବ।

ଆଜି ମହାଳୟା ଅମାବାସ୍ୟା, ଶନିବାର, ବଜ୍ରକାଳିକାପୂଜା, ଫୁଲୋରିବ୍ରତ, ଅମାବାସ୍ୟାର ନିଶାପାଳନ, ଅକ୍ଟୋବର ୧୪ ତାରିଖ, ରାଶିନକ୍ଷତ୍ର-ହସ୍ତା/କନ୍ୟା, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, (ଓଡ଼ିଶା ତଥା ଭାରତକୁ ଅଦୃଶ୍ୟ କେତୁଗ୍ରସ୍ତ ବଳୟ ଗ୍ରାସ ସୂର୍ଯ୍ୟୋପରାଗ- ଯାହାକି ଅଦୃଶ୍ୟ ହେତୁ ପାଳନୀୟ ନୁହେଁ), ଦିବା ଘ.୦୭।୧୭ ଗତେ ଘ.୦୮।୩୮ ମଧ୍ୟେ, ଘ.୧୧।୫୫ ଗତେ ଘ.୧୨।୫୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୮ ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।

# ଶ୍ରୀମନ୍ଦିରରେ ପିଠା ପାଇଁ ହାତାହାତି

## ପସରିଆଙ୍କୁ ସେବାୟତଙ୍କ ମୁଥ ମାଡ଼

- ଗର୍ଭଗୃହରେ ପଡ଼ିଲା ରକ୍ତଛିଟା
- ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ, ୧୩।୧୦ (ଅଜିତ ମହାନ୍ତି)

ଶ୍ରୀମନ୍ଦିରରେ ଶୃଙ୍ଖଳା ଆଣିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ବିଭିନ୍ନ ନିଯୋଗ ପକ୍ଷରୁ ସେବକମାନଙ୍କୁ ମହାପ୍ରଭୁଙ୍କ ସେବା ପୂଜା ନେଇ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ଏହାସତ୍ତ୍ୱେ ଅନେକ ସମୟରେ ସେବକଙ୍କ ଆଚରଣ ଓ ଉଚ୍ଚାରଣରେ ଭିନ୍ନତା ଦେଖିବାକୁ ମିଳୁଛି। ଏପରିକି ବେଳେବେଳେ ସାମାନ୍ୟ କଥାକୁ କେନ୍ଦ୍ର କରି ସେମାନଙ୍କ ମଧ୍ୟରେ ବିବାଦ ଓ ହାତାହାତି ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଶୁକ୍ରବାର ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଶ୍ରୀମନ୍ଦିର ଗର୍ଭଗୃହରେ ପିଠା ପାଇଁ ଦୁଇ ସେବକ ମାରପିଟ୍ ହେବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ଦୁହେଁ ହାତାହାତି ହେବାରୁ ଜଣେ ସେବାୟତଙ୍କ ଓଠ ଫାଟି ରକ୍ତଛିଟା ପଡ଼ିଥିଲା, ଫଳରେ ଶ୍ରୀବିଗ୍ରହଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିରରେ ଏଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ ପ୍ରଶାସନର ନୀରବଦ୍ରଷ୍ଟା ଅଗଣିତ ଜଗନ୍ନାଥପ୍ରେମୀଙ୍କୁ ବ୍ୟଥିତ କରୁଛି।

ସୂଚନା ଅନୁଯାୟୀ, ଶୁକ୍ରବାର ପ୍ରାୟ ୪ଟାରେ ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ସରିବା ପରେ ପିଠା ସୁଆରଙ୍କ ପସରିଆ ବାବୁଲି ପ୍ରଧାନଙ୍କ ପିଠାରୁ ପତ୍ରୀବଡୁ ସେବାୟତ ମାଧବ ପତ୍ରୀ ଅଧିକ କାଢି ନେଇଥିଲେ। ଏହାକୁ ନେଇ ଗର୍ଭଗୃହରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଯୁକ୍ତିତର୍କ ବଢିବା ସହ ଉଭୟ ହାତାହାତି ହୋଇଥିଲେ। ମାଧବଙ୍କ ମୁଥ ମାଡ଼ରେ ବାବୁଲିଙ୍କ ଓଠ ଫାଟି ଗର୍ଭଗୃହରେ ରକ୍ତଛିଟା ପଡ଼ିଥିଲା। ଗୁରୁତର ଅବସ୍ଥାରେ ବାବୁଲିଙ୍କୁ ଉଦ୍ଧାର କରାଯାଇ ମେଡିକାଲ ନିଆଯାଇଥିଲା। ଅନ୍ୟପକ୍ଷରେ ଗର୍ଭଗୃହରେ ରକ୍ତଛିଟା ପଡ଼ିବା ଯୋଗୁ ମହାପ୍ରଭୁଙ୍କର ବଡ଼ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଏହି କାରଣରୁ ଅନ୍ୟ ନୀତି ବିଳମ୍ବ ଘଟିଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପେକ୍ଷାରତ ଭକ୍ତମାନେ ହଇରାଣ ହୋଇଥିଲେ। ଏହି ଘଟଣା ସମ୍ପର୍କରେ ଖବର ପାଇ ସିଂହଦ୍ୱାର ଥାନା ପୋଲିସ ଉଭୟଙ୍କୁ ଡାକି ପଚରାଉଚୁରା କରିଥିଲା। ଉଭୟଙ୍କ ମଧ୍ୟରେ ବୁଝାମଣା ହୋଇ ଘଟଣାର ସମାଧାନ ହୋଇଥିବା କୁହାଯାଉଛି। ତେବେ ସବୁଠୁ ବଡ଼କଥା ହେଉଛି, ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କ ଲାଗି ବିଭିନ୍ନ ନିୟମକାନୁନ ଓ କଟକଣା ଜାରି କରୁଥିବାବେଳେ ସେବାୟତଙ୍କ ଆଚାର ବ୍ୟବହାର ଉପରେ ରୋକ୍ ଲଗାଇପାରୁନାହିଁ। ଗର୍ଭଗୃହ ମଧ୍ୟରେ ମହାପ୍ରଭୁଙ୍କ ସମ୍ମୁଖରେ ମାରପିଟ୍ ହୋଇ ଲହୁଲୁହାଣ ହେବା କେତେଦୂର ଠିକ୍ ବୋଲି ଜଗନ୍ନାଥପ୍ରେମୀମାନେ ପ୍ରଶ୍ନ କରିବା ସହ ତୁରନ୍ତ ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ସାକ୍ଷ୍ୟ ଗ୍ରହଣ ପାଇଁ ମୋକିମଙ୍କୁ ଅଧିକ ସମୟ ଦେଲେ ହାଇକୋର୍ଟ

## ବାରବାଟୀ-କଟକ ନିର୍ବାଚନୀ ମାମଲା



କଟକ, ୧୩।୧୦ (କାର୍ତ୍ତିକ ସାହୁ)

ବାରବାଟୀ-କଟକ ବିଧାନସଭା ନିର୍ବାଚନୀ ମାମଲାର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଥିଲା। ବିଧାୟକ ମହମ୍ମଦ ମୋକିମଙ୍କ ପକ୍ଷରୁ ସାକ୍ଷୀମାନଙ୍କ ସାକ୍ଷ୍ୟ ଗ୍ରହଣ ପାଇଁ ଅଧିକ ସମୟ ଲୋଡ଼ାଯାଇଥିଲା। ହାଇକୋର୍ଟ ଏଥିପାଇଁ ଅନୁମତି ଦେବା ସହ ମୋକିମଙ୍କୁ ୧୦ ହଜାର ଟଙ୍କା ହାଇକୋର୍ଟ ବାର୍ ଆସୋସିଏଶନ ୱେଲଫେୟାର ଫଣ୍ଡରେ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁଙ୍କ ଇଜିଲାସ୍‌ରେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ଆଗତ ନିର୍ବାଚନୀ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ବାରବାଟୀ-କଟକ ନିର୍ବାଚନୀ ମାମଲାର ଶୁଣାଣିବେଳେ ପ୍ରତିପକ୍ଷ ମୋକିମଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀଙ୍କ ବ୍ୟକ୍ତିଗତ ଅସୁବିଧାର କାରଣ ଦର୍ଶାଯାଇଥିଲା। ଏଥିସହ ସାକ୍ଷ୍ୟ ଗ୍ରହଣ ଲାଗି ଅଧିକ ସମୟ ପ୍ରଦାନ କରିବାକୁ ଏକ ଅନ୍ତରୀଣ ଆବେଦନ କରାଯାଇଥିଲା। ଏହାକୁ ମାମଲାର ଆବେଦନକାରୀ ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଗତ ୬ରେ ପ୍ରତିପକ୍ଷ ମୋକିମଙ୍କ ଜେରା ଶେଷ ହୋଇଥିଲା। ମୋକିମଙ୍କ ପକ୍ଷରୁ ୩ ଜଣଙ୍କ ସାକ୍ଷ୍ୟ ପ୍ରଦାନ କରିବାକୁ ଥିଲା। ହେଲେ ଜଣେ ସାକ୍ଷୀଙ୍କ ସତ୍ୟପାଠର ନକଲ ଆବେଦନକାରୀଙ୍କୁ ପ୍ରଦାନ କରାଯାଇସାରିଛି ବୋଲି ଶୁକ୍ରବାର ଶୁଣାଣିବେଳେ ସ୍ପଷ୍ଟ ହୋଇଥିଲା। ଅନ୍ୟ ଦୁଇ ସାକ୍ଷୀଙ୍କ ସତ୍ୟପାଠର ନକଲ ଆସନ୍ତା ୧୫ ତାରିଖ ସୁଦ୍ଧା ଆବେଦନକାରୀଙ୍କୁ ପ୍ରଦାନ କରିବା ନିମନ୍ତେ ହାଇକୋର୍ଟ ମୋକିମଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ ସାକ୍ଷୀମାନେ ଅଦାଲତରେ ଉପସ୍ଥିତ ରହିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ସାଇ ଇଣ୍ଟରନ୍ୟାଶନାଲ ଦେଶର ଶ୍ରେଷ୍ଠ ସ୍କୁଲ

## କ୍ରମାଗତ ଚତୁର୍ଥ ଥର ମିଳିଲା ମାନ୍ୟତା

ଭୁବନେଶ୍ୱର, ୧୩।୧୦ (ଅସମାପିକା ସାହୁ)

ଏଜୁକେଶନ ୱାର୍ଲଡ ଇଣ୍ଡିଆ ସ୍କୁଲ୍ ର୍ୟାଙ୍କିଙ୍ଗ୍‌ରେ ସର୍ବଭାରତୀୟ ସ୍ତରରେ ଡେ କମ୍ ବୋର୍ଡିଂ ବିଭାଗରେ ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ୨୦୨୩-୨୪ବର୍ଷ ପାଇଁ ଶ୍ରେଷ୍ଠ ସ୍କୁଲ ମାନ୍ୟତା ପାଇଛି। ଏଥିସହ ଓଡ଼ିଶାରେ ଏକ ନମ୍ବର ସ୍କୁଲର ମାନ୍ୟତା ପାଇଛି। ୨୦୨୦ରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଦେଶର ଶ୍ରେଷ୍ଠ ସ୍କୁଲର ମାନ୍ୟତା ପାଇଥିବାବେଳେ ସେବେଠାରୁ କ୍ରମାଗତ ଭାବେ ଚତୁର୍ଥଥର ପାଇଁ ଏହି ସ୍ଥାନ ବଜାୟ ରଖିଛି। ଶୁକ୍ରବାର ଦିଲ୍ଲୀରେ ଅନୁଷ୍ଠିତ ଏଜୁକେଶନ୍ ୱାର୍ଲଡ ଇଣ୍ଡିଆ କାର୍ଯ୍ୟକ୍ରମରେ ସାଇ ଇଣ୍ଟରନ୍ୟାଶନାଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଏବଂ ଡାଇରେକ୍ଟର ଏକାଡେମିକ୍ ତଥା ସିନିୟର୍ ପ୍ରିନ୍ସିପଲ୍ ନୀଳକଣ୍ଠ ପାଣିଗ୍ରାହୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏଜୁକେଶନ୍ ୱାର୍ଲଡ ଇଣ୍ଡିଆର ସ୍କୁଲ ର୍ୟାଙ୍କିଙ୍ଗ ସର୍ଭେରେ ଭାରତର ବଛା ବଛା ୧୦୦୦ ସ୍କୁଲ ସାମିଲ ହୋଇଥିଲା। ଏକାଡେମିକ୍ ପ୍ରତିଷ୍ଠା, ଅଭିଭାବକଙ୍କ ଯୋଗଦାନ, ଛାତ୍ରୀଛାତ୍ରଙ୍କ ପ୍ରତି ବ୍ୟକ୍ତିଗତ ଧ୍ୟାନ, ଶିକ୍ଷକଙ୍କ ଦକ୍ଷତା, କ୍ରୀଡ଼ା ଶିକ୍ଷା ପରି ୧୪ଟି ପାରାମିଟରକୁ ବିଚାରକୁ ନେଇ ଏହି ଚୟନ ପ୍ରକ୍ରିୟା କରାଯାଇଥିଲା।

ଏହିସଫଳତା ସମ୍ପର୍କରେ ସ୍କୁଲ୍‌ର ଚେୟାର ପର୍ସନ ଡ. ସାହୁ କହିଛନ୍ତି, ସାଇ ଇଣ୍ଟରନ୍ୟାଶନାଲ୍ ନିଜର କେ-୧୨ ଶିକ୍ଷା ସହ ଟେକ୍ନୋଲୋଜିକୁ ଏକ ଉପକରଣ ଭାବେ ଗ୍ରହଣ କରି କ୍ରମାଗତ ଭାବେ ଅନୁସନ୍ଧାନ ଏବଂ ଉଦ୍ଭାବନ କରିଆସୁଛି। ଏହା କେବଳ ବିକାଶଶୀଳ ପରିସ୍ଥିତି ସହ ଖାପଖୁଆଇବା ପାଇଁ ନୁହେଁ, ବରଂ ଛାତ୍ର ଏବଂ ଶିକ୍ଷକଙ୍କ ବହୁମୂଲ୍ୟ ଶିକ୍ଷା ପାଇଁ ଏକ ପଥ ପରିଷ୍କାର କରିଛି। ଏହି ପୁରସ୍କାର ସାଇ ଇଣ୍ଟରନ୍ୟାଶନାଲ୍ ଗ୍ରୁପ୍‌ର ସମସ୍ତ ଅଭିଭାବକ, ଛାତ୍ରୀଛାତ୍ର, ଅଧ୍ୟାପକଙ୍କ ପାଇଁ ଏକ ଗର୍ବ ଓ ଗୌରବର ବିଷୟ। ଓଡ଼ିଶାକୁ ସ୍କୁଲ ଶିକ୍ଷା କ୍ଷେତ୍ରରେ ଜାତୀୟ ସ୍ତରରେ ନୂଆ ପରିଚୟ ଦେଇଛି। ଏଭଳି ଭାବେ ଶିକ୍ଷା ମାଧ୍ୟମରେ ଏକ ଉନ୍ନତ ଭାରତ ଗଠନ କରିବାର ସଂକଳ୍ପ ଓ ପ୍ରଚେଷ୍ଟା ଆଗାମୀ ଦିନରେ ଜାରି ରହିବ ବୋଲି ଡ. ସାହୁ ପ୍ରକାଶ କରିଛନ୍ତି।




ସାଇ ଇଣ୍ଟରନ୍ୟାଶନାଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଏବଂ ସିନିୟର୍ ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ ପୁରସ୍କାର ଗ୍ରହଣ କରୁଛନ୍ତି।

# ମାନବାଧିକାର କମିଶନରେ ପହଞ୍ଚିଲା ମାମଲା

## ଗେଣ୍ଡୁ ତାରା ଚୋରି ପାଇଁ ନାବାଳିକାଙ୍କୁ ହତ୍ୟା ଘଟଣା

ଉଦଳା, ୧୩।୧୦ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଭାଲୁହୁରୁଡ଼ା ଗ୍ରାମରେ ଗେଣ୍ଡୁ ତାରା ଚୋରି ପାଇଁ ଜଣେ ନାବାଳିକାଙ୍କୁ ସମ୍ପର୍କୀୟ ବଡ଼ ମା' ହତ୍ୟା କରିବା ପରେ ରଶିରେ ବାନ୍ଧି ଝୁଲାଇଦେବା ଘଟଣା ମାନବାଧିକାର କମିଶନଙ୍କ ନିକଟରେ ପହଞ୍ଚିଛି। ନ୍ୟାୟ ପାଇଁ ଲଢ଼େଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏହି ଘଟଣାକୁ ନେଇ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୃତା ନାବାଳିକାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନେଇ ସେ ମାନବାଧିକାର କମିଶନରଙ୍କୁ ଅନୁରୋଧ କରିଛନ୍ତି। ଏହି ମାମଲାରେ ରାଜ୍ୟ ଗୃହ ବିଭାଗ, ପୋଲିସ ମହା ନିର୍ଦ୍ଦେଶକ ଓ ମୟୂରଭଞ୍ଜ ଏସ୍‌ପିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏ ନେଇ ମାନବାଧିକାର କମିଶନରେ ମାମଲା (ନଂ. ୧୭୦୬୩/୨୦୨୩) ରୁଜୁ ହୋଇଛି।

ଉଲ୍ଲେଖଯୋଗ୍ୟ, ବୁଧବାର ମଧ୍ୟାହ୍ନରେ ସାମାନ୍ୟ ଗେଣ୍ଡୁ ତାରା ଚୋରିକୁ ନେଇ ଗୁଣ୍ଠି ହାଁସଦାଙ୍କ ଝିଅ ସରସ୍ୱତୀଙ୍କୁ ସମ୍ପର୍କୀୟ ବଡ଼ ମା' ଏକ ବେଗୁନିଆ ବାଡ଼ିରେ ପିଟିପିଟି ମାରିଦେବା ପରେ ଆତ୍ମହତ୍ୟା ରୂପ ଦେବା ପାଇଁ ବେକରେ ରଶି ବାନ୍ଧି ଝୁଲାଇ ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ବଡ଼ ମା' ଲକ୍ଷ୍ମୀ ମୁର୍ମୁଙ୍କୁ ଗିରଫ କରିଛି।



ପ୍ରତ୍ୟେକ ମଣିଷ ଯେ ଜଣେ କଳାକାର ହେବ, ତା'ନୁହେଁ। କିନ୍ତୁ ପ୍ରତି ମଣିଷର କଳାତ୍ମକ ଚିତ୍ତବୃତ୍ତିଟି ଉନ୍ନତ ହେବା ଉଚିତ। ତା'ର ରୁଚି ସୁଶିକ୍ଷିତ –ତା'ର ମାର୍ଜିତ ସୌନ୍ଦର୍ଯ୍ୟବୋଧ–ରୂପ ଓ ରଙ୍ଗ ପ୍ରତି ଅନ୍ତର୍ଦୃଷ୍ଟି ଏବଂ ତା'ଭିତରେ ଯାହା ପ୍ରକାଶ ପାଏ – ତାହା ଅଭ୍ୟାସଗତ ଭାବେ ସକ୍ରିୟ, ସଂଶୋଧିତ, ଯଥାଯଥ ଓ ସମ୍ବେଦନଶୀଳ ହେବା ଉଚିତ। **–ଶ୍ରୀଅରବିନ୍ଦ**

# ଭାଜପାରେ ଅମଲାତନ୍ତ୍ରୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରଧାନମନ୍ତ୍ରୀ ତାଙ୍କ ବାବୁମାନଙ୍କୁ ହୁଏତ ଭଲ ପାଇପାରନ୍ତି, କିନ୍ତୁ ରାଜନୀତିରେ ପୂର୍ବତନ ବାବୁମାନେ ଅଧିକ ସଂଖ୍ୟାରେ ଯୋଗଦେବା ଭାଜପା କ୍ୟାଡର ମଧ୍ୟରେ ଅସନ୍ତୋଷର କାରଣ ପାଲଟିଛି। ଏହି ଧାରା ଏବେ ଅଧିକ ଗତିଶୀଳ ହୋଇଛି। ସିଭିଲ ସର୍ଭାଣ୍ଟମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଏବଂ ସରକାରରେ ଏପରିକି ଭାଜପାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଆସିଛନ୍ତି। କିନ୍ତୁ ସେମାନଙ୍କର ଭାଜପାରେ ଯୋଗଦେବା ଧାରା ପାର୍ଟି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ନିକଟରେ ରାଜସ୍ଥାନରେ ୧୯୮୦ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଚନ୍ଦ୍ରମୋହନ ବାବୁ ଭାଜପାରେ ଯୋଗଦେଇ ଆସନ୍ତା ବିଧାନସଭା ନିର୍ବାଚନରେ ଟିକେଟ ଆଶାୟୀ ଅଛନ୍ତି। ଏହି ଘଟଣାକୁ କେନ୍ଦ୍ରକରି ଭାଜପା କାର୍ଯ୍ୟକର୍ତ୍ତାମାନେ ଅଭିଯୋଗ ଉଠାଇଛନ୍ତି। କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି । ଏପରିକି ଦଳର କେତେଜଣ କର୍ମୀ ଏହା ବିରୋଧରେ ଏକ ଅଭିଯାନ ଆରମ୍ଭ କରି ବିଶ୍ୱସ୍ତ ଦଳୀୟ କର୍ମକର୍ତ୍ତାଙ୍କୁ ଟିକେଟ ନ ଦେଇ ପୂର୍ବତନ ବାବୁମାନଙ୍କୁ ଟିକେଟ ଦେଉଥିବା ଦଳୀୟ ନେତୃତ୍ୱକୁ ରୋକିବାକୁ ଚେଷ୍ଟା କରିଛନ୍ତି। ସବୁ ପୂର୍ବତନ ବାବୁ ଭାଜପା ଟିକେଟ ପାଉ ନ ଥିବାବେଳେ ସାଂଗଠନିକ ଭୂମିକାରେ ସେମାନଙ୍କ ଉପସ୍ଥିତି ପାର୍ଟି କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷର କାରଣ ହେଉଛି ବୋଲି ଜଣାପଡ଼ିଛି। ରାଜସ୍ଥାନରେ ଚନ୍ଦ୍ରମୋହନ ବାବୁଙ୍କ ସମ୍ଭାବ୍ୟ ପ୍ରାର୍ଥିତ୍ୱ ଭଳି ଘଟଣା ଏବଂ ୨୦ରୁ ଅଧିକ ପୂର୍ବତନ ବାବୁ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଭାଜପାରେ ଯୋଗଦେବା ବିଷୟ ଅସନ୍ତୋଷକୁ ପଦାକୁ ଆଣିଛି। ତେବେ ରାଜନୀତିରେ ପୂର୍ବତନ ଅମଲାତନ୍ତ୍ରୀ ପ୍ରବେଶ କରିବା ଏବଂ ଗୋଟିଏ ରାଜନୈତିକ ପାର୍ଟିରେ ମୁଖ୍ୟ ଭୂମିକା ଗ୍ରହଣ କରିବା ଧାରା ଗତିଶୀଳତା ହରାଇବା ସମ୍ଭାବନା ନାହିଁ। ବରଂ ଏହା ଆଗାମୀ ବର୍ଷଗୁଡ଼ିକରେ ଜାତୀୟ ରାଜନୀତିକୁ ପ୍ରଭାବିତ କରିବା ସମ୍ଭାବନା ରହିଛି।

### ଶର୍ଟଲିଷ୍ଟରେ ଶୈଳୀ

ଇଣ୍ଡିଆନ ରେଲ୍‌ୱେ ଫାଇନାନ୍ସ କର୍ପୋରେଶନ(ଆଇଆର୍‌ଏଫ୍‌ସି)ରେ ଖାଲିଥିବା ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ(ସିଏମ୍‌ଡି) ପଦବୀ ପୂରଣ କରିବା ସକାଶେ ରେଳ ମନ୍ତ୍ରଣାଳୟ ଚୟନ ସାକ୍ଷାତକାର କରିବାକୁ ପ୍ରସ୍ତୁତ ହେଉଛି। ପୂର୍ବତନ ସିଏମ୍‌ଡି ଅମିତାଭ ବାନାର୍ଜୀ ଗତବର୍ଷ ଅକ୍ଟୋବରରେ ପଦବୀରୁ ହଟିବା ପରଠାରୁ ବର୍ଷେ ହେଲା ଏହି ପଦବୀ ଖାଲି ରହିଛି। ତାଙ୍କ ନାମରେ ଦୁର୍ନୀତି ମାମଲା ଆସିଲା ପରେ ତାଙ୍କୁ ପଦବୀରୁ ହଟାଇ ଦିଆଯାଇଥିଲା। ସୂତ୍ରରୁ ଜଣାପଡ଼ୁଛି, ପ୍ରାର୍ଥୀଙ୍କ ନିଯୁକ୍ତି ପାଇଁ ଯୋଗ୍ୟ ତାଲିକା ବା ଶର୍ଟଲିଷ୍ଟରେ ପିଏସ୍‌ୟୁରେ ଅର୍ଥ ନିର୍ଦ୍ଦେଶକ ଏବଂ ସାମୟିକ ଭାବେ ସିଏମ୍‌ଡି ଭାବରେ କାର୍ଯ୍ୟ କରିଥିବା ଶୈଳୀ ବର୍ମା ରହିଛନ୍ତି। ବାନାର୍ଜୀଙ୍କ କାର୍ଯ୍ୟକାଳ ମଧ୍ୟରେ ଶୈଳୀ ବହୁମୂଲ୍ୟ ଉପହାର ପ୍ରଦାନ ସଂକ୍ରାନ୍ତୀୟ କେନ୍ଦ୍ରୀୟ ଭିଜିଲାନ୍ସ କମିଶନଙ୍କ ନିୟମକୁ ଉଲ୍ଲଂଘନ କରି ବେଆଇନ ଭାବେ ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ସୁନା ଓ ରୁପା ପଦକ କ୍ରୟ ପାଇଁ ଅନୁମୋଦନ କରିଥିଲେ। ଅଭିଯୋଗ ଥାଇ ତାଙ୍କ ନାମ ଶର୍ଟଲିଷ୍ଟରେ ରଖାଯାଇଥିବାରୁ ଅସନ୍ତୋଷ ବଢ଼ିଛି। ବାନାର୍ଜୀଙ୍କ କାର୍ଯ୍ୟକାଳ ମଧ୍ୟରେ ଆର୍ଥିକ ଅନିୟମିତତା ଏବଂ ସନ୍ଦେହଜନକ ଖର୍ଚ୍ଚର ଭିଜିଲାନ୍ସ ତଦନ୍ତରେ ତାଙ୍କ ସମେତ ଅନେକ ଆଇଏଫ୍‌ଆର୍‌ସି ଅଧିକାରୀ ଥିବାବେଳେ ସିବିଆଇ ମାମଲାରେ ଶୈଳୀଙ୍କ ନାମ ନାହିଁ। ତେବେ ବାନାର୍ଜୀଙ୍କ କାର୍ଯ୍ୟକାଳ ମଧ୍ୟରେ ବେଆଇନ ଭାବେ ପଦକ କ୍ରୟରେ ସେ ଜଡ଼ିତ ଥିବାରୁ ସିଏମ୍‌ଡି ଦାୟିତ୍ୱ ପାଇଁ ତାଙ୍କ ଯୋଗ୍ୟତା ଉପରେ ପ୍ରଶ୍ନ ଉଠୁଛି। ପଦବୀରେ ପୂରା ସମୟ ରହିବା ଲାଗି ରେଲୱେର ଭିଜିଲାନ୍ସ ଡାଇରେକ୍ଟୋରେଟ ଶୈଳୀଙ୍କୁ କ୍ଲିନ୍ ଚିଟ୍ ଦେବାକୁ ହେବ। ତେବେ ଏଭଳି ବିବାଦ ଆଇଆର୍‌ଏଫ୍‌ସିର ନେତୃତ୍ୱ ପାଇଁ ଚୟନ ପ୍ରକ୍ରିୟାକୁ କିଭଳି ପ୍ରଭାବିତ କରିବ ତାହା ଦେଖିବାକୁ ବାକି ରହିଛି।

### କଡ଼ା ପଦକ୍ଷେପ

କେନ୍ଦ୍ରୀୟ ଡେପୁଟେଶନ ଏବଂ ବୈଦେଶିକ କାର୍ଯ୍ୟରୁ ୮ ଜଣ ଆଇପିଏସ୍ ଅଧିକାରୀଙ୍କୁ ବରଖାସ୍ତ କରିବା ନିଷ୍ପତ୍ତି ନିଆଯାଇଛି। ସିଭିଲ୍ ସର୍ଭିସେସ୍ ମଧ୍ୟରେ ଶୃଙ୍ଖଳା ଏବଂ ଉତ୍ତରଦାୟିତ୍ୱ ବଜାୟ ରଖିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଦୃଢ଼ ସଙ୍କେତ ଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏହା ଏକ ପ୍ରୟାସ। ଅଧିକାରୀମାନଙ୍କର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ଏବଂ ଦାୟିତ୍ୱ ପାଳନର ଗୁରୁତ୍ୱକୁ ଏହା ମଧ୍ୟ ସୂଚିତ କରେ। ଏହି ଆଇପିଏସ୍ ଅଧିକାରୀମାନେ ସେମାନଙ୍କର ଶେଷ ଦାୟିତ୍ୱରେ ଯୋଗଦେବାରେ ବିଫଳ ହୋଇଥିଲେ। ସେମାନଙ୍କ ମଧ୍ୟରେ ଅଛନ୍ତି ମୋଡାକ ରାଜେଶ ଦୀନେଶରାଓ, ଡ.ମୀନାକ୍ଷୀ କାତ୍ୟାୟାନ ଓ ଏଲ୍‌.ଭି.ଆଣ୍ଟୋନି ଦେବକୁମାର (ୟୁପି କ୍ୟାଡରରୁ), ରାଗସୁଧା ଆର୍, ଅତୁଲ ବିକାଶ କୁଲକର୍ଣ୍ଣି ଓ ଗୋରଖ ସୁରେଶ ଭାମେର (ମହାରାଷ୍ଟ୍ର କ୍ୟାଡରରୁ), ରାଜେଶ ଡଗଲ ଓ ରାଜେନ୍ଦ୍ର କୁମାର ମୀନା(ହରିୟାଣା କ୍ୟାଡରରୁ)। ଭବିଷ୍ୟତରେ ଅଧିକାରୀମାନେ ସେମାନଙ୍କ ପାଇଁ ନିର୍ଦ୍ଧାରିତ ଦାୟିତ୍ୱକୁ କିଭଳି ଏଡ଼ାଇ ନ ଯିବେ ସେଥିପାଇଁ ବରଖାସ୍ତ ପ୍ରକ୍ରିୟା ଏକ ପ୍ରତିଷେଧକ ବ୍ୟବସ୍ଥା ଭାବେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି । ସୂତ୍ରରୁ ଜଣାପଡ଼ିଛି, ବରଖାସ୍ତ ହୋଇଥିବା ଅଧିକାରୀମାନେ କ୍ୟାରିୟର ବିପର୍ଯ୍ୟୟର ସମ୍ମୁଖୀନ ହୋଇପାରନ୍ତି, ଯାହା ସେମାନଙ୍କର ବୃତ୍ତିଗତ ଉନ୍ନତି ତଥା ବିଭିନ୍ନ ଅଭିଜ୍ଞତା ପାଇଁ ସୁଯୋଗକୁ ପ୍ରଭାବିତ କରିପାରେ । ଆଶା କରାଯାଏ, ଏହି ପଦକ୍ଷେପ ସମସ୍ତ ବାବୁଙ୍କୁ ସଙ୍କେତ ଦିଏ ଯେ ନିଯୁକ୍ତିକୁ ପାଳନ ନ କରିବା ପରିଣାମ ଗୁରୁତର ହୋଇପାରେ।

Email: dilipcherian@gmail.com

# ଦରମାଠାରୁ ପେନ୍‌ସନ ବେଶି



ସହଦେବ ସାହୁ

ଲୋକପ୍ରତିନିଧିତ୍ୱ ଏକ ଚାକିରି, କାମ ନ କରିବା ଦିନର ବି ଦରମା ଏବଂ ଦରମାଠାରୁ ପେନ୍‌ସନ୍ ବେଶି – ଏ ତିନୋଟି ଅସଙ୍ଗତିକୁ ଆଇନସଙ୍ଗତ କରିନେଇଛନ୍ତି ଆମ ଦେଶର ଲୋକପ୍ରତିନିଧିମାନେ, ଯେଉଁମାନେ ଆମ ଭିତରେ ନୈତିକତା ଓ ଶୃଙ୍ଖଳା ଆଣିବା ପାଇଁ ଏବଂ ସମୁଦାୟ ସମାଜରେ ମାନବିକ ବିକାଶ ଆଣିବା ଲାଗି ଆଇନ ପ୍ରଣୟନ କରିବା କଥା ଓ ଶାସନର ନୀତି ନିର୍ଦ୍ଧାରଣ କରିବା କଥା। ପଞ୍ଜାବର ଆପ୍ ସରକାର ଏବର ଏମ୍‌ଏଲ୍‌ଏମାନଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା ବନ୍ଦ କରିଥିବାର ଖବର ପ୍ରକାଶ ପାଇଛି। ଯଦି ତାହା ସତ୍ୟ ତେବେ ଏହା ଗଣତନ୍ତ୍ରରେ ଗୋଟିଏ ଅସଙ୍ଗତିକୁ ଦୂର କରିବାର ଉଦାହରଣ ଯୋଗାଇବ। ସେବା ମନୋଭାବର ସୁସ୍ଥ ପରମ୍ପରା ସ୍ୱାଧୀନତା ପ୍ରାପ୍ତିପରର ପ୍ରଥମ ନିର୍ବାଚନରେ ଥିଲା, ଜନପ୍ରତିନିଧିମାନେ ଯାବତୀୟ ଖର୍ଚ୍ଚ ନେଉଥିଲେ, ନିର୍ବାଚନରେ ବିଜୟୀ ହେଲେ ଗୋଟିଏ ଚାକିରି ମିଳିଗଲା ବୋଲି ଭାବୁ ନ ଥିଲେ ; ଦେଶସେବା ପାଇଁ ନିଜକୁ ଉତ୍ସର୍ଗ କରିବାର ଏକ ସୁଯୋଗ ବୋଲି ଭାବୁଥିଲେ। ସମ୍ବିଧାନରେ 'ରାଜନୈତିକ ଦଳ'ର ଉଲ୍ଲେଖ ନ ଥିଲା। ଅବଶ୍ୟ ସେମାନେ ନିଜର କର୍ତ୍ତବ୍ୟ ତୁଲାଇବାରେ ଯାହା ଖର୍ଚ୍ଚ କରୁଥିଲେ ତାହା ବିଧାନସଭା ଓ ସଂସଦ ଯୋଗାଉଥିଲା। ପରେ ପରେ ଲୋକ ପ୍ରତିନିଧିମାନେ ନିଜକୁ ସରକାର ଚଳାଇବା ଲୋକ ନ ଭାବି ସରକାରୀ କର୍ମଚାରୀ (ପବ୍ଲିକ୍ ସର୍ଭାଣ୍ଟ) କରିନେଲେ। ୧୯୮୫ରୁ ୨୦୦୩ ଭିତରେ ଦଳବଦଳନିରୋଧ ଆଇନ ଆଣି, ପରେ ତାକୁ ସାମ୍ବିଧାନିକ ରୂପ ଦେଇ ଲୋକପ୍ରତିନିଧିଙ୍କୁ ଦଳପ୍ରତିନିଧି କରିଦେଲେ। ଏମ୍‌ଏଲ୍‌ଏ ବା ଏମ୍‌ପି ହେବା ପରେ ବି ଦଳର କର୍ମୀ ବୋଲି ଧରାଗଲେ, ଦଳପତି ଚାହିଁଲେ ବାଚସ୍ପତିଙ୍କ ଜରିଆରେ ଏମ୍‌ଏଲ୍‌ଏ ବା ଏମ୍‌ପି ପଦ ପାଇଁ ଅଯୋଗ୍ୟ ଘୋଷିତ ହୋଇପାରିବେ, ଲୋକଙ୍କ ଭୋଟରେ ବିଜୟୀ ହୋଇଆସିଥିଲେ ବି ବିଧାୟକ ବା ସାଂସଦ ପଦ ହରାଇବେ। 'ଗଣ' ବଦଳରେ 'ଦଳ' ତନ୍ତ୍ର ଆରମ୍ଭ ହୋଇଗଲା ୨୧ଶ ଶତାବ୍ଦୀରୁ!

ବିଧାୟକ ଓ ସାଂସଦମାନେ ଯେତେ ପ୍ରକାରର ସୁବିଧା ଓ ଉପଭୋଗ (ପ୍ରିଭିଲେଜ୍) ପାଇବାର ଆଇନ କରିନେଇଛନ୍ତି ଲୋକେ ଊଣାଅଧିକେ ଜାଣନ୍ତି। କାମ ନ କରି ବି ସେମାନେ ଦରମା ନେବେ, ୩୬୫ ଦିନରୁ ୧୦୦ ଦିନରୁ କମ୍ କାମ କରି ସେମାନେ ବର୍ଷ ଯାକର ଦରମା ଓ ଯାବତୀୟ ଉପଭୋଗ ପାଇବେ, ଉପସ୍ଥାନ ଖାତାରେ ଦସ୍ତଖତ କରିଦେଲେ ସେ ଦିନର ଭତ୍ତା ଓ ଯାତାୟାତ ଖର୍ଚ୍ଚ ପାଇବେ, ଝଗଡ଼ାଝାଣ୍ଟି କରି ସଭାଗୃହ ଅଚଳ ବା ବନ୍ଦ କରିଦେଲେ ବି। ଉଦ୍ଦେଶ୍ୟ ଦେଶସେବା ବୋଲି ପ୍ରଚାର କରୁଥିଲେ ହେଁ ସେମାନେ ବିନା ଟିକସର ଦରମା ସାଙ୍ଗକୁ ବିନା ଟିକସର ଲୋଭନୀୟ ପେନ୍‌ସନ୍ ପାଇବା ନିୟମ କରିନେଲେ। ନିଜ ହାତରେ ଆଇନ କରିବାର କ୍ଷମତା ଅଛି ନା! ସରକାରୀ ବା ବେସରକାରୀ ହେଉ, କର୍ମଚାରୀଟିଏ ଅନ୍ତତଃ ୧୦ ବର୍ଷ ଚାକିରି ନ କଲେ ପେନ୍‌ସନ୍ ପାଇବ ନାହିଁ, କିନ୍ତୁ ବିଧାନସଭା ବା ସଂସଦ



ଦିନଟିଏ କାମ କରି ଭାଙ୍ଗିଗଲେ ବି ପ୍ରତିନିଧିମାନେ ପେନ୍‌ସନ୍ ପାଇବେ ବୋଲି ୧୯୭୬ ସେପ୍ଟେମ୍ବରରୁ ଆଇନ କରିଛନ୍ତି ସେମାନେ। (କାରଣ ଏଥିରେ ଖୁସି ହୋଇ ସାଂସଦମାନେ ଏମର୍ଜେନ୍ସିକୁ ସମର୍ଥନ କରିବେ ବୋଲି ଇନ୍ଦିରା ଗାନ୍ଧୀଙ୍କ ଇଚ୍ଛା ହୋଇଥିବ!) ଦିନେ ଏମ୍‌ଏଲ୍‌ଏ ହୋଇଥିଲେ ବି ମାସିକ ପେନ୍‌ସନ୍ ୨୫୦୦୦ ଟଙ୍କା ମିଳିବାର ଆଇନ ୨୦୦୯ରୁ ଚାଲିଛି। ୨୦୧୮ରେ ମୋଦି ସରକାର ଆଇନ କଲେ ଯେ ଯେଉଁ ବ୍ୟକ୍ତି ଥରେ ୫ ବର୍ଷ ସାଂସଦ ହୋଇସାରିଥିବେ, ଆଉ ଥରେ ସାଂସଦ ହେଲେ ପ୍ରତି ଅଧିକ ବର୍ଷ ପାଇଁ ମାସିକ ୨୦୦୦ ଟଙ୍କା ହାରରେ ଅତିରିକ୍ତ ପେନ୍‌ସନ ପାଇବେ ଏବଂ ଏହି ମୂଳ ପେନ୍‌ସନ ଓ ଅତିରିକ୍ତ ପେନ୍‌ସନ ପରିମାଣ ପ୍ରତି ୫ବର୍ଷରେ ମୁଦ୍ରାସ୍ଫୀତି ବୃଦ୍ଧି ହାର ସହିତ ତାଳ ରଖି ବଢ଼ିବ।

୨୦୨୧ରେ ଏକ ଆରଟିଆଇ ଦରଖାସ୍ତର ଉତ୍ତରରେ ହରିୟାଣା ସରକାର କହିଛନ୍ତି– ୨୦୬୨ ଜଣ ଏମ୍‌ଏଲଏଙ୍କ ପେନ୍‌ସନ ବାବଦରେ ରାଜ୍ୟ ସରକାର ବର୍ଷକୁ ୨୨କୋଟି ୯୩ ଲକ୍ଷ ଟଙ୍କା ଖର୍ଚ୍ଚ କରନ୍ତି। ଅଫିସରଟିଏ ବ୍ୟଭିଚାରରେ ଦଣ୍ଡିତ ହେଲେ ବିଚାରପତି ପେନ୍‌ସନ୍ ବାତିଲ କରିବା ରାୟ ଦେଇପାରନ୍ତି ବା ପେନ୍‌ସନ୍‌ର କିଛି ଅଂଶ ଦଣ୍ଡ ରୂପେ କାଟିଦେବା ରାୟ ଦିଅନ୍ତି। କିନ୍ତୁ ଏମ୍‌ଏଲ୍‌ଏ ଦଣ୍ଡିତ ହୋଇଥିଲେ ବି ପେନ୍‌ସନ୍ କମେ ନାହିଁ: ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ, ନ୍ୟାଶନାଲ ଲୋକଦଳ ସଭାପତି, ଓ ପି ଚୌଥାଲା ମାସକୁ ୨,୨୨,୫୨୫ ଟଙ୍କା ପେନ୍‌ସନ୍ ପାଉଥିଲେ, ସେ ୨୦୦୦ ମସିହାରେ ୩୨୦୬ ଟ୍ରେନ୍‌ଡ ବେସିକ୍ ଟିଚର୍ ନିଯୁକ୍ତି କେଳେଙ୍କାରିରେ ଦଣ୍ଡିତ ହୋଇ ବହୁଦିନ ଜେଲରେ ଥିଲେ ବି ତାଙ୍କର ପେନ୍‌ସନ୍ ଉପରେ ଆଞ୍ଚ ଆସିଲା ନାହିଁ। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ ନାମକ ପ୍ରକାଣ୍ଡ ଷ୍ଟିଲ କାରଖାନାର ଅଧ୍ୟକ୍ଷା ସାବିତ୍ରୀ ଜିନ୍ଦଲ ଭୂତପୂର୍ବ ଏମ୍‌ଏଲ୍‌ଏ ହିସାବରେ ମାସକୁ ୯୦,୫୬୩ ଟଙ୍କା ପାଇଛନ୍ତି ବୋଲି ହରିୟାଣା ସରକାର ଜଣାଇଥିଲେ। ଆଶ୍ଚର୍ଯ୍ୟର କଥା, ଦରମାଠାରୁ ବହୁଗୁଣ ଅଧିକ ପେନସନ ପାଉଥିଲେ ହରିୟାଣା କଂଗ୍ରେସ ଏମ୍‌ଏଲ୍‌ଏ କ୍ୟାପ୍‌ଟେନ ଅଜୟ ଯାଦବ ମାସକୁ ୨,୩୮,୦୫୦ ଟଙ୍କା। ସମ୍ପଦ ସିଂ ପାଉଥିଲେ ୨,୧୪,୭୬୩ ଟଙ୍କା ଓ ବଲବୀର ପାଲ ସାହା ୨,୦୭,୦୦୦ ଟଙ୍କା। ଚୌଥାଲାଙ୍କ ପୁଅ ଅଜୟ ଚୌଥାଲା (ଜୁନିୟର ବେସିକ୍ ଟ୍ରେନ୍‌ଡ ଟିଚର ନିଯୁକ୍ତି କେଳେଙ୍କାରିରେ ଦଣ୍ଡିତ) ପାଉଛନ୍ତି ମାସକୁ ୫୧,୭୫୦ ଟଙ୍କା । ମୃତ ଏମ୍‌ଏଲ୍‌ଏଙ୍କ ବିଧବାମାନେ ବର୍ଷକୁ ୩୧୫ଲକ୍ଷ ଟଙ୍କା ପେନ୍‌ସନ ପାଉଛନ୍ତି: ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ଭଜନଲାଲଙ୍କ ସ୍ତ୍ରୀ ଜସ୍‌ମା ଦେବୀ ପାରିବାରିକ ପେନ୍‌ସନ ମାସକୁ ୯୯,୬୧୯ ଟଙ୍କା ସହିତ ନିଜେ ଭୂତପୂର୍ବ ଏମ୍‌ଏଲ୍‌ଏ ହିସାବରେ ଆଉ ଗୋଟିଏ ପେନ୍‌ସନ ୫୧,୭୫୦ ଟଙ୍କା ପାଉଛନ୍ତି ବୋଲି ଆର୍‌ଟିଆଇ ଉତ୍ତରରେ ଆସିଛି। କେତେକ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ୨୦୦୬ରୁ ପେନ୍‌ସନ ଉଠାଇବା ଆଇନ ଆମର ସାଂସଦମାନେ କରିଛନ୍ତି, କିନ୍ତୁ ସେମାନେ ନିଜେ ଅଧିକରୁ ଅଧିକ ପେନ୍‌ସନ ପାଇବାର ଆଇନ କରିନେଇଛନ୍ତି। ଏହାକୁ ଦେଖି ଦେଶକୁ ଖାଦ୍ୟ ଯୋଗାଉଥିବା କୃଷକମାନେ ଦାବି କଲେଣି ସେମାନଙ୍କୁ ପାୱାର ଓ ପ୍ରେଷ୍ଟିଜ୍ ସହିତ ପେନ୍‌ସନ୍ ମିଳୁ।

କେବେ ଭାବିଛନ୍ତି କି ଆମ ଗଣତନ୍ତ୍ରରେ କି କି ପ୍ରକାରର ବିକାଶ ଆଣିଛନ୍ତି ଆମ ରାଜନୈତିକ ଦଳମାନେ! ଯାହାର ସମ୍ମତି ନେଇ ପ୍ରତିନିଧି ହୋଇ ତୁମେ ସଭାକୁ ଆସିବ ତା' ଆବଶ୍ୟକତା ପୂରଣ କରିବା ଲାଗି ପରସେଣ୍ଟେଜ୍ ମାଗିବ? ଏମିତି କାମକୁ ଦଳ ଉତ୍ସାହିତ କରୁଛି। କୌଣସି ରାଜନୈତିକ ଦଳ ଭାବୁନାହିଁ ଜନସେବା କରିବା ଆଳରେ ପକେଟ ସେବା କରିବା ଏକ ବିଡମ୍ବନା ବୋଲି। ଘର, ବିଜୁଳି, ପାଣି, ଫୋନ୍ ଆଦି ମାଗଣା। ନିର୍ବାଚନମଣ୍ଡଳୀ ସମ୍ଭାଳିବା ନାଁରେ ନିଜ ଘର ବା ସମ୍ପର୍କୀୟର ଘର ପାଇଁ ଭଡ଼ା ନେବା, ନିଜ କୁଟୁମ୍ବ ଓ ସମ୍ପର୍କୀୟକୁ ଚାକିରି ଦେଇ ସେ ବାବଦ ଦରମାତକ, ଅନ୍ତତଃ ଦରମାର ସିଂହଭାଗ ନିଜ ପକେଟରେ ଭର୍ତ୍ତି କରିବା କେତେକ ପ୍ରତିନିଧିଙ୍କ କାମ ହୋଇଯାଇଛି। ଦେଶର ଯେ କୌଣସି ସ୍ଥାନକୁ ସାଙ୍ଗରେ ଜଣେ ନେବାକୁ ଯେଉଁ ବ୍ୟବସ୍ଥା କରିନେଇଛନ୍ତି ତାହା ଯୋଗୁ ରେଳ ଓ ବିମାନ ଟିକେଟ ପାଇଁ ବିକଳରେ ଥିବା ଲୋକଙ୍କୁ ଟିକେଟ ଯୋଗାଇ ଉପୁରି ମାରିହେଉଛି। ସ୍କୁଲ କଲେଜ ଆଡମିଶନ କୋଟା, ହସ୍ପିଟାଲ ବେଡ୍ କୋଟା ଭଳି ବହୁବିଧ କୋଟା ଉପୁରି ଆଦାୟର ଉତ୍ସ ହୋଇଗଲାଣି। ସାଧାରଣ ନାଗରିକଟିଏ ଯାହାକୁ ବେଆଇନ ବା ଅସଙ୍ଗତି କହେ ତାକୁ ସଙ୍ଗତ ଅର୍ଥାତ୍ ଆଇନଗତ କରିନେବାର କ୍ଷମତା ସମ୍ବିଧାନ ଦେଇଛି ଆମର (ଏବେ ଦଳର) ବିଧାୟକ ଓ ସାଂସଦମାନଙ୍କୁ। କାମ ନ କରି ଦରମା ନେବା, କାମ ନ କରି କାମ କରୁଥିବାର ଅଭିନୟ କଲେ ସାଧାରଣ ନାଗରିକଟିଏ ଦଣ୍ଡନୀୟ ଅପରାଧରେ ପଡ଼େ, କିନ୍ତୁ ବିଧାୟକ ବା ସାଂସଦ ପାଇଁ ସାତଖୁଣ ମାଫ୍।

–sahadevas@yahoo.com

# ଧ୍ୱନି ପ୍ରଦୂଷଣ ପ୍ରଭାବ



ଉପେନ୍ଦ୍ର ବିଶ୍ୱାଳ

ଭସାଣି ଶୋଭାଯାତ୍ରା ହେଉ କି ବିବାହ ଅବା ନେତାଙ୍କ ବିଜୟ ଶୋଭାଯାତ୍ରା, ଡିଜେ ଯନ୍ତ୍ରର କର୍କଶ ଶବ୍ଦ ମଣିଷକୁ କଲବଲ କରିପକାଏ। ଗତ ଗଣେଶ ଓ ବିଶ୍ୱକର୍ମାଙ୍କ ପୂଜା ପରେ ପରେ ମୃଣ୍ମୟ ମୂର୍ତ୍ତି ଭସାଣି ବେଳେ ଡିଜେ ଯନ୍ତ୍ରର ବିକଟାଳ ଧ୍ୱନିରେ ଅତିଷ୍ଠ ହୋଇ ବାଲେଶ୍ୱର ଜିଲାର ଜଣେ ପୋଲିସ ଅଧିକାରୀ ତ ଦୁଇ କାନରେ ହାତ ଦେଇ ଶୋଭାଯାତ୍ରାକୁ ପଛକରି ଦୂରରେ ଛିଡ଼ା ହୋଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା ଗଣମାଧ୍ୟମରେ। ଯଦି ଜଣେ ସୁସ୍ଥ ମଣିଷ ପକ୍ଷରେ ଏହା ଏମିତି ଅସହ୍ୟ ମନେହୁଏ, ତେବେ ରାସ୍ତାପାର୍ଶ୍ୱସ୍ଥ ଡାକ୍ତରଖାନା ରୋଗୀଙ୍କ ଅବସ୍ଥା, ରାସ୍ତାପାର୍ଶ୍ୱ ଘରେ ରହୁଥିବା ହୃଦ୍‌ରୋଗୀ, ଗର୍ଭବତୀମାନଙ୍କ ଅବସ୍ଥା କ'ଣ ହେଉଥିବ, ତାହା ସହଜେ ଅନୁମେୟ।

ବର୍ଷଟିଏ ପାଇଁ ହେଲେ ବି ମାଆଙ୍କ ମେଲାଣି ଅବା ଆମ ଆରାଧ୍ୟଙ୍କ ବିଦାୟ ଜନିତ ବିଷାଦ ବେଳାରେ ଡିଜେ ବଜାଇ ଆନନ୍ଦ ବିଭୋର ହୋଇ ଏମିତି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବା କ'ଣ ପ୍ରଶଂସନୀୟ? ଶୁଭ କାର୍ଯ୍ୟରେ ବାହାରିଲା ବେଳେ ସଭିଙ୍କ ଆଶୀର୍ବାଦ ଆପଣାଇବା ହେଉଛି ଭବ୍ୟ ଭାବନାର ପରିଚୟ। ମାତ୍ର ବିବାହର ଶୁଭ ଶୋଭାଯାତ୍ରାରେ ଡିଜେ ଯନ୍ତ୍ର ଜନିତ ଯନ୍ତ୍ରଣା ଦ୍ୱାରା ଅନ୍ୟର ଦୁଃଖର କାରଣ ସାଜିବା, ସେମାନଙ୍କ ବିରକ୍ତିଭାବ ଓ ଗାଳିକୁ ଆମନ୍ତ୍ରଣ କରିବା ବିଚାରବନ୍ତ ମଣିଷମାନଙ୍କ ପକ୍ଷେ ଶୋଭନୀୟ ନୁହେଁ। ଲୋକଙ୍କ ଏତାଦୃଶ ବିରକ୍ତିଭାବର ପ୍ରଭାବ ବର-କନ୍ୟାଙ୍କ ଉପରେ କ'ଣ ପଡୁ ନ ଥିବ? ବରକନ୍ୟାଙ୍କ ଦୀର୍ଘ ସୁଖଦ ଦାମ୍ପତ୍ୟ ଜୀବନ କାମନା କରି ଆମେ ପରା ବିବାହ ଉତ୍ସବ ଆୟୋଜନ କରିଥାଉ ସଭିଙ୍କ ଆଶୀର୍ବାଦ ପ୍ରାପ୍ତ ହେବାକୁ! ଯେଉଁଥିରେ ବନ୍ଧୁ, ପରିଜନ, ଜ୍ଞାତି, କୁଟୁମ୍ବ ଆଦି ଯୋଗଦେଇ ବରକନ୍ୟାଙ୍କୁ ଆଶୀର୍ବାଦ କରିଥାନ୍ତି। ଯଦି ଏହାର ଓଲଟା ପ୍ରତିଫଳନ ହୁଏ ଅର୍ଥାତ ବିରକ୍ତିକର ଡିଜେ ଶୋଭାଯାତ୍ରା ଯୋଗୁ ବରକନ୍ୟାଙ୍କ ଉପରେ ଆଶୀର୍ବାଦ ପରିବର୍ତ୍ତେ ଗାଳି ପଡେ, ତେବେ ଆମ୍ଭର ଏ ବ୍ୟବସ୍ଥାର ମୂଲ୍ୟ ରହିଲା କେଉଁଠି? ଗାଳି, ଅଭିଶାପ ବା ଅପମାନସୂଚକ ଶବ୍ଦର ଯେ ପ୍ରଭାବ ରହିଛି, ଏ କଥା ଆଜିର ବିଜ୍ଞାନ ସ୍ୱୀକାର କରିଛି। ନେଦରଲାଣ୍ଡର ଏକ ବିଶ୍ୱବିଦ୍ୟାଳୟରେ ଏହା ଉପରେ ଗବେଷଣା କରିବାରୁ ଜଣାପଡ଼ିଲା ଯେ, କୌଣସି ବ୍ୟକ୍ତି ପ୍ରତି ଆଶୀର୍ବାଦ/ମଧୁର ଶବ୍ଦ ଅପେକ୍ଷା ଖରାପ/କଟୁ ଶବ୍ଦ କ୍ଷିପ୍ର ଗତିରେ ଯାଇ ସେହି ବ୍ୟକ୍ତିର ମସ୍ତକରେ ନକାରାତ୍ମକ ପ୍ରତିକ୍ରିୟା ସୃଷ୍ଟି କରିଥାଏ। ପରିଣତିରେ ଉକ୍ତ ବ୍ୟକ୍ତି ଦେହରେ ଏକପ୍ରକାର କ୍ଷତିକାରକ ହରମୋନ କ୍ଷରଣର ମାତ୍ରା ବୃଦ୍ଧି ପାଇଥାଏ।

ଆମେମାନେ ପ୍ରକୃତିଛଡ଼ା ହୋଇ ପ୍ରଦୂଷଣପ୍ରେମୀ ହୋଇଗଲୁଣି। ରାବଣପୋଡ଼ିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ବାଣଫୁଟାଇ ଶବ୍ଦ ଓ ବାୟୁ ପ୍ରଦୂଷଣ କରି ପାଳନ କରୁ ବିଜୟର ପର୍ବ ଦଶହରା। ସେମିତି ଆଲୋକ ବା ଆନନ୍ଦର ପର୍ବ ଦୀପାବଳିରେ କୋଟି କୋଟି ଟଙ୍କାର ବାଣ ଫୁଟାଇ ବିଷାକ୍ତ ଧୂଆଁରେ ପରିବେଶକୁ ଆଚ୍ଛାଦିତ କରେଇବାରେ



ଆମ୍ଭର ଅପାର ଆନନ୍ଦ। ପୂଜାମଣ୍ଡପରେ ଜୋରରେ ମ୍ୟୁଜିକବକ୍ସ ବଜେଇ ଲୋକଙ୍କୁ ଅତିଷ୍ଠ କରିବା ଓ ବିରକ୍ତିଭାବ ସୃଷ୍ଟିକରି ଆଧ୍ୟାତ୍ମିକତାର ଡିଣ୍ଡିମ ପିଟିବା ଏକପ୍ରକାର ପ୍ରହସନ ନୁହେଁ କି?

ରୋଷଣୀ ବା ବାଣ ଫୁଟିବା ଯୋଗୁ ପ୍ରାୟ ୯୦ ଡେସିବ୍ଲର ଧ୍ୱନି ସୃଷ୍ଟି ହୁଏ। ଏପରିକି ବଡ଼ ବଡ଼ ବାଣ ୧୨୦ ଡେସିବ୍ଲରୁ ବି ଅଧିକ ଧ୍ୱନି ସୃଷ୍ଟି କରେ। ଏଇଠୁ ଆମେ ଅନୁମାନ କରିପାରିବା ଡିଜେ ଦ୍ୱାରା ସୃଷ୍ଟ ଉଚ୍ଚ ଧ୍ୱନି (୧୦୦ ଡେସିବ୍ଲରୁ ଅଧିକ) କେତେ କ୍ଷତିକାରକ। ଆମ ପାଇଁ ଦିନବେଳେ ସର୍ବାଧିକ ୫୫ ଡେସିବ୍ଲ ଓ ରାତ୍ରିବେଳେ ୪୫ ଡେସିବ୍ଲ ମାତ୍ରାର ଧ୍ୱନି ସହନୀୟ ଓ ଗ୍ରହଣୀୟ, ଯାହାକି କ୍ଷତିକାରକ ନୁହେଁ। ମାତ୍ର ଅତି ଉଚ୍ଚମାତ୍ରାର ଧ୍ୱନି ଅନେକ କ୍ଷତିର କାରଣ ସାଜେ। ଉଚ୍ଚମାତ୍ରାର ଧ୍ୱନି ଦ୍ୱାରା ସ୍ମରଣଶକ୍ତି ହ୍ରାସ, ଉଚ୍ଚ ରକ୍ତଚାପ, ମୁଣ୍ଡବିନ୍ଧା, ହୃଦ୍‌ରୋଗ ଆଦି ସୃଷ୍ଟି ସହିତ ମାନସିକ ବିକାରଗ୍ରସ୍ତର କାରଣ ସାଜିଥାଏ। ବିଶେଷକରି ଗର୍ଭବତୀ, ହୃଦ୍‌ରୋଗୀ ଓ ମାନସିକ ରୋଗୀମାନେ ଏଥିରେ ଅଧିକ ଶିକାର ହୁଅନ୍ତି। ଗର୍ଭରେ ଥିବା ଶିଶୁ ଉପରେ ଏହାର ପ୍ରଭାବ ରହିଛି। ଉଚ୍ଚମାତ୍ରାର ଧ୍ୱନି ଗର୍ଭରେ ଥିବା ଶିଶୁର ହୃଦ୍‌ସ୍ପନ୍ଦନ ବଢ଼େଇବା ସହିତ ରକ୍ତ ସଞ୍ଚାଳନରେ ବ୍ୟାଘାତ ପହଞ୍ଚେଇଥାଏ। ବେଳେ ବେଳେ ଅତି ଉଚ୍ଚମାତ୍ରାର ଧ୍ୱନି ପ୍ରଭାବରେ ଶିଶୁଟି ମୂକବଧିର ହୋଇ ଜନ୍ମ ନେବାର ସମ୍ଭାବନା ଥାଏ। ଏପରିସ୍ଥଳେ ଚିକିତ୍ସାଳୟ ସଂଲଗ୍ନ ରାସ୍ତାରେ କାନଫଟା ଶବ୍ଦ ସହିତ ଭସାଣି ଓ ବିବାହ ଶୋଭାଯାତ୍ରାରେ ଯିବା କେତେଦୂର ଯୁକ୍ତିଯୁକ୍ତ ତାହା ହିଁ ବିଚାର୍ଯ୍ୟ। ପୁନଶ୍ଚ ଚିକିତ୍ସାଳୟ, କାର୍ଯ୍ୟାଳୟ, କୋର୍ଟ କଚେରି, ବିଦ୍ୟାଳୟ ଆଦି ଅଞ୍ଚଳ ତ ଆଇନତଃ 'ନିଶବ୍ଦ ଅଞ୍ଚଳ' ଭାବେ ଘୋଷିତ, ଯାହାର ୧୦୦ ମିଟର ଦୂରତା ମଧ୍ୟରେ କୌଣସି ପ୍ରକାର ଶୋଭାଯାତ୍ରା, ଡାକବାଜି ଯନ୍ତ୍ରର ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ।

ନାନାଦି କୁପ୍ରଭାବକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ମଧ୍ୟ ଏତାଦୃଶ ଶବ୍ଦ ପ୍ରଦୂଷଣ ଉପରେ ଲଗାମ ଲଗେଇଛନ୍ତି ଏବଂ ଶବ୍ଦ ପ୍ରଦୂଷଣ ଆଇନକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ମଧ୍ୟ ୨୦୦୦ ମସିହାରେ ଶବ୍ଦ ପ୍ରଦୂଷଣ (ନିୟନ୍ତ୍ରଣ ଓ କାର୍ଯ୍ୟକାରିତା) ବିଧେୟକ ପ୍ରଣୟନ କରିଛି। ଏହି ନିୟମକୁ କାର୍ଯ୍ୟକାରୀ କରି ଧ୍ୱନି ପ୍ରଦୂଷଣ ଉପରେ ଅଙ୍କୁଶ ଲଗେଇବାକୁ ସ୍ଥାନୀୟ ପ୍ରଶାସନକୁ କ୍ଷମତା ଅର୍ପଣ କରାଯାଇଛି। ସବୁଠାରୁ ବଡ଼କଥା ହେଉଛି ଏହି ପ୍ରକାର ବର୍ବରତାଠାରୁ ରକ୍ଷାପାଇବା ପାଇଁ ପ୍ରଶାସନର ନିଘା ଓ ନିଷ୍ଠା ସହିତ ଜନସାଧାରଣଙ୍କ ସତର୍କପଣିଆ ନିହାତି ଜରୁରୀ। ଅତଏବ ଆସନ୍ତୁ ନିଜ ବିବେକକୁ ଟିକେ ଜାଗ୍ରତ କରିବା, ଡିଜେ ଯନ୍ତ୍ରଠାରୁ ଦୂରେଇ ରହିବା ଏବଂ ସମସ୍ତ ପ୍ରକାର ବର୍ବରତାକୁ ବିରୋଧ କରିବା। ଉଚ୍ଚମାତ୍ରାର ଧ୍ୱନିକୁ 'ନା' କରି ଉଚ୍ଚମାନର ଚିନ୍ତା ଓ ଚେତନାକୁ ଆପଣେଇବା। କାରଣ ଆମେ ପଶୁ ନୁହଁ ମଣିଷ, ଯିଏ କି ସଦା ଊର୍ଦ୍ଧ୍ୱମୁଖୀ, ଅର୍ଥାତ ଯାହାର ମୁଣ୍ଡ (ଚିନ୍ତା, ଚେତନାର ଯନ୍ତ୍ରବାକ୍ସ) ସଦା ଊର୍ଦ୍ଧ୍ୱମୁଖୀ।

**ଗୋଡିଶୁଳ, ସଜନାଗଡ଼, ବାଲେଶ୍ୱର**
**ମୋ: ୯୪୩୭୪୩୬୦୭୩**

## ଏଇ ଭାରତରେ

ଗୋଆରେ ପ୍ଲାଷ୍ଟିକ ପ୍ରଦୂଷଣ ସେଠାକାର ପରିବେଶକୁ ବିଷାକ୍ତ କରିପକାଉଛି। ଏଥିରୁ ଗୋଆକୁ ମୁକ୍ତ କରିବା ଲାଗି ସଞ୍ଜୀବ ଖଣ୍ଡେଲୱାଲ ଆରମ୍ଭ କରିଛନ୍ତି ଏକ ଅଭିଯାନ, ଯାହାର ନାମ ହେଉଛି 'ମାକା ନାକା ପ୍ଲାଷ୍ଟିକ'। ଏହି ୱାନ୍ ମ୍ୟାନ୍ ମିଶନରେ ସେ ପ୍ଲାଷ୍ଟିକ ପ୍ରଦୂଷଣ ଦୂର କରିବା ଲାଗି କନାବ୍ୟାଗ୍ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଏକ ସର୍ଭେରୁ ଜଣାପଡ଼ିଛି ଯେ ପ୍ରତିଦିନ ଗୋଆରେ ୬୦,୦୦୦ରୁ ଅଧିକ ପ୍ଲାଷ୍ଟିକ କ୍ୟାରିବ୍ୟାଗ୍ ବ୍ୟବହାର ହେଉଛି। ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାର ଦୂର କରିବା ଲାଗି ସଞ୍ଜୀବ ଅକ୍ଟୋବର ୨୦୨୧ରେ ମାକା ନାକା ଅଭିଯାନ ଆରମ୍ଭ କରିଥିଲେ। ଏହି ଅଭିଯାନ ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ସେନ୍‌ସିବଲ୍ ଆର୍ଥ'ସଂସ୍ଥା ମାଧ୍ୟମରେ ଚାଲୁଛି। ସେ ବ୍ୟକ୍ତି କିମ୍ବା ବିଭିନ୍ନ ସଂସ୍ଥାରୁ ଅଦରକାରୀ କିମ୍ବା ବ୍ୟବହୃତ କନା ସଂଗ୍ରହ କରି ସେଥିରେ ବ୍ୟାଗ ତିଆରି କରି ତାହାକୁ ଲୋକମାନଙ୍କୁ ମାଗଣାରେ ଦେଉଛନ୍ତି। ମାର୍କେଟକୁ ଆସୁଥିବା ଲୋକମାନଙ୍କୁ ସେ ୬,୦୦୦ କନାବ୍ୟାଗ୍ ବାଣ୍ଟି ସାରିଲେଣି। ଏବେ ସୁଦ୍ଧା ୧ ଲକ୍ଷ ବ୍ୟାଗ୍ ତିଆରି କରାଯାଇଛି ଓ ତାହାକୁ ବଣ୍ଟାଯିବା ଦ୍ୱାରା ୨ ମିଲିୟନ ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାରକୁ ରୋକାଯାଇପାରିବ ବୋଲି କହିଛନ୍ତି ସଞ୍ଜୀବ।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଅକ୍ଟୋବର ୧୯୯୮

- ବିହାର ସରକାର ପ୍ରଥମ କିସ୍ତିରେ ବକେୟା ବିଦ୍ୟୁତ୍ ବିଲ୍ ବାବଦରେ ୫୦ କୋଟି ଟଙ୍କା ନ୍ୟାସନାଲ ଥର୍ମାଲ ପାୱାର କର୍ପୋରେସନ (ଏନ୍‌ଟିପିସି)କୁ ପୈଠ କରିଛନ୍ତି।
- ଆଫଗାନ ତାଲିବାନ ଗେରିଲାଙ୍କଠାରୁ କେନ୍ଦ୍ର ଏସୀୟ ସାଧାରଣତନ୍ତ୍ରଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ରୁଷ ଏବଂ ଉଜବେକିସ୍ତାନ ମଧ୍ୟରେ ଏକ ଆଠବର୍ଷିଆ ଚୁକ୍ତି ସ୍ୱାକ୍ଷରିତ।

## sudoku | ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 3 | | | 8 | 4 | | |
| 9 | | | | | 6 | 8 | | |
| | | | 9 | 5 | | | | |
| | 9 | | 2 | | 3 | 6 | | |
| | 3 | 6 | | | | | | |
| | 8 | | | | 1 | 2 | | 5 |
| | | | | | 4 | 1 | | |
| 4 | | | | 1 | | | | |
| | | | | 8 | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 2 | 3 | 7 | 9 | 6 | 8 | 5 |
| 7 | 9 | 6 | 5 | 1 | 8 | 2 | 3 | 4 |
| 3 | 8 | 5 | 4 | 6 | 2 | 7 | 1 | 9 |
| 2 | 3 | 4 | 6 | 9 | 1 | 5 | 7 | 8 |
| 9 | 6 | 8 | 7 | 5 | 3 | 4 | 2 | 1 |
| 5 | 7 | 1 | 8 | 2 | 4 | 9 | 6 | 3 |
| 8 | 2 | 7 | 1 | 4 | 5 | 3 | 9 | 6 |
| 1 | 5 | 9 | 2 | 3 | 6 | 8 | 4 | 7 |
| 6 | 4 | 3 | 9 | 8 | 7 | 1 | 5 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦେବଦେବୀଙ୍କ ନାମ ଠିକ୍ ଲେଖ

ମହାଶୟ,

ଅନେକ ସମୟରେ ଲୋକେ ବିଭିନ୍ନ ଦେବଦେବୀଙ୍କ ନାମ ଠିକ୍ ଭାବରେ ଲେଖୁ ନ ଥିବା ଦେଖାଯାଉଛି। ସେଥିପ୍ରତି ସମସ୍ତେ ଯତ୍ନବାନ ହେବା ଉଚିତ। କେତେକ ଦେବଦେବୀଙ୍କ ଠିକ୍ ନାମର ଏକ ତାଲିକା ଏଠାରେ ଦିଆଗଲା। ଅନ୍ତର୍ଯାମୀ, କାଳିକା, କୃତ୍ତିବାସ, ଗଣେଶ, ଗିରୀଶ, ଗୌରୀ ଶଙ୍କର, ଗୋଲକ ବିହାରୀ, ଜନାର୍ଦ୍ଦନ, ତାରିଣୀ, ଦିଗମ୍ବର, ଦୁର୍ଗା, ଦାଶରଥି, ଦେବଦେବୀ, ଚତୁର୍ଭୁଜ, ଚଣ୍ଡିକା, ଚନ୍ଦ୍ରଚୂଡ଼, ନୀଳାଦ୍ରି ବିହାରୀ, ପୀତାମ୍ବର, ବୀଣାପାଣି, ବିରୂପାକ୍ଷ, ବିଶ୍ୱମ୍ଭର, ବାଲୁକେଶ୍ୱର, ଭଗବାନ୍, ଭଗ୍ଦାରିକା, ଯମେଶ୍ୱର, ଭୁବନେଶ୍ୱରୀ, ମଧୁସୂଦନ, ଶଙ୍କର୍ଷଣ, ଶଶିଭୂଷଣ, ଶମ୍ଭୁନାଥ ଓ ହୃଷୀକେଶ ଇତ୍ୟାଦି। ଅନେକ ଲେଖିଥିବା ଭୁଲ୍ ନାମଗୁଡ଼ିକ ହେଉଛି, ଅନ୍ତର୍ଯ୍ୟାମୀ, ଗୋଲୋକ ବିହାରୀ, ଦିଗାମ୍ବର, ଦେବାଦେବୀ, ନିଳାଦ୍ରୀ ବିହାରୀ, ଭଗବାନ, ଯମ୍ଭେଶ୍ୱର, ହୃଷିକେଶ, ତାରୀଣି ଓ ବାଲୁଙ୍କେଶ୍ୱର ଇତ୍ୟାଦି।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

## ଚିରନ୍ତନୀ

''ବେଦନାର ଅଶ୍ରୁକଣା
ଝରେ ଯେବେ ନୟନର କୋଣୁ
''ହୃଦୟ ଶୀତଳ କରି
ଧରା ଧୂଳି ଝାଡି ଦେଇ ମନୁ।
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୩।୧୦ (ଅନିଲ ଦାସ)

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଶୁକ୍ରବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଭୁବନେଶ୍ୱର ଚକବନ୍ଦୀ କମିଶନର ପ୍ରତାପ ଚନ୍ଦ୍ର ରାଉତଙ୍କୁ ସମବାୟ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଥିବା ବେଳେ ମୟୂରଭଞ୍ଜ ଏଡିଏମ୍ ରୁଦ୍ରନାରାୟଣ ମହାନ୍ତିଙ୍କୁ ଭୁବନେଶ୍ୱର ଏଡିଏମ୍ ଭାବେ ବଦଳି କରାଯାଇଛି। ସେହିପରି ଭୁବନେଶ୍ୱର ଏଡିଏମ୍ ଦିଲ୍ଲୀପ କୁମାର ମହାପାତ୍ରଙ୍କୁ ଲଘୁଖଣିଜ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବା ବେଳେ ଢେଙ୍କାନାଳ ଏଡିଏମ୍ ନେତ୍ରାନନ୍ଦ ମଲ୍ଲିକଙ୍କୁ ମୟୂରଭଞ୍ଜ ଏଡିଏମ୍, ବ୍ରହ୍ମପୁର ଡେପୁଟି କଲେକ୍ଟର ଶୁଭଶ୍ରୀ ରଥଙ୍କୁ ବାଲେଶ୍ୱର ଅତିରିକ୍ତ ଜିଲାପାଳ, ହିନ୍ଦୋଳ ବିଡିଓ ଶଙ୍କର ମିଶ୍ରଙ୍କୁ ଜଗତ୍ସିଂହପୁର ସ୍ପେଶାଲ ଏଲ୍ଏଓ ଏବଂ ବାଲେଶ୍ୱର ଅତିରିକ୍ତ ଉପଜିଲାପାଳ ପାର୍ଥସାରଥି ହାଁସଦାଙ୍କୁ ପୁରୀ ଅତିରିକ୍ତ ଜିଲାପାଳ ଭାବେ ବଦଳି କରାଯାଇଛି।

### ହୋଟେଲରୁ ପର୍ଯ୍ୟଟକଙ୍କ ଝୁଲନ୍ତା ମୃତଦେହ ଜବତ

ଭୋଗରାଇ, ୧୩।୧୦ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଚନ୍ଦନେଶ୍ୱର ବଜାରରେ ଥିବା ସୀତା ହୋଟେଲରୁ ଶୁକ୍ରବାର ସକାଳେ ଜଣେ ପର୍ଯ୍ୟଟକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଉଛନ୍ତି ପଶ୍ଚିମବଙ୍ଗ ପଶ୍ଚିମ ମେଦିନୀପୁର ଜିଲା ବାଙ୍କୁଡା ଗ୍ରାମର ବିଜୟ କୁମାର ଦାସ (୬୨)। ଗତ ଦୁଇଦିନ ତଳେ ବିଜୟ ଉକ୍ତ ହୋଟେଲର ୧୦୧ ନମ୍ବର ରୁମ୍‌ରେ ଆସି ରହିଥିଲେ। ମାତ୍ର ଭିତରପଟୁ କବାଟ ବନ୍ଦ ଥିବା ଯୋଗୁ ଗୁରୁବାର ରାତିରେ ବନ୍ଦ କୋଠରୀ ମଧ୍ୟରୁ ଦୁର୍ଗନ୍ଧ ବାହାରୁଥିବା ହୋଟେଲ ମାଲିକ ତାଳସାରୀ ମେରାଇନ ଥାନାକୁ ଖବର ଦେଇଥିଲେ। ଶୁକ୍ରବାର ସକାଳେ ଘଟଣାସ୍ଥଳରେ ତାଳସାରୀ ମେରାଇନ ଥାନାର ଏଏସ୍ଆଇ ଭଗବାନ ଚନ୍ଦ୍ର ଦାସ ଏବଂ ଭୋଗରାଇ ଅତିରିକ୍ତ ତହସିଲଦାର ଗଦାଧର ସେଠୀ ପହଞ୍ଚି ବନ୍ଦ କୋଠରୀର କବାଟକୁ ଭାଙ୍ଗି ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଥିବା ବିଜୟଙ୍କ ମୃତଦେହକୁ ଜବତ କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ଲାଗି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏନେଇ ମେରାଇନ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୫/୨୩) ରୁଜୁ କରାଯାଇ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି।

### ଆକାଉଣ୍ଟକୁ ଭୁଲ୍‌ରେ ଆସିଥିବା ୫ ଲକ୍ଷ ଟଙ୍କା ଫେରାଇଲେ ଆଇନଜୀବୀ

**ପାଟଣା,୧୩।୧୦ (ବୀର କିଶୋର ଦାଶ):** ଆକାଉଣ୍ଟକୁ ଭୁଲ୍‌ରେ ଆସିଥିବା ୫ଲକ୍ଷ ଟଙ୍କା ଫେରାଇ ମାନବିକତା ଦେଖାଇଛନ୍ତି କେନ୍ଦୁଝର ଜିଲା ସାହାରପଡ଼ାର ଆଇନଜୀବୀ ତଥା ଭାଜପା ନେତା ଶିବାଜୀ ଗୌତମ ମହାନ୍ତ ବର୍ମା। ଶୁକ୍ରବାର ମଧ୍ୟପ୍ରଦେଶ ଜବଲପୁରର ଆର୍ କେ କନ୍‌ଷ୍ଟ୍ରକ୍ସନ ନାମକ ଏକ କମ୍ପାନୀର ଆକାଉଣ୍ଟରୁ ସାହାରପଡ଼ାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଶିବାଜୀଙ୍କର ଥିବା ଆକାଉଣ୍ଟକୁ ୫ ଲକ୍ଷ ଟଙ୍କା ଆସିଥିଲା। ଏନେଇ କମ୍ପାନୀର ମ୍ୟାନେଜର ଦୁର୍ଗେସ ପଟେଲ ବ୍ୟାଙ୍କଠାରୁ ଶିବାଜୀଙ୍କ ଫୋନ ନମ୍ବର ନେଇ ଯୋଗାଯୋଗ କରିଥିଲେ। ଶିବାଜୀ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସିଥିବା ଜାଣିବାକୁ ପାଇବା ପରେ ବ୍ୟାଙ୍କ ମ୍ୟାନେଜରଙ୍କ ଜରିଆରେ ପୁଣି ବ୍ୟାଙ୍କ ଖାତା ମାଧ୍ୟମରେ ୫ ଲକ୍ଷ ଟଙ୍କା ଫେରାଇ ଦେଇଛନ୍ତି। ସାହାରପଡ଼ା ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କର୍ତ୍ତୃପକ୍ଷ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଅନ୍ତେବାସୀ ହେଲେ ଜୀବନସାଥୀ

## କୁଷ୍ଠାଶ୍ରମରେ ନିଆରା ବିବାହ: ବର ୬୫କୁ କନ୍ୟା ୬୩

ବାଲେଶ୍ୱର, ୧୩।୧୦ (ମାନସ ବିଶ୍ୱାଳ)



ବରକନ୍ୟାଙ୍କୁ ଆଶୀର୍ବାଦ କରୁଛନ୍ତି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ବାମପଦାସ୍ଥିତ କୁଷ୍ଠାଶ୍ରମରେ ଥିଲେ ଅନ୍ତେବାସୀ। ହେଲେ ଏବେ ପାଲଟିଯାଇଛନ୍ତି ଜୀବନସାଥୀ। ବର ୬୫କୁ କନ୍ୟା ୬୩। ପ୍ରେମ ପାଇଁ ବୟସର କୌଣସି ପରିସୀମା ନ ଥାଏ ତାହା ଆଜି ପ୍ରମାଣିତ କରିଛନ୍ତି ଦାସ ମାରାଣ୍ଡି ଓ ପଦ୍ମାବତୀ ଦାସ। ସାତ ଜନ୍ମର ସାଥୀ ଭାବେ ଏମାନେ ପରସ୍ପରକୁ ଆପଣାଇ ନେଇଛନ୍ତି। ପରିଣତ ବୟସରେ କୁଷ୍ଠ ରୋଗକୁ ହରାଇଥିବା ଏହି ପ୍ରେମୀଯୁଗଳଙ୍କ ବିବାହ ଶୁକ୍ରବାର ଆଶ୍ରମ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ସମସ୍ତ ରୀତିନୀତିରେ ସମ୍ପନ୍ନ ହୋଇଛି। ଦାସ ମାରାଣ୍ଡି ପଦ୍ମାବତୀଙ୍କ ମଥାରେ ସିନ୍ଦୂର, ହାତରେ ଶଙ୍ଖା ପିନ୍ଧାଇ, ବେକରେ ବରଣମାଳା ଦେଇ ନିଜର ସ୍ତ୍ରୀ ଭାବରେ ସ୍ୱୀକାର କରିଛନ୍ତି। ଏହି ବିବାହରେ ଆଶ୍ରମବାସୀ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ। କିଏ ଶଙ୍ଖ ଫୁଙ୍କିଥିଲା, ତ ଆଉ କିଏ ହୁଳହୁଳି ଦେଇଥିଲା। ସାରାଦିନ ଆଶ୍ରମ ପରିସରରେ ଲାଗି ରହିଥିଲା ଉତ୍ସବର ମାହୋଲ।

ପଦ୍ମାବତୀଙ୍କ ଘର ଔପଦା ବ୍ଲକ କୁଡ଼ାଗଡ଼ିଆ ଅଞ୍ଚଳରେ। ସେ ପୂର୍ବରୁ ବିବାହିତା ଥିଲେ। ୧୦ବର୍ଷ ପୂର୍ବେ ପଦ୍ମାବତୀ କୁଷ୍ଠରୋଗରେ ଆକ୍ରାନ୍ତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଘୃଣା କରିବାରୁ ସେ ଘର ଛାଡ଼ି ଆସି ବାମପଦାରେ ଥିବା କୁଷ୍ଠାଶ୍ରମରେ ରହି ଚିକିତ୍ସିତ ହେଉଥିଲେ। ଏବେ ସେ କୁଷ୍ଠ ରୋଗରୁ ମୁକ୍ତ ହୋଇଛନ୍ତି, ହେଲେ ଘରକୁ ଫେରିନାହାନ୍ତି। ସେହିଭଳି ବାଲେଶ୍ୱର ସଦର ବ୍ଲକ ସାର୍ଥା ଗ୍ରାମରେ ଦାସ ମାରାଣ୍ଡିଙ୍କ ଘର। ସେ ମଧ୍ୟ କୁଷ୍ଠ ରୋଗରେ ଆକ୍ରାନ୍ତ ହେବା ପରେ ପରିବାର ଲୋକେ ତାଙ୍କୁ ଘରୁ ତଡିଦେଇଥିଲେ। ସେ ୩ ବର୍ଷ ତଳେ ଆସି ଏହି କୁଷ୍ଠାଶ୍ରମରେ ରହି ଭଲ ହୋଇଛନ୍ତି। ସେ ମଧ ଆଉ ଘରକୁ ଫେରିନାହାନ୍ତି। ଦାସ ମାରାଣ୍ଡି ଜଣେ ଖୁବ୍ ଭଲ ମଣିଷ। ତେଣୁ ତାଙ୍କୁ କୁଷ୍ଠାଶ୍ରମର ସମସ୍ତେ ଭଲ ପାଆନ୍ତି। ପ୍ରାୟ ୨ମାସ ହେବ ଦାସ ବିବାହ କରିବାକୁ ପଦ୍ମାବତୀଙ୍କୁ ପ୍ରସ୍ତାବ ଦେଇଥିଲେ। ହେଲେ ପଦ୍ମାବତୀ ପ୍ରଥମେ ରାଜି ହୋଇ ନ ଥିଲେ। ପରେ ଆଶ୍ରମର ଅନ୍ୟ ୨/୩ଜଣ ସ୍ତ୍ରୀ ଲୋକ ଦାସଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେବାରୁ ପଦ୍ମାବତୀ ସମ୍ମତି ଜଣାଇଥିଲେ। ଉଭୟେ କୁଷ୍ଠାଶ୍ରମରେ ଥିବା ଡା. ସୁମିତ୍ରା ଦେଙ୍କୁ ଯାଇ ସମସ୍ତ କଥା ଜଣାଇଥିଲେ। ଡା. ଦେ ସେମାନଙ୍କର ବିବାହ ନିଜସ୍ୱ ଖର୍ଚ୍ଚରେ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶୁକ୍ରବାର ଉଭୟଙ୍କର ବିବାହ କୁଷ୍ଠାଶ୍ରମ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଦାସ ଓ ପଦ୍ମାବତୀଙ୍କ ବିବାହ ପରେ ସେମାନଙ୍କୁ ଲେପ୍ରୋସି ହସ୍ପିଟାଲ ବାରଣ୍ଡାକୁ ନିଆଯାଇ ବସାଯାଇଥିଲା। ସେଠାରେ ବରକନ୍ୟାଙ୍କୁ ଯିଏ ଯାହା ଉପହାର ଦେଇଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦ୍ଦେବ, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର ଉପସ୍ଥିତ ରହି ବରକନ୍ୟାଙ୍କୁ ଆଶୀର୍ବାଦ କରିବା ସହ ସେମାନଙ୍କର ସୁଖମୟ ଜୀବନ କାମନା କରିଥିଲେ।

# ଦୋଷୀଙ୍କୁ ୧୦ ବର୍ଷ ଜେଲ

## ନାବାଳିକାଙ୍କୁ ବଳାତ୍କାର ମାମଲା

କେନ୍ଦୁଝର,୧୩।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ସ୍ୱତନ୍ତ୍ର କୋର୍ଟରେ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ବିଜୟ କୁମାର ମିଶ୍ର ଏହାର ଶୁଣାଣି କରି ଦୋଷୀଙ୍କୁ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ ପାଇଁ କୋର୍ଟ ଆଦେଶ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ତୁରୁମୁଙ୍ଗା ଥାନା ଅଞ୍ଚଳର ଭୋଲେଶ୍ୱର ମୁଣ୍ଡା।

ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ସେପ୍ଟେମ୍ବର ୨୦ ତାରିଖ ରାତିରେ ପୀଡ଼ିତା ପାଇଖାନାକୁ ଯାଇଥିବା ସମୟରେ ଅଭିଯୁକ୍ତ ଭୋଲେଶ୍ୱର ତାଙ୍କୁ ଏକୁଟିଆ ପାଇ ଜୋରଜବରଦସ୍ତ ଟାଣି ନେଇ ବଳାତ୍କାର କରିଥିଲେ। ପୀଡ଼ିତା ପାଟି କରିବାରୁ ପରିବାର ଲୋକେ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲେ। ପର ଦିନ ପୀଡ଼ିତା ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୧୦୮/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା ମାମଲା ପରିଚାଳନା କରୁଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
Urgently Required
Female Trained Qualified
Nurse cum Attendant
24 hour Service in
Bhubaneswar.
Contact:9937203178

WANTED
ଆୟୁର୍ବେଦିକ କ୍ଲିନିକରେ କାମ କରିବା ପାଇଁ ଝିଅ ଓ ସ୍ତ୍ରୀ ଲୋକ ଆବଶ୍ୟକ।
ଯୋଗାଯୋଗ କରନ୍ତୁ:
8093176446
9861513098

# ୧ଲକ୍ଷ ୩୫ ହଜାରରେ ବିକ୍ରିହେଲା ସାମୁଦ୍ରିକ କଉ

ଭୋଗରାଇ,୧୩।୧୦ (ପ୍ରଦୀପ ଦାସ)



ଧରାଯାଇଥିବା ସାମୁଦ୍ରିକ କଉ ମାଛ।

୧୧ଦିନ ବ୍ୟବଧାନ ପରେ ପୁଣି ଏକ ବିଶାଳକାୟ ସାମୁଦ୍ରିକ କଉ ମାଛ ଗଭୀର ସମୁଦ୍ରରୁ ଧରାଯାଇଛି। ବାଲେଶ୍ୱର ଜିଲା ବଳରାମଗଡ଼ି ମତ୍ସ୍ୟ ଅବତରଣ କେନ୍ଦ୍ରର ଟ୍ରଲର ମାଲିକ ସାବାଦ ଅଲ୍ଲୀଖାଁଙ୍କ ଟ୍ରଲରରେ ମତ୍ସଜୀବୀମାନେ ଏହି ବିରଳ ପ୍ରଜାତିର ମାଛକୁ ଧରି ଦୀଘା ମୁହାଣ ମାଛ ମାର୍କେଟକୁ ଶୁକ୍ରବାର ବିକ୍ରି କରିବାକୁ ଆଣିଥିଲେ। ଏହି ମାଛର ଓଜନ ୨କୁଇଣ୍ଟାଲ ହୋଇଥିବାବେଳେ ବାଂଲାଦେଶର ଡଲଫିନ କମ୍ପାନୀ ୧ଲକ୍ଷ ୩୫ହଜାର ଟଙ୍କାରେ ଏହି ମାଛକୁ କିଣି ନେଇଛି। ବିଦେଶରେ ଏହାର ଦାମ୍ ଅଧିକ। ମାଛ ଶରୀର ବ୍ଲାଡାରରୁ ଔଷଧ ଓ ମଣିଷ ଅପରେଶନ ବେଳେ ଏକ ମୂଲ୍ୟବାନ ସୂତା ବ୍ୟବହାର ହୁଏ ବୋଲି କୁହାଯାଉଛି। ଚଳିତ ଋତୁରେ ୪ଟି ଏହି ପ୍ରଜାତିର ସାମୁଦ୍ରିକ କଉ ବଙ୍ଗୋପସାଗରରେ ଧରାଯାଇ ଦୀଘା ମାଛ ମାର୍କେଟରେ ନିଲାମ କରାଯାଇଥିଲା। ସବୁଠୁ ବଡ଼ ୨ କୁଇଣ୍ଟାଲ ମାଛ ଶୁକ୍ରବାର ନିଲାମ କରାଯାଇଥିବା ଦୀଘା ଫିଶରମ୍ୟାନ ଆଣ୍ଡ ଫିଶର ଅର୍ଗାନାଇଜେଶନ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜ୍ୟରେ ଦୈନିକ କୋଟିଏରୁ ଊର୍ଦ୍ଧ୍ୱ ଅଣ୍ଡା ଉତ୍ପାଦନ ହେଉଛି:ମନ୍ତ୍ରୀ

ଭୁବନେଶ୍ୱର, ୧୩।୧୦ (ସୁନିତ୍ ମିଶ୍ର)

ଅଣ୍ଡା ଚାହିଦା ବଢୁଥିବା ବେଳେ ରାଜ୍ୟରେ ଅଣ୍ଡା ଉତ୍ପାଦନ ବୃଦ୍ଧିର ଯଥେଷ୍ଟ ସୁଯୋଗ ରହିଛି। କ୍ଷୁଦ୍ର ଓ ନାମମାତ୍ର ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉଦ୍ୟୋଗୀଙ୍କ ଜରିଆରେ ଅଣ୍ଡା ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଅଣ୍ଡାଦିଆ କୁକୁଡ଼ା ପାଳନ କୃଷକଙ୍କ ଆୟ ବୃଦ୍ଧିରେ ସହାୟକ ହେଉଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ କୁକୁଡ଼ା ଫାର୍ମ ପ୍ରତିଷ୍ଠା କରିବା ଲାଗି ରାଜ୍ୟର ଉଦ୍ୟୋଗୀମାନଙ୍କୁ କୋଟିଏ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି। ରାଜ୍ୟରେ ଦୈନିକ ୧ କୋଟିରୁ ଊର୍ଦ୍ଧ୍ୱ ଅଣ୍ଡା ଉତ୍ପାଦନ ହେଉଛି। ଏହି ଧାରା ବଜାୟ ରଖି ଓଡ଼ିଶାକୁ ଅଣ୍ଡା ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହ ଏକ ବଳକା ରାଜ୍ୟରେ ପରିଣତ କରିବା ପାଇଁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଲୋକସେବା ଭବନର କନ୍‌ଭେନ୍‌ସନ ସେଣ୍ଟରଠାରେ ଶୁକ୍ରବାର ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ଅଣ୍ଡା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଅଣ୍ଡାରେ ବିଭିନ୍ନ ପ୍ରକାର ଖାଦ୍ୟସାର ଯଥା -ଲିଉଟିନ୍, ଜାନଥିନ୍, କୋଲିନ୍, ଓମେଗା-୩ ଫ୍ୟାଟି ଏସିଡ୍, ଭିଟାମିନ୍ ଡି, ଆମିନୋ ଏସିଡ୍, ସ୍ନେହସାର ଭିଟାମିନ୍ ବି-୧୨ ଓ ଫୋଲିକ୍ ଏସିଡ୍ ଥିବାରୁ ଏହା ଏକ ସମ୍ପୂର୍ଣ୍ଣ ଖାଦ୍ୟ ଭାବେ ବିବେଚିତ ହୋଇଥାଏ ବୋଲି ସେ କହିଛନ୍ତି। ସମାରୋହରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଅଣ୍ଡାର ଖାଦ୍ୟଗୁଣ ଓ ଏହାର ଉପକାରିତା ବିଷୟରେ ଲୋକଙ୍କୁ ସଚେତନ କରାଇଛନ୍ତି।

College of Pharmaceutical Sciences, Berhampur
At/PO: Mohuda (GM)- 760002 (Orissa)
Estd:1979
(Approved by AICTE, PCI & UGC and affiliated to BPUT, BU & OSBP)
www.cpsmohuda.org, Mobile No.7894824133, 9439868992
WALK IN INTERVIEW FOR PHARMACY FACULTY
POST : ASST. PROFESSOR
Specialization : Pharmacognosy, (Preferable) Pharmaceutical Chemistry Pharmaceutics, Pharmacology, Pharma Analysis, Pharmacy Practice
Eligibility : As per PCI norms
Pay : NEGOTIABLE
Date of Interview : 15.10.2023 (Sunday) by 10.00 A.M.
Venue : Administrative Office, GPCDA Kamalavari Street, Near Big Bazar Berhampur-760002
Please send your C.V. by E.mail: "placementcellcps@gmail.com" with in seven days and attend interview in with complete C.V., Original certificates as well as photo copies of all certificates.
PRINCIPAL
NB: No TA/DA will be given for attending the interview.

# ତାଳସାରୀ ବେଳାଭୂମିରୁ ଧରାଗଲା ୧୩ ଫୁଟର କୁମ୍ଭୀର

ଭୋଗରାଇ,୧୩।୧୦ (ପ୍ରଦୀପ ଦାସ)



ଉଦ୍ଧାର ହୋଇଥିବା କୁମ୍ଭୀର।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ବେଳାଭୂମିରୁ ୧୩ ଫୁଟ ଲମ୍ବର ଏକ କୁମ୍ଭୀରକୁ ଉଦୟପୁର ବନ ବିଭାଗ ଶୁକ୍ରବାର ସକାଳେ କାବୁ କରିଛି। କୁମ୍ଭୀର ଅସୁସ୍ଥ ହୋଇଥିବାରୁ ଗାଡ଼ି ଯୋଗେ ବାଲେଶ୍ୱର ପ୍ରାଣୀଧନ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଯିବା ପରେ ଭୁବନେଶ୍ୱର ନନ୍ଦନକାନନକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଉକ୍ତ ବିଶାଳକାୟ କୁମ୍ଭୀର ବାଲିଚଢ଼ରେ ନିଜ ଶରୀରକୁ ଢାଙ୍କିଦେଇ ମୁହଁ ଖୋଲା ରଖିଥିଲା। ମତ୍ସ୍ୟଜୀବୀମାନେ ସେହି ଚଢରେ ବିଶ୍ରାମ ନେବାକୁ ଯାଇ ଏକ କାଠ ଗଣ୍ଡି ପଡ଼ିଥିବା ଭାବି ସେଥିରେ ବସିବାକୁ ଯାଉଥିଲେ। ହଠାତ୍ କୁମ୍ଭୀରକୁ ଦେଖି ପ୍ରାଣ ଭୟରେ ପଳାଇଯାଇ ବନବିଭାଗକୁ ଖବର ଦେଇଥିଲେ। ବନପାଳ ପରମାନନ୍ଦଙ୍କ ନେତୃତ୍ୱରେ ବନରକ୍ଷୀ ସଞ୍ଜୟ କୁମାର ମହାନ୍ତିଙ୍କ ସମେତ ୧୦ଜଣ ବନ କର୍ମଚାରୀ ସେଠାକୁ ଯାଇ କୁମ୍ଭୀରକୁ କୌଶଳକ୍ରମେ ଜାଲ ଘେରି କାବୁ କରିବା ସହିତ ମୋଟା ରଶିରେ ମୁହଁ ଓ ଶରୀରକୁ ବାନ୍ଧି ଭୁଟୁଭୁଟି ଯୋଗେ ବିଚିତ୍ରପୁର ଇକୋ ଟୁରିଜିମ୍‌କୁ ଆଣିଥିଲେ। ଏହି ବେଳାଭୂମିରୁ ପ୍ରଥମ ଥର ପାଇଁ ବିଶାଳକାୟ କୁମ୍ଭୀର ଧରାଯାଇଥିବାରୁ ପର୍ଯ୍ୟଟକ ଓ ମତ୍ସ୍ୟଜୀବୀଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି।

# ନକଲି ପୋଲିସକୁ ଧରିଲା ଅସଲି

ରାଉରକେଲା,୧୩।୧୦(ସଙ୍ଗୀତା ଜେନା )

ଲୋକଙ୍କୁ ହୋମଗାର୍ଡ ଚାକିରି କରାଇଦେବା ଆଳରେ ଜଣେ ଯୁବକ ନକଲି ପୋଲିସ ସାଜି ପ୍ରାୟ ୩ ଲକ୍ଷ ଟଙ୍କା ଠକି ନେଇଥିବା ରଘୁନାଥପାଲି ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାର ତଦନ୍ତ କରି ପୋଲିସ ଉକ୍ତ ନକଲି ପୋଲିସକୁ ଶୁକ୍ରବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅଜୟ ଜୟପୁରିଆ(୩୫)। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୦୮/୨୩) ରୁଜୁ କରିଛି। ସୂଚନା ଅନୁସାରେ, ଅଜୟ ସୁନ୍ଦରଗଡ଼ କୁତ୍ରା ଗୋଲେଇପଡ଼ାରେ ରୁହନ୍ତି। ସେ ଏଭଳି ହୋମ୍‌ଗାର୍ଡ ଚାକିରି କରାଇ ଦେବାକୁ କହି ଯୁବତୀ ଯୁବକଙ୍କଠାରୁ ମୋଟାଅଙ୍କର ଟଙ୍କା ଆଦାୟ କରୁଥିଲେ। ତେବେ ଚାକିରି ନ ହେବାରୁ ଟଙ୍କା ଦେଇଥିବା ଯୁବତୀ ଯୁବକ ଏ ନେଇ ରଘୁନାଥପାଲି ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରୁଥିଲା। ଶୁକ୍ରବାର ଅଜୟ ନିଜ ଶ୍ୱଶୁର ଘର ଜଲଦାକୁ ଆସିଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କ ଘରୁ ପୋଲିସ ପୋଷାକ, ଟୋପି, ପରିଚୟ ପତ୍ର ଆଦି ଜବତ କରାଯାଇଛି।

WANTED
ଧରିତ୍ରୀ DHARITRI Oriya daily
is looking for
CIRCULATION MANAGERS
Roles and Responsibilities:-
- Lead and own all market related needs of the company - Distributor, Agents, and Retailers.
- Work with the circulation team of Company and Distributor to achieve company objectives.
- Action all the market related plans with respect to distribution and visibility of our brands.
- Competitive tracking and analysis to identify and pursue target accounts.
- Work with ad sales and marketing team to create and package to drive circulation.
- Achieve sales targets for bulk sales.

Requirements:-
- 5-6 years sales experience in frontline sales in print media.
- Ability to develop custom marketing proposals and ideas.
- Proficiency in MS-Office.

Apply immediately to :
recruitment@dharitri.com
Attractive salary commensurate with experience

# ବିଦ୍ୟାଳୟ ହଷ୍ଟେଲରେ ୬ଷ୍ଠଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

## ଦାୟିତ୍ୱରେ ଅବହେଳା ଅଭିଯୋଗ ଆଣିଲେ ପରିବାର ଲୋକେ

ଗୁଣପୁର,୧୩।୧୦ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ପୁଟାସିଂସ୍ଥିତ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଜଣେ ଛାତ୍ରୀଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ମୃତ ନାବାଳିକା ଜଣକ ହେଲେ କରଞ୍ଜିଆ ସିଂ ଗ୍ରାମର ରାଜେଶ ଭୂୟାଁଙ୍କ ଝିଅ ଲୀନା ଭୂୟାଁ। ଲୀନା ହଷ୍ଟେଲରେ ରହି ୬ଷ୍ଠ ଶ୍ରେଣୀରେ ପଢୁଥିଲେ। ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱରେ ଅବହେଳା ଯୋଗୁ ଝିଅର ମୃତ୍ୟୁ ହୋଇଥିବା ମୃତ ଛାତ୍ରୀଙ୍କ ବାପା ରାଜେଶ ଅଭିଯୋଗ କରିଛନ୍ତି।

ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୃନ୍ଦାବନ ସାହୁଙ୍କ କହିବା ଅନୁଯାୟୀ, ଛାତ୍ରୀ ଲୀନା ଗୁରୁବାର ଅସୁସ୍ଥ ହୋଇପଡ଼ିଥିଲେ। ହଷ୍ଟେଲ କର୍ତ୍ତୃପକ୍ଷ ନାବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ମ୍ୟାଲେରିଆ ଟେଷ୍ଟ ମଧ କରାଇଥିଲେ। ତେବେ ଶୁକ୍ରବାର ସକାଳୁ ଛାତ୍ରୀ ଜଣକ ହଠାତ୍ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ବିଦ୍ୟାଳୟ ଓ ହଷ୍ଟେଲ କର୍ତ୍ତୃପକ୍ଷ ତୁରନ୍ତ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି, ଝିଅ ଅସୁସ୍ଥ ହେବା ବିଷୟରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ କୌଣସି ସୂଚନା ଦେଇ ନ ଥିଲେ। ସେମାନଙ୍କ ଅବହେଳା ପାଇଁ ଝିଅର ମୃତ୍ୟୁ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ପୁଟାସିଂ ପୋଲିସ ୬/୨୦୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ଗୁଣପୁର ଡାକ୍ତରଖାନାରେ ବ୍ୟବଚ୍ଛେଦକରି ପରିବାରକୁ ହସ୍ତାନ୍ତର କରାଯାଇଛି। ଖବରପାଇ ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ, ଗୁଣପୁର ଆଇଟିଡିଏର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ୍ତ କୁମାର ଦଳେଇ, ଗୁଣପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ରାୟଗଡ଼ା ଜିଲା କଂଗ୍ରେସ ସଭାପତି ବିଜୟ କୁମାର ଗମାଙ୍ଗ, ଗୁଣପୁର ଯୁବକଂଗ୍ରେସ ସଭାପତି ଅବିନାଶ ଗମାଙ୍ଗ, ପୁଟାସିଂ ସରପଞ୍ଚ ଏସିଅ ଶବର ଡାକ୍ତରଖାନାକୁ ଯାଇ ମୃତ ଛାତ୍ରୀଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ।




NRI Academy Of Sciences
(NRI MEDICAL COLLEGE, GENERAL & SUPER SPECIALITY HOSPITAL)
Chinakakani, Mangalagiri Mandal, Guntur District. A.P.
Phone: 91 8645-230101, 230102, 230197, 9849986271
NRI Medical College & General Hospital is a premier institution of Medical Education and Healthcare in the state of Andhra Pradesh. It has more than 1200 bed capacity with all General and Super Specialities.
Applications are invited for the following positions:
1. PROFESSORS in the departments of Anatomy, Forensic Medicine, General Medicine, General Surgery, Paediatrics, Cardiology, Neuro Surgery & Emergency Medicine.
2. ASSOCIATE PROFESSORS in the departments of Pharmacology, Forensic Medicine, SPM, Critical Care Medicine & Emergency Medicine.
3. ASST. PROFESSORS in the departments of Pharmacology, Forensic Medicine, Community Medicine (SPM), Anaesthesiology, Cardiology, Neurology, Neuro Surgery, Medical Oncology, Medical Gastroenterology, Emergency Medicine, CT Surgery & Critical Care Medicine.
4. SENIOR RESIDENTS in the departments of Emergency Medicine, Forensic Medicine & Critical Care Medicine.
5. MEDICAL OFFICERS for Aarogyasri/Ayushman Bharat i.e, government sponsored medical insurance schemes and Anti-Retroviral Therapy (ART) centre.
Qualifications for the positions 1 to 4, as per National Medical Commission (NMC) norms.
Salary is not a constraint for deserving candidates. Interested candidates may send their resumes within 10 days through email to: hrm@nrias.ac.in.
Website: www.nrias.net

# ଯେଉଁ ଲେଖାରେ ଅନ୍ଧାର ପ୍ରଭାମୟ, ତା'ରି ଲେଖକ ଜନ୍ ଫୋସେ



ଜନ୍ ଫୋସେଙ୍କ ଜନ୍ମ ୧୯୫୯ରେ ପଶ୍ଚିମ ନରୱେର ଏକ ଛୋଟ ଗାଁ ଷ୍ଟ୍ରାଣ୍ଡେବାର୍ମରେ। ସେଇଠି ବିତେ ତାଙ୍କ ଶୈଶବ। ଉପନ୍ୟାସ, ଗଳ୍ପ, ନାଟକ, କବିତା, ପ୍ରବନ୍ଧ, ଶିଶୁ ସାହିତ୍ୟ ଓ ଅନୁବାଦ-ସାହିତ୍ୟର ନାନା ବିଧାରେ ୪୦ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ତାଙ୍କର ନିରବଚ୍ଛିନ୍ନ ଗତାଗତ। ତାଙ୍କ ରଚିତ ସାହିତ୍ୟ ୫୦ରୁ ଊର୍ଦ୍ଧ୍ୱ ଭାଷାକୁ ଅନୂଦିତ ଏବଂ ତାଙ୍କ ନାଟକ ବିଶ୍ୱର ବହୁ ମଞ୍ଚରେ ସହସ୍ରାଧିକ ବାର ମଞ୍ଚସ୍ଥ। ତାଙ୍କର ଉଲ୍ଲେଖନୀୟ ପୁସ୍ତକଗୁଡ଼ିକ ମଧ୍ୟରୁ କେତୋଟି ହେଲା– 'A New Name: Septology', 'Scenes from a Childhood', 'Morning and Evening', 'Melancholy', 'Alis at the Fire', 'Rambuku', 'Freedom', 'Over there', 'These Eyes', 'Girl in yellow Rain Coat', 'Someone is going to come home', 'The Guitar Man', 'Mother and Child', 'Slip my Baby Sleep', 'After Noon', 'Beautiful' ଓ 'I am the wind'. ସାହିତ୍ୟର ସଂରଚନା, ଭାଷା ଓ ଭାବକୁ ନେଇ ସେ ଏକାଧିକ ନବୋନ୍ମେଷୀ ପ୍ରବନ୍ଧ ଲେଖିଛନ୍ତି ଓ ସେସବୁ ଗ୍ରନ୍ଥାୟିତ ହୋଇଛି। ଏଥିରୁ ଦୁଇଟି ହେଲା– 'When an Angel goes through the stage and other Essays' ଏବଂ 'Gnostic Essays'. କେତେବେଳେ ଅଷ୍ଟ୍ରିୟା ତ କେତେବେଳେ ନରୱେରେ ବିତେ ଫୋସେଙ୍କ ସମୟ। ତେବେ ଓସ୍‌ଲୋର ଗ୍ରଟନ୍‌ରେ ସେ ସାମ୍ମାନିକ ଆବାସିକ। ୨୦୨୩ ପାଇଁ ଫୋସେଙ୍କୁ ମିଳିଛି ସାହିତ୍ୟରେ ନୋବେଲ। ତାଙ୍କ ସାହିତ୍ୟ-ସୃଷ୍ଟିକୁ ନେଇ ଏ ଆଲେଖ୍ୟ 'ସାହିତ୍ୟାୟନ'ର ପାଠିକାପାଠକଙ୍କ ପାଇଁ...

**ଜନ୍ ଫୋସେ** ନରୱେର ସର୍ବମାନ୍ୟ ନାଟ୍ୟକାର ଓ ଲେଖକ। ତାଙ୍କର ସବୁଠୁଁ ଦୀର୍ଘ ଗଦ୍ୟ ରଚନା ହେଉଛି 'Septology', ଯାହାର ସାତୋଟି ଭାଗ ତିନିଖଣ୍ଡରେ ପ୍ରକାଶିତ। ତାଙ୍କର ଗଦ୍ୟକୁ କୁହାଯାଏ 'ଧିମା ଗଦ୍ୟ' (slow prose)। ଏହା ବିଶ୍ୱର ୨୦ଟିରୁ ଅଧିକ ଭାଷାରେ ଅନୂଦିତ ଓ ଆଦୃତ। ଜୀବନର ନାନା ଦିଗ ତାଙ୍କ ସାହିତ୍ୟର ପ୍ରସଙ୍ଗ; ହେଉ ସେ କଳା, ପ୍ରକୃତି, ପ୍ରେମ, ସମୟ ବା ବନ୍ଧୁତା ଓ ମଦ୍ୟପାନ। ସବୁଥିରେ କିନ୍ତୁ ସମକାଳୀନତାକୁ ଛୁଇଁ ଛୁଇଁ ବହିଯାଉଥାଏ ଅନନ୍ତ ସମୟ। ଚଳିତ ବର୍ଷ ପ୍ରକାଶ ପାଇଛି ତାଙ୍କର ଉପନ୍ୟାସ 'Kvitleik' (A shinning)। ଜୀବନ ଓ ମୃତ୍ୟୁ ଏହି ଉପନ୍ୟାସର ପ୍ରସଙ୍ଗ। ଫୋସେଙ୍କ ସାହିତ୍ୟିକ ଜୀବନର ସାରସ୍ୱତ ମାଇଲଖୁଣ୍ଟ ଭାବେ ପରିଗଣିତ ଅନ୍ୟ ଉପନ୍ୟାସଟି ହେଉଛି– 'Raudt (Red) Svart' (Black)। ୨୦୨୨ରେ 'ଦ ନ୍ୟୁୟର୍କର'କୁ ଏକ ସାକ୍ଷାତ୍‌କାର ଦେଇ ଫୋସେ କହନ୍ତି: ''ମୋତେ ଲାଗେ ଯେ, ମୁଁ ଯାହା ଲେଖୁଛି, ତାହା ଆଗରୁ ଲେଖା ସରିଛି; ସେସବୁ ଏଇଠି କେଉଁଠି ମୋ' ଆଖପାଖରେ ଅଛି। ଗାଏବ ହୋଇଯିବା ଆଗରୁ ମୁଁ ଲେଖିଦିଏ। 'ବ୍ୟକ୍ତିଗତ'କୁ 'ସାର୍ବଭୌମିକ' ସହ ଯୋଡ଼ିବା ତୃଣମୂଳ ସ୍ତରରେ ବଞ୍ଚୁଥିବା ମଣିଷଙ୍କ ସହ ଏକାତ୍ମ ହେବା ତାଙ୍କୁ ଆଜି ନୋବେଲ ବିଜେତା ସ୍ତରରେ ଉପନୀତ କରାଇଛି। ଯେଉଁମାନଙ୍କର ନିଜକଥା କହିବାର ସ୍ୱ' ନାହିଁ, ସେହିମାନଙ୍କର ସ୍ୱର ଜନ୍ ଫୋସେ। ନୋବେଲ ପ୍ରଶସ୍ତିପତ୍ରରେ ତାଙ୍କ ନାଟକକୁ 'ଅଭିନବ' ଓ ଗଦ୍ୟ 'ଅଣଗତାନୁଗତିକ' କୁହାଯାଇଛି। ନୋବେଲ ସମିତି କହିଛନ୍ତି– ''ପୃଥିବୀରେ ସବୁଠୁଁ ଅଧିକ ନାଟ୍ୟ ପ୍ରଦର୍ଶନ କରିଥିବା ଲେଖକଙ୍କ ମଧ୍ୟରୁ ଫୋସେ ଅନ୍ୟତମ। ନିଜର ନିଆରା ଗଦ୍ୟ ପାଇଁ ସେ ବିଶେଷ ଭାବେ ପରିଚିତ।'' ପୁରସ୍କାରକୁ ସ୍ୱୀକାର କରି ଫୋସେ କହିଛନ୍ତି– ''ଏଥିରେ ମୁଁ ଯେତିକି ଅଭିଭୂତ, ସେତିକି ଭୟଭୀତ। ମୁଁ ଏ ପୁରସ୍କାରକୁ ଆଉ କିଛି ନୁହେଁ, 'ସାହିତ୍ୟକୁ ପୁରସ୍କାର' ଭାବେ ବିବେଚନା କରେ।'' ଫୋସେଙ୍କୁ ଯେତେବେଳେ ମାତ୍ର ସାତବର୍ଷ ବୟସ, ସେ ଏକ ପ୍ରାଣଘାତୀ ଦୁର୍ଘଟଣାର ଶିକାର ହୋଇଥିଲେ, ଯାହା ତାଙ୍କ ଜୀବନର ମାର୍ଗକୁ ସାରସ୍ୱତ ଦିଶାରେ ଅଗ୍ରସର କରାଇଥିଲା। ୨୦୧୨ରେ ସେ କ୍ୟାଥଲିକ୍ ଧର୍ମ ଗ୍ରହଣ କରିଥିଲେ। ଏହା ବି ତାଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିଥିଲା। ୧୯୮୩ରେ ତାଙ୍କ ସାହିତ୍ୟ ଜୀବନର ଅୟମାରମ୍ଭ ହୋଇଥିଲା ତାଙ୍କ ରଚିତ ଉପନ୍ୟାସ 'ରେଡ୍ ବ୍ଲାକ୍'ରୁ। ଏହାର ପରବର୍ତ୍ତୀ ଉପନ୍ୟାସଟି ଥିଲା 'ମେଲାନ୍‌କୋଲି' (ଉଦାସୀ), ଯାହାର ପ୍ରକାଶକାଳ ୧୯୯୫। 'ଉଦାସୀ'ର ଦୁଇଟି ଭାଗ। ଦ୍ୱିତୀୟ ଭାଗଟି ପ୍ରକାଶ ପାଇଥିଲା ୧୯୯୬ରେ। କୁହାଯାଇଛି, ଏହାର ଆଧାର ଜୀବନ ଓ ମୃତ୍ୟୁ। ତାଙ୍କର ପ୍ରଭାବଶାଳୀ ନାଟକଗୁଡିକ ମଧ୍ୟରେ 'ସମ୍ ୱାନ୍ ଇଜ୍ ଗୋଇଙ୍ଗ୍ ଟୁ କମ୍' ଓ 'ଦ ନେମ୍' ଅତି ପ୍ରଖ୍ୟାତ। ଫୋସେଙ୍କ ଆଧୁନିକତାବାଦୀ ଚିନ୍ତା ଓ ବ୍ୟତିକ୍ରମୀ ଗଦ୍ୟଶୈଳୀକୁ ଲକ୍ଷ୍ୟ କରି କେହି କେହି ତାଙ୍କୁ ହେନ୍‌ରିକ୍ ଇବ୍‌ସନ୍‌ଙ୍କ ସହ ତୁଳନା କରିଥା'ନ୍ତି, ଯାହା ଅସତ୍ୟ ନୁହେଁ। ଫୋସେଙ୍କ ଲେଖାରେ ଥାଏ ଏକ ଧାରଣା (idea)। ଗଦା ଗଦା ଉତ୍ସୁକାଣିରେ ଭରା ନୁହେଁ ଏସବୁ। ସମସାମୟିକତାର ସ୍ୱର ଥାଏ ଚାପା ଚାପା କିମ୍ବା ଅଣଦେଖା। ସମୟ ସମୟରେ ଯଦିଓ ତାଙ୍କ ଲେଖାରେ ଥାଏ ମୃତ୍ୟୁ ଭାବନା ଓ ସ୍ଥିତିବାଦୀ




ବିତଳସ୍ପର୍ଶ, ତେବେ ଏହା କଦାପି ଭ୍ରାନ୍ତି ସଞ୍ଚାରକ ନୁହେଁ, ଦ୍ୱେଷାପୂର୍ଣ୍ଣ ନୁହେଁ; ଆଶା ଓ ଆସ୍ଥାରେ ଭରପୂର। ତାଙ୍କ ଲେଖାର ସବୁଠୁଁ ବଡ଼ ବୈଶିଷ୍ଟ୍ୟ ହେଲା, ଏଥିରେ ନିହିତ ଥାଏ ଏକ ମାନବୀୟ ଉଦ୍ଦାମତା, ଏକ ମାନବୀୟ ଭାବନା; ଯାହା ପାଠକର ଅନ୍ତରକୁ ଆପ୍ଲୁତ କରିଦିଏ– ସେଇ ଭାବନାର ମଞ୍ଜି ପ୍ରୋଥିତ ହୋଇ ରହିଥାଏ ଫୋସେଙ୍କ ପ୍ରାୟ ଲେଖାରେ। ପଢ଼ିଦେଲା ମାତ୍ରେ ସେ ଲେଖା ଅନୁରଣିତ ହୋଇଚାଲେ ପାଠକର ଅନ୍ତର୍ଲୋକରେ। ଫୋସେ କହନ୍ତି– 'ସାହିତ୍ୟ ବୈଶିଷ୍ଟ୍ୟପୂର୍ଣ୍ଣ ହୋଇଉଠେ ସେତିକିବେଳେ, ଯେତେବେଳେ ଏକ ମାନବୀୟ ଉଦ୍ଦୀପନା ଲେଖାଟି ଭିତରେ ସଂଚିତ ହୋଇଥାଏ।'' ବିଜ୍ଞାପନର ଭାଷା, ସ୍କୁଲ ବହିର ଭାଷା, ଖବରକାଗଜ ଓ ଗଣମାଧ୍ୟମର ଭାଷା ସବୁ ସ୍ଥିତିରେ ଖାପିଥାଏ। ଏପରି ଖାପିଯିବା ଭଳି ସାମାଜିକ-ପରିସରର ଭାଷାରେ ଲେଖାଯାଉଥିବା ବହିରେ ସମସମୟର ଚମକ ଥାଏ ଏବଂ ସମୟ ସାମାନ୍ୟ ଆଗକୁ ଗଲେ ଏସବୁ ଗତାୟୁ ସମାଜର ଫିକା-ଛବି ମାତ୍ର ହୋଇ ରହେ। ଉଦାହରଣ ସ୍ୱରୂପ, ୧୯୬୦ ଦଶକରେ ଲେଖାଯାଇଥିବା ବହି, ଯେଉଁ ସମୟର ଲେଖା, କେବଳ ସେହି ସମୟର କଥା କହେ; ଯେମିତି ଏକ ଫଟୋ ଯେଉଁ ସମୟର ସେହି ସମୟର ଛାଞ୍ଚକୁ ପ୍ରତିଫଳିତ କରେ। ଏହି କାରଣରୁ ତିଷ୍ଠି ରହିବା ଯେଉଁ ସାହିତ୍ୟର ଲକ୍ଷ୍ୟ ସେ ସାହିତ୍ୟ ତାତ୍କାଳିକତାର ଠାଣି ଭିତରେ ଅଟକି ରହେ ନାହିଁ, ଏକ ସାମାଜିକ ସ୍ଥିତିରେ ସବୁଠି ଖାପିଯାଉଥିବା ଭାଷାବଳୟରେ ବନ୍ଦୀ ହୁଏ ନାହିଁ। ବନ୍ଧନକୁ ସ୍ୱୀକାର କରୁଥିବା ଭାଷା ସାହିତ୍ୟର ଭାଷା ନୁହେଁ, ବନ୍ଧନକୁ ଅମାନ୍ୟ କରୁଥିବା ଭାଷା ସାହିତ୍ୟର ଭାଷା। ଲିଓ ଟଲ୍‌ଷ୍ଟୟଙ୍କ 'ଯୁଦ୍ଧ ଓ ଶାନ୍ତି'ରେ ଯେତେବେଳେ ନାୟକ ପ୍ରିନ୍ସ ଆନ୍ଦ୍ରେଇ ସଙ୍ଗୀତର ଏକ ଝଲକ ମାତ୍ର ଶୁଣି ଲୁହ ଗଡ଼ାଉଛି ଓ ବୁଝିବାକୁ ଚେଷ୍ଟା କରୁଛି ଲୁହର କାରଣ, ସେତେବେଳେ ସେ ଦେଖୁଛି ଏକ ଭୟାନକ ବିରୋଧାଭାସ, ଯାହା ନିଜ ଭିତରର ଅସୀମ ଆନନ୍ତ୍ୟ ଓ ବାହାର ଭୌତିକତାର ବାଧା ମଝିରେ ଲଟକିଛି। ଜନ୍ ଫୋସେଙ୍କର ସମସ୍ତ ଲେଖା ପଛରେ ଏହି ବିରୋଧାଭାସ ହିଁ ହୋଇଥାଏ ପ୍ରେରଣା।

**ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ**
ମୋ: ୯୮୫୩୨୮୭୭୫୫

ଦେଶେବିଦେଶେ

## ପୁସ୍ତକ ପରିଚୟ

### ଶ୍ରୀକ୍ଷେତ୍ରର ମଠ ଇତିହାସ




**ଲେଖକ:** ଡ. ଭାସ୍କର ମିଶ୍ର
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୬୦୦/-

ଶ୍ରୀକ୍ଷେତ୍ରରେ ଅଷ୍ଟମ ଶତାବ୍ଦୀରୁ ପଞ୍ଚଦଶ ଶତାବ୍ଦୀ ମଧ୍ୟରେ ଗଢ଼ିଉଠିଥିବା ବିଭିନ୍ନ ଧର୍ମ ସମ୍ପ୍ରଦାୟ ଦ୍ୱାରା ପ୍ରତିଷ୍ଠିତ ମଠଗୁଡ଼ିକର ଇତିହାସ ସଂଗ୍ରହ ଓ ତା'ର ବ୍ୟାଖ୍ୟାନ ପ୍ରସ୍ତୁତି ଏକ କଷ୍ଟସାଧ୍ୟ କାର୍ଯ୍ୟ ହୋଇଥିଲେ ବି ଡକ୍ଟର ଭାସ୍କର ମିଶ୍ର ନିଜର ବ୍ୟକ୍ତିଗତ ଚେଷ୍ଟା ଓ ଅଧ୍ୟବସାୟରେ ସାଢ଼େ ଛ'ଶହ ପୃଷ୍ଠା ସମ୍ବଳିତ 'ଶ୍ରୀକ୍ଷେତ୍ରର ମଠ ଇତିହାସ' ପ୍ରଣୟନ କରିଛନ୍ତି। ଗ୍ରନ୍ଥରେ ମୋଟ ୫ଟି ପରିଚ୍ଛେଦ ରହିଛି। ପ୍ରଥମ ପରିଚ୍ଛେଦରେ ଶ୍ରୀକ୍ଷେତ୍ରରେ ମଠାନୁଷ୍ଠାନର ଉତ୍ପତ୍ତି ଓ କ୍ରମ ବିକାଶ, ମଠାଧୀଶ ପରମ୍ପରା; ଦ୍ୱିତୀୟ ପରିଚ୍ଛେଦରେ ଶ୍ରୀଗୋବର୍ଦ୍ଧନ ମଠରୁ ଦିଲ୍ଲୀ ବାଳକ ରାମଦାସ ମଠଯାଏଁ ବିବରଣୀ, ତୃତୀୟ ପରିଚ୍ଛେଦରେ ଶ୍ରୀମନ୍ଦିର ଦୈନନ୍ଦିନ ନୀତିରେ ମଠ ସମୂହର ଭୂମିକା, ରଥଯାତ୍ରାରେ ମଠମାନଙ୍କ ଭୂମିକା; ଚତୁର୍ଥ ପରିଚ୍ଛେଦରେ ସନକ ସମ୍ପ୍ରଦାୟ ପରମ୍ପରା, ପଞ୍ଚମ ପରିଚ୍ଛେଦରେ ବିଭିନ୍ନ ସୂତ୍ରରୁ ପ୍ରାପ୍ତ ଶ୍ରୀକ୍ଷେତ୍ରର ମଠ ଓ ସେମାନଙ୍କର ଭୂମିକା ଆଦି ତନ୍ନ ତନ୍ନ କରି ବର୍ଣ୍ଣନା କରାଯାଇଛି। ଗ୍ରନ୍ଥର ଅଭିମତରେ ଏହି ଗ୍ରନ୍ଥ ପ୍ରକାଶ ଦ୍ୱାରା ଉତ୍କଳର ଏକ ଅନାଲୋଚିତ ଅଧ୍ୟାୟ ଇତିହାସରେ ସ୍ଥାନପାଇଛି ବୋଲି କୁହାଯାଇଛି। ଏହି ଗ୍ରନ୍ଥରେ ହୁଏତ ଶ୍ରୀକ୍ଷେତ୍ରରେ ସଂସ୍ଥାପିତ ସବୁ ମଠର ସୂଚନା ନ ଥାଇପାରେ, କିନ୍ତୁ ପରବର୍ତ୍ତୀ ଗବେଷଣା ପାଇଁ ଯେ ଏହା ଏକ ସ୍ଥାୟୀ ଆଧାର, ଏଥିରେ ସନ୍ଦେହ ନାହିଁ। ଯେଉଁମାନେ ଆଧ୍ୟାତ୍ମିକ-ପର୍ଯ୍ୟଟନରେ ଆଗ୍ରହୀ, ତାଙ୍କ ପାଇଁ ଏହା ଏକ ନିର୍ଭରଯୋଗ୍ୟ ଗାଇଡ୍ ବୁକ୍।

### ଟ୍ରାଇବ୍‌ସ ଇନ୍ ଟ୍ରାନ୍‌ଜିଶନ୍




**ଲେଖକ:** ଡ. ବିମ୍ବାଧର ବେହେରା
**ପ୍ରକାଶକ:** କାବ୍ୟଲୋକ
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୦୦/-

ଶହେରୁ ଅଧିକ ପୃଷ୍ଠାର ଏହି ବହିଟି ସଂକଟାପନ୍ନ ଆଦିବାସୀ ସମ୍ପ୍ରଦାୟ, ସେମାନଙ୍କର ଲୁପ୍ତପ୍ରାୟ ଭାଷା ଓ ସଂସ୍କୃତି ବିଷୟକ ଏକ ତଥ୍ୟସମୃଦ୍ଧ ଗ୍ରନ୍ଥ। ମୋଟ ତେରଟି ପରିଚ୍ଛେଦରେ ବିଭକ୍ତ ଏହି ପୁସ୍ତକଟି ଇଂଲିଶ୍ ଭାଷାରେ ରଚିତ ହୋଇଥିବାରୁ ଏହା ଆବିଶ୍ୱ ଆଦିବାସୀ ସଂସ୍କୃତି ପ୍ରତି ଆଗ୍ରହୀ ପାଠିକାପାଠକଙ୍କୁ ଓ ଗବେଷିକା ଗବେଷକମାନଙ୍କୁ ଉଦ୍‌ବୁଦ୍ଧ କରିପାରିବ। ଏଥିରେ ବର୍ଣ୍ଣିତ ବା ଆଲୋଚିତ ପ୍ରସଙ୍ଗ ମଧ୍ୟରେ ଉତ୍ତର ଓଡ଼ିଶାର ଆଦିବାସୀ-ତନ୍ତ୍ର ପରମ୍ପରା, ଭୂୟାଁ ଆଦିବାସୀ ପରମ୍ପରାରେ ନୃତ୍ୟର ଗୁରୁତ୍ୱ, ଜୁଆଙ୍ଗ ସମାଜ-ସାଂସ୍କୃତିକ ଜୀବନରେ ଉନ୍ନୟନମୂଳକ କାର୍ଯ୍ୟର ପ୍ରଭାବ, ଶ୍ରୀଜଗନ୍ନାଥ ସଂସ୍କୃତିରେ ରହସ୍ୟବାଦର ଭୂମିକା, ଆଦିବାସୀ କୃଷି ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଆଦିବାସୀଙ୍କ ସମାଜ-ସାଂସ୍କୃତିକ ଜୀବନରେ ବ୍ୟାଙ୍କ୍-ଅର୍ଥନୀତିର ପ୍ରଭାବ, ଜନସଂଖ୍ୟା ବୃଦ୍ଧି: ସମସ୍ୟା ନୁହେଁ ଶକ୍ତି, ବୈତରଣୀ ନୀଳ-ଉପତ୍ୟକାର ତାତ୍ପର୍ଯ୍ୟ, କେନ୍ଦୁଝରର ଆଦିବାସୀ ପର୍ବ-ପର୍ବାଣି, କୃଷି ଓ ଜଙ୍ଗଲକେନ୍ଦ୍ରିକ ଉତ୍ତର ଓଡ଼ିଶାର ଲୋକସାହିତ୍ୟ, ଆଦିବାସୀ ସଂସ୍କୃତିର ସୁରକ୍ଷା, ଆଦିବାସୀ ଓ ପରିବେଶ ଅଧ୍ୟୟନ ଆଦି ପ୍ରମୁଖତା ବହନ କରିଛି। ଗ୍ରନ୍ଥସ୍ଥ ଆଲୋଚନାଗୁଡ଼ିକ ଲେଖକଙ୍କ ଅଧ୍ୟୟନ ଓ ଅନୁଭୂତିପୁଷ୍ଟ ହୋଇଥିବାରୁ ଓଡ଼ିଶାର ଆଦିବାସୀ ବିଶେଷକରି କେନ୍ଦୁଝର ଓ ମୟୂରଭଞ୍ଜର ଆଦିବାସୀ ଜନଜୀବନ, ଭାଷା ଓ ସଂସ୍କୃତିର ଆକଳନ ପାଠିକାପାଠକ ଓ ଗବେଷିକା-ଗବେଷକଙ୍କ ପାଇଁ ମାର୍ଗଦର୍ଶୀ ସାବ୍ୟସ୍ତ ହେବ ବୋଲି ଆଶା।

## କାଳକାଳକୁ

''ଭଲ ଲେଖା ମୋତେ ଉଦ୍ଦୀପିତ କରେ ଓ ଜୀବନ ବଞ୍ଚିବାରେ ସାର୍ଥକତା ଆଣିଦିଏ।''
– ହାରୋଲ୍‌ଡ ପିଣ୍ଟର୍



**ହାରୋଲ୍‌ଡ ପିଣ୍ଟର୍‌ଙ୍କ** ଜନ୍ମ ୧୦ ଅକ୍ଟୋବର ୧୯୩୦ରେ ଓ ପରଲୋକ ୨୪ ଡିସେମ୍ବର ୨୦୦୮ରେ, ଲଣ୍ଡନରେ। ସେ ଏକାଧାରରେ ଥିଲେ ନାଟ୍ୟକାର, ନିର୍ଦ୍ଦେଶକ, ଚିତ୍ରନିର୍ମାତା ଓ ଅଭିନେତା। ରେଡିଓ, ମଞ୍ଚ, ଟେଲିଭିଜନ ଓ ଚଳଚ୍ଚିତ୍ରରେ ସମଭାବେ ସେ ବିଭିନ୍ନ ଭୂମିକାରେ ସକ୍ରିୟ ଥିଲେ। ଅତ୍ୟନ୍ତ ପ୍ରଭାବଶାଳୀ ଏହି ଆଧୁନିକ ବ୍ରିଟିଶ୍ ନାଟ୍ୟକାରଙ୍କର ବହୁ ପ୍ରଚାରିତ ନାଟକଗୁଡ଼ିକ ମଧ୍ୟରୁ କେତୋଟି ହେଉଛି 'ଦ ବାର୍ଥ ଡେ ପାର୍ଟି' (୧୯୫୭), 'ଦ ହୋମ୍ କମିଙ୍ଗ୍' (୧୯୬୪) ଓ 'ବିଟ୍ରେୟାଲ୍' (୧୯୭୮)। ପଚାଶ ବର୍ଷର ଦୀର୍ଘ ଲେଖକ ଜୀବନ ବିତାଇଥିବା ଏହି ଲେଖକ କହନ୍ତି: ''ମଣିଷ ଜୀବନରେ ମାତ୍ର ଦୁଇଟି ମହାର୍ଘ ଦିନ ଆସେ– ଗୋଟିଏ ତା' ଜନ୍ମଦିନ, ଆଉ ଗୋଟିଏ ଯେଉଁଦିନ ସେ ଆବିଷ୍କାର କରେ କାହିଁକି ତା'ର ଜନ୍ମ।'' ବିଶ୍ୱ ନାଟକକୁ ନିଜର ମହନୀୟ ଅବଦାନ ପାଇଁ ୨୦୦୫ରେ ତାଙ୍କୁ ମିଳେ ସାହିତ୍ୟରେ ନୋବେଲ ପୁରସ୍କାର।

## କବିତା

### ଦେବୀ

**ସନ୍ନ୍ୟାସୀ ନାୟକ**

ଦେବୀ!
ତୁମ ଆବାହନରେ
ଗଜୁରି ଉଠେ
ସଫେଦ ସକାଳ...
ନ୍ୟାୟ ପାଇଁ
ଯନ୍ତ୍ରଣାକ୍ତ ପ୍ରାଣର ବିକଳ...
ସମ୍ଭାବୀ ସମାଧାନର ଗୁଣ ଫଳ...
ମାତୃଶକ୍ତିର ଆବାହନରେ
ପୃଥିବୀରେ ପୂରିଯାଏ ଫୁଲଫଳ...
କାଶତଣ୍ଡୀ ଧାଡ଼ି ଧାଡ଼ି ନାଚଇ ତାଳରେ
ଶରତ ଆକାଶ ଦେଉଥାଏ ତାଳ...

ଯନ୍ତ୍ରଣାକ୍ତ ପତିତା ମାଟିରୁ
ଜନ୍ମନିଏ ମହାବଳ...
ପାପ ନାଶିବାକୁ ଖଣ୍ଡା ଖର୍ପର କରାଳ
ଯୋଗଜନ୍ମା ଅଯୋନି ସମ୍ଭୂତା
ଯା ଦେବୀ ସର୍ବଭୂତେଷୁ ମହାକାଳ...
ଦୁର୍ଜୟ ବାଜାର ତାଣ୍ଡବେ
ଉଗ୍ର ରୂପେ ଥରହର ଧରା
କାକୁସ୍ଥ ପାପୀର ବିକଳ...
ନାଶହୁଏ ପାପ
ଉଶ୍ୱାସର ଭାଗଫଳ...
ଭୋଗିବାକୁ ମଣିଷ
ଚାହିଁଥାଏ ଚିରକାଳ...

ଦେବୀ!
ତୁମ ବିସର୍ଜନରେ
ମଉଳିଯାଏ କାଶତଣ୍ଡୀ...
ଅଚାନକ ବାତ୍ୟାରେ
ପୃଥିବୀକୁ ମାଡ଼ିଆସେ ଦୁର୍ଗତି...
ତୁମ ଦୟାର ଦାୟାଦ
ଦାନବର ପ୍ରତିମୂର୍ତ୍ତି...
ତୁମ ବିସର୍ଜନ ଭସାଣିରେ
ତୁମ ଆଗେ ଉଗ୍ର ମୂର୍ତ୍ତି...
ବାଟଘାଟ ସବୁ ବନ୍ଦ
ଶୁଭୁଥାଏ ମହିଷାସୁର ରଡ଼ି...

ଦେବୀ!
ତୁମ ବିସର୍ଜନ ପରେ
ଆରମ୍ଭ ମହିଷାସୁର ପଟୁଆର...
ପୋଲିସ କର୍ଡନରେ
ବାଣ ରୋଶଣିରେ
ମାତାଲ ସମସ୍ତେ
କିଏ ନୁହେଁ କାହାର...

ଦେବୀ!
ତୁମେ ଆବିର୍ଭୂତା ହେଲେ ପଛେ ହୁଅ
ବିସର୍ଜିତ କେବେ ବି ନହୁଅ...
ସଂସାରରୁ ପାପଭାରା କମାଇବାକୁ
ତୁମ ଆଗମନ ବେଳେ
ତୁମ ବିସର୍ଜନରେ ପାପଭାର ବଢ଼ାଇ ନଦିଅ

ଦେବୀ!
ତୁମ ବିସର୍ଜନରେ ପାପଭାର ବଢ଼ାଇ ନଦିଅ।

ମୋ: ୯୪୩୭୩୫୨୫୬୦

### ଧଉଳିଗିରି

**ହରିଶ୍ଚନ୍ଦ୍ର ବେହେରା**

ଦେଖିବ ଗୋଟେ ଇତିହାସ ପୋଥି
ଥୁଆ ହୋଇଛି ପଥର ଠଣାରେ ସେଇଠି
ଚାହିଁବ ତ ଧୀରେ ଖୋଲିବ ତା' ପୃଷ୍ଠା
କେମିତି ବୋହିପଡ଼ିବ ରକ୍ତ ଜୀର୍ଣ୍ଣ ପତ୍ର ଦେହରୁ

ପାଖରେ ବହୁଛି ଦୟା
ତାକୁ ଆଉ ଯାଚିବନି
ସଧବାର ସିନ୍ଦୂର

ତା' ଆଖିରୁ ସରିଯାଇଛି ଲୁହ
ଆଉ ତାକୁ କନ୍ଦେଇବନି

ପାଖରେ କାନଡେରିବ
ଶୁଣିପାରିବ ତରବାରିର ଝଣତ୍କାର
ଅଶ୍ୱଙ୍କର ହ୍ରେଷା
ଗଜାରୋହୀଙ୍କ ଆସ୍ଫାଳନ
ବେସାହାରା ବିଧବା ଓ ଶିଶୁଙ୍କ କାନ୍ଦଣା

ଏ ମାଟି ଶିଖେଇଥିଲା କରୁଣା
ଜୀବେ ଦୟା
ଜୀବନ ବିନିମୟରେ ମା'କୁ ବଞ୍ଚେଇବାର ବୀରପଣ

କେମିତି ତରଳିଗଲା ଗୋଟେ ପଥର ଛାତି
ଚଣ୍ଡାଳର ହାତରୁ ଖସିପଡ଼ିଲା

ରକ୍ତରଞ୍ଜିତ ତରବାରି
ରେ ରେ କା'ର ହୁଙ୍କାର ତୂର୍ଯ୍ୟନାଦ
ମୁଣ୍ଡରୁ ଦୃପ୍ତ ଶିରସ୍ତ୍ରାଣ
ବିସ୍ତାରବାଦର ସ୍ପର୍ଦ୍ଧା

ସେଇଠି ଚିହ୍ନିପାରିବ କେଉଁଟା କଳିଙ୍ଗ
କେଉଁଟା କଙ୍ଗୋଦ କୋଶଳ କି ଉତ୍କଳ
ପଚାର ତାକୁ କହିଦେବ
କିଏ ଛିଣ୍ଡେଇଦେଲା ଗଙ୍ଗାଠୁ ଗୋଦାବରୀର
ଦର୍ପିତ ମାନଚିତ୍ର
ଗୋଟେ ଶୌର୍ଯ୍ୟଶାଳୀ ଜାତିର

ଏବେ ବି କୁଆଁରୀ ଗୁମ୍ଫାରେ ଜଳେ ନୀଳ ଦୀପ
ସେଇ ସ୍ତିମିତ ଆଲୁଅରେ ଦିଶିଯାଏ ମୁହଁଟିଏ
ସୁନ୍ଦରୀ କାରୁବାକୀର

ମହାକାଳକୁ ସାମ୍ନା କରି ଠିଆହେଇଛି
ଗୋଟେ ରକ୍ତରଞ୍ଜିତ ଇତିହାସ
ଯାହାକୁ ଧୀରେ ଧୀରେ ଘୋଡ଼େଇ ଦେଉଛି
ଅନାବନା ଜଙ୍ଗଲ

ଆମ ପିଲାଏ ଚିହ୍ନିବେ
ହଁ ହଁ ଏ ଗୋଟିଏ ପର୍ଯ୍ୟଟନସ୍ଥଳୀ
ପଢ଼ା ଇତିହାସ ବହିରେ ଅଛି
ଭୂଗୋଳ ମାନଚିତ୍ରରେ ଅଛି
ନାଁ ତା'ର ଧଉଳି।

ମୋ: ୯୪୩୭୮୧୩୭୦୮

## ଲଘୁଗଳ୍ପ

### ପରୀକ୍ଷାର୍ଥୀ

**ଦୀପକ କୁମାର ମହାନ୍ତି**

ଅଫିସ୍ ଯିବା ବାଟରେ ଏକ ସ୍କୁଲ ଫାଟକ ସାମ୍ନାରେ ଲୋକମାନଙ୍କ ଭିଡ଼କୁ ଦେଖି ସୁଧାବାବୁ ଅଟକିଗଲେ। ପଚାରିଲେ, ଏଠି ଏତେ ଭିଡ଼?

ଜଣେ ଭଦ୍ରଲୋକ ଭିଡ଼ ଭିତରୁ ବାହାରି ଆସି ଉତ୍ତର ଦେଲା, ସାର୍! ସ୍କୁଲରେ ମାଟ୍ରିକ୍ ପରୀକ୍ଷା ଚାଲିଛି।

ହଉ, ଠିକ୍ ଅଛି କହି ଗାଡ଼ି ଷ୍ଟାର୍ଟ କରି ଅଫିସ୍‌ମୁହାଁ ହେଲେ ସୁଧାବାବୁ।

ଅଫିସ୍‌ରେ ପହଞ୍ଚି ଦେଖିଲେ, ବଡ଼ବାବୁଙ୍କ ୫ଟା ମିସ୍ କଲ୍।

ଉତ୍କଣ୍ଠାର ସହ ଫୋନ୍‌ଟିକାଢ଼ି ସୁଧାବାବୁ ରିଂ କଲେ। କ'ଣ ହେଲା ବଡ଼ବାବୁ?

ସେପଟୁ ଉତ୍ତର ଆସିଲା– ସୁଧାବାବୁ! ଗତକାଲି ଯେଉଁ ଚିଠିଗୁଡ଼ିକ ପାଇଥିଲେ, ତାକୁ ଶୀଘ୍ର ଫାଇଲରେ ପୁଟ୍‌ଅପ୍ କରିଥିବେ, ଜରୁରୀ ଅଛି। କାଲି ଅଫିସ ଗଲେ ମୁଁ ସେଗୁଡ଼ିକୁ ଦେଖିବି। ଆଜି ଛୁଟିରେ ଅଛି। ପୁଅର ମାଟ୍ରିକ୍ ପରୀକ୍ଷା।

ଯଦି ଏତେ ଜରୁରୀ, ତା'ହେଲେ ଛୁଟିରେ ରହୁଥିଲେ କାହିଁକି? ପୁଅର ପରୀକ୍ଷା ଅଥଚ ବାପା ଛୁଟି ନେଇ ରହିବା କ'ଣ ଦରକାର! ଆଜିକାଲି ଇଏ ଗୋଟେ ଫେଶନ ହେଇଗଲାଣି। ପିଲାମାନେ ପାଠପଢ଼ା ପାଇଁ ଯେତେ ବ୍ୟସ୍ତ ନୁହନ୍ତି, ମା' ବାପାମାନେ ତା'ଠୁଁ ଅଧିକ। ହଠାତ୍ ପିଅନ ଡାକରେ ପ୍ରକୃତିସ୍ଥ ହୋଇ ଏକ ଜରୁରୀ ଫାଇଲ୍ ଧରି ହାକିମଙ୍କ ପାଖକୁ ଗଲେ।

ପରୀକ୍ଷା ସରିଲା। ତା' ପରଦିନ ବଡ଼ବାବୁ ଅଫିସରେ ପହଞ୍ଚୁ ପହଞ୍ଚୁ ସୁଧାବାବୁ ପଚାରିଲେ– ପୁଅର ପରୀକ୍ଷା କେମିତି ହେଲା? ଗଣିତ ପ୍ରଶ୍ନ କେମିତି ପଡ଼ିଥିଲା?

ଟିକିଏ ଗମ୍ଭୀର ରହି ବଡ଼ବାବୁ ଉତ୍ତରଦେଲେ, ସବୁ ଠିକ୍‌ଠିକ୍ ଉତ୍ତର ଦେଇଛି ବୋଲି ତ କହୁଛି। ହେଲେ...

ହେଲେ ପୁଣି କ'ଣ? ସୁଧାବାବୁ ପଚାରିଲେ।

ପ୍ରଶ୍ନ ସହଜ ଥିଲା। କିନ୍ତୁ ପୁଅ ପାଖକୁ ଠିକ୍ ସମୟରେ କାଗଜଟି ପହଞ୍ଚି ପାରିଲା ନାହିଁ। ନ ହେଲେ ସେ ଗଣିତରେ ୧୦୦ରୁ ୧୦୦ ଠିକ୍ ଉତ୍ତର ଦେଇଥା'ନ୍ତା।

କାଗଜ ମାନେ ଆପଣ କପି କଥା କହୁଛନ୍ତି ତ! ଆପଣ ପୁଅକୁ ନୈତିକ ସମର୍ଥନ ଦେବାକୁ ଯାଇଥିଲେ ନା କପି ଦେବାକୁ? ସେ ଗଳାବାଟ ଧରିବାକୁ ଆପଣଙ୍କୁ କିଏ କହିଲା?

ଗଳାବାଟ! ଆଜିକାଲି ତ କୋର୍ଟ, କଚେରିଠାରୁ ଆରମ୍ଭ କରି ବ୍ଲକ, ତହସିଲ, ଥାନା ଓ ଡାକ୍ତରଖାନା ସବୁଠି ଲୋକମାନେ ଯେଉଁ ପରୀକ୍ଷାର ସମ୍ମୁଖୀନ ହେଉଛନ୍ତି ତାହା ନ କହିଲେ ଭଲ। ଗଳାବାଟ ନ ଧରିଲେ ଠିକଣା ଜାଗାକୁ ଯାଇପାରୁ ନାହାନ୍ତି। ସବୁ ଜାଗାରେ ଗଳାବାଟ ଦେଇ ଯାଉଥିବା ଲୋକଟି ସଫଳ ହେଉଛି। ଅକ୍ଳେଶରେ କାମ ହାସଲ କରୁଛି। ତା'ଛଡ଼ା, ସ୍କୁଲରେ କ'ଣ ପାଠପଢ଼ା ହେଉଛି? ଶିକ୍ଷକମାନେ ତ ମାସ ମାସ ଧରି ବିକ୍ଷୋଭ, ଧାରଣା, ହରତାଳ ଏବଂ ରାଜନୀତିରେ ମାତିଲେ। ସ୍କୁଲରେ କୋର୍ସ ସରିଲା ନାହିଁ। ପିଲାମାନଙ୍କ ପାଠପଢ଼ା ବି ଅଧା ରହିଲା। ଫଳରେ ସେମାନଙ୍କ ଡାଉଟ୍ କ୍ଲିୟର ହେଲା ନାହିଁ। ପରୀକ୍ଷାରେ ପାସ୍ କରିବେ କେମିତି?



ସୁଧାବାବୁ କିଛି କହିବାକୁ ଆଗଭର ହେଉଥିବା ବେଳେ ବଡ଼ବାବୁ ନିଜ ଟେବୁଲ ଉପରେ ଫାଇଲ୍‌ଗୁଡ଼ିକ ଥୁଆ ହୋଇଥିବାର ଦେଖି ପଚାରିଲେ– ଏତେଗୁଡ଼ାଏ ଫାଇଲ? ଏ ସବୁ କାହାର? ଫାଇଲ୍‌ଗୁଡ଼ିକ ଫେରିଲା, ନା ହାକିମଙ୍କ ନିକଟକୁ ଯିବ?

ବଡ଼ବାବୁ! ସେ ଫାଇଲ୍‌ଗୁଡ଼ିକ ହାକିମଙ୍କ ପାଖକୁ ଯିବ। ସେଥିରେ ମୋର ଗୋଟିଏ ଜରୁରୀ ଫାଇଲ୍ ଅଛି। ସେଇଟା ଆଗ ଦେଖି ହାକିମଙ୍କ ନିକଟକୁ ପଠାଇଦିଅନ୍ତୁ। ଆସନ୍ତାକାଲି ସଚିବଙ୍କ ରିଭ୍ୟୁ ମିଟିଂ ଅଛି। ତା'ଛଡ଼ା କାର୍ଯ୍ୟବ୍ୟସ୍ତତା ଭିତରେ ମୁଁ ଆପଣଙ୍କୁ ଗୋଟେ କଥା କହିବାକୁ ଭୁଲିଯାଇଛି। ଗତକାଲି ଜଣେ ଭଦ୍ରଲୋକ ଆସିଥିଲେ। ସେ ଆପଣଙ୍କୁ ଖୋଜୁଥିଲେ, ଗୋଟିଏ ଫାଇଲ୍‌ର ଷ୍ଟାଟସ୍ ଜାଣିବା ପାଇଁ। ବହୁତ ସମୟ ଅପେକ୍ଷା କଲେ। ସେ ଦେଇଥିବା ଲଫାପାଟି ଆପଣଙ୍କ ଟେବୁଲ ଡ୍ରୟାରରେ ରଖିଦେଇଛି। ତାଙ୍କ ଫାଇଲ୍‌ଟି ଟିକେ ଦେଖିବେ।

ବସିଥିବା ଟେବୁଲ ଡ୍ରୟାରଟିକୁ ଟାଣି ଆଣି ବଡ଼ବାବୁ ହସି ହସି କହି ଉଠିଲେ– ଠିକ୍ ଅଛି, ମୁଁ ଦେଖୁଛି।

ମୋ: ୯୪୩୮୩୨୯୦୫୯

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୪ ଅକ୍ଟୋବର, ୨୦୨୩




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଶ୍ରେୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଂଗ୍ରେସରେ ଯୋଗଦେଲେ ଅନ୍ୟ ଦଳର କର୍ମୀ

**ଗୋପାଳପୁର,୧୩।୧୦ (ନବୀନ ରାଜ ଆଚାରୀ)**

ଗୋପାଳପୁର ନିର୍ବାଚନ ମଣ୍ଡଳୀ ଶାସନପଦର ପଞ୍ଚାୟତ କଲ୍ୟାଣୀ ମଣ୍ଡପଠାରେ ଶୁକ୍ରବାର କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଡ. ଶମ୍ଭୁ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଗ୍ରାମ ପରିକ୍ରମା କରି 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ' କାର୍ଯ୍ୟକ୍ରମ କରାଯିବା ସହ ପଦଯାତ୍ରାରେ ବାହାରି ଘରକୁ ଘର ଯାଇ ଲୋକଙ୍କୁ ବୁଝାଇଥିଲେ। ପରେ ମିଶ୍ରଣ ପର୍ବରେ କଂଗ୍ରେସ ଦଳର ସଂଗଠନକୁ ଆହୁରି ସୁଦୃଢ କରିବ ବୋଲି ପାଣିଗ୍ରାହୀ କହିଛନ୍ତି। ବିଜେଡି, ଭାଜପା ଦଳ କର୍ମୀମାନେ ଦଳ ଛାଡି କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ଗୋପାଳପୁର ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ହାତ ମୁଠାକୁ ଟାଣ କରିବା ପାଇଁ ପାଣିଗ୍ରାହୀ ଆହ୍ୱାନ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ବିଜେଡିର ଶାସନପଦର ସେବା ସମବାୟ ସମିତର ସଭାପତି ବିନୋଦ ଚନ୍ଦ୍ର ପାଢ଼ୀ, ବୃନ୍ଦାବନ ନାୟକ, ତପନ ମଲଣା, ପ୍ରଭାତ ପାଢ଼ୀ, ପୂର୍ବତନ ସରପଞ୍ଚ ଲୋକନାଥ ବେହେରା, ଅରୁଣ କୁମାର ନାୟକ, ରବୀନ୍ଦ୍ର ନାୟକ, ଗାଣ୍ଡୁ ନାୟକ, ଗଣେଶ ନାୟକ, ୱାର୍ଡ ସଭ୍ୟ କାଳୁ ନାୟକ କଂଗ୍ରେସ ଦଳରେ ସାମିଲ ହୋଇଥିଲେ।



କଂଗ୍ରେସର ମିଶ୍ରଣ ପର୍ବରେ ସାମିଲ ହୋଇଥିବା କର୍ମୀ।




ଏଏପି ନେତା ସଞ୍ଜୟ ସିଂଙ୍କ ଗିରଫକୁ ବିରୋଧ କରି ଦଳୀୟ କର୍ମୀମାନେ ନୂଆଦିଲ୍ଲୀଠାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଓପିସିସି ଅନୁସୂଚିତ ଜାତି ବିଭାଗ**

# ସାମାଜିକ ଗଣମାଧ୍ୟମ ରାଜ୍ୟ କମିଟି

**ଭୁବନେଶ୍ୱର, ୧୩।୧୦(ସୁନିତ୍ ମିଶ୍ର)**

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ରାଜେଶ ଲିଲୋଠିଆଙ୍କ ଅନୁମୋଦନକ୍ରମେ ଶୁକ୍ରବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ଅନୁସୂଚିତ ଜାତି ବିଭାଗର ସୋସିଆଲ୍ ମିଡିଆର ରାଜ୍ୟ କମିଟି ଗଠନ କରାଯାଇଛି। ଏହି କମିଟିରେ ଆବାହକ ଭାବେ ମଲିକ ଏନାମେଲ୍, ଝରିଆ ନାଏକ ରହିଥିବା ବେଳେ ରମାକାନ୍ତ ନାଏକ, ବୀରେନ ପଶାୟତ, ଗଣେଶ ସାହୁ, ମଲିକ୍ ଇମ୍ତିଆଜ୍, ନାସିମ୍ ଅମହଦ୍ ଖାନ୍, ଏଜାଜ୍ ମଲିକ୍, ଏସ୍.କେ. ଅତିଉର୍ ରେହମାନ୍, ମନୋରଞ୍ଜନ ସିଂହ, ଚନ୍ଦ୍ରଶେଖର ତାଣ୍ଡି, ସମ୍ପଦ ପୋଢ଼, ଡାକେଶ୍ୱର ଲେହେଜାଲ୍, ଉମାକାନ୍ତ ମାଝି, ବିନୋଦ ନାଏକ ସଂଯୋଜକ ଭାବେ ରହିଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ଭାବେ ବିଜୟ କୁମାର ମଲିକ, ଡକ୍ଟର ବିଭାର, ଏହେସାନ୍ ଅଲି, ଏସ୍.କେ. ସଦାମ୍, ସବ୍ନମ୍ ବେଗମ୍, ଅବଦୁଲ୍ ମସିମ୍ ଖାନ୍, ଏସ୍.କେ. ସିଦ୍ଦିକି, ଲମ୍ବୋଦର ମାଝି, ପତିତପାବନ ପ୍ରଧାନ,ପ୍ରଦୀପ ସିଙ୍କା, ସଚ୍ଚିଦାନନ୍ଦ ସାହୁ, ରାଜକିଶୋର ବେଦୀ, ଅନ୍ତର୍ଯାମୀ ମାଝି, ନୁରେନ୍ ତନ୍ତି, ଅନିଲ୍ ମହାନ୍ତ ରହିଛନ୍ତି। ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା ଅଭିନନ୍ଦନ ଜଣାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# କଂଗ୍ରେସକୁ ଫେରିବେ ପଞ୍ଜାବର ପୂର୍ବତନ ମନ୍ତ୍ରୀ

**ଚଣ୍ଡିଗଡ଼,୧୩।୧୦**



ରାଜ କୁମାର ଭେର୍କା

ଆଗାମୀ ଲୋକ ସଭା ନିର୍ବାଚନ ପୂର୍ବରୁ ପଞ୍ଜାବରେ ଭାରତୀୟ ଜନତା ପାର୍ଟି(ଭାଜପା)କୁ ଏକ ଝଟ୍‌କା ଲାଗିଛି। ପୂର୍ବତନ ମନ୍ତ୍ରୀ ରାଜ କୁମାର ଭେର୍କା ପୁଣି ପୁରୁଣା ଦଳକୁ ଫେରିବା ନେଇ ଶୁକ୍ରବାର ଘୋଷଣା କରିଛନ୍ତି। ୨୦୨୨ବିଧାନସଭା ନିର୍ବାଚନରେ ପରାଜୟର ସମ୍ମୁଖୀନ ହେବା ପରେ ଭେର୍କା ହାତ ଛାଡି ପଦ୍ମ ଧରିଥିଲେ। ସେ କହିଛନ୍ତି, ଅନେକ ଦିନ ଚିନ୍ତା କରିବା ପରେ ଭାଜପା ଛାଡୁଛି। କଂଗ୍ରେସ ଦଳରେ ଯୋଗଦେବାକୁ ଯୋଜନା କରୁଛି। ଆଉ ଏଥିନେଇ ଦିଲ୍ଲୀ ଯାଉଛି। ଭେର୍କାଙ୍କ କଂଗ୍ରେସରେ ଯୋଗଦାନ ସମ୍ପର୍କରେ ପଞ୍ଜାବ ଭାଜପା ମୁଖପାତ୍ର ଅନିଲ ସରିନ କହିଛନ୍ତି ଏହା ଦୁର୍ଭାଗ୍ୟଜନକ। ଯେତେବେଳେ ସେ ଭାଜପାରେ ଯୋଗ ଦେଇଥିଲେ ସେତେବେଳେ ତାଙ୍କୁ ସମ୍ମାନ ଦିଆଯାଇଥିଲା।

# ଭାଜପାର ଗଣ ଆନ୍ଦୋଳନ



ହଳଦୀପଦା ପଞ୍ଚାୟତ ଅଫିସ ସମ୍ମୁଖରେ ଭାଜପାର ଗଣ ଆନ୍ଦୋଳନ।

**ରୂପସା,୧୩।୧୦(ବାଞ୍ଛାନିଧି ଦେ)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ପଞ୍ଚାୟତ ଅଫିସ ସମ୍ମୁଖରେ ଶୁକ୍ରବାର ସଦର ଭାଜପା ପକ୍ଷରୁ ଗଣଆନ୍ଦୋଳନ କରାଯାଇଛି। ରାଜ୍ୟସରକାରଙ୍କ ଦୁର୍ନୀତି ଏବଂ ଭ୍ରଷ୍ଟାଚାର ବିରୁଦ୍ଧରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀ ଏକ ବିଶାଳ ଶୋଭାଯାତ୍ରାରେ ଆସି ପଞ୍ଚାୟତ ଅଫିସ ସମ୍ମୁଖରେ ପହଞ୍ଚିଥିଲେ।

ଆୟୋଜିତ ପ୍ରତିବାଦ ସଭାରେ ମାନସ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଗତ ୨୩ ବର୍ଷ ଧରି ଓଡ଼ିଶାରେ ଦୁର୍ନୀତି, ଭ୍ରଷ୍ଟାଚାର, ଅସାମ୍ବିଧାନିକ ସରକାର ଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ବିକାଶ ପାଇଁ ଗତ ୯ ବର୍ଷରେ ପର୍ଯ୍ୟାପ୍ତ ପରିମାଣରେ ଆର୍ଥିକ ଅନୁଦାନ ସମେତ ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ବହୁ ଜନ କଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରୀ କରିଛନ୍ତି। ମାତ୍ର ଓଡ଼ିଶା ସରକାର ବିକାଶରେ ବାଧକ ସାଜିଥିବାରୁ ଦୁର୍ନୀତିଗ୍ରସ୍ତ ଓ ଭ୍ରଷ୍ଟାଚାରୀ ବିଜେଡି ସରକାରଙ୍କୁ ଜନତା ଆଗାମୀ ଦିନରେ ଉଚିତ୍ ଜବାବ ଦେବେ ବୋଲି କହିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ମଣ୍ଡଳ ପ୍ରଭାରୀ ଗଙ୍ଗାଧର ରାଉତ, ବରିଷ୍ଠ ନେତା ଗୌରାଙ୍ଗ ଦାସ, ରାଜେନ୍ଦ୍ର ଚାଟାର୍ଜୀ, ପଞ୍ଚାୟତ ସଭାପତି ବିଜୟ ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ କାର୍ତ୍ତିକ ପ୍ରଧାନ ଓ ଅନ୍ତର୍ଯ୍ୟାମୀ ବେହେରା, ରେବତୀ ମୁଣ୍ଡା, ସ୍ମରଣିକା ଜେନା ପ୍ରମୁଖ ଉପସ୍ଥିତ ଥିଲେ।


## CLASSIFIED DISPLAY

MORE SPACE • SAME PRICE

TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500 | 2,000 | 6,000 | 12,000 | 12,000 | 25,000 | 20,000 | 40,000 |

## BIJAYA FINANCE

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%

Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱ.ପ୍ରଭାତ ନଳିନୀ ମହାଖୁଡ଼ (ଝୁନୁ)
ସ୍ୱାମୀ: ଭଗବାନ ମହାଖୁଡ଼
ମ୍ୟୁନିସିପାଲିଟି ରୋଡ୍, ଢେଙ୍କାନାଳ
ଆବିର୍ଭାବ: ୦୮।୧୦।୧୯୫୫
ତିରୋଧାନ: ୧୭।୦୯।୨୦୨୦
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୪୦୯୮

**2nd Death Anniversary**



LATE NABANITA DEY (MAMONI)
Kokila Home, Pokhariput
Bhubaneswar
Born: 20.11.1983 (Kartik Purnima)
Death: 06.10.2021 (Mahalaya Amavashya)
Days will pass and turn into years..... but we will always remember you with silent tears. Missing You !
In Grief
Satyajit Dey (Father)
Rita Dey (Mother)
and Rajiv Mitra (Husband)
ଧ-୭୫୧୫୮


# ବିରୋଧୀମାନେ ବି ଯୋଜନାରୁ ସୁଫଳ ପାଉଛନ୍ତି: ବିଜେଡି




ସଭାରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

**ତିହିଡ଼ି, ୧୩।୧୦(ସଙ୍ଗୀତ ବଳ)**

ରାଜ୍ୟ ସରକାର ଲୋକଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ତେବେ ଏହି ଯୋଜନାକୁ ବିରୋଧ କରୁଥିବା ବିରୋଧୀମାନେ ବି ସେଥିରୁ ଉପକୃତ ହେଉଛନ୍ତି ବୋଲି ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ୯ ପଞ୍ଚାୟତରେ ଶୁକ୍ରବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅବସରରେ ଅନୁଷ୍ଠିତ ସଭାରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ କହିଛନ୍ତି। ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ସାଧାରଣ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବାକୁ ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲା ଉପସଭାପତି ସୁରେନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସୁମତୀ ସେଠୀ, ବ୍ଲକ ସଭାପତି ରଘୁନାଥ ପଣ୍ଡା, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରବୀର ନାୟକ, ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, ଲକ୍ଷ୍ମୀପ୍ରିୟା ସାମଲ, ତାପସ ବେହେରା, ସମିତିସଭ୍ୟ ପ୍ରିୟବନ୍ଧୁ ମାଝୀ, ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକ, ଶିକ୍ଷାବିତ୍ ସୁରେନ୍ଦ୍ର ନାୟକ, ବରିଷ୍ଠ ନେତା କମଳାକାନ୍ତ ସ୍ୱାଇଁ, ଶରତ ଦାସ, ଯୁବନେତା ଶୁଭେନ୍ଦୁ ମଲ୍ଲିକ, ଅଭୟ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପୂର୍ବତନ ସରପଞ୍ଚ କୀର୍ତ୍ତନ ରାଉତ, ବୈକୁଣ୍ଠନାଥ ପାଣି, କମଳାକାନ୍ତ ଲେଙ୍କା, ଛନ୍ଦାଚରଣ ନାୟକ, ବିପିନ ବେହେରା, ଲଳିତ ମୋହନ ନାୟକ, ଗଣେଶ ପ୍ରସାଦ ନାୟକ, ଉମାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସମିତିସଭ୍ୟା ତିଲୋତ୍ତମା ବେହେରା ଧନ୍ୟବାଦ ଦେଇଥିଲେ।

# ବିଜେଡିର ପଦଯାତ୍ରା

**ଯାଜପୁର ଟାଉନ,୧୩।୧୦ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)**

ଯାଜପୁର ବ୍ଲକ୍ ଅଧୀନ ୩୨ ନମ୍ବର ଜୋନରେ ଶୁକ୍ରବାର ବିଜେଡିର ଏକ ଜନସମ୍ପର୍କ ପଦଯାତ୍ରା ବରିଷ୍ଠ ନେତା ତଥା ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଜୋନ ବିଚିତ୍ରପୁର ପଞ୍ଚାୟତ କାର୍ଯ୍ୟାଳୟର ମଙ୍ଗଳାମନ୍ଦିରଠାରୁ ଶତାଧିକ କର୍ମୀ ପଦଯାତ୍ରାରେ ବାହାରି ଯାଜପୁର ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ବାର୍ତ୍ତା ଜନତାଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ପଦଯାତ୍ରା କରାଯାଇଥିଲା।

ଏଥିରେ ୩୨ ନମ୍ବର ଜୋନରେ ଥିବା ୬ ପଞ୍ଚାୟତ ଯଥା ; ବିଚିତ୍ରପୁର, ଖଇରାବାଦ, ଜାଫରପୁର, ମାର୍କଣ୍ଡପୁର, ବାସୁଦେବପୁର, ଯାହାନପୁର ଆଦି ଅଞ୍ଚଳର ବରିଷ୍ଠ ନେତା, ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡା, ସମିତିସଭ୍ୟା ଇନ୍ଦୁଲତା ସାହୁ, ପର୍ଯ୍ୟବେକ୍ଷକ ଦିଲୀପ କୁମାର ଜେନା, ଜିଲା ବିଜେଡି ଉପସଭାପତି ପ୍ରକାଶ କୁମାର ତ୍ରିପାଠୀ, ଯାଜପୁର ବ୍ଲକ୍ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡା, ବ୍ଲକ୍ ସଭାପତି ପରେଶ କୁମାର ବିଶ୍ୱାଳ, ଗଣେଶ ଚନ୍ଦ୍ର ମହାକୁଡ, ଅନିଲ କୁମାର ସାହାଣୀ, ତୁଷାରକାନ୍ତି ପରିଡ଼ା, ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ସାମଲ, ସଞ୍ଜୀବ କୁମାର ସାହୁ, ମହେଶ୍ୱର ସାହୁ, ସୁଧାକର ନାୟକ, ବିଜୟ କୁମାର ପଣ୍ଡା, ବସନ୍ତ କୁମାର ସ୍ୱାଇଁ, ସୁଧାଂଶୁ କୁମାର ଆଚାର୍ଯ୍ୟ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ସରପଞ୍ଚ କାହ୍ନୁଚରଣ ତରାଇ, ଦେବଦତ୍ତ ଦାସ, ବିଜେଡି ମହିଳା ଜିଲା ଉପସଭାପତି ସସ୍ମିତା ସାହୁ ଓ ଜାଫରପୁର ସରପଞ୍ଚ ସାଗରିକା ପାତ୍ରଙ୍କ ସମେତ ଦଳର କର୍ମୀ, ବରିଷ୍ଠ ନେତୃବୃନ୍ଦ, ବିଜୁ ଯୁବ, ଛାତ୍ର, ମହିଳା ଏବଂ ଜନପ୍ରତିନିଧି ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## ବିନୋଦ କୋରାପୁଟ ଜିଲା କଂଗ୍ରେସ କମିଟି ମୁଖ୍ୟ ମୁଖପାତ୍ର

**ଭୁବନେଶ୍ୱର, ୧୩।୧୦(ସୁନିତ୍ ମିଶ୍ର):** କୋରାପୁଟ ଜିଲା କଂଗ୍ରେସ କମିଟିର ଗଣମାଧ୍ୟମ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ପକ୍ଷରୁ ପଦକ୍ଷେପ ନିଆଯାଇଥିବା ସୂଚନା ଦିଆଯାଇଛି। ଓପିସିସି ସଭାପତି ଶରତ ପଟ୍ଟନାୟକ ଶୁକ୍ରବାର ରୂପକ ତୁରୁକଙ୍କ ସ୍ଥାନରେ ବିନୋଦ ମହାପାତ୍ରଙ୍କୁ କୋରାପୁଟ ଜିଲା କଂଗ୍ରେସ କମିଟିର ମୁଖ୍ୟ ମୁଖପାତ୍ର ଭାବରେ ନିଯୁକ୍ତି ଦେଇଛନ୍ତି।


# Classified Everyday

0674-2580101, 2549949



AUTOMOBILE

**SALE**

TATA HYVA (Model-3118) 2018, 5 Nos., TATA HYVA (Model-2518) 2016, 4 Nos. - 9348369473, 7504690838. D-75235



REAL ESTATE

**SALE**

ଭୁବନେଶ୍ୱର Gita College ନିକଟ Gridco Colony/ Infocity-2 ପାଖରେ ପ୍ଲଟ୍ sqft. 520/- ବିକ୍ରିହେବ। 8917351078. D-75237

**4 Bedroom new Construction individual duplex house sale at Gita Engineering College, NH-5 Goharia Chhak, Bhubaneswar, cost@85lac (land area-1560sqft, built up-2426sqft). Mob-9938867397.** D-1555

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ଏବଂ ଗଙ୍ଗପଡା ପାଖରେ ସ୍ଥିତିବାନ୍ possession plot କିଣି ଘର କରନ୍ତୁ। Contact: 9777067303. D-1513

**ଘରବାରି ବାସୋଉପଯୋଗୀ ପାଚେରି, ଇଲେକ୍ଟ୍ରିସହ ଭୁବନେଶ୍ୱର ନିୟୁରେଲଓ୍ୱେ ଷ୍ଟେସନ୍ ନିକଟରେ ପ୍ଲଟ୍ ସୁଲଭମୂଲ୍ୟରେ ଉପଲବ୍ଧ ଅଛି। ସମ୍ପର୍କ କରନ୍ତୁ। 9439924161.** D-75236

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot-300/-. 7978663279. D-75231

Duplex sale at Bhubaneswar @ 57 lakhs only. Contact: 9777433701. D-75232

**ପୁରୀ ଶ୍ରୀମନ୍ଦିର ପାଖରେ Furnished One Bedroom new flat with Kitchen & Bathroom ମାତ୍ର 25 ଲକ୍ଷ (Negotiable). Only genuine buyer contact: 9438220432/ 8144658008.** D-1557

Kantabada Chhak Sparsh Hospital ପାଖରେ sthitiban plot Electricity ସହିତ ମିଳୁଅଛି। Contact: 8917697736, 9439101373. D-1428

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



CONSTRUCTION

**Construct your home 850/-, 1340/- which includes Architecture structure along with 3 years FMC, provide BDA Plan approval, boring- SNV Construction- 9439295469.** D-75226




Newly open health benefits Spa special offer @ 999. Contact: 7749034655. D-75157

Spa Kerala body Massage only best Therapist @699/- Bhubaneswar. 9337672475. D-1535

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75051

**Full body massage by expert therapist positively health benefits. 9938843929.** D-75159

Newly open spa positively Health benefits with expert therapist. 9040286886. D-75152

**Relax, Refresh your body, Mind at Saikrupa Spa with best therapies. 8984068077.** D-1502




**Padhy pest Controllers Bumper Offer for anti-termite treatment with 5years warranty @ 3.50per sqft. from 16.10.23 to 21.10.23. Contact: 9515883819.** D-75154

**LOST**

Mouza- Puba Sasan, Plot No.-104/2129, vide deed No.- 1069 dated 21.05.1999 missing place- on dated 01.10.2023 near Uttara Chowk. Contact No.- 8093176616. D-1560

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit sworn before the Executive Magistrate, BBSR, dated 12.10.2023, I, Sasmita Rani Samal, W/o- Pramoda Kumar Swain declare that I have changed my surname from Sasmita Rani Swain to Sasmita Rani Samal. Henceforth I shall be known as Sasmita Rani Samal for all purposes. D-1554

ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଟାଙ୍ଗୀଙ୍କ ପାଖରେ ଶପଥ କରୁଅଛିକି ମୁଁ ଝୁନା ଜେନା, ପି: ଧ୍ରୁବ ଜେନା, ଗ୍ରା- ଓସ୍ତପଡ଼ା, ପୋ- କମାଗୁରୁ, ଜି: ନୟାଗଡ଼, ମୋର ପୂର୍ବନାମ ଓ ଠିକଣାକୁ ବଦଳାଇ ଉଲୀ ବିଶ୍ୱାଳ, ସ୍ୱା: ଦିନେଶ ବିଶ୍ୱାଳ, ଗ୍ରା: ତେଲେଙ୍ଗାପଡ଼ା, ପୋ: ଗଡ଼ଖାରଦ, ଜି: ପୁରୀ କରୁଅଛି ଏହା ପ୍ରତ୍ୟେକ ସରକାରୀ ଓ ବେସରକାରୀ ସମସ୍ତ କାର୍ଯ୍ୟରେ ଆସିବ। ଧ- ୧୪୬୧

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



# ଅହମଦାବାଦରେ ଫେଭରିଟ୍ ଟିମ୍ ଇଣ୍ଡିଆ

ଅହମଦାବାଦ,୧୩।୧୦(ପି.ଟି.)

ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ବହୁ ପ୍ରତୀକ୍ଷିତ ଭାରତ-ପାକିସ୍ତାନ ମ୍ୟାଚ୍ ଅହମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଆତଙ୍କବାଦ, ରାଜନୀତି ଓ ସୀମା ବିବାଦକୁ ନେଇ ଦ୍ୱିପାକ୍ଷିକ କ୍ରିକେଟ ହେଉ ନ ଥିବା ବେଳେ ଆଇସିସି ଟୁର୍ନାମେଣ୍ଟକୁ ଫ୍ୟାନ୍‌ମାନେ ଚାତକ ଭଳି ଅନାଇ ରହିଥାନ୍ତି। ଏଭଳି ପରିସ୍ଥିତିରେ ବିଶ୍ୱର ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମ ସବୁଠୁ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍ ଆୟୋଜନ କରିବା ପାଇଁ ପ୍ରସ୍ତୁତ। ରେକର୍ଡକୁ ଦେଖିଲେ ଅହମଦାବାଦରେ ଟିମ୍ ଇଣ୍ଡିଆ ହିଁ ଫେଭରିଟ୍ ରହିବ। ତେବେ ମ୍ୟାଚ୍ ଦିନର ପ୍ରଦର୍ଶନ ଉପରେ ସଭିଙ୍କ ନଜର ରହିବ। କାଗଜ କଲମରେ ଭାରତ ଅଧିକ ଶକ୍ତିଶାଳୀ ଏଥିରେ କୌଣସି ଦ୍ୱିମତ ନାହିଁ। ଭାରତୀୟ ବ୍ୟାଟିଂ ଲାଇନ୍ ଅପ୍ ବର୍ତ୍ତମାନ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଆକ୍ରମଣ। ତେବେ ପାକିସ୍ତାନର ଦ୍ରୁତ ବୋଲିଂ ମଧ୍ୟ ସମାନ ଢଙ୍ଗରେ ଶକ୍ତିଶାଳୀ। ଭାରତୀୟ ଟପ୍‌ଅର୍ଡର ଓ ଶାହିନ୍ ଶାହ ଆଫ୍ରିଦିଙ୍କ ଓପନିଂ ସ୍ପେଲ୍ ଉପରେ ସଭିଙ୍କ ନଜର ରହିବ। ଦିନିକିଆ ବିଶ୍ୱକପ୍‌ରେ ଉଭୟ ଦଳ ଅଦ୍ୟାବଧି ୭ ଥର ସାମ୍ନାସାମ୍ନି ହୋଇଥିବା ବେଳେ ପ୍ରତ୍ୟେକ ଥର ବାଜିମାରି ନେଇଛି ଭାରତ। ଶନିବାର ଏହି ଅଗ୍ରଣୀକୁ ୮-୦କୁ ବୃଦ୍ଧି କରିବାକୁ ଚାହିଁବ ଭାରତୀୟ ଦଳ।

ଜାଭେଦ୍ ମିଆଁଦାଦ-ଚେତନ ଶର୍ମା, ସଲିମ୍ ମଲିକ-ମନିନ୍ଦର ସିଂ, ଅଜୟ ଜାଡେଜା-ୱାକାର ୟୁନିସ, ସଚିନ ତେନ୍ଦୁଲକର-ଶୋଏବ ଅଖତର, ବିରାଟ କୋହଲି-ୱାହାବ ରିଆଜ୍‌ଙ୍କ ଠାରୁ ମୁକାବିଲା ଆସି ବିରାଟ କୋହଲି-ଶାହିନ୍ ଆଫ୍ରିଦିଙ୍କ ପର୍ଯ୍ୟନ୍ତ ପହଞ୍ଚିଛି। ତଥାପି ବି ବିଶ୍ୱର କ୍ରିକେଟ ଫ୍ୟାନ୍‌ଙ୍କ ନିକଟରେ ଭାରତ-ପାକିସ୍ତାନ ଲଢେଇ ସର୍ବଦା ସ୍ୱତନ୍ତ୍ର।

ପାକିସ୍ତାନ ବୋଲର ଶାହିନ୍ ଶାହ ଆଫ୍ରିଦି ନିଜର ଓପନିଂ ସ୍ପେଲ୍‌ରେ ଅତ୍ୟନ୍ତ ଭୟଙ୍କର ବୋଲର। ଲାଇନ୍, ଲେନ୍ଥ ଓ ରିଦିମ ପ୍ରାପ୍ତ ନ କରିଲେ ଶାହିନଙ୍କୁ ଅଟକାଇବା ଅସମ୍ଭବ। ତେବେ ୧ ଲକ୍ଷ ୩୨ ହଜାର ଭାରତୀୟ ସମର୍ଥକଙ୍କ ସମ୍ମୁଖରେ ରୋହିତ ଶର୍ମା ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରି ଶାହିନ୍‌ଙ୍କ ଲାଇନ ବିଗାଡିବାକୁ ପ୍ରୟାସ କରିବେ। ଅନ୍ୟତମ ଓପନର ଶୁବମାନ ଗିଲ୍ ଡେଙ୍ଗୁରୁ ସୁସ୍ଥ ହୋଇଥିଲେ ମଧ୍ୟ ଏଯାଏ ସମ୍ପୂର୍ଣ୍ଣ ଫିଟ୍ ହୋଇନାହାନ୍ତି। ଗିଲ୍ ଫିଟ୍ ନ ହେଲେ ଇଶାନ କିଶନଙ୍କୁ ଲଗାତର ତୃତୀୟ ମ୍ୟାଚ୍‌ରେ ବ୍ୟାଟିଂ ଓପନ କରିବାକୁ ସୁଯୋଗ ମିଳିବ। ପାୱାର ପ୍ଲେରେ ଶାହିନ୍‌ଙ୍କ ରିଦିମ୍ ଖରାପ ହେଲେ ଭାରତର ମ୍ୟାଚ୍ ଜିତିବାର ସମ୍ଭାବନା ବୃଦ୍ଧି ପାଇବ। ଏହା ସହିତ ଓପନିଂରେ ଭଲ ପାର୍ଟନରଶିପ୍ ହେବା ଦ୍ୱାରା ବିରାଟ କୋହଲି, ଶ୍ରେୟସ ଆୟାର ଓ ଲୋକେଶ ରାହୁଲଙ୍କ ପାଇଁ ଏକ ଭଲ ପ୍ଲାଟ୍‌ଫର୍ମ ମଧ୍ୟ ମିଳିବ। ଭାରତୀୟ ସ୍ପିନ୍ ଆକ୍ରମଣ ବେଶ୍ ଶକ୍ତିଶାଳୀ ରହିଥିବା ବେଳେ ପାକିସ୍ତାନ ସ୍ପିନରମାନେ ଫର୍ମରେ ନାହାନ୍ତି। ପାକିସ୍ତାନ ଉପଅଧିନାୟକ ଶଦାବ ଖାନ୍ ଆଦୌ ଫର୍ମରେ ନ ଥିବା ବେଳେ ଏହା ଭାରତୀୟ ବ୍ୟାଟରଙ୍କୁ ଆତ୍ମବିଶ୍ୱାସ ପ୍ରଦାନ କରିବ। ଶଦାବ ଦୁଇଟି ମ୍ୟାଚ୍‌ରେ ୧୬ ଓଭରରେ ୧୦୦ ରନ୍ ବ୍ୟୟ କରିସାରିଛନ୍ତି। ସେହିପରି ହସନ ଅଲୀଙ୍କ ବଲ୍‌ରେ ପେସ୍ ନ ଥିବାରୁ ତାଙ୍କୁ ଭାରତୀୟ ବ୍ୟାଟରମାନେ ସହଜରେ ଟାର୍ଗେଟ କରିବାକୁ ପ୍ରୟାସ କରିବେ।

ବାବର ବନାମ କୁଲ୍‌ଦୀପ: ଭାରତୀୟ ଚାଇନାମ୍ୟାନ୍ ସ୍ପିନର କୁଲ୍‌ଦୀପ ଯାଦବ ଚମତ୍କାର ଫର୍ମରେ ରହିଛନ୍ତି। ତେଣୁ କୁଲ୍‌ଦୀପ ଓ ପାକିସ୍ତାନ ଅଧିନାୟକ ବାବର ଆଜମ୍‌ଙ୍କ ମଧ୍ୟରେ କଡା ଟକ୍କର ଦେଖିବା ନେଇ ଆଶା କରାଯାଉଛି। ୨୦୧୯ ବିଶ୍ୱକପ୍‌ରେ ମଧ୍ୟ କୁଲ୍‌ଦୀପଙ୍କ ବଲରେ ଆଉଟ ହୋଇଥିଲେ ବାବର ଆଜମ୍। ପାକିସ୍ତାନ ଦଳରେ ମହମ୍ମଦ ରିଜୱାନ, ଶୌଦ ଶକିଲ୍ ଓ ଅବଦୁଲ୍ଲା ଶଫିକ୍‌ଙ୍କ ପରି ପ୍ରତିଭାବାନ ଖେଳାଳି ରହିଥିଲେ ମଧ୍ୟ ବାବରଙ୍କ ଉପରେ ସଭିଙ୍କ ନଜର ରହିବ। ତେବେ କୁଲ୍‌ଦୀପଙ୍କ ପୂର୍ବରୁ ପାକିସ୍ତାନ ବ୍ୟାଟରଙ୍କୁ ପ୍ରଥମେ ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ସିରାଜଙ୍କ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିବ। ଶ୍ରୀଲଙ୍କା ବିପକ୍ଷରେ ପାକିସ୍ତାନ ଆକ୍ରମଣାତ୍ମକ ଖେଳିଥିବା ବେଳେ ଭାରତ ବିପକ୍ଷରେ ଏହା ବେଶ୍ କଷ୍ଟସାଧ୍ୟ ରହିବ। ଅହମଦାବାଦର ପିଚ୍ ବ୍ୟାଟିଂ ସହାୟକ ରହିଥିବା ବେଳେ ଭାରତ ୮ ନମ୍ବରରେ ରବିଚନ୍ଦ୍ରନ ଅଶ୍ୱିନ ଓ ଶାର୍ଦ୍ଦୁଳ ଠାକୁରଙ୍କ ମଧ୍ୟରୁ କାହାକୁ ଖେଳାଇବ ତାକୁ ନେଇ କୌଣସି ସ୍ପଷ୍ଟଚିତ୍ର ମିଳିନାହିଁ।

ଦିନିକିଆ ବିଶ୍ୱକପ୍‌ରେ ଭାରତକୁ ପାକିସ୍ତାନ କଦାପି ହରାଇ ନ ଥିବା ବେଳେ ଦଳ ନିକଟରେ ଏହା ଏକ ସୁଯୋଗ ରହିବ। ଅନ୍ୟପକ୍ଷରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପାଇଁ ଏହା ସମ୍ଭବତଃ ଶେଷ ବିଶ୍ୱକପ୍ ହୋଇଥିବା ବେଳେ ଉଭୟ ଖେଳାଳି ପାକିସ୍ତାନକୁ ଆଉଥରେ ପରାଜିତ କରିବାକୁ ଚାହିଁବେ।

### ଦିନିକିଆ ବିଶ୍ୱକପ

ICC MEN'S CRICKET WORLD CUP INDIA 2023

(ଆଜିର ମ୍ୟାଚ)

ଭାରତ ବନାମ ପାକିସ୍ତାନ

ସ୍ଥାନ: ଅହମଦାବାଦ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଭାରତ-ପାକିସ୍ତାନ ଲଢେଇ





ପିଚ୍ ନିରୀକ୍ଷଣ କରୁଛନ୍ତି କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜା। ଅଭ୍ୟାସ ସମୟରେ ଏକ ହାଲୁକା ମୁହୂର୍ତ୍ତରେ ଶୁବମନ ଗିଲ୍ ଓ ଇଶାନ କିଶନ।

# କିଏ ଜିତିବ କହିବା କଷ୍ଟକର

ରିଚାର୍ଡ ହାଡ୍‌ଲୀ

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଶନିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ଟୁର୍ନାମେଣ୍ଟରେ ପୂର୍ବରୁ ର୍‍ୟାଙ୍କିଙ୍ଗ୍ ତାଲିକାରେ ଦୁଇ ଦଳ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଥିଲେ। ଅହମଦାବାଦରେ ଖେଳାଯିବାକୁ ଥିବା ଏହି ମ୍ୟାଚ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଉଛି। ଏଥର ଟୁର୍ନାମେଣ୍ଟରେ ଭାରତ ଭଲ ଖେଳୁଛି। ପୂର୍ବତନ ବିଜେତା ପାକିସ୍ତାନ ମଧ୍ୟ ଭଲ ସ୍ଥିତିରେ ରହିଛି। ଦୁଇଟିଯାକ ଦଳ ସେମାନଙ୍କ ପୂର୍ବ ଦୁଇ ମ୍ୟାଚରେ ସହଜ ବିଜୟ ହାସଲ କରିଛନ୍ତି।

ଭାରତ କହିବାକୁଗଲେ ପ୍ରତିଯୋଗିତାର ଏକ ଶକ୍ତିଶାଳୀ ଅଲରାଉଣ୍ଡ ଟିମ୍। ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରା ବର୍ତ୍ତମାନ ଫିଟ୍ ଅଛନ୍ତି। ଲକ୍ଷ୍ୟଭେଦୀ ଇନ୍‌ସୁଇଙ୍ଗ ଓ ଆଉଟ ସୁଇଙ୍ଗ ବୋଲିଂ କରିପାରନ୍ତି। ଟୁର୍ନାମେଣ୍ଟରେ ସେ ସବୁଠାରୁ ବିପଜ୍ଜନକ ପେସ୍ ବୋଲର। ତାଙ୍କ ଅସାଧାରଣ ଟେକ୍‌ନିକ୍ ବ୍ୟାଟ୍ସମ୍ୟାନମାନଙ୍କୁ ଚିନ୍ତାରେ ପକାଇଥାଏ। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ମାତ୍ର ୨ ରନ ସ୍କୋରରେ ୩ ଉଇକେଟ ହରାଇ ଭାରତ ଚାପରେ ରହିଥିଲା। ଏଭଳି ପରିସ୍ଥିତ ଥାଇ ମଧ ଦଳ ମ୍ୟାଚକୁ ସହଜେ ଜିତି ନେଇଥିଲା। ଆଫଗାନିସ୍ତାନ ବିପକ୍ଷରେ ରୋହିତ ଶର୍ମା ଆକର୍ଷଣୀୟ ୧୩୧ ରନ ସଂଗ୍ରହ କରିଛନ୍ତି। କେ.ଏଲ୍. ରାହୁଲ ଦୁଇଟି ଅର୍ଦ୍ଧଶତକ ହାସଲ କରି ତାଙ୍କ ଫର୍ମର ପରିଚୟ ଦେଇଛନ୍ତି। ଭାରତ ଉଭୟ ବ୍ୟାଟିଂ ଓ ବୋଲିଂରେ ଭଲ ଜଣାପଡୁଛି। ଦଳର ସ୍ପିନରମାନେ ମଧ୍ୟ ସେମାନଙ୍କ ଦାୟିତ୍ୱ ସୁଚାରୁ ରୂପେ ତୁଲାଉଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନ ଏକ ସନ୍ତୁଳିତ ଦଳ ବୋଲି ଜଣାପଡୁଛି। ଏହାର ପେସ୍ ଆଟାକ୍ ବେଶ୍ ଶକ୍ତିଶାଳୀ। ମହମ୍ମଦ ରିଜୱାନ ଏବେ ଫର୍ମରେ ଅଛନ୍ତି। ତେଣୁ କେଉଁ ଦଳ ଜିତିବ ତାହା ପୂର୍ବାନୁମାନ କରିବା କଠିନ ବ୍ୟାପାର। ଏହି ଦୁଇ ଦଳ ପରସ୍ପର ପ୍ରତି ଭାରି ପଡ଼ିବେ। ସେମାନେ ଆଉ ୨ ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ରହିବେ। ସମ୍ଭବତଃ ଭାରତ ଫେଭରାଇଟ୍ ରହିବ। କାରଣ ଭାରତ ପୂର୍ବରୁ ୫୦ ଓଭର ବିଶ୍ୱକପ୍ ମୁକାବିଲାରେ କେବେ ପାକିସ୍ତାନଠାରୁ ହାରିନାହିଁ। ପ୍ରତିଯୋଗିତାର ବର୍ତ୍ତମାନ ସ୍ଥିତିରେ ପ୍ରତିଟି ମ୍ୟାଚ ଗୁରୁତ୍ୱପୂର୍ଣ୍ଣ। ଦଳଗୁଡ଼ିକ ପରୀକ୍ଷାନିରୀକ୍ଷା ନ ଚଳାଇ ସେମାନଙ୍କ ଶ୍ରେଷ୍ଠ ଏକାଦଶକୁ ନେଇ ପଡ଼ିଆକୁ ଓହ୍ଲାଇବେ। ବୃହତ୍ ବ୍ୟବଧାନରେ ବିଜୟ ସହ ନେଟ୍ ରନରେଟ୍‌ରେ ଉନ୍ନତି ଆଣିବାରେ ଚେଷ୍ଟା କରିବେ। ଅଣଭାରତ ଗେମ୍‌ଗୁଡ଼ିକରେ ଦର୍ଶକ ଉପସ୍ଥାନ କମ୍ ରହିବା ଆଶ୍ଚର୍ଯ୍ୟଜନକ ଏବଂ ଦୁଃଖର ବିଷୟ। ତେବେ ପ୍ରତିଯୋଗିତା ଆଗକୁ ବଢ଼ିବା ସହ ଦର୍ଶକଙ୍କ ଆଗମନ ବୃଦ୍ଧି ପାଇବ ବୋଲି ଆଶା।

(ଟିଭାକ୍ ସ୍ପୋର୍ଟ୍ସ)

# ଭାରତ ବୋଲିଂ ବନାମ ପାକିସ୍ତାନ ବ୍ୟାଟିଂ

ଗୌତମ ଗମ୍ଭୀର

ଭାରତ-ପାକିସ୍ତାନ ମ୍ୟାଚକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହେବା ସ୍ୱାଭାବିକ। ଚଳିତ ବିଶ୍ୱକପ୍‌ରେ ଅହମଦାବାଦରେ ଦୁଇ ଦଳ ମୁହାଁମୁହିଁ ହେବେ। ଏହାକୁ କେହି ମିସ୍ କରିବାକୁ ଚାହିଁବେ ନାହିଁ। ଏହି ମ୍ୟାଚ ଯେଉଁ ଦଳ ଜିତିବ ନଭେମ୍ବର ୧୯ ଫାଇନାଲକୁ ଆଉ ଏକ ପାଦ ଅଗ୍ରସର ହେବ। ଭୌଗୋଳିକ ଅବସ୍ଥିତି ଓ ରାଜନୈତିକ ଦୃଷ୍ଟିକୋଣରୁ ଭାରତ-ପାକିସ୍ତାନ ମ୍ୟାଚ ସବୁବେଳେ ହାଇ-ପ୍ରୋଫାଇଲ ରହିଆସିଛି। ଖେଳାଳିଙ୍କ କ୍ରୀଡ଼ା ନୈପୁଣ୍ୟ ଅପେକ୍ଷା ଦୁଇ ଦେଶର ଇତିହାସ ପ୍ରତିଯୋଗିତା ପାଇଁ ଏକ ମଜଭୁତ ପୃଷ୍ଠଭୂମି ସୃଷ୍ଟି କରିଥାଏ। ମୁଁ କିନ୍ତୁ ଏସବୁ ପସନ୍ଦ କରେ ନାହିଁ। ଏହା ଏକ ଯୁଦ୍ଧ ନୁହେଁ। ଯଦି ଭାରତ ହାରିଯାଏ ତେବେ କାହାରି ମୃତ୍ୟୁ ଘଟେ ନାହିଁ। ଦୁଇ ଦଳ ମଧ୍ୟରେ ଯଦି ତୁଳନା କରାଯାଏ ତେବେ ଭାରତ ଏହି ମ୍ୟାଚ ଜିତିବା କଥା। ଯଦି ଅବା ହାରିଯାଏ ତେବେ କିଛି ଅସିଦ୍ଧ ହୋଇଯିବ ନାହିଁ। ପାକିସ୍ତାନ କ୍ଷେତ୍ରରେ ମଧ୍ୟ ସେୟା। ୨୦୦୫-୦୬ର ଜଣେ ପାକିସ୍ତାନ ଖେଳାଳି ଥରେ ମୋତେ କହିଥିଲେ, ସେ ଜଣେ ଝିଅ ସହ ଡେଟିଂରେ ଥିଲେ। କିନ୍ତୁ ଝିଅର ପରିବାର ଦୁହିଁଙ୍କ ସମ୍ପର୍କକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଭାରତ ବିପକ୍ଷ ଏକ ସିରିଜରେ ଭଲ ପ୍ରଦର୍ଶନ କରିବାରୁ ସେମାନେ ମତ ପରିବର୍ତ୍ତନ କରିଥିଲେ। ଫଳତଃ ସେ ତାଙ୍କ ପ୍ରେମିକାଙ୍କୁ ବିବାହ କରିପାରିଥିଲେ। ପାକିସ୍ତାନ ଏପରି ଏକ ଦଳ ଏହାକୁ ନେଇ ପୂର୍ବାନୁମାନ କରିହେବ ନାହିଁ। ଏହାର ରଣନୀତି ଅଣପାରମ୍ପରିକ। ସେଥିପାଇଁ ସେମାନଙ୍କ ମ୍ୟାଚରେ ରୋମାଞ୍ଚ ଆଶା କରାଯାଇଥାଏ। ଭାରତ ତୁଳନାତ୍ମକ ଭାବେ ବ୍ୟବସ୍ଥିତଭିତ୍ତିକ ଦଳ। ଏହି ଦଳରେ ଶୁବମନ ଗିଲ୍, ଇଶାନ କିଶନ, କୁଲ୍‌ଦୀପ ଯାଦବଙ୍କ ଭଳି ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି। ପାକିସ୍ତାନ ତୁଳନାରେ ଆମ ଦଳ ଅଧିକ ସନ୍ତୁଳିତ । ସେମାନଙ୍କ ସ୍ପିନ୍ ବିଭାଗ କିନ୍ତୁ ଶକ୍ତିଶାଳୀ ମନେହୁଏ। ପାକିସ୍ତାନରେ ଏକଦା ଅବଦୁଲ କାଦିର ଓ ସାକ୍‌ଲେନ ମୁସ୍ତାକଙ୍କ ଭଳି ପ୍ରତିଭାସମ୍ପନ୍ନ ସ୍ପିନର ଥିଲେ। ସେଭଳି ଖେଳାଳି ଆଉ ଦେଖିବାକୁ ମିଳୁନାହାନ୍ତି। ସମ୍ଭବତଃ ସ୍ପିନ ଶିକ୍ଷାର ଅଭାବ ରହିଛି। ସଦାବ ଖାନ୍, ମହମ୍ମଦ ନୱାଜ ଓ ଇଫ୍‌ତିକର ଅହମଦଙ୍କୁ ନେଇ ସ୍ପିନ୍ ବିଭାଗ ଭାରତ ଭଳି ଦଳକୁ ଆଉଟ କରିଦେବ ଏକଥା ମନେକରିବା ବୋକାମି ହେବ। ସେ ତୁଳନାରେ ଆମର ଅଶ୍ୱିନ, ଜାଡେଜା ଓ କୁଲଦୀପ ଜଣେ ଜଣେ ମ୍ୟାଚ ବିଜୟୀ ଖେଳାଳି। ଏପରିକି ଭାରତର ପେସ ବାହିନୀରେ କେତେଜଣ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ପାକିସ୍ତାନ କେବଳ ଶାହିନ ଶାହା ଆଫ୍ରିଦିଙ୍କ ପ୍ରଦର୍ଶନ ଉପରେ ନିର୍ଭରଶୀଳ। ପରିଶେଷରେ ଅହମଦାବାଦରେ ୧,୩୦,୦୦୦ ଦର୍ଶକଙ୍କ ଉପସ୍ଥିତିରେ ଭାରତୀୟ ବୋଲିଂ ଏବଂ ପାକିସ୍ତାନର ବ୍ୟାଟରମାନେ କିପରି ଦୃଢ଼ମାନସିକାତର ସହ ତାହାର ମୁକାବିଲା କରୁଛନ୍ତି, ତାହା ଲକ୍ଷ୍ୟ କରିବାର କଥା।

(ଗେମ୍‌ପ୍ଲାନ୍/ଦୀନେଶ ଚୋପ୍ରା ମିଡିଆ)

OFFICIAL SPONSOR
ICC MEN'S CRICKET WORLD CUP INDIA 2023
SEAGRAM'S ROYAL STAG
PACKAGED DRINKING WATER
#LargeHumaaraHai

# ନ୍ୟୁଜିଲାଣ୍ଡର ହ୍ୟାଟ୍ରିକ୍ ବିଜୟ

ଚେନ୍ନାଇ, ୧୩।୧୦ (ପି.ଟି.)

ଦିନିକିଆ କ୍ରିକେଟ ବିଶ୍ୱକପରେ ହ୍ୟାଟ୍ରିକ୍ ବିଜୟ ହାସଲ କରିଛି ନ୍ୟୁଜିଲାଣ୍ଡ। ଚମତ୍କାର ଫର୍ମରେ ରହିଥିବା ନ୍ୟୁଜିଲାଣ୍ଡ ତୃତୀୟ ମ୍ୟାଚ୍ ଖେଳିଥିବା ବେଳେ ସବୁଥିରେ ବିଜୟ ହାସଲ କରି ପଏଣ୍ଟ ଟେବଲର ଶୀର୍ଷ ସ୍ଥାନରେ ପହଞ୍ଚିଛି। ପ୍ରତ୍ୟାବର୍ତ୍ତନରେ କେନ୍ ୱିଲିୟମସନ୍ ଚମତ୍କାର ୭୮ ରନ୍ କରିଥିବା ବେଳେ ଡାରିଲ ମିଚେଲଙ୍କ ୮୯* ରନ୍ ବଳରେ ନ୍ୟୁଜିଲାଣ୍ଡ ୮ ଉଇକେଟରେ ମ୍ୟାଚ୍‌କୁ ଜିତି ନେଇଥିଲା। ପ୍ରଥମେ ବ୍ୟାଟିଂ କର ବାଂଲାଦେଶ ୫୦ ଓଭରରେ ୯ ଉଇକେଟ ହରାଇ ୨୪୫ ରନ୍ ସ୍କୋର କରିଥିଲା। ଜବାବରେ ୪୨.୫ ଓଭରରେ ୨ ଉଇକେଟ ହରାଇ ନ୍ୟୁଜିଲାଣ୍ଡ ୨୪୮ ରନ୍ କରିଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା ବାଂଲାଦେଶ। ଦଳର ଟପ୍ ଅର୍ଡର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ଦଳ ୫୬ ରନ୍‌ରେ ୪ ଉଇକେଟ ହରାଇଥିଲା। ଲିଟନ ଦାସ(୦), ତାଞ୍ଜିଦ୍ ହସନ(୧୬), ମେହିଦୀ ହସନ ମିରାଜ(୩୦) ଓ ନଜମୋଲ ହୋସେନ୍ ଶନ୍ତୋ(୭) ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ସାକିବ ଅଲ ହସନ୪୦ ଓ ମୁସଫିକୁର ରହିମ ୬୬ ରନ୍ କରି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଉଭୟ ୫ମ ଉଇକେଟରେ ୯୬ ରନ୍ ଯୋଡିଥିଲେ।ଶେଷ ଆଡକୁ ମହମ୍ମଦୁଲ୍ଲା ଅପରାଜିତ ୪୧ ରନ୍ କରିବାରୁ ବାଂଲାଦେଶ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଲୋକି ଫର୍ଗୁସନ୍ ୩ ଉଇକେଟ ନେଇଥିଲେ। ପ୍ରତ୍ୟାବର୍ତ୍ତନ କରିଥିବା କେନ୍ ୱିଲିୟମସନ୍ ଚମତ୍କାର ପ୍ରଦର୍ଶନ ସହିତ ୭୮ ରନ୍ କରିଥିଲେ। ପ୍ରଥମ ଦୁଇ ମ୍ୟାଚ୍‌ର ସଫଳ ଖେଳାଳି ରାଚିନ୍ ରବୀନ୍ଦ୍ର ଓପନ କରିଥିବା ବେଳେ ମାତ୍ର ୯ ରନ୍ କରି ଆଉଟ ହୋଇଥିଲେ। ତେବେ ଡେଭନ୍ କନ୍‌ୱେ (୪୫) ଓ ୱିଲିୟମସନ୍ ଦ୍ୱିତୀୟ ଉଇକେଟରେ ୮୦ ରନ୍ ଯୋଡିଥିଲେ। ଏସିଏଲ୍ ଇଞ୍ଜୁରୀ ପରେ ଫେରିଥିବା ୱିଲିୟମସନ୍ ଦୃଢ ଭାବରେ ବାଂଲାଦେଶୀ ସ୍ପିନରଙ୍କ ମୁକାବିଲା କରିଥିଲେ। ଏହି ଇନିଂସରେ ୧୦୭ ବଲ୍ ଖେଳି ସେ ୮ ଚୌକା ଓ ୧ ଛକା ମାରିଥିଲେ। ଏକ ଥ୍ରୋ ତାଙ୍କ ଆଙ୍ଗୁଠିରେ ବାଜିବା ପରେ ସେ ରିଟାୟର୍ଡ ହର୍ଟ ହୋଇଥିଲେ। ଡାରିଲ୍ ମିଚେଲ୍ ଆକ୍ରମଣାତ୍ମକ ବ୍ୟାଟିଂ କରି ୬୭ ବଲ ଖେଳି ୬ ଚୌକା ଓ ୪ ଛକା ମାରି ୮୯ ରନ୍ କରି ଦଳକୁ ଫିନିଶ ଲାଇନା ପାର କରାଇଥିଲେ। ବାଂଲାଦେଶ ପକ୍ଷରୁ ମୁସ୍ତାଫିଜୁର ରେହମାନ ଓ ଶାକିବ ଅଲ ହସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ କେନ୍ ୱିଲିୟମ୍‌ସନ୍।

### ସଂକ୍ଷିପ୍ତ ସ୍କୋର

ବାଂଲାଦେଶ ୫୦ ଓଭରରେ ୨୪୫/୯( ମୁଶଫିକୁର ରହିମ୍-୬୬, ମହମ୍ମଦୁଲ୍ଲା-୪୧*, ସାକିବ ଅଲ ହସନ-୪୦, ଲୋକି ଫର୍ଗୁସନ୍-୩/୪୯, ଟ୍ରେଣ୍ଟ ବୋଲ୍ଟ-୨/୪୫, ମ୍ୟାଟ ହେନରୀ-୨/୫୮)। ନ୍ୟୁଜିଲାଣ୍ଡ ୪୨.୫ ଓଭରରେ ୨୪୮/୨(ଡାରିଲ୍ ମିଚେଲ୍-୮୯*, କେନ୍ ୱିଲିୟମସନ୍-୭୮ (ରିଟାୟର୍ଡ), ଡେଭନ୍ କନ୍‌ୱେ-୪୫, ମୁସ୍ତାଫିଜୁର ରେହମାନ-୧/୩୬, ସାକିବ୍ ଅଲ ହସନ-୧/୫୪)।

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୩ | ୩ | ୦ | ୬ | +୧.୬୦୪ |
| ଦକ୍ଷିଣ ଆଫ୍ରିକା | ୨ | ୨ | ୦ | ୪ | +୨.୩୬୦ |
| ଭାରତ | ୨ | ୨ | ୦ | ୪ | +୧.୫୦୦ |
| ପାକିସ୍ତାନ | ୨ | ୨ | ୦ | ୪ | +୦.୯୨୭ |
| ଇଂଲଣ୍ଡ | ୨ | ୧ | ୧ | ୨ | +୦.୫୫୩ |
| ବାଂଲାଦେଶ | ୩ | ୧ | ୨ | ୨ | -୦.୬୯୯ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | -୧.୧୬୧ |
| ନେଦରଲାଣ୍ଡ୍ସ | ୨ | ୦ | ୨ | ୦ | -୧.୮୦୦ |
| ଅଷ୍ଟ୍ରେଲିଆ | ୨ | ୦ | ୨ | ୦ | -୧.୮୪୬ |
| ଆଫଗାନିସ୍ତାନ | ୨ | ୦ | ୨ | ୦ | -୧.୯୦୭ |




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ସମସ୍ତ ଟିକେଟ ଶେଷ

## କଳାବଜାର ଆଶଙ୍କା




**ଅହମଦାବାଦ,୧୩।୧୦(ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ୍-୨୦୨୩ରେ ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ସମସ୍ତ ଟିକେଟ ବିକ୍ରି ସରିଛି। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌କୁ ଆଉ କିଛି ଘଣ୍ଟା ବାକି ରହିଥିବା ବେଳେ ଟିକେଟ ପାଇଁ ଫ୍ୟାନ୍‌ଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ଦେଖିବାକୁ ମିଳିଛି। ଏହି ମ୍ୟାଚ୍‌ର ଗୁରୁତ୍ୱ କାରଣରୁ ହିଁ ଏହାକୁ ବିଶ୍ୱର ସର୍ବବୃହତ କ୍ରିକେଟ ଷ୍ଟାଡିୟମରେ ରଖାଯାଇଥିଲା। ୧ ଲକ୍ଷ ୩୨ ହଜାର ଦର୍ଶକ କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମଟି ବର୍ତ୍ତମାନ ପୂର୍ଣ୍ଣ ହୋଇ ସାରିଛି। ଆରମ୍ଭରୁ ଟିକେଟକୁ ନେଇ ବିବାଦ ଦେଖାଦେଇଥିଲା। ଅନ୍‌ଲାଇନ୍‌ରେ ଅଧିକ ଟିକେଟ ବିକ୍ରି ପାଇଁ ରଖାଯାଇ ନ ଥିବା ନେଇ ଫ୍ୟାନ୍‌ମାନେ ଅଭିଯୋଗ କରିଥିଲେ। ଏହାପରେ ଆଇସିସି ଓ ବିସିସିଆଇ ପକ୍ଷରୁ ଅନ୍‌ଲାଇନ୍‌ରେ ଆଉ ୧୪ ହଜାର ଟିକେଟ ଉପଲବ୍ଧ କରାଯାଇଥିଲା। ତେବେ ମାତ୍ର ୩୦ ମିନିଟ ମଧ୍ୟରେ ଏହି ଟିକେଟ ସବୁ ବିକ୍ରି ହୋଇ ଯାଇଥିଲା। ଏହା ସହିତ ଟିକେଟ କଳାବଜାର ହେବାର ସମ୍ଭାବନା ମଧ୍ୟ ବଢିବାରେ ଲାଗିଛି। ଗୋଟିଏ ଟିକେଟର ମୂଲ୍ୟ ୧୦ ହଜାରରୁ ୨୫ ହଜାର ଯାଏ ହୋଇଥିବା ବେଳେ ଏହାକୁ ନେଇ ମଧ୍ୟ ଫ୍ୟାନ୍‌ମାନେ ଆଗ୍ରହ ପ୍ରକାଶ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପାକିସ୍ତାନ ଦଳ ରହିଥିବାରୁ ନରେନ୍ଦ୍ର ମୋଦି ଷ୍ଟାଡିୟମର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ୬୦୦୦ ପୋଲିସ ଓ ସିଆରପିଏଫ୍ ଯବାନଙ୍କୁ ସୁରକ୍ଷା ଦାୟିତ୍ୱରେ ରଖାଯାଇଛି। ଏହା ସହିତ ଖେଳାଳିଙ୍କୁ ସହର ମଧ୍ୟରେ ବୁଲାବୁଲି କରିବା ପାଇଁ ମନା କରାଯାଇଛି। ତେବେ ସମସ୍ତ ଟିକେଟ ବିକ୍ରି ସରିଥିଲେ ମଧ୍ୟ ଅହମଦାବାଦ ସହରରେ ବିଶ୍ୱକପ୍‌କୁ ନେଇ ସେମିତି ଉତ୍ସାହ ପରିଲକ୍ଷିତ ହେଉନାହିଁ।

# ଡବଲ୍ସରେ ଆହାନ ରନର ଅପ୍

**ଭୁବନେଶ୍ୱର,୧୩।୧୦**
**(ସରୋଜ ଜେନା)**

ଯୁବ ଓଡ଼ିଆ ଟେନିସ୍ ତାରକା ଆହାନ ମିଶ୍ର ନିଜ ସଫଳତାରେ ଆଉ ଏକ ଫର୍ଦ୍ଦ ଯୋଡିଛନ୍ତି। ବାଂଲାଦେଶର ଢାକାରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଏସିଆନ୍ ର୍‍ୟାଙ୍କିଙ୍ଗ ଟେନିସ୍ ଟୁର୍ନାମେଣ୍ଟର ଡବଲ୍ସ ଇଭେଣ୍ଟରେ ସେ ରନର୍ ଅପ୍ ରହିଛନ୍ତି। ବାଂଲାଦେଶର ଜଓ୍ୱାଦ ମହମ୍ମଦ

## ଏସିଆନ୍ ର୍‍ୟାଙ୍କିଙ୍ଗ୍ ଟେନିସ୍

ଭୂୟାଁଙ୍କୁ ସାଥୀ କରି ଖେଳୁଥିବା ଆହାନ ଫାଇନାଲ ମ୍ୟାଚ୍‌ରେ ହାରି ଯାଇଥିଲେ। ବାଂଲାଦେଶ ଏମ୍‌ଡି ତନଭୀର ମୁନ୍ତସର ଓ ଏମ୍‌ଡି ରାଜୀବଙ୍କ ଯୋଡି ନିକଟରୁ ୫-୭, ୬-୪ ଓ ୧୪-୧୬ରେ ପରାଜିତ ହୋଇଥିଲେ। ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଏହି ମ୍ୟାଚ୍‌ଟି ଚାଲିଥିଲା। ପୂର୍ବରୁ ବାଳକ ସିଙ୍ଗଲ୍ସ ଇଭେଣ୍ଟରେ ଆହାନ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଥିଲେ। ବର୍ତ୍ତମାନ ସେ ର୍‍ୟାଙ୍କିଙ୍ଗ ତାଲିକାର ୫୩୦ ତମ ସ୍ଥାନରେ ରହିଥିବା ବେଳେ ଆଗାମୀ ଦିନରେ ଟପ୍ ୨୫୦ ମଧ୍ୟରେ ସାମିଲ ହେବା ତାଙ୍କର ଲକ୍ଷ୍ୟ ବୋଲି କୋଚ୍ ସନ୍ତୋଷ ମଲିକ କହିଛନ୍ତି। ଏହା ସହ ଆହାନ ନିଶ୍ଚିତ ଭାବରେ ଏସିଆର ଟପ୍ ୫୦ରେ ସାମିଲ ହେବା ନେଇ ସେ ଦୃଢୋକ୍ତି କରିଛନ୍ତି।



# ଦୃଢ଼ ପ୍ରତ୍ୟାବର୍ତ୍ତନ କରିବ ଅଷ୍ଟ୍ରେଲିଆ

**ଲକ୍ଷ୍ନୌ,୧୩।୧୦(ପି.ଟି.):** ବିଶ୍ୱକପର ପ୍ରଥମ ଦୁଇ ମ୍ୟାଚରେ ପରାଜିତ ହୋଇଥିଲେ ହେଁ ଅଷ୍ଟ୍ରେଲିଆ ଦୃଢ ପ୍ରତ୍ୟାବର୍ତ୍ତନ କରିବ ବୋଲି କହିଛନ୍ତି ମାର୍ନସ୍ ଲାବୁଶେନ୍। ପ୍ରଥମ ମ୍ୟାଚ୍‌ରେ ଭାରତ ଓ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଠାରୁ ହାରିଛି ଅଷ୍ଟ୍ରେଲିଆ। ୫ ଥର ବିଶ୍ୱ ଚାମ୍ପିୟନ ଦଳର ନେଟ୍ ରନରେଟ୍ -୧.୮୪୬ ରହିଥିବା ବେଳେ ଏହା ପଏଣ୍ଟ ଟେବୁଲର ନବମ ସ୍ଥାନରେ ରହିଛି। ତେବେ ଏହା ଟୁର୍ନାମେଣ୍ଟର ଆରମ୍ଭ ତେଣୁ ଆମେ ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରିବୁ ବୋଲି ସେ କହିଛନ୍ତି।

# ମୁମ୍ବାଇରେ ଖେଳିବ ଓଡ଼ିଶା ଦଳ

**କଟକ,୧୩।୧୦**
**(ସୁପ୍ରିୟା ପ୍ରିୟଦର୍ଶିନୀ)**

## ସୟଦ ମୁସ୍ତାକ ଅଲ୍ଲୀ ଟି୨୦

ଆସନ୍ତା ୧୬ତାରିଖରୁ ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟ ଆରମ୍ଭ ହେବ। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ମୁମ୍ବାଇରେ ଏହାର ସମସ୍ତ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳିବ। ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱରେ ଘୋଷିତ ୧୬ଜଣିଆ ରାଜ୍ୟ ଦଳ ବାରବାଟୀ ଷ୍ଟାଡିୟମରେ ଅଭ୍ୟାସ ଶେଷ କରିବା ପରେ ଶୁକ୍ରବାର ମୁମ୍ବାଇ ଯାତ୍ରା କରିଛି। ନଭି ମୁମ୍ବାଇର ଡିୱାଇ ପାଟିଲ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଆସାମ ବିପକ୍ଷରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍ ଖେଳିବ। ଘୋଷିତ ଦଳରେ ସ୍ୱସ୍ତିକ ସାମଲ, ସନ୍ଦୀପ ପଟ୍ଟନାୟକ, ଶାନ୍ତନୁ ମିଶ୍ର, ଶୁଭ୍ରାଂଶୁ ଶେଖର ସେନାପତି, କାର୍ତ୍ତିକ ବିଶ୍ୱାଳ, ଅଭିଷେକ ଯାଦବ, ରାକେଶ ପଟ୍ଟନାୟକ, ରାଜେଶ ଧୂପର(ଉଇକେଟକିପର), ପ୍ରବୀଣ ଲୁହା(ଉଇକେଟକିପର), ଦେବବ୍ରତ ପ୍ରଧାନ, ତାରିଣୀ ସ, ପ୍ରୟାସ କୁମାର ସିଂ, ସୌଭାଗ୍ୟ ରାଉତ, ହର୍ଷିତ ରାଠୋଡ, ସୁନୀଲ କୁମାର ରାଉଳ ସ୍ଥାନ ପାଇଛନ୍ତି।



ମୁମ୍ବାଇ ଗସ୍ତ ପୂର୍ବରୁ ଓଡ଼ିଶା ଟି୨୦ ଦଳ।




ଗୋଲ୍ ସ୍କୋର କରିବା ପରେ ଭାରତୀୟ ଖେଳାଳି।

# ଓପନିଂ ମ୍ୟାଚରେ ହାରିଗଲା ଭାରତ

**କୁଆଲାଲମ୍ପୁର, ୧୩।୧୦ (ପି.ଟି.)**

ମର୍ଡେକା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଓପନିଂ ମ୍ୟାଚରେ ମାଲେସିଆ ୪-୨ ଗୋଲ୍‌ରେ ଭାରତକୁ ହରାଇ ଦେଇଛି। ଶୁକ୍ରବାର ଏଠାରେ ଖେଳାଯାଇଥିବା ଏହି ମ୍ୟାଚର ୭ମ ମିନିଟ୍‌ରେ ଡିଅନ୍ କୁଲ୍ସଙ୍କ ଗୋଲ ଜରିଆରେ ମାଲେସିଆ ପ୍ରଥମେ ଅଗ୍ରଣୀ ଲାଭ କରିଥିଲା। ତେବେ ଭାରତର ୧୩ତମ ମିନିଟ୍‌ରେ ନାଓରେମ୍ ମହେଶ ଏକ ଗୋଲ୍ ସ୍କୋର କରି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ପରେ ୨୦ତମ ମିନିଟ୍‌ରେ ଭାରତୀୟ ବକ୍ସରେ ନିଖିଲ ପୂଜାରୀ ଓ ଅରିଫ ଅମିନଙ୍କ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ବେଳେ ଫାଉଲ ପାଇଁ ମାଲେସିଆକୁ ଏକ ପେନାଲ୍ଟି ମିଳିଥିଲା। ଅମିନ କୌଣସି ତ୍ରୁଟି ନ କରି ଏହାକୁ ଗୋଲରେ ପରିଣତ କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ହେବାକୁ ଆଉ ୪ମିନିଟ ଖେଳ ବାକିଥିବା ବେଳେ ଫୈଜଲ ହାଲିମଙ୍କ ଗୋଲ୍ ଯୋଗୁ ଭାରତର ସ୍ଥିତି ଆହୁରି ବିଗିଡ଼ି ଯାଇଥିଲା। ଏହି ଗୋଲ୍ ଦ୍ୱାରା ମାଲେସିଆ ୩-୧ରେ ଅଗ୍ରଣୀ ଲାଭ କରିଥିଲା। ଭାରତ ଅଧିନାୟକ ସୁନିଲ ଛେତ୍ରୀ ୫୨ତମ ମିନିଟ୍‌ରେ ଏକ ଗୋଲ୍ ଦେଇ ଗୋଲ ବ୍ୟବଧାନକୁ ହ୍ରାସ କରିଥିଲେ। ଏହାର ୫ ମିନିଟ୍ ପରେ ଲାଲଲିଆନଜୁଏଲା ଚାଙ୍ଗ୍‌ଟେଙ୍କୁ ଏକ ସୁଯୋଗ ମିଳିଥିଲା। ତାଙ୍କ ଶଟ୍ ଅହମଦଙ୍କ ଦେଶରେ ବାଜିଥିଲା। କୁଲ୍ସ ଏହାକୁ କ୍ଲିୟର କରିବା ପୂର୍ବରୁ ବଲ୍‌ଟି ଲାଇନ୍ କ୍ରସ କରିଥିଲେ ହେଁ ରେଫରି ଜାଣି ନ ପାରି ଗୋଲକୁ ନାକଚ କରିଦେଇଥିଲେ। ୬୧ତମମ ମିନିଟ୍‌ରେ କୋର୍ବିନ ଓଙ୍ଗ୍‌ଙ୍କ ଗୋଲ୍‌ରେ ମାଲେସିଆ ୪-୨ରେ ଅଗ୍ରଣୀ ଲାଭ କରିବା ସହ ମ୍ୟାଚ ଶେଷ ପର୍ଯ୍ୟନ୍ତ ସ୍କୋର ଲାଇନ୍‌କୁ ବଜାୟ ରଖିଥିଲା। ସୂଚନାଯୋଗ୍ୟ, ମର୍ଡେକା କପ୍ 'ମିନି ଏସିଆ କପ୍' ରୂପେ ପରିଚିତ। ପାଲେଷ୍ଟାଇନ୍ ଶେଷ ମୁହୂର୍ତ୍ତରେ ଓହରିଯିବାରୁ ଏଥର ୩ଟି ଦଳକୁ ଟୁର୍ନାମେଣ୍ଟ ହେଉଛି। ତୃତୀୟ ଦଳ ହେଲା ତାଜିକସ୍ତାନ। ଅକ୍ଟୋବର ୧୭ରେ ଏହି ଦଳ ଫାଇନାଲ ମ୍ୟାଚ ମାଲେସିଆ ସହ ଖେଳିବ।

# ବିଶ୍ୱ କ୍ୟାଡେଟ୍ ଚେସ୍ ଚାମ୍ପିୟନଶିପ୍‌ରୁ ଓହରିଲା ଭାରତ

**ଚେନ୍ନାଇ,୧୩।୧୦(ପି.ଟି.)**

ଶାର୍ମ ଏଲ୍ ଶେଖ୍‌ଠାରେ ଶନିବାରଠାରୁ ଖେଳାଯିବାକୁ ଥିବା ବିଶ୍ୱ କ୍ୟାଡେଟ୍ ଚେସ୍ ଚାମ୍ପିୟନଶିପ୍‌ରୁ ଭାରତୀୟ ଦଳ ଓହରିଯାଇଛି। ଇସ୍ରାଏଲ-ହମାସ ବିବାଦ ଯୋଗୁ ଖେଳାଳି ଓ ଅଫିସିଆଲଙ୍କ ସୁରକ୍ଷାକୁ ନେଇ ବିପଦ ଆଶଙ୍କା କରି ଏହି ନିଷ୍ପତ୍ତି ନିଆଯାଇଛି। ଅକ୍ଟୋବର ୧୪ରୁ ୨୩ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟର ଭେନ୍ୟୁ ଇସ୍ରାଏଲ ସୀମାଠାରୁ ୪୦୦ କି.ମି. ଦୂରରେ ଇଜିପ୍ଟରେ ଅବସ୍ଥିତ। ଏଥିରେ ଭାରତରୁ ୩୯ଜଣ ଖେଳାଳି ଭାଗ ନେଇଥାନ୍ତେ। ଗାଜା ପରିସ୍ଥିତିକୁ ନଜରରେ ରଖି ଏହି ଟୁର୍ନାମେଣ୍ଟକୁ ସ୍ଥଗିତ ରଖିବା ଲାଗି ସର୍ବଭାରତୀୟ ଚେସ୍ ମହାସଂଘ (ଏଆଇସିଏଫ୍) ବିଶ୍ୱ ଚେସ୍ ପରିଚାଳନା ପରିଷଦ ଫିଡେକୁ ଅନୁରୋଧ ମଧ୍ୟ କରିଛି। ଏଆଇସିଏଫ୍‌ର ସୂଚନା ଅନୁସାରେ ଟୁର୍ନାମେଣ୍ଟ ପାଇଁ ଖେଳାଳି, କୋଚ୍ ଓ ଅଫିସିଆଲ ମିଶି ମୋଟ ୮୦ଜଣ ଶାର୍ମ ଏଲ୍ ଶେଖ୍ ଗସ୍ତ କରିଥାନ୍ତେ।

# ଆଲଷ୍ଟର କୁକ୍‌ଙ୍କ ଅବସର




**ଲଣ୍ଡନ, ୧୩।୧୦ (ପି.ଟି.)**

ଇଂଲଣ୍ଡର ପୂର୍ବତନ ଅଧିନାୟକ ତଥା ଓପନର ବ୍ୟାଟର ଆଲଷ୍ଟର କୁକ୍ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୨୦୧୮ରୁ ଟେଷ୍ଟ କ୍ରିକେଟରୁ ଅବସର ଗ୍ରହଣ କରିଥିଲେ ମଧ୍ୟ କାଉଣ୍ଟି କ୍ରିକେଟ ଖେଳିବା ଜାରି ରଖିଥିଲେ। ତେବେ ଦୀର୍ଘ ୫ ବର୍ଷ ଧରି ଏସେକ୍ସ ପକ୍ଷରୁ କାଉଣ୍ଟି ଖେଳିବା ପରେ ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ଅନ୍ତର୍ଜାତୀୟ କ୍ୟାରିୟରରେ କୁକ୍ ୧୬୧ ଟେଷ୍ଟ ଖେଳିଥିବା ବେଳେ ଏଥି ମଧ୍ୟରୁ ୫୯ ଟେଷ୍ଟରେ ଅଧିନାୟକତ୍ୱ କରିଛନ୍ତି। ୩୩ ଶତକ ଓ ୫୭ ଅର୍ଦ୍ଧଶତକ ସହିତ ସେ ୧୨,୪୭୨ ରନ୍ ସ୍କୋର କରିଛନ୍ତି। ଇଂଲଣ୍ଡ ଖେଳାଳିଙ୍କ ମଧ୍ୟରେ କୁକ୍ ସର୍ବାଧିକ ଶତକ ହାସଲ କରିଛନ୍ତି। ୯୨ ଦିନିକିଆରେ ସେ ୫ ଶତକ ଓ ୧୯ ଅର୍ଦ୍ଧଶତକ ସହିତ ସେ ୩୨୦୪ ରନ୍ ସ୍କୋର କରିଛନ୍ତି।

# କୁସ୍ତି ମହାସଂଘ ଯାଚିକାରେ ସୁପ୍ରିମକୋର୍ଟଙ୍କ ନୋଟିସ

**ନୂଆଦିଲ୍ଲୀ,୧୩।୧୦(ପି.ଟି.)**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ପକ୍ଷରୁ ଚ୍ୟାଲେଞ୍ଜ କରାଯାଇ ସର୍ବୋଚ୍ଚ କୋର୍ଟରେ ଆଗତ ଯାଚିକା ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ଶୁଣାଣି କରିଛନ୍ତି। ଏହା ସହିତ ମାମଲାରେ ଜଡିତ ସମସ୍ତ ପକ୍ଷଙ୍କୁ କୋର୍ଟ ନୋଟିସ ମଧ୍ୟ ଜାରି କରିଛନ୍ତି। ଡବ୍ଲ୍ୟୁଏଫ୍ଆଇର ପରିଚାଳନା ଭାର ଓ ନିର୍ବାଚନ ଦାୟିତ୍ୱ ଆଡ୍‌ହକ୍ ପ୍ୟାନେଲ ହାତକୁ ଯାଇଥିଲା। ନିର୍ବାଚନକୁ ବିରୋଧ କରି ହରିୟାଣା କୁସ୍ତି ସଂଘ ଆବେଦନ କରିଥିବା ବେଳେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ରହିତାଦେଶ ଜାରି କରିଥିଲେ। ନିର୍ବାଚନ ସମ୍ଭବ ନ ହେବାରୁ ଡବ୍ଲ୍ୟୁଏଫ୍ଆଇକୁ ମଧ୍ୟ ବାସନ୍ଦ ହେବାକୁ ପଡିଥିଲା। ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଡବ୍ଲ୍ୟୁଏଫ୍ଆଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ମାମଲାର ଶୁଣାଣି କରି ଜଷ୍ଟିସ୍ ଅଭୟ ଏସ୍ ଓକା ଓ ପଙ୍କଜ ମିଠାଲଙ୍କ ଖଣ୍ଡପୀଠ ନୋଟିସ୍ ଜାରି କରିଛନ୍ତି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୪/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Saturday, October 14/2023 Page 20 | ପୃଷ୍ଠା-୧



**ସତ୍ୟଜିତ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପାଇବେ ମାଇକେଲ**

ଗୋଆରେ ହେବାକୁ ଥିବା ଆଇଏଫଏଫଆଇରେ ଲୋକପ୍ରିୟ ହଲିଉଡ୍ ଅଭିନେତା ମାଇକେଲ ଡଗଲାସଙ୍କୁ ସତ୍ୟଜିତ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯିବ।

୦୨

୦୮

**କ୍ରିକେଟରୁ ଅବସର ନେଲେ କୁକ୍**

ଇଂଲଣ୍ଡର ପୂର୍ବତନ ଅଧିନାୟକ ଆଲଷ୍ଟର କୁକ୍ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି।



# ୪୨% ଚର୍ମରୋଗୀ ନିଦ୍ରାହୀନତାର ଶିକାର

ନୂଆଦିଲ୍ଲୀ,୧୩।୧୦



ଚର୍ମ ରୋଗ ଥିବା ୪୨ ପ୍ରତିଶତ ରୋଗୀ ନିଦ୍ରାଜନିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଚର୍ମ ରୋଗର ପ୍ରଭାବ ଆକଳନ କରିବା ଲାଗି ୧୦ ଦେଶର ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଉପରେ କରାଯାଇଥିବା ଅଧ୍ୟୟନରୁ ଏହା ଜଣାପଡ଼ିଛି। ଜର୍ମାନୀର ବର୍ଲିନରେ ଆୟୋଜିତ ୟୁରୋପିଆନ୍ ଏକାଡେମୀ ଅଫ୍ ଡର୍ମାଟୋଲୋଜି ଆଣ୍ଡ ଭେନେରୋଲୋଜି (ଇଏଡିଭି) କଂଗ୍ରେସ, ୨୦୨୩ରେ ଉକ୍ତ ଅଧ୍ୟୟନକୁ ଉପସ୍ଥାପନ କରାଯାଇଛି। ନିଦ୍ରାହୀନତା ରୋଗୀର ଜୀବନ ଧାରଣ ମାନରେ ଗୁରୁତର ପ୍ରଭାବ ପକାଇଥାଏ ବୋଲି ଉକ୍ତ ସର୍ଭେରୁ ଜଣାପଡ଼ିଛି। ଅଧ୍ୟୟନ ଅନୁଯାୟୀ ଚର୍ମ ରୋଗ ଥିବା ୪୯ ପ୍ରତିଶତ ରୋଗୀଙ୍କ କାର୍ଯ୍ୟ ଦକ୍ଷତା ହ୍ରାସ ପାଇଥାଏ। ସର୍ଭେରେ ଅଂଶଗ୍ରହଣ କରିଥିବା ୧୯ ପ୍ରତିଶତ ରୋଗୀଙ୍କର ଚର୍ମରୋଗ ନ ଥିଲା। ଚର୍ମରୋଗ ଥିବା ରୋଗୀଙ୍କ ନିଦ୍ରା ପ୍ରଭାବିତ ହେବାର ମୁଖ୍ୟ ଲକ୍ଷଣ ହେଲା କୁଣ୍ଡେଇ ହେବା (ଯାହା ୬୦ ପ୍ରତିଶତ କ୍ଷେତ୍ରରେ ଦେଖାଦେଇଥାଏ) ଏବଂ ପୋଡ଼ାଜଳା ବା ଛୁଞ୍ଚି ଫୋଡିବା ଭଳି ଲାଗିବା (୧୭ ପ୍ରତିଶତଙ୍କ କ୍ଷେତ୍ରରେ ଦେଖାଦେଇଥାଏ)। ଏହା ବ୍ୟତୀତ ରୋଗୀ ନିଦରୁ ଉଠିବା ପରେ ବାରମ୍ବାର ଥକାପଣ ଅନୁଭବ କରିଥାନ୍ତି। ଚର୍ମରୋଗୀଙ୍କ କ୍ଷେତ୍ରରେ ଏହା ୮୧ ପ୍ରତିଶତ ହୋଇଥିବାବେଳେ ଅଣଚର୍ମରୋଗୀଙ୍କ କ୍ଷେତ୍ରରେ ୬୪ ପ୍ରତିଶତ ହୋଇଥାଏ। ସେହିପରି ଆଖିରେ କୁଞ୍ଚହେବା ଭଳି ଲାଗିବା ଯଥାକ୍ରମେ ୫୮ ଏବଂ ୪୨ ପ୍ରତିଶତଙ୍କ କ୍ଷେତ୍ରରେ ଦେଖାଯାଉଥିବାବେଳେ ବାରମ୍ବାର ହାଇମାରିବା ଯଥାକ୍ରମେ ୭୨ ଏବଂ ୫୮ ପ୍ରତିଶତ ଦେଖାଦେଇଥାଏ।

ଚର୍ମ ରୋଗ ଥିବା ରୋଗୀମାନଙ୍କ ଶାରୀରିକ କ୍ରିୟା ଉପରେ ନିଦ୍ରାହୀନତା କିପରି ପ୍ରଭାବ ପକାଇଥାଏ, ଉକ୍ତ ଅଧ୍ୟୟନରୁ ତାହା ପ୍ରଥମ ଥର ଜଣାପଡ଼ିଛି। ରୋଗ ତୁରନ୍ତ ଚିହ୍ନଟ କରି ନିଦ୍ରା ସମସ୍ୟାର ପ୍ରଭାବୀ ପରିଚାଳନା ଜରୁରୀ ବୋଲି ପ୍ୟାରିସ୍‌ର ଇଏମ୍ଏମ୍ଏ କ୍ଲିନିକ୍ ମୁଖ୍ୟ ଡ. ଚାର୍ଲସ ତାଇଏବ୍ କହିଛନ୍ତି।

# ନଭେମ୍ବର ୨୭ରୁ କଟକ ବାଲିଯାତ୍ରା

କଟକ,୧୩।୧୦ (କାର୍ତ୍ତିକ ସାହୁ)

## ବାଲିଯାତ୍ରା ପ୍ରଥମ ପ୍ରସ୍ତୁତି ବୈଠକ

- ଅନ୍‌ଲାଇନ୍‌ରେ ଅଧ୍ୟକ୍ଷତା କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ
- ବାଲିଯାତ୍ରାକୁ ପର୍ଯ୍ୟଟନ ପଞ୍ଜିକାରେ ସ୍ଥାନିତ କରିଯାଉ

ଚଳିତବର୍ଷ ଐତିହାସିକ କଟକ ବାଲିଯାତ୍ରା ନଭେମ୍ବର ୨୭ରୁ ଡିସେମ୍ବର ୪ ତାରିଖ ଯାଏ ଅନୁଷ୍ଠିତ ହେବ। ବାଲିଯାତ୍ରାକୁ ଅଧିକ ଚିତ୍ତାକର୍ଷକ, ସୁରକ୍ଷିତ ଓ ଜନାଦୃତ କରିବା ସହ ଉତ୍ତମ ସମନ୍ୱୟ ରକ୍ଷା କରିବା ଉପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଗୁରୁତ୍ୱାରୋପ କରିଛନ୍ତି। ଚଳିତବର୍ଷ ବାଲିଯାତ୍ରା ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ ଆଭାସୀ ମାଧ୍ୟମରେ ଅଧ୍ୟକ୍ଷତା କରି ବାଲିଯାତ୍ରା ସହ ଜଡିତ ବିଭିନ୍ନ ବିଭାଗ ଓ ବିଭାଗୀୟ କାର୍ଯ୍ୟାଳୟ ରାଜ୍ୟ ସରକାରଙ୍କ ସାଧାରଣ ଆର୍ଥିକ ନିୟମାବଳୀ ଅନୁପାଳନ କରିବା ସହ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି। ଏଥିରେ କଟକ ମହାନଗର ନିଗମ ☞ ପୃଷ୍ଠା-୭

# ସଂସ୍କୃତି, ଆଧୁନିକତାରେ ସମୃଦ୍ଧ ହେବ ଗାଁ: ମୁଖ୍ୟମନ୍ତ୍ରୀ

## ପୁରୀ, ନୟାଗଡ଼ ଜିଲାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଶୁଭାରମ୍ଭ






ଭୁବନେଶ୍ୱର,୧୩।୧୦(ଅନିଲ ଦାସ)

- ପୁରୀ ସକାଶେ ୧୩୪ କୋଟିର ୪୧୩୦ ପ୍ରକଳ୍ପ
- ନୟାଗଡ଼ ପାଇଁ ୯୭ କୋଟିର ୨୯୨୪ ପ୍ରକଳ୍ପ

ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା 'ଆମ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ ନୂଆ ସଶକ୍ତ ଓଡ଼ିଶା ଗଠନ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଅଭିଯାନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମର ଫୋକସ୍ ହେବ ପ୍ରତି ପଞ୍ଚାୟତ, ପ୍ରତି ଗାଁ। ଭୁବନେଶ୍ୱରରୁ ଆଭାସି ଯୋଗେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ପୁରୀ ଓ ନୟାଗଡ଼ ଜିଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ପ୍ରତି ପଞ୍ଚାୟତ ପାଇବେ ୫୦ ଲକ୍ଷ ଟଙ୍କା। ଏଥିପାଇଁ ପୁରୀ ଜିଲାର ୬ଟି ନିର୍ବାଚନମଣ୍ଡଳୀକୁ ୧୩୪ କୋଟି ଟଙ୍କା ମିଳିଛି। ଏଥିରେ ୪୧୩୦ଟି ପ୍ରକଳ୍ପ ହେବ। ସେହିପରି ନୟାଗଡ଼ ଜିଲାର ୪ଟି ନିର୍ବାଚନମଣ୍ଡଳୀ ପାଇଁ ୯୭ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ୨୯୨୪ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଯୋଜନାରେ ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହେବ। ଏହି ସମନ୍ୱୟରେ ଗାଁ ଗାଁରେ ଆସିବ ସମୃଦ୍ଧି। ଏହା ହେଉଛି ଏକବିଂଶ ☞ ପୃଷ୍ଠା-୭



# ଖୋଲାବଜାରରେ ଗହମ ବିକୁଛି ଏଫ୍‌ସିଆଇ

- ବଢ଼ିପାରେ ଅଟା ଦର
- ମୂଲ୍ୟ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସତର୍କ

ନୂଆଦିଲ୍ଲୀ,୧୩।୧୦ (ଅଭୟ ଦାଶ)



ବିଗତ କିଛି ମାସ ହେଲା ଖୋଲା ବଜାରରେ ଗହମ ଅଭାବ ଦେଖାଦେଇଛି। ଫଳରେ ଗହମ ଜାତୀୟ ଖାଦ୍ୟ ପଦାର୍ଥ ସାଙ୍ଗକୁ ଅଟାର ମୂଲ୍ୟ ବୃଦ୍ଧି ହୋଇପାରେ ବୋଲି ବଜାର ବିଶେଷଜ୍ଞମାନେ ସରକାରଙ୍କୁ ଆଗୁଆ ସୂଚନା ପ୍ରଦାନ ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ମହଲରେ ନିବେଦନ କରାଯାଇଛି। ଫଳରେ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ପକ୍ଷରୁ ଖୋଲାବଜାରରେ ଗହମ ବିକ୍ରି ଆରମ୍ଭ ହୋଇଯାଇଛି। ଏପରିକି ୨୦୨୩ ଅଗଷ୍ଟରୁ ଏଫ୍‌ସିଆଇ କ୍ରମାଗତ ଭାବେ ଖୋଲା ବଜାରରେ ଗହମ ବିକ୍ରି କରୁଛି। ସେହିଭଳି ଦେଶରେ ଖାଦ୍ୟ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ନିମନ୍ତେ କେନ୍ଦ୍ର ସରକାର ଉଦ୍ୟମ ଜାରି ରଖିଛନ୍ତି। ବଜାର ଦର ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ବିଶେଷକରି ଆଗକୁ ପାର୍ବଣ ଥିବାରୁ ଦେଶରେ ମୁଦ୍ରାସ୍ଫୀତି ମଧ୍ୟ ବଢ଼ିପାରେ ବୋଲି ଆକଳନ କରାଯାଉଛି। ମୁଦ୍ରାସ୍ଫୀତି ବୃଦ୍ଧିକୁ ନଜରରେ ରଖି କେନ୍ଦ୍ର ସରକାର ନୂଆ ଗାଇଡ୍‌ଲାଇନ ସହ ସତର୍କ ରହିବାକୁ ଉଭୟ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏ ସମ୍ପର୍କରେ ଖାଦ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ କହିଛନ୍ତି, ଏଫ୍‌ସିଆଇ ଇ-ନିଲାମ ଜରିଆରେ ଗହମ ବିକ୍ରି କରୁଥିବାବେଳେ ୨୦୨୩ ସେପ୍ଟେମ୍ବର ଶେଷ ସୁଦ୍ଧା ଏଫ୍‌ସିଆଇ ଷ୍ଟକ୍‌ରୁ ୨.୩୭ ନିୟୁତ ଟନ୍ ଗହମ ବିକ୍ରି କରିଛନ୍ତି। ବିଶେଷକରି ପାର୍ବଣ ପୂର୍ବରୁ ବଜାରରେ ଅଟା ଦର ନିୟନ୍ତ୍ରଣ ନିମନ୍ତେ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଏପରିକି ପ୍ରଥମରୁ ଦର ନିୟନ୍ତ୍ରଣ କରି ଦିଆଗଲେ ଆଗାମୀ ଦିନରେ ଗହମ ଓ ଅଟାର ମୂଲ୍ୟ ବୃଦ୍ଧି ଦେଖିବାକୁ ମିଳିବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ,୨୦୨୩ ଅଗଷ୍ଟରେ ଗହମର ଖୁଚୁରା ମୁଦ୍ରାସ୍ଫୀତି ହାର ୯.୩ ରୁ ହ୍ରାସ ହୋଇ ୭.୯୩% ହୋଇଛି। ସୂଚନା ମୁତାବକ ଖାଦ୍ୟ ସମଗ୍ରୀ ମୂଲ୍ୟ ହ୍ରାସ ଯୋଗୁ ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ଗତ ୩ ମାସର ସର୍ବନିମ୍ନସ୍ତରର ୫.୨%କୁ ହ୍ରାସ ହୋଇଛି।

## ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର, ୧୩।୧୦

ଗତ କିଛିଦିନ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୮୪ (୧୮୩.୬୪) ପଏଣ୍ଟ ଖସି ୬୫,୨୮୩ (୬୫,୨୮୨.୭୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୬୪ (୬୩.୭୦) ପଏଣ୍ଟ ହ୍ରାସ ଘଟି ୧୯,୭୫୧(୧୯,୭୫୧.୦୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡିକରେ ମଧ୍ୟ ପରିବର୍ତ୍ତନ ଘଟିଛି।

## ରାଧିକା ଟିମାଙ୍କୁ ବିଗ୍ ଇମ୍ପାକ୍ଟ ଆୱାର୍ଡ



ଭୁବନେଶ୍ୱର, ୧୩।୧୦

ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ସାମାଜିକ ସଂସ୍ଥା ଆଇକେଜେ କେୟାର ଫାଉଣ୍ଡେଶନର ଅଧକ୍ଷା (ଚେୟାରପର୍ସନ) ରାଧିକା ଟିମାଙ୍କୁ ନିକଟରେ ଆଉ ଏକ ଜାତୀୟସ୍ତରୀୟ ପୁରସ୍କାର (ଆୱାର୍ଡ) ପ୍ରଦାନ କରାଯାଇଛି। ବିଶେଷକରି ସାମଜସେବା ଓ ସାମାଜିକ କାର୍ଯ୍ୟର ଉଲ୍ଲେଖନୀୟ ଅବଦାନ ପାଇଁ ଟିମାଙ୍କୁ ବିଗ୍ ଏଫ୍‌ଏମ୍ ପକ୍ଷରୁ ବିଗ୍ ଇମ୍ପାକ୍ଟ ଆୱାର୍ଡ ଦିଆଯାଇଛି। ଉଲ୍ଲେଖଯୋଗ୍ୟ,ବିଗ୍ ଏଫ୍‌ଏମ୍ ପକ୍ଷରୁ ଚଣ୍ଡିଗଡର ଏକ ତାରକା ହୋଟେଲରେ ବିଗ୍ ଇମ୍ପାକ୍ଟ ଆୱାର୍ଡ -୨୦୨୩ର ଆୟୋଜନ କରାଯାଇଥିଲା। ଉକ୍ତ ପୁରସ୍କାର ବିତରଣ ଉତ୍ସବରେ ହରିୟାଣାର ମନ୍ତ୍ରୀ ଚନ୍ଦ୍ର ରଞ୍ଜିତ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟିମାଙ୍କୁ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଆଇକେଜେ କେୟାର ଫାଉଣ୍ଡେଶନ ଦୀର୍ଘ ବର୍ଷ ହେବ ସାରା ଦେଶରେ କାର୍ଯ୍ୟ କରୁଥିବାବେଳେ ପରିବେଶ ସୁରକ୍ଷା ଓ ନାରୀ ସଶକ୍ତୀକରଣ ଏବଂ ମହିଳା ଦକ୍ଷତା ବିକାଶ ଉପରେ ଟିମାଙ୍କ ଟିମ୍ ସଫଳତାପୂର୍ବକ କାର୍ଯ୍ୟ କରୁଛନ୍ତି। ସେହିଭଳି ଏହି ସମ୍ମାନ ପୂର୍ବରୁ ରାଧିକାଙ୍କୁ ଅନେକ ପୁରସ୍କାର ଓ ସମ୍ମାନ ସମେତ ବିଭିନ୍ନ ଅନୁଷ୍ଠାନର ବରିଷ୍ଠ ପଦାଧିକାରୀ ସହ ବ୍ରାଣ୍ଡ ଆମ୍ବାସାଡାର ଭାବେ ଟିମା ବେଶ୍ ପରିଚିତ।

## ୱେଷ୍ଟର୍ନ ଡିଜିଟାଲର ନୂତନ ଉତ୍ପାଦ

ଭୁବନେଶ୍ୱର, ୧୩।୧୦




ୱେଷ୍ଟର୍ନ ଡିଜିଟାଲର ନୂତନ ଉତ୍ପାଦ '୨୨ ଟିବି'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ସ୍ମାର୍ଟ ଭିଡିଓ ସିସିଟିଭି ମାଧ୍ୟମରେ ଦକ୍ଷ ଟ୍ରାଫିକ ପରିଚାଳନା ପାଇଁ କେନ୍ଦ୍ରୀୟ ସଂରକ୍ଷଣ ଲାଗି ଏଚ୍‌ଡିଡି ପରି ଷ୍ଟୋରେଜ ସମାଧାନକୁ ପ୍ରାଥମିକତା ଦେବା ଆବଶ୍ୟକ ରହିଥିବାବେଳେ ୱେଷ୍ଟର୍ନ ଡିଜିଟାଲ ପର୍ପଲ ଟିମ୍ ପ୍ରୋ ଦ୍ୱାରା ବିକଶିତ ୩.୫ ସର୍ଭଲାଇନ୍ସସ ଏଚ୍‌ଡିଡି (ହାର୍ଡ ଡିକ୍ସ ଡ୍ରାଇଭ)ଗୁଡ଼ିକ ଏକ ଦୃଢ ସମାଧାନ ପ୍ରଦାନ କରିଥାଏ। ଉକ୍ତ ମଡେଲର ସିସିଟିଭିଗୁଡ଼ିକ ୨୪/୭ ମଲ୍‌ଟି ଷ୍ଟ୍ରିମ୍, ମଲ୍‌ଟି କ୍ୟାମେରା ବ୍ୟବହାର ଚାହିଦା ପୂରଣ କରିବା ଲାଗି ଡିଜାଇନ କରାଯାଇଛି। ଏହା ଦ୍ୱାରା ଜଟିଳ ଫୁଟେଜକୁ ଶୀଘ୍ର ପ୍ରବେଶ କରିବାକୁ ସକ୍ଷମ କରାଇଥାଏ। ଅପରପକ୍ଷରେ ୨୦୨୮ ସୁଦ୍ଧା ୨୦.୦୯% ସିଏଜିଆର ଲକ୍ଷ୍ୟ ସହିତ ଭାରତୀୟ ସିସିଟିଭି ବଜାର ବୃଦ୍ଧି କରୁଥିବାବେଳେ ମୋରଡୋର ଇଣ୍ଟେଲିଜେନ୍ସ ରିପୋର୍ଟ ଅନୁଯାୟୀ ସରକାର ସ୍ମାର୍ଟ ସିଟି ଓ ଦକ୍ଷ ଶାସନ ଉପରେ ଗୁରୁତ୍ୱ ଦେଉଛନ୍ତି। ତଥାପି ଉପରୋକ୍ତ ସିଷ୍ଟମରେ କାର୍ଯ୍ୟଦକ୍ଷତା ନିଶ୍ଚିତ କରିବା ଠିକ୍ ସଂରକ୍ଷଣ ସମାଧାନ ଉପରେ ନିର୍ଭର କରିଥାଏ।

## ଏଚ୍‌ଏମ୍‌ଏସ୍‌ଆଇର ନୂତନ ଏଡିସନ ଉନ୍ମୋଚିତ

ଭୁବନେଶ୍ୱର, ୧୩।୧୦




ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ନୂତନ ଏଡିସନ ନିକଟରେ ଉନ୍ମୋଚିତ ହୋଇଯାଇଛି। ବିଶେଷ କରି ହୋଣ୍ଡା ହାଇନେସ୍ ସିବି୩୫୦ ଏବଂ ସିବି୩୫୦ଆର୍‌ଏସ୍‌ର ନୂତନ ଏଡିସନ୍‌କୁ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ଉଭୟ ବାଇକ୍‌କୁ ଯଥାକ୍ରମେ ଲିଗାସି ଏଡିସନ୍ ଓ ନିଉ ହ୍ୟୁ ଏଡିସନ୍‌ରେ ଉପଲବ୍ଧ କରାଉଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ସୁତ୍ସୁମୁ ଓଟାନି କହିଛନ୍ତି, ଉତ୍ସବ ଋତୁ ପୂର୍ବରୁ ନୂଆ ହାଇନେସ୍ ସିବି୩୫୦ ଲିଗାସି ଏଡିସନ୍ ଓ ସିବି୩୫୦ଆର୍‌ଏସ୍ ନୂଆ ହ୍ୟୁ ଏଡିସନ୍‌କୁ ଭାରତ ବଜାରରେ ପ୍ରବେଶ (ଉନ୍ମୋଚନ) କରାଇ ଆମେ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆର ନିର୍ଦ୍ଦେଶକ (ସେଲ୍‌ସ ଆଣ୍ଡ୍ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ଉତ୍ସବର ବାସ୍ତବ ଭାବକୁ ଉପସ୍ଥାପନ କରି ହାଇନେସ୍ ସିବି୩୫୦ ଲିଗାସି ଏଡିସନ୍ ଓ ସିବି ୩୫୦ ଆର୍‌ଏସ୍ ନ୍ୟୁ ହ୍ୟୁ ଏଡିସନ୍‌ର ଶୁଭାରମ୍ଭ କରି ଆମେ ବହୁତ ଖୁସି ଅଛୁ। ଏହି ସ୍ୱତନ୍ତ୍ର ହାଇନେସ୍ ସିବି ୩୫୦ ଓ ସିବି ୩୫୦ ଆର୍‌ଏସ୍‌ର ବୁକିଂ ସାରା ଭାରତରେ ଥିବା ବିଗ୍‌ୱିଙ୍ଗ୍ ଡିଲରଶିପ୍‌ରେ ଆରମ୍ଭ ହୋଇଛି ଏବଂ ଡେଲିଭରି ଖୁବ୍‌ଶୀଘ୍ର ଆରମ୍ଭ ହେବ। ବିଶେଷ କରି ଉଭୟ ମୋଟରସାଇକେଲରେ ଉନ୍ନତ ଡିଜିଟାଲ୍ ଆନାଲଗ୍ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର୍, ଆସିଷ୍ଟ ସ୍ଲିପର କ୍ଲଚ୍ ଓ ହୋଣ୍ଡା ସିଲେକ୍ଟେବଲ୍ ଟର୍କ କଣ୍ଟ୍ରୋଲ୍ ଆଦି ରହିଛି। ଉଭୟ ଗାଡ଼ିରେ ୩୪୮.୩୬ ସିସି ଏୟାର କୁଲ୍‌ଡ, ୪-ଷ୍ଟ୍ରୋକ୍, ସିଙ୍ଗିଲ୍ ସିଲିଣ୍ଡର ବିଏସ୍-୬ ଓବିଡି୨ ନିୟମ ପାଳନ କରୁଥିବା ଇଞ୍ଜିନ୍ ରହିଛି।

## ଜଗଦୀଶ ନାଲ୍‌କୋର ନୂତନ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୩।୧୦



ଜଗଦୀଶ ଅରୋରା

ନାଲ୍‌କୋର ନୂତନ ନିର୍ଦ୍ଦେଶକ (ପ୍ରୋଜେକ୍ଟ ଆଣ୍ଡ ଟେକ୍ନିକାଲ) ଭାବେ ଜଗଦୀଶ ଅରୋରା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଆରୋରା ସେଲ୍ ଅନ୍ତର୍ଗତ ସେଣ୍ଟର ଫର୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଆସୁଥିଲେ। ଉଲ୍ଲେଖଯୋଗ୍ୟ, ଜଗଦୀଶ ଏନ୍‌ଆଇଟି, ୱାରାଙ୍ଗଲରୁ ମେକାନିକାଲ ଇଞ୍ଜିନିୟରିଂରେ ପିଜିଡିଏମ୍ ଡିଗ୍ରୀ ହାସଲ କରିବା ପରେ ଅରୋରା ସେଲ୍‌ରେ ମ୍ୟାନେଜମେଣ୍ଟ ଟ୍ରେନିଂ (ଟେକ୍‌ନିକାଲ) ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ବିଶେଷକରି ମେଟାଲ ମାଇନିଂ ଇଣ୍ଡଷ୍ଟ୍ରିର ବିଭିନ୍ନ ଦିଗ ଉପରେ କାର୍ଯ୍ୟ କରିବାର ବିଶେଷ ଅଭିଜ୍ଞତା ଓ ଦକ୍ଷତା ଅରୋରାଙ୍କ ନିକଟରେ ରହିଛି। ଏପରିକି ସେଲ୍‌ରେ ୩ ଦଶନ୍ଧିରୁ ଅଧିକ ସମୟ ଧରି କାର୍ଯ୍ୟ କରିବା ସହ ଅରୋରା ବିଭିନ୍ନ ପଦପଦବୀରେ ରହି ଚ୍ୟାଲେଞ୍ଜିଂ କାର୍ଯ୍ୟଗୁଡ଼ିକୁ ସଫଳତାର ସହ ନିର୍ବାହ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନାଲ୍‌କୋର ଅଧ୍ୟକ୍ଷ ଶ୍ରୀଧର ପାତ୍ର ଜଗଦୀଶଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଯୋଗଦାନ ଦ୍ୱାରା ନାଲ୍‌କୋ ବୋର୍ଡ ଅଧିକ ମଜଭୁତ ହେବ ବୋଲି ଆଶା ପ୍ରକଟ କରିଛନ୍ତି।

## ଫୁର୍‌ସତ୍

# ଗୁଣବତ୍ତା ଦ୍ୱାରା ଆର୍ଥିକ ବିକାଶ



ଅର୍ଥନୀତିର ବିକାଶରେ ଗୁଣବତ୍ତାଯୁକ୍ତ ମାନକ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ଘରୋଇ ଉତ୍ପାଦର ଚାହିଦା ଅନ୍ତର୍ଜାତୀୟସ୍ତରରେ ବୃଦ୍ଧି ପାଇପାରିଥାଏ। ଦେଶଦେଶ ମଧ୍ୟରେ ବାଣିଜ୍ୟ ସମୟରେ ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ପନିପରିବା ସହିତ ଅନ୍ୟ ସମସ୍ତ ଉତ୍ପାଦ କ୍ଷେତ୍ରରେ ଗୁଣବତ୍ତା ଯାଞ୍ଚ ଭୂମିକା ଅପରିହାର୍ଯ୍ୟ ହୋଇପଡ଼ିଥାଏ। ସେହିପରି ସାଧାରଣ ଉପଭୋକ୍ତାଙ୍କ କ୍ଷେତ୍ରରେ ପ୍ରତିଟି ସାମଗ୍ରୀ କିଣିବା ସମୟରେ ଏହାର ଗୁଣବତ୍ତା ସମ୍ପର୍କିତ ତଥ୍ୟ ଭଲଭାବେ ଜାଣିନେବାର ଆବଶ୍ୟକତା ମଧ୍ୟ ରହିଛି।

ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଅକ୍ଟୋବର ୧୪ରେ ବିଶ୍ୱ ମାନକ ଦିବସ ପାଳନ କରାଯାଇଥାଏ। ଦିବସର ଉଦ୍ଦେଶ୍ୟ ହେଉଛି ନିୟାମକ, ଶିଳ୍ପ ଏବଂ ଗ୍ରାହକଙ୍କ ମଧ୍ୟରେ ବିଶ୍ୱ ଅର୍ଥନୀତି ସମ୍ପର୍କରେ ମାନକକରଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା। ଆମେରିକୀୟ ସୋସାଇଟି ଅଫ ମେକାନିକାଲ ଇଞ୍ଜିନିୟର୍ସ (ଏଏସଏମଇ), ଅନ୍ତର୍ଜାତୀୟ ନୈତିକ ମାନକ ଆକାଉଣ୍ଟାଣ୍ଟ ବୋର୍ଡ (ଆଇଇଏସ୍‌ବିଏ) ଅନ୍ତର୍ଜାତୀୟ

### ବିଶ୍ୱ ମାନକ ଦିବସ

ମାନକକରଣ ସଂଗଠନ (ଆଇଏସଓ) ପରି ମାନକ ବିକାଶ ସଂଗଠନ ମଧ୍ୟରେ ସ୍ୱେଚ୍ଛାକୃତ ମାନକ ବିକାଶ କରୁଥିବା ବିଶେଷଜ୍ଞଙ୍କ ଉଦ୍ୟମକୁ ଏହି ଦିନ ସମ୍ମାନିତ କରାଯାଇଥାଏ।

ଅକ୍ଟୋବର ୧୪ରେ ୨୫ଟି ଦେଶର ପ୍ରତିନିଧିମାନେ ପ୍ରଥମେ ଲଣ୍ଡନରେ ଏକତ୍ରିତ ହୋଇଥିଲେ ଏବଂ ମାନକକରଣକୁ ସୁଗମ କରିବା ଉପରେ ଏକ ଅନ୍ତର୍ଜାତୀୟ ସଂଗଠନ ଗଠନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାର ଗୋଟିଏ ବର୍ଷ ପରେ ଅନ୍ତର୍ଜାତୀୟ ମାନକକରଣ ସଂଗଠନ (ଆଇଏସଓ) ଗଠନ କରାଯାଇଥିଲା। ମାତ୍ର ୧୯୭୦ରେ ପ୍ରଥମ ବିଶ୍ୱ ମାନକ ଦିବସ ପାଳନ କରାଯାଇ ଥିଲା।

## ସଲମାନ୍ ହେବେ ପାରାମିଲିଟାରି ଅଫିସର

ମୁମ୍ବାଇ



ବଲିଉଡର ସୁପରହିରୋ ସଲମାନ୍ ଖାନ୍ ଅନେକ ବ୍ଲକବଷ୍ଟର ହିଟ୍ ମୁଭି ପ୍ରଶଂସକଙ୍କୁ ଭେଟି ଦେଇଛନ୍ତି। ଏବେ ସେ ସମ୍ପୂର୍ଣ୍ଣ ନୂଆ ଅବତାରରେ ନଜର ଆସିବାକୁ ଯାଉଛନ୍ତି। ସଲମାନ୍ ଏକ ଫିଲ୍ମ ପାଇଁ ପ୍ରସ୍ତୁତ ହେଉଛନ୍ତି। ଯେଉଁଥିରେ ସେ ଜଣେ ପାରାମିଲିଟାରି ଅଫିସର ଭୂମିକାରେ ନଜର ଆସିବେ। ଫିଲ୍ମ ପାଇଁ ସଲମାନ୍ ଜିମ୍‌ରେ କଠିନ ପ୍ରଶିକ୍ଷଣ ନେଉଛନ୍ତି ଏବଂ ତାଙ୍କ ଡାଏଟକୁ ନେଇ ଖୁବ୍ ସଚେତନ ହୋଇଯାଇଛନ୍ତି। ଏହି ଭୂମିକା ପାଇଁ ତାଙ୍କ ଶରୀର ବେଷ୍ଟ ଶେପ୍‌କୁ ଆଣିବାକୁ ଲାଗି ପଡିଛନ୍ତି। ଏହି ଫିଲ୍ମଟି ମାଳଦ୍ୱୀପରେ ୧୯୮୮ରେ ହୋଇଥିବା ମିଶନ ଉପରେ ଆଧାରିତ। ସଲମାନ୍‌ଙ୍କ ସହ ସାମନ୍ଥା ରୁଥ ପ୍ରଭୁ ନଜର ଆସିବେ। ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ଶେରଶାହାର ନିର୍ଦ୍ଦେଶକ ବିଷ୍ଣୁ ବର୍ଦ୍ଧନ।

## ଗୋଲ୍ଡେନ୍‌ମ୍ୟାନ୍: ପିନ୍ଧନ୍ତି ୫ କେଜି ସୁନା

ପାଟନା



ସୁନା ଅଳଙ୍କାର କାହାର ବା ପସନ୍ଦ ନୁହେଁ। ନିବେଶ କରିବା କିମ୍ବା ଅଳଙ୍କାର କିଣିବାକୁ ଲୋକେ ପ୍ରତିଦିନ ସୁନା ମୂଲ୍ୟ ଯାଞ୍ଚ କରନ୍ତି। ମୂଲ୍ୟ ଟିକେ ଖସିଲେ ଲୋକେ ସୁନା କିଣିବାକୁ ଆଗେଇଆସନ୍ତି। ସୁନାକୁ ଅନେକେ ବହୁତ ଭଲ ପାଆନ୍ତି। ପାଟନାରେ ଏପରି ଜଣେ ବ୍ୟକ୍ତି ଅଛନ୍ତି, ୫.୨ କିଲୋଗ୍ରାମ ସୁନା ପିନ୍ଧି ବୁଲନ୍ତି। ପଗଡ଼ି ହେଉ କି ଚଷମା, ଫୋନ କିମ୍ବା ଜୋତା ସବୁକିଛି ସୁନା। ଏହି କାରଣରୁ ସେ ଗୋଲଡେନ୍ ମ୍ୟାନ ଭାବରେ ଜଣାଶୁଣା। ସେ ଯେଉଁଆଡେ ଯାଆନ୍ତି, ଲୋକମାନେ ସେଲ୍ଫି ନେବାକୁ ଆଦୌ ଭୁଲନ୍ତି ନାହିଁ।

ଗୋଲ୍ଡେନ୍‌ମ୍ୟାନ ପ୍ରେମ ସିଂଙ୍କ ଘର ଭୋଜପୁର ଜିଲାରେ। ୬ ବର୍ଷ ବୟସରୁ ସେ ସୁନା ପିନ୍ଧିବା ଆରମ୍ଭ କରିଥିଲେ। ପ୍ରେମ ସିଂ ୧.୫ କୋଟିରୁ ଅଧିକ ମୂଲ୍ୟର ସୁନା ପିନ୍ଧି ତାଙ୍କ କାର୍‌ରୁ ଓହ୍ଲାନ୍ତି, ଲୋକମାନେ ସେଲ୍ଫି ନେବା ପାଇଁ ପ୍ରତିଯୋଗିତା କରନ୍ତି। ବୃତ୍ତି ଅନୁଯାୟୀ ପ୍ରେମ ଜଣେ କଣ୍ଟ୍ରାକ୍ଟର ତଥା ଜଣେ ଜମିଦାର। ସେ କୁହନ୍ତି, ପ୍ରଥମେ ୫୦ ଗ୍ରାମରୁ ସୁନା ପିନ୍ଧିବା ଆରମ୍ଭ କରିଥିଲେ, କିନ୍ତୁ ଯେପରି ଏକ ପୋଖରୀ ବିନ୍ଦୁ ବିନ୍ଦୁ ପାଣିରେ ଭରିଯାଏ, ସେମିତି ମୋ ଦେହରେ ଥିବା ସୁନା ଧୀରେ ଧୀରେ ବଢ଼ିବାକୁ ଲାଗିଲା ଏବଂ ଆଜି ଏହା ୫ କିଲୋଗ୍ରାମ ୨୦୦ ଗ୍ରାମରେ ପହଞ୍ଚିଛି। ପ୍ରେମ ଦାବି କରନ୍ତି ଯେ, ସେ ହେଉଛନ୍ତି ବିହାରର ପ୍ରଥମ ସୁନା ମଣିଷ ଏବଂ ଦେଶର ଦ୍ୱିତୀୟ ସୁନା ମଣିଷ। ଯେଉଁମାନେ ପ୍ରଥମ ସ୍ଥାନରେ ଅଛନ୍ତି ସେମାନେ ପ୍ରାୟ ୭ରୁ ୮ କିଲୋଗ୍ରାମ ସୁନା ପିନ୍ଧନ୍ତି। ପ୍ରେମଙ୍କର ଲକ୍ଷ୍ୟ ହେଉଛି ଦିନେ ନା ଦିନେ ସେ ପ୍ରଥମ ସ୍ଥାନକୁ ଯିବେ। ସେ କହିଛନ୍ତି, ଏଥିପାଇଁ ସେ ରୋଜଗାରର ଅଧିକାଂଶ ଅଂଶ ସୁନାରେ ଖର୍ଚ୍ଚ କରନ୍ତି ଏବଂ ୮ କିଲୋଗ୍ରାମ ସୁନା ଅତିକ୍ରମ କରିବାକୁ ଚେଷ୍ଟା କରୁଛନ୍ତି। ଯାହା ଦ୍ୱାରା ତାଙ୍କୁ ଦେଶର ଗୋଲଡେନ ମ୍ୟାନ କୁହାଯାଇପାରିବ। ସେ ଆହୁରି ମଧ୍ୟ କହିଛନ୍ତି, ଏହି ସମସ୍ତ ସୁନା ସଚ୍ଚୋଟ ଭାବରେ ଅର୍ଜନ କରାଯାଇଛି। ସବୁର ହିସାବ ଆକାଉଣ୍ଟ ବହିରେ ଅଛି। ତେଣୁ ଆୟକର କିମ୍ବା କୌଣସି ଏଜେନ୍ସିର ଭୟ ନାହିଁ। ବର୍ତ୍ତମାନ ଏତେ ସୁନା ଥିବାରୁ ସୁରକ୍ଷା ଦୃଷ୍ଟିରୁ ୪ ଜଣଙ୍କୁ ବଡିଗାର୍ଡ ଭାବରେ ନିଯୁକ୍ତି ଦେଇଛନ୍ତି। ପ୍ରେମ ସିଂ ଯେଉଁଆଡ଼େ ଗଲେ ସେମାନେ ତାଙ୍କ ସହ ଯାଇଥାନ୍ତି।

## ହଲିଉଡ୍ ଅଭିନେତାଙ୍କୁ 'ସତ୍ୟଜିତ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ'



ମାଇକେଲ ଡଗଲାସ

ନୂଆଦିଲ୍ଲୀ

ଗୋଆରେ ଆୟୋଜିତ ହେବାକୁଥିବା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫଏଫଆଇ)ରେ ଲୋକପ୍ରିୟ ହଲିଉଡ୍ ଅଭିନେତା ମାଇକେଲ ଡଗଲାସଙ୍କୁ ସତ୍ୟଜିତ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯିବ। ଏନେଇ ସୋସିଆଲ ମିଡିଆ ଏକ୍ସରେ ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର।

କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର କହିଛନ୍ତି, ନଭେମ୍ବର ୨୦ରୁ ୨୮ମଧ୍ୟରେ ଗୋଆରେ ଆୟୋଜିତ ହେବାକୁ ଥିବା ୫୪ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଅଭିନେତା ମାଇକେଲ ଡଗଲାସଙ୍କୁ ସମ୍ମାନିତ କରାଯିବ। କାର୍ଯ୍ୟକ୍ରମରେ ତାଙ୍କ ସ୍ତ୍ରୀ କ୍ୟାଥରିନ ଜେଟା ଜୋନ୍ସ ଏବଂ ପୁଅ ଡିଲାନ ଡଗଲାସ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମାଇକେଲ ଡଗଲାସଙ୍କ ଭାରତ ପ୍ରତି ଥିବା ସୌହାର୍ଦ୍ଦପୂର୍ଣ୍ଣ ଏବଂ ପ୍ରେମ ଭାବ ରହିଛି। ଭାରତ ଏହାର ସମୃଦ୍ଧ ସିନେମା ସଂସ୍କୃତି ଏବଂ ଅନନ୍ୟ ପରମ୍ପରା ପ୍ରଦର୍ଶନ କରିବାକୁ ଆଗ୍ରହୀ ଅଟେ ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ଧରି ତାଙ୍କ ଉଲ୍ଲେଖନୀୟ କ୍ୟାରିୟରରେ ୭୯ ବର୍ଷୀୟ ମାଇକେଲ ଡଗଲାସ୍ ଦୁଇଟି ଏକାଡେମୀ ପୁରସ୍କାର, ପାଞ୍ଚଟି ଗୋଲ୍ଡେନ ଗ୍ଲୋବ ପୁରସ୍କାର ଏବଂ ଏମି ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଫିଲ୍ମ ୱାଲ ଷ୍ଟ୍ରିଟ (୧୯୮୭), ଫଲିଙ୍ଗ ଡାଉନ(୧୯୯୩), ଦି' ଆମେରିକା ପ୍ରେସିଡେଣ୍ଟ (୧୯୯୫), ଟ୍ରାଫିକ(୨୦୦୦) ଇତ୍ୟାଦି ଫିଲ୍ମରେ ଅଭିନୟ କରି ଅବିସ୍ମରଣୀୟ ଚିହ୍ନ ଛାଡିଛନ୍ତି।

# ଖାଦାନ ମାଲିକଙ୍କ ନାଁରେ ରୁଜୁ ହେବ ମାମଲା

## ଲୁଣିବର ଖାଦାନରେ ୨ ଶ୍ରମିକଙ୍କ ମୃତ୍ୟୁ ମାମଲା

■ ଖଣି ବିଭାଗ ସଚିବ, ଲିଜ୍‌ଧାରୀଙ୍କୁ ଲୋକାୟୁକ୍ତଙ୍କ ଜବାବତଲବ

ଯାଜପୁର,୧୩।୧୦(ହର୍ଷବର୍ଦ୍ଧନ ବେହେରା)

ସମସ୍ତ ବ୍ୟକ୍ତିଙ୍କ ଜୀବନ ବହୁମୂଲ୍ୟ ବୋଲି ରାଜ୍ୟ ସରକାରଙ୍କ ବିଶ୍ୱାସ ରହିଛି। ତେଣୁ ବେଆଇନ କଳାପଥର ଖାଦାନରେ ଅତଡ଼ା ଖସି ପ୍ରାଣ ହରାଇଥିବା ଶ୍ରମିକଙ୍କ ପାଇଁ ଦାୟୀ ଅଧିକାରୀ ଓ ଖାଦାନ ମାଲିକଙ୍କ ନାମରେ ଆପରାଧିକ ମାମଲା ରୁଜୁ କରାଯାଇ ପାରିବ। ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଲୁଣିବର ପଥର ଖାଦାନରେ ଅତଡା ଖସି ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ଓଡ଼ିଶା ଲୋକାୟୁକ୍ତ ନିଜ ଆଡୁ(ସୋ ମୋଟୋ) ୨୫୦/୨୦୨୩ ମାମଲାର ବିଚାର କରି ଏଭଳି ରାୟ ଦେଇଛନ୍ତି। ଲୋକାୟୁକ୍ତ ସେକ୍ରେଟାରି (ଜୁଡିସିଆଲ)ଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଖାଦାନ ମାଲିକ ଜେନାପୁର ଥାନା ରଗଡିପୋଷି ଗ୍ରାମର ଗଙ୍ଗାଧର ଓଝାଙ୍କୁ ଆଇନ ଅନୁସାରେ ନୋଟିସ ଜାରି ହୋଇ ଜବାବ ଦେବାକୁ ନିର୍ଦ୍ଦେଶ ହୋଇଛି। ଏମାନେ ୬ ସପ୍ତାହ ମଧ୍ୟରେ ନିଜର ମତାମତ ରିପୋର୍ଟ ଦାଖଲ କରିବେ। ପରବର୍ତ୍ତୀ ଶୁଣାଣି ୨୩।୧୧।୨୦୨୩ରେ



ଲୁଣିବର ଖାଦାନ।

କରାଯିବ ବୋଲି ନିର୍ଦ୍ଦେଶରେ ଦର୍ଶାଯାଇଛି। ଲୁଣିବର ପାହାଡ ପଥର ଖାଦାନରେ ଗତ ମେ ମାସ ୩୧ ତାରିଖ ମଧ୍ୟରାତ୍ରିରେ ଅପୁ ରାଉତ ଓ ଶାନ୍ତନୁ ଖିଲାର ନାମକ ୨ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ବେଆଇନ ଖାଦାନରୁ ଏକ୍ସାଭେଟର ସହାୟତାରେ କଳାପଥର ଉତ୍ତୋଳନ ସମୟରେ ଏହି ଘଟଣା ଘଟିଥିଲା। ଏଥିରେ ଅପୁ ରାଉତ ଅପରେଟର ଏବଂ ଶାନ୍ତନୁ ଖିଲାର ସହାୟକ ଭାବେ କାମ କରୁଥିଲେ। ଏକ ହେଭି ମେଶିନ ଖୋଲାଖୋଲି ଭାବେ ବେଆଇନ କଳାପଥର ଖାଦାନରେ ବ୍ୟବହାର ହେଉଥିଲା। ଦୁର୍ଭାଗ୍ୟପୂର୍ଣ୍ଣ ଯେ, ଉକ୍ତ ଘଟଣା ଘଟିବା ପରେ ମଧ ପ୍ରଶାସନିକସ୍ତରେ ବେଆଇନ ଖାଦାନ ବୋଲି ଦର୍ଶାଯାଇ ନ ଥିଲା। ଏନେଇ ଧରିତ୍ରୀ ଏବଂ ଓଡିଶାପୋଷ୍ଟରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ନେଇ ଓଡିଶା ଲୋକାୟୁକ୍ତ ନିଜ ଆଡୁ ମାମଲା ରୁଜୁ କରିବା ସହ ୫।୬।୨୦୨୩ରେ କଟକ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଘଟଣା ଉପରେ ତଦନ୍ତ କରି ଦୁଇ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭିଜିଲାନ୍ସ ନିର୍ଦ୍ଦେଶକ ୨୫।୯।୨୦୨୩ରେ ପ୍ରାଥମିକ ତଦନ୍ତ ରିପୋର୍ଟ ଲୋକାୟୁକ୍ତଙ୍କ ପାଖରେ ଦାଖଲ କରିଥିଲେ। ଉକ୍ତ ରିପୋର୍ଟରେ ସ୍ପଷ୍ଟ ଭାବେ ଦର୍ଶାଯାଇଛି ଯେ, ଲୁଣିବର ପାହାଡର ବିଏସ୍‌କ୍ୟୁ ନମ୍ବର-୫ ଖାଦାନର ଲିଜଧାରୀ ଗଙ୍ଗାଧର ଓଝା ବିଏସ୍‌କ୍ୟୁ ନମ୍ବର-୨ ଖାଦାନରେ ବେଆଇନ ଭାବେ କଳାପଥର ଉତ୍ତୋଳନ କରୁଥିବା ସମୟରେ ଦୁର୍ଘଟଣା ଘଟି ୨ ଜଣ ଶ୍ରମିକଙ୍କ ଜୀବନ ଯାଇଛି। ଏହି ବେଆଇନ କାର୍ଯ୍ୟରେ ୩୨୩ଡି୩ ନମ୍ବର ହାଇଡ୍ରୋଲିକ ଏକ୍ସାଭେଟର ମେଶିନ ବ୍ୟବହାର କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ଆଲୋଚନା କରିବାକୁ ବାରମ୍ବାର ଉଦ୍ୟମ କରିଥିଲେ ହେଁ ଲିଜ୍‌ଧାରୀ ଗଙ୍ଗାଧର ଓଝା କୌଣସି ସହାୟତା କରି ନ ଥିଲେ। ଏପରିକି ତଦନ୍ତକୁ ମନା କରି ଦେଇଥିଲେ। ଏହାବାଦ କୌଣସି ସରକାରୀ ଅଧିକାରୀ ଗଙ୍ଗାଧର ଓଝାଙ୍କ ଏହି ବେଆଇନ ଖାଦାନ ସମ୍ପର୍କରେ ସୂଚନା ଦେଇ ନ ଥିଲେ। ତେଣୁ ଲୋକାୟୁକ୍ତ ସମ୍ପୃକ୍ତ ସରକାରୀ ଅଧିକାରୀଙ୍କୁ ଦାୟୀ କରିବା ସହ ଲିଜ୍‌ଧାରୀ ଗଙ୍ଗାଧର କେମିତି ଖୋଲାଖୋଲି ଭାବେ ହେଭି ହାଇଡ୍ରୋଲିକ ଏକ୍ସାଭେଟର ମେଶିନ ବ୍ୟବହାର କରିପାରିଲେ ବୋଲି ପ୍ରଶ୍ନ କରିଛନ୍ତି। ପ୍ରାକୃତିକ ଖଣି ସମ୍ପଦକୁ ସୁରକ୍ଷା ଦେବାକୁ ସରକାରୀ ଅଧିକାରୀ ନିୟୋଜିତ ଥାଇ ମଧ ସେମାନେ ଏଥିରେ ବିଫଳ ହୋଇଛନ୍ତି ବୋଲି ଲୋକାୟୁକ୍ତଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି।

# ଅଗ୍ନିକାଣ୍ଡରେ ବିପୁଳ ସମ୍ପତ୍ତି ନଷ୍ଟ, ୨ ଗୁରୁତର



ଲକ୍ଷ୍ମୀମାର୍କେଟରେ ଥିବା ଏକ ଗୋଦାମରେ ନିଆଁ ଲାଗିଛି।

ଯାଜପୁରରୋଡ,୧୩।୧୦(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ରୋଡ ଥାନା ଅନ୍ତର୍ଗତ ଲକ୍ଷ୍ମୀମାର୍କେଟରେ ଗତ ବର୍ଷ ଖୋଲା ଯାଇଥିବା ଏକ ଗୋଦାମରେ ଶୁକ୍ରବାର ରାତି ପ୍ରାୟ ୭ଟା୩୦ରେ ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ ବିପୁଳ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଘଟଣାସ୍ଥଳରେ ଦୋକାନ ମାଲିକ ଦଳା ଗ୍ରାମର କରୁଣାକର ଦାସ(୪୮) ଏବଂ ଗ୍ରାହକ କୋରେଇ ବ୍ଲକ କୋରାବନ୍ଧି ଗ୍ରାମର ସଞ୍ଜୟ କୁମାର ପତି (୨୫) ଗୁରୁତର ହୋଇଛନ୍ତି। ସେମାନଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି।

୨ ମହଲା ବିଶିଷ୍ଟ ଏହି ଗୋଦାମ ଘରେ ନିଆଁ ଲାଗିବା ଫଳରେ ଗ୍ରାଉଣ୍ଡ ଫ୍ଲୋର ଏବଂ ୨ୟ ଫ୍ଲୋରରେ ଥିବା ସାମଗ୍ରୀଗୁଡ଼ିକ ଜଳିଯାଇଛି। ପ୍ରଥମେ ଦ୍ୱିତୀୟ ମହଲାରେ ନିଆଁ ଲାଗିଥିଲା। ନିର୍ମାଣାଧୀନ ଏହି ମହଲାରେ କାଠ ବଲା ଏବଂ ବାଉଁଶ ରହିଥିବାରୁ ତତ୍‌କ୍ଷଣାତ୍ ନିଆଁ ଅନ୍ୟ ମହଲାକୁ ବ୍ୟାପିଯାଇଥିଲା। ଖବରପାଇ ଯାଜପୁର ରୋଡ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁ ଲିଭାଇବା ଆରମ୍ଭ କରିଛନ୍ତି। ୩ ଗୋଟି ନିଆଁଲିଭା ଗାଡ଼ି ସମେତ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଏଥିରେ ମୁତୟନ ହୋଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ନିଆଁ ଲିଭା କାର୍ଯ୍ୟ ଜାରି ରହିଥିଲା। ଏହି ଗୋଦାମରେ ବେଆଇନ ଭାବେ ବାଣ ଗଚ୍ଛିତ ରଖାଯାଇଥିବାରୁ ଏଭଳି ଅଗ୍ନିକାଣ୍ଡ ଘଟିଲା ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଯାଜପୁର ସହରରେ ଏଭଳି ଅନେକ ବେଆଇନ ବାଣ ଗୋଦାମ ରହିଛି। ତେଣୁ ଏସବୁର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ଆସ୍‌ପିରେଶନାଲ କମ୍ପୋନେଣ୍ଟ୍ସ ପାଠ୍ୟକ୍ରମ ଶୁଭାରମ୍ଭ



ପତିତପାବନ ହାଇସ୍କୁଲରେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଧର୍ମଶାଳା,୧୩।୧୦(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନାକପୋଲସ୍ଥିତ ପତିତପାବନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ମୋସ୍କୁଲ ଅଭିଯାନ ମିଳିତ ଆନୁକୂଲ୍ୟରେ ଆସ୍ପିରେଶନାଲ କମ୍ପୋନେଣ୍ଟ୍ସ ପାଠ୍ୟକ୍ରମ ଶୁକ୍ରବାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ଇନ୍ଦିରା ଗାଗରାଇ ସଭାପତିତ୍ୱ କରିଥିଲେ। ହାଇସ୍କୁଲସ୍ତରରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ନୂତନ ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରଣୟନ କରାଯାଇଥିବା ଏହି ପାଠ୍ୟକ୍ରମ ପ୍ରତ୍ୟେକ ମାସର ୩ଟି ଶନିବାରରେ ପିଲାଙ୍କୁ ପଢ଼ାଯିବ। ଏଥିରେ କୌଶଳି, ଜିଜ୍ଞାସା, ସୃଜନି ସାହିତ୍ୟ ଓ କ୍ରୀଡ଼ାଙ୍ଗନ ବିଷୟରେ ପଢ଼ାଯିବ ବୋଲି ପ୍ରଧାନଶିକ୍ଷୟିତ୍ରୀ ସୂଚନା ଦେଇଛନ୍ତି। ପାଠ୍ୟକ୍ରମକୁ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ ପଢ଼ାଇବେ। ମୋ ସ୍କୁଲ ଅଭିଯାନର ସଦସ୍ୟମାନେ ସାମିଲ ହୋଇ ଛାତ୍ରୀଛାତ୍ର କିଭଳି ଭଲ ଶିକ୍ଷା ଗ୍ରହଣ କରିବେ ସେଥିପ୍ରତି ଯତ୍ନବାନ ରହିବେ।

## ପତିତପାବନ ହାଇସ୍କୁଲ

କାର୍ଯ୍ୟକ୍ରମରେ ମୋ ସ୍କୁଲ ଅଭିଯାନ ସଭପତି ଇଂ. ନିରଞ୍ଜନ ମିଶ୍ର, ସରପଞ୍ଚ ତ୍ରିଲୋଚନ ଜେନା, ଏସ୍‌ଏମ୍‌ସି ସଭାପତି ବେଣୁଧର ଦାସ, ପୁରାତନ ଛାତ୍ର ସଂସଦ ଉପଦେଷ୍ଟା ଯୁଧିଷ୍ଠିର ସ୍ୱାଇଁ, ଶରତ ଚନ୍ଦ୍ର ସ୍ୱାଇଁ, ଏସ୍‌ଏମ୍‌ସି ସଦସ୍ୟା କଲ୍ୟାଣି ପତି, ମିନତିବାଳା ଗୁଇଁ, ଶିକ୍ଷୟିତ୍ରୀ, ସୁପ୍ରଭା ଜେନା, ମଧୁଛନ୍ଦା ମହାନ୍ତି, ଦମୟନ୍ତୀ ବେହେରା, ସୋନି ନାୟକ, ଶିକ୍ଷକ ଅମୁଲ୍ୟ କୁମାର ଲେଙ୍କା ଓ ନାରାୟଣ ନନ୍ଦ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପୂରାତନ ଛାତ୍ର ତଥା ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ସାରସ୍ୱତ ଭାବେ ସମ୍ବର୍ଦ୍ଧିତ ହୋଇଥିବାରୁ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ବିଦ୍ୟାଳୟରେ ସୃଜନୀ ସାହିତ୍ୟ ପାଠ ପଢ଼ାଇବେ ବୋଲି ଜେନା କହିଥିଲେ। ଶିକ୍ଷକ ରମେଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# ସୁନାଚେନ ଲୁଟ୍‌ବେଳେ ବାଇକ୍‌ରୁ ପଡ଼ି ମହିଳା, ତାଙ୍କ ୧୪ ମାସର ପୁଅ ଆହତ

ଧର୍ମଶାଳା,୧୩।୧୦(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବ୍ରାହ୍ମଣୀ ସେତୁରେ ସୁନାଚେନ୍ ଲୁଟ୍‌ବେଳେ ବାଇକ୍‌ରୁ ପଡ଼ି ଜଣେ ମହିଳା ଓ ତାଙ୍କ ୧୪ ମାସର ପୁଅ ଆହତ ହୋଇଛନ୍ତି। ମହିଳା ଜଣକ ବାଇକ୍‌ରେ ବସି ଯାଉଥିବାବେଳେ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ସୁନା ଚେନ ଲୁଟିନେଇଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ମହିଳା ଓ ତାଙ୍କ ପୁଅ ବାଇକରୁ ଖସିପଡ଼ିଥିଲେ। ଲୁଟ୍‌ର ଶିକାର ମହିଳା ହେଲେ ଏହି ଥାନା କ୍ଷେତ୍ରପାଳ ଗ୍ରାମର ବାସୁଦେବ ସାମନ୍ତରାୟଙ୍କ ସ୍ତ୍ରୀ ରଶ୍ମିତା ସାହୁ। ବାସୁଦେବ ରଶ୍ମିତା ଓ ତାଙ୍କ ପୁଅକୁ ଧରି ଗୁରୁବାର ସନ୍ଧ୍ୟାରେ ବାଇକ୍ ଯୋଗେ କୁଆଖିଆସ୍ଥିତ ବନ୍ଧୁଙ୍କ ଘରୁ ନିଜ ଘର କ୍ଷେତ୍ରପାଳକୁ ଫେରୁଥିଲେ। ଏହି ସମୟରେ ହେଲେମେଟ ପିନ୍ଧିଥିବା ଜଣେ ଯୁବକ ପଛପଟୁ ଏକ ବାଇକରେ ଆସି ରଶ୍ମିତାଙ୍କ ବେକରୁ ୧୦ ଗ୍ରାମର ସୁନାଚେନ ଝାମ୍ପି ନେଇ ଚଣ୍ଡିଖୋଲ ପଟକୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ମହିଳା ଓ ତାଙ୍କ ପୁଅଙ୍କୁ ଉଦ୍ଧାର କରାଯାଇ ଧର୍ମଶାଳା ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ବାସୁଦେବ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୬୩୭/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଷ୍ଟେଟ୍ ବ୍ୟାଙ୍କ ସିଏସ୍‌ପି ପରିଚାଳକଙ୍କ ତାଲିମ ଶିବିର

କାଏମା,୧୩।୧୦(ଶିବପ୍ରସାଦ ମହାନ୍ତି)

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ବିଭିନ୍ନ ଗ୍ରାହକ ସେବା କେନ୍ଦ୍ର(ସିଏସ୍‌ପି) ପରିଚାଳକଙ୍କ ଏକ ତାଲିମ ଶିବିର ଜାରକାସ୍ଥିତ ସମ୍ରାଟ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଷ୍ଟେଟ ବ୍ୟାଙ୍କର ଫିଆ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ତରଫରୁ ଅନୁଷ୍ଠିତ ଏହି ଶିବିରରେ ବିଭିନ୍ନ ଜିଲାରୁ ୫୦ରୁ ଉର୍ଦ୍ଧ୍ୱ ଗ୍ରାହକ ସେବା କେନ୍ଦ୍ରର ପରିଚାଳକ ଯୋଗ ଦେଇଥିଲେ। ତାଲିମ ମୁଖ୍ୟ ବିଭୂତି କଲ୍ୟାଣ ପଟେଲ ଯୋଗଦେଇ ଗ୍ରାହକ ସେବା କେନ୍ଦ୍ରର ପରିଚାଳକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସରକାରଙ୍କ ଲୋକାଭିମୁଖୀ ଯୋଜନା ବିଶେଷକରି ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଯୋଜନାଗୁଡ଼ିକୁ ସଫଳ କରିବା ଲାଗି ଷ୍ଟେଟ ବ୍ୟାଙ୍କ ଅଗ୍ରାଧିକାର ଦେଉଛି। ଏଥିପାଇଁ ଗ୍ରାହକ ସେବା କେନ୍ଦ୍ରଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଥିଲେ। ଏଥିସହିତ ନୂତନ ଖାତା ଖୋଲି ନିର୍ଦ୍ଧାରିତ ପରିମାଣର ଅର୍ଥ ନେଣଦେଣ ସହ ବ୍ୟାଙ୍କର ବିଭିନ୍ନ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଯୋଜନା ସାଧାରଣ ଲୋକଙ୍କ ପାଖରେ କିପରି ପହଞ୍ଚାଇ ପାରିବେ ସେ ବିଷୟରେ ପଟେଲ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଅଧିକ ଖାତା ଖୋଲିବା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା, ଜୀବନ ଜ୍ୟୋତି ବୀମା, ସୁକନ୍ୟା ସମୃଦ୍ଧି ଯୋଜନା, ଅଟଳ ପେନସନ ଓ ମୁଦ୍ରା ଯୋଜନା ଆଦିରେ ଅଧିକ ଲୋକଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସାମାଜିକ ସୁରକ୍ଷା ବୀମା ଯୋଜନାରେ ଗତ ମାସ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସରୋଜିନୀ ସାହୁ, ମିନତି ବେହେରା ଓ ପ୍ରଦୀପ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଷୟିକ ସହଯୋଗୀ ନିରାକାର ସାହୁ ଏବଂ ଆଞ୍ଚଳିକ ଅଧିକାରୀ ସରୋଜ ପରିଡ଼ା ସହଯୋଗ କରିଥିଲେ। ଗ୍ରାହକ ସେବା କେନ୍ଦ୍ର ପରିଚାଳିକା ସିପ୍ରା ଦାସ ଧନ୍ୟବାଦ ଦେଇଥିଲେ।




ତାଲିମ ଶିବିରରେ ଯୋଗଦେଇଥିବା ଅଧିକାରୀ ଓ ଗ୍ରାହକ ସେବାକେନ୍ଦ୍ରର ପରିଚାଳକମାନେ।

# ରାସ୍ତା ଅବରୋଧ: ପୁଣି ୨୯ ଜଣଙ୍କ ନାଁରେ ମାମଲା

ଚଣ୍ଡିଖୋଲ,୧୩।୧୦(ପ୍ରଦୀପ୍ତ କୁମାର ପୃଷ୍ଟି)

୨ ଜାତୀୟ ରାଜପଥର ମିଳନସ୍ଥଳ ତଥା ମୁଖ୍ୟ ବାଣିଜ୍ୟିକ ପେଣ୍ଠସ୍ଥଳ ଭାବେ ପରିଚିତ ଚଣ୍ଡିଖୋଲ ଛକରୁ ରାସ୍ତା ଅବରୋଧ ହଟାଇବା ପାଇଁ ୩ ଦିନ ହେବ ପ୍ରୟାସ ଆରମ୍ଭ ହୋଇଛି। ପ୍ରଥମ ଦିନ ୧୬ ଜଣଙ୍କ ନାମରେ ଧାରା ୨୯୦ ଅନୁଯାୟୀ ମାମଲା ରୁଜୁ ହୋଇଥିବାବେଳେ ଶୁକ୍ରବାର ଆଉ ୨୯ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ଗତ ୬ ତାରିଖରେ ଚଣ୍ଡିଖୋଲ ଅଞ୍ଚଳର ବିଭିନ୍ନ ସଙ୍ଗଠନକୁ ନେଇ ଥାନା ଅଧିକାରୀ ବୈଠକ କରିଥିଲେ। ୧୦ ତାରିଖ ମଧ୍ୟରେ ରାସ୍ତା ଅବରୋଧ ହଟାଇବା ପାଇଁ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର ପ୍ରସାର କରାଯାଇଥିଲା। ହେଲେ ଏହାକୁ ଅବରୋଧକାରୀ ନ ମନିବାରୁ ପୋଲିସ ପକ୍ଷରୁ ପ୍ରତ୍ୟେକ ଦିନ ଚଣ୍ଡିଖୋଲ ଛକରେ ଚଢ଼ାଉ କରାଯାଇ ଅବରୋଧ କାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କୋର୍ଟକୁ ପଠାଇ ଦିଆଯାଉଛି। ସେହିଭଳି ରାସ୍ତା ଉପରେ ମୋଟର ସାଇକେଲ ରଖି ଅବରୋଧ କରିଥିବା ୭ ଜଣଙ୍କ ନିକଟରୁ ୩୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଅସ୍ଥାୟୀ ବ୍ୟବସାୟୀମାନେ ଚଣ୍ଡିଖୋଲ ଛକରେ ଜାତୀୟ ରାଜପଥ ଅବରୋଧ କରି ବ୍ୟବସାୟ କରୁଥିବାରୁ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି।

# ଯାଜପୁର ରୋଡ୍‌ରେ କଲ୍ୟାଣ ଜୁଏଲର୍ସର ପ୍ରବେଶ ହେବ

## ୧୬ରେ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଉଦ୍‌ଘାଟନ କରିବେ

ଯାଜପୁର,୧୩।୧୦ (ହର୍ଷବର୍ଦ୍ଧନ ବେହେରା)

କଲ୍ୟାଣ ଜୁଏଲର୍ସ ପକ୍ଷରୁ ଯାଜପୁର ରୋଡ୍‌ର ଅର୍ଜୁନ କମ୍ପ୍ଲେକ୍ସରେ ନୂଆ ଶୋ'ରୁମ୍ ଶୁଭାରମ୍ଭ ହେବ। ବଲିଉଡ୍ ତାରକା ସୋନାକ୍ଷୀ ସିହ୍ନା ଏହାକୁ ଆସନ୍ତା ସୋମବାର ଉଦ୍‌ଘାଟନ କରିବେ। ଏହା ହେଉଛି ଓଡ଼ିଶାରେ କମ୍ପାନୀର ୬ଷ୍ଠ ଶୋ'ରୁମ୍। ଭୁବନେଶ୍ୱର, ରାଉରକେଲା ଓ ବ୍ରହ୍ମପୁର ଭଳି ପ୍ରମୁଖ ସହରରେ ଏହି ଅଳଙ୍କାର ଶୋ'ରୁମ୍ ରହିଛି। କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣ ରମଣ କହିଛନ୍ତି, ଯାଜପୁରରେ ପ୍ରବେଶ କରିବା ବିଷୟରେ ଘୋଷଣା କରି ସେମାନେ ଅତ୍ୟନ୍ତ ଉଲ୍ଲସିତ, ଯାହା କଲ୍ୟାଣ ଜୁଏଲର୍ସ ପାଇଁ ବିପୁଳ ଅଭିବୃଦ୍ଧି ସୁଯୋଗ ପ୍ରଦାନ କରୁଛି। ବ୍ରାଣ୍ଡକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ଲାଗି ସେମାନେ ନିରନ୍ତର ଭାବେ କାର୍ଯ୍ୟ କରୁଥିବାବେଳେ ଏହି ନୂଆ ଶୋ'ରୁମ୍ ଦ୍ୱାରା ଯାଜପୁରର ଗ୍ରାହକମାନେ ଉପକୃତ ହେବେ। କଲ୍ୟାଣ ଜୁଏଲର୍ସର ବ୍ୟାପକ ଡିଜାଇନର ଗହଣାଗୁଡ଼ିକୁ ଏକ ବିଶ୍ୱସ୍ତରୀୟ ପରିବେଶରେ ଉପସ୍ଥାପନ କରାଯିବ। ଏହି ନୂତନ ଶୋ'ରୁମ୍‌ର ଶୁଭାରମ୍ଭ ଉତ୍ସବ ଅବସରରେ ସର୍ବନିମ୍ନ ୧ ଲକ୍ଷ ଟଙ୍କାର ଶପିଂ ଉପରେ ଗ୍ରାହକଙ୍କୁ କିଣା ମୂଲ୍ୟର ଅଧା ଦାମ୍‌ରେ ୦% ପ୍ରତିଶତ ଗଢ଼ା ମୂଲ୍ୟ ଅଫର ପ୍ରଦାନ କରାଯାଉଛି। କମ୍ପାନୀର ସମସ୍ତ ଶୋ'ରୁମ୍‌ରେ ସମାନ ଥିବା କଲ୍ୟାଣ ସ୍ପେଶାଲ ଗୋଲ୍ଡ ବୋର୍ଡ ରେଟ୍, ଯାହା ବଜାରରେ ସର୍ବନିମ୍ନ ତାହା ଲାଗୁ ହେବ। ଏହି ଅଫର ସୀମିତ ସମୟ ପାଇଁ ବୈଧ ରହିବ। କଲ୍ୟାଣ ଜୁଏଲର୍ସରେ ବିକ୍ରି କରାଯାଉଥିବା ଗହଣାଗୁଡ଼ିକ ବିଆଇଏସ୍ ହଲ୍‌ମାର୍କର ଏବଂ ଏକାଧିକ ଶୁଦ୍ଧତା ପରୀକ୍ଷା ଦେଇ ଗତି କରେ। ଗ୍ରାହକମାନେ କଲ୍ୟାଣ ଜୁଏଲର୍ସର ୪-ସ୍ତରୀୟ ଆସ୍ୟୁରାନ୍ସ ସାର୍ଟିଫିକେଟ୍ ପାଇବେ ଯାହା ଶୁଦ୍ଧତା, ଗହଣାର ଜୀବନ ବ୍ୟାପୀ ମରାମତି, ସମ୍ପୂର୍ଣ୍ଣ ଉତ୍ପାଦ ବିବରଣୀ ଏବଂ ଏକ୍ସଚେଞ୍ଜ ଓ ବାଏ ବ୍ୟାକ୍ ନୀତିରେ ସ୍ୱଚ୍ଛତା ଆଦିର ଗ୍ୟାରେଣ୍ଟି ପ୍ରଦାନ କରୁଛି। ନୂଆ ଶୋ'ରୁମ୍‌ରେ କଲ୍ୟାଣ ଜୁଏଲର୍ସର ସାରା ଭାରତରୁ ପ୍ରସ୍ତୁତ କରାଯାଇଥିବା ବ୍ରାଇଡାଲ୍ ଗହଣା ମୁହୁରତର ଷ୍ଟକ୍ ରହିବ। ଏଥିସହିତ କଲ୍ୟାଣର ଲୋକପ୍ରିୟ ବ୍ରାଣ୍ଡ୍ ତେଜସ୍ୱୀ (ପୋଲକି ଗହଣା), ମୁଦ୍ରା (ହାତତିଆରି ଆଣ୍ଟିକ ଗହଣା), ନିମାହ (ମନ୍ଦିର ଗହଣା), ଗ୍ଲୋ (ଡ୍ୟାନ୍‌ସିଂ ହୀରା), ଜିଆ (ସୋଲିଟାୟାର ଭଳି ହୀରା ଗହଣା), ଅନୋଖି (ଅନକଟ ହୀରା), ଅପୂର୍ବା (ସ୍ୱତନ୍ତ୍ର ଅବସର ପାଇଁ ହୀରା), ମୁହୁରତ (ବିବାହ ଗହଣା), ରଙ୍ଗ (ପ୍ରିସିଅସ୍ ଷ୍ଟୋନ୍ ଗହଣା) ଏବଂ ନିକଟରେ ଉନ୍ମୋଚନ ହୋଇଥିବା ଲିଲା (ହୀରା ଓ ସେମି-ପ୍ରିସିଅସ୍ ଷ୍ଟୋନ ଗହଣା) ଆଦି ରହିବ।



# ଛାତ୍ରୀଙ୍କ ସହ କଲେଜ କିରାଣିଙ୍କ ଅନ୍ତରଙ୍ଗ ମୁହୂର୍ତ୍ତ ଭିଡିଓ ଭାଇରାଲ

**ନୟାଗଡ଼/ଓଡ଼ଗାଁ, ୧୩।୧୦ (ଲୋକନାଥ ମିଶ୍ର/ଆଦର୍ଶ କୁମାର ପଟନାୟକ):** ଓଡ଼ଗାଁର ଏକ କଲେଜରେ କ୍ୟାଣ୍ଟିନ ପରିଚାଳନା କରୁଥିବା କଲେଜ କିରାଣିଙ୍କ ସହ ଜଣେ ଛାତ୍ରୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ହୋଇଛି। ଭିଡିଓ ଭାଇରାଲ ହେବା ପରେ କଲେଜ କିରାଣି ହରଡ ଘଣାରେ ପଡିଛନ୍ତି। କିରାଣି ବିବାହ କରି ପିତୃତ୍ୱ ଲାଭ କରିଥିବାବେଳେ ଆଶାଳୀନ ଭିଡିଓ ଭାଇରାଲ କଲେଜକୁ ବଦନାମ କରିଛି। ଯେଉଁ ଛାତ୍ରୀଙ୍କ ଭିଡିଓ ଭାଇରାଲ ହୋଇଛି ସମ୍ପୃକ୍ତା ଛାତ୍ରୀ ନିକଟରେ ଅନ୍ୟ ଏକ ଭାଇରାଲ ଭିଡିଓରେ ଉପସ୍ଥିତ ରହି ତଥାକଥିତ ବରକନ୍ୟାଙ୍କୁ ଆଶିର୍ବାଦ ଦେଉଥିବା ଦୃଶ୍ୟମାନ ହେଉଥିଲେ। ଅନ୍ୟପକ୍ଷେ କଲେଜ କିରାଣିଙ୍କୁ କଲେଜ କ୍ୟାଣ୍ଟିନ ଦାୟିତ୍ୱ ଦେବା, ରାଜନୀତିର ରାଲିରେ ଭାଗ ନେବା ପରେ କାର୍ଯ୍ୟାନୁଷ୍ଠାନ ନ ହେବାର ଅଭିଯୋଗ ହୋଇ ଆସୁଛି। ଏ ନେଇ କଲେଜ ଅଧ୍ୟକ୍ଷଙ୍କୁ ପଚାରିବାରେ କ୍ୟାଣ୍ଟିନ ଚାବି କିରାଣିଙ୍କ ପାଖରେ ରହିଛି। ତେବେ କିଛିଦିନ ହେଲା କ୍ୟାଣ୍ଟିନ ବନ୍ଦ ଅଛି। ଭିଡିଓ ଭାଇରାଲ ସମ୍ପର୍କରେ କିଛି ଜାଣି ନାହିଁ ବୋଲି ସେ କହିଛନ୍ତି।

# ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ଶୁଭାରମ୍ଭ

**ନୟାଗଡ଼, ୧୩।୧୦ (ଲୋକନାଥ ମିଶ୍ର)**


ଭିସିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ଓଡ଼ିଶା ନବୀନ ଓଡ଼ିଶାକୁ ଉଦ୍‌ଘାଟନ କରୁଛନ୍ତି।


ନୟାଗଡ଼ରେ ବିଧାୟକ ଅରୁଣ ସାହୁ ଓ ଉପସ୍ଥିତ ଲୋକମାନେ।

- ନୟାଗଡ଼ ଜିଲାର ୮ ବ୍ଲକ ଯୋଡ଼ି ହେଲା
- ୧୯୪ ପଞ୍ଚାୟତର ୨୯୨୪ ପ୍ରକଳ୍ପକୁ ୯୭ କୋଟି
- ଧର୍ମାନୁଷ୍ଠାନ ପାଇଁ ୩୩ କୋଟି ୫୧ ଲକ୍ଷ
- ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ପାଇଁ ୧୭୦୦ କୋଟି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରାମାଞ୍ଚଳ ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାକୁ ଶୁକ୍ରବାର ଆଭାସି ମାଧ୍ୟମରେ ଶୁଭାରମ୍ଭ କରି ନୟାଗଡ଼ ଜିଲାର ୮ଟି ବ୍ଲକ ଏଥିରେ ସାମିଲ ହୋଇଛି। ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ତତ୍ତ୍ୱାବଧାନରେ ଜିଲାର ୮ଟି ବ୍ଲକ ୧୯୪ ପଞ୍ଚାୟତର ୨,୯୨୪ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ ୯୭ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ପ୍ରତି ପଞ୍ଚାୟତ ପାଇଁ ୫୦ ଲକ୍ଷ ଅଟକଳ ରହିଛି। ଅନ୍ୟପକ୍ଷେ ୫-ଟି ସଚିବ ଭି.କେ. ପାଣ୍ଡିଆନ ନୟାଗଡ଼ ଜିଲା ଗସ୍ତ କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ୫-ଟି ଯୋଜନାରେ ଜିଲାର ଧର୍ମାନୁଷ୍ଠାନ ପାଇଁ ୩୩ କୋଟି ୫୧ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ପୁଣି ଦଶପଲ୍ଲାର ବୃତ୍ତଙ୍ଗ ଜଳ ସେଚନ ପ୍ରକଳ୍ପ ପାଇଁ ୧୭୦୦ କୋଟି ମଞ୍ଜୁର କରିଛନ୍ତି। ଧର୍ମାନୁଷ୍ଠାନ ତାଲିକାରେ ରଣପୁର ଜଗନ୍ନାଥ ମନ୍ଦିର ପାଇଁ ୪ କୋଟି ୬୦ ଲକ୍ଷ, ଉପର ଓ ତଳ ମଣିନାଗ ମନ୍ଦିର ପାଇଁ ୩ କୋଟି, ଓଡ଼ଗାଁ ରଘୁନାଥ ମନ୍ଦିର ପାଇଁ ୩କୋଟି ୫୦ ଲକ୍ଷ, ଦୁତିକେଶ୍ୱର ମନ୍ଦିର ପାଇଁ ୧କୋଟି, ଶରଣକୁଳ ଲଡୁବାବା ମନ୍ଦିର ପାଇଁ ୫କୋଟି, ଦଶପଲ୍ଲା ମହାବୀର ମନ୍ଦିର ପାଇଁ ୪କୋଟି ୫୦ଲକ୍ଷ, ଦଶପଲ୍ଲା ସ୍ୱପ୍ନେଶ୍ୱର ମହାବୀର ପାଇଁ ୫କୋଟି, ନୟାଗଡ଼ ଜଗନ୍ନାଥ ମନ୍ଦିର ପାଇଁ ୨କୋଟି ୮୦ ଲକ୍ଷ, ଦକ୍ଷିଣକାଳୀ ମନ୍ଦିର ପାଇଁ ୩କୋଟି ୫୦ ଲକ୍ଷ, ବାଘେରା ଧବଳେଶ୍ୱର ମନ୍ଦିର ପାଇଁ ୬୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ୫ଟି ସଚିବ ଭି.କେ. ପାଣ୍ଡିଆନ ଘୋଷଣା କରିଥିଲେ। ଜିଲାର ପ୍ରତି ବ୍ଲକ କାର୍ଯ୍ୟାଳୟରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସହ ନୟାଗଡ଼ ସମେତ ବିଭିନ୍ନ ବ୍ଲକର କାର୍ଯ୍ୟକ୍ରମ ଆଭାସି ସହ ଯୋଡି ହୋଇଥିଲା। ଜିଲା ସଦର ମହକୁମାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସବୁ ବ୍ଲକର କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ରହିଥିଲା। ପ୍ରଥମେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଯୁବକଙ୍କ ପାଇଁ କ୍ରୀଡାକୁ ମୁଖ୍ୟମନ୍ତ୍ରୀ ପ୍ରାଧାନ୍ୟ ଦେଇଥିବା କହିଥିଲେ। ସେହିଭଳି ଗ୍ରାମାଞ୍ଚଳର ରୂପରେଖ ବଦଳିବା ନେଇ ଗୋତିସାହି ସରପଞ୍ଚ ଦିପ୍ତୀରଞ୍ଜନ ପରିଡା ଦର୍ଶାଇଥିଲେ। ରଣପୁରରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଦଶପଲ୍ଲାରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବ୍ଲକରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଧନ୍ୟବାଦ ଦେଇଥିଲେ। ପୁଣି ଗଣିଆ ବ୍ଲକରୁ ଅଧ୍ୟକ୍ଷା ଝୁନା ଜେନା, ନୂଆଗାଁ ବ୍ଲକରୁ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଭାପୁର ବ୍ଲକରୁ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ପ୍ରମୁଖ ଆଭାସିରେ ଯୋଡି ହୋଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଉଥିବା ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଟିପ୍ପଣି ଦେଇଥିଲେ। ନୟାଗଡ଼ ଷ୍ଟାଡିୟମରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଡି ହୋଇ କହିଥିଲେ, ସହରାଞ୍ଚଳ ପରି ଗ୍ରାମାଞ୍ଚଳକୁ ସୁବିଧା ଯୋଗାଇଦେବା ପାଇଁ ୨୦୦୭ରେ ମୁଖ୍ୟମନ୍ତ୍ରୀ କରିଥିବା ଘୋଷଣାକୁ କାର୍ଯ୍ୟକାରୀ କରିଛନ୍ତି। ରାସ୍ତାଘାଟ, ବିଜୁଳି, ମହିଳା ବିକାଶ ପରେ ଏବେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଗ୍ରାମାଞ୍ଚଳର ଉନ୍ନତି ତ୍ୱରାନ୍ୱିତ ହେବ। ଧର୍ମାନୁଷ୍ଠାନ ପାଇଁ ମଞ୍ଜୁର ଅର୍ଥରେ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଗୋଷ୍ଠୀ ଗୃହ ନିର୍ମାଣ କାର୍ଯ୍ୟ ସୁବିଧାରେ ହୋଇ ପାରିବ। ଓଡ଼ଗାଁ ବ୍ଲକ ଜିଲା ପରିଷଦ ସଭ୍ୟ ବିରଜାଲକ୍ଷ୍ମୀ ସାହୁ ମହିଳା ବିକାଶ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଗ୍ରହଣ କରିଥିବା ପଦକ୍ଷେପକୁ ସ୍ୱାଗତ କରିଥିଲେ। ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଧନ୍ୟବାଦ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ କ୍ଷୀରୋଦ ମହାପାତ୍ର, ଆଶିଷ ଅଗ୍ରୱାଲ, ସରୋଜ ରଣସିଂହ, ସୁବାସ କଅଁର, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ସାହୁ, ବିଡିଓ ପଦ୍ମ ଚରଣ ସାହୁ, ନୟାଗଡ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସିମତିସଭ୍ୟ ଯୋଗ ଦେଇଥିଲେ।

# ସୋଲପଟା ରାସ୍ତା ନିର୍ମାଣ ସୂଚନାଫଳକ ଓଡ଼ଗାଁ ଏନ୍‌ଏସିରେ

**ଓଡ଼ଗାଁ, ୧୩।୧୦ (ଆଦର୍ଶ କୁମାର ପଟ୍ଟନାୟକ)**



କାମ ହୋଇଥିବା ସ୍ଥାନରୁ ୨୦ କିମି ଦୂର ଓଡ଼ଗାଁ ଏନ୍‌ଏସିରେ ଲାଗିଥିବା ସୁଚନା ଫଳକ।

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନୟାଗଡ଼, ଓଡ଼ଗାଁ ପଞ୍ଚାୟତ ସମିତି ଓ ସୋଲପଟା ପଞ୍ଚାୟତ ଆନୁକୂଲ୍ୟରେ ଏକ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଇଛି। ଏହାର ସୂଚନା ଫଳକରୁ ଓଡ଼ଗାଁ ଏନଏସିରେ ଲଗାଯାଇଛି। ଏଥିରେ ଏହି ବିଭାଗ ଦ୍ୱାରା ୨୦୨୧-୨୨ ଆର୍ଥିକ ବର୍ଷରେ ରାସ୍ତା ଓ ପୋଲ ନିର୍ମାଣ ନିମନ୍ତେ ୨ ଲକ୍ଷ ଟଙ୍କା ଅନୁଦାନକୁ ବିନିଯୋଗ କରାଯାଇଛି। ହେଲେ ଏହି ରାସ୍ତା ସୋଲପେଟା ଉଚ୍ଚ ବିଦ୍ୟାଳୟଠାରୁ ମୁଖ୍ୟ ରାସ୍ତା ଉନ୍ନତିକରଣ ନିମନ୍ତେ ଅଟକଳ କରାଯାଇଛି। ସୋଲପେଟା ଉଚ୍ଚ ବିଦ୍ୟାଳୟ ରାଜ୍ୟ ରାଜପଥକୁ ଲାଗି ରହିଥିବା ବେଳେ ଏହାର ମୁଖ୍ୟ ଫାଟକ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଛି। ହେଲେ ଉକ୍ତ ବିଦ୍ୟାଳୟଠାରୁ ମୁଖ୍ୟ ରାସ୍ତାର ଉନ୍ନତୀକରଣ ନିମନ୍ତେ କେଉଁ ପ୍ରକାରେ ଅନୁଦାନ କିପରି ଅନୁମୋଦନ ହୋଇ ବିନିଯୋଗ ହେଲା ସେନେଇ ପ୍ରଶ୍ନବାଚୀ ଦେଖା ଦେଇଛି। ଅନ୍ୟପକ୍ଷେ ଏହି ବେଆଇନ ରାସ୍ତାର ନିର୍ମାଣ ସଙ୍କ୍ରାନ୍ତୀୟ ଏକ ସୂଚନା ଫଳକ ସୋଲପେଟାର ସମ୍ପୃକ୍ତ ସ୍ଥାନ କିମ୍ବା ଉଚ୍ଚ ବିଦ୍ୟାଳୟ କାଛରେ ପ୍ରଦର୍ଶୀତ କରିବା ବଦଳରେ ସେଠାରୁ ୨୦ କିମି ଦୂରରେ ଅଥବା ବ୍ଲକ ସଦର ଅର୍ଥାତ ଓଡ଼ଗାଁ ଏନ୍‌ଏସିର ୮ ନଂ. ୱାର୍ଡରେ ଲେଖା ଯାଇଛି। ଏହି ୱାର୍ଡର ଜଣେ ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀଙ୍କ ଅନ୍ୟ ଏକ ଘରବାରୀରେ ଥିବା ଅବ୍ୟବହୃତ ଶୌଚାଳୟର ପଛ ପାଖ କାନ୍ଥରେ ଲୁକ୍କାୟିତ ଭାବେ ଲେଖା ହୋଇଥିବା ଦେଖିବାକୁ ମିଳିଛି। ସେ କୌଣସି କାମରେ ସପରିବାର ଭୁବନେଶ୍ୱର ଯାଇଥିବା ବେଳେ ମାସେ ଦେଢ ମାସ ଭିତରେ ଏହାକୁ କେହି ତାଙ୍କ ଅଗୋଚରରେ ଲେଖି ଯାଇଥିବା ସେ ପ୍ରକାଶ କରିଛନ୍ତି। ଏ ନେଇ ସାଧାରଣରେ ବ୍ଲକ ପ୍ରଶାସନର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ଦେଖାଦେଇଛି। ଏ ସମ୍ପର୍କରେ ସ୍ଥାନୀୟ ବିଡିଓ ଜିତେନ୍ଦ୍ର କୁମାର ନାୟକଙ୍କୁ ପଚାରିବାରେ ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ହେଲେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ସୂଚାନା ଫଳକ ଏ ସମ୍ପର୍କରେ ଜଣାଇବାରେ ସେ ସବୁ ଶୁଣି ସାରି ଖବରଦାତାଙ୍କ ପ୍ରଶ୍ନକୁ ଏଡାଇ ବିଡିଓଙ୍କ ଆଡକୁ ଅଙ୍ଗୁଳି ଦେଖାଇ ଚାଲିଯାଇଥିଲେ।

# ବ୍ଲକସ୍ତରୀୟ ଭିନ୍ନକ୍ଷମ ଖେଳକୁଦ ପ୍ରତିଯୋଗିତା

**ରଣପୁର, ୧୩।୧୦ : (ସୁକାନ୍ତ କିଶୋର ଡ଼ାକୁଆ)**


ପ୍ରତିଯୋଗିତରେ ସାମିଲ ହୋଇଥିବା ଭିନ୍ନକ୍ଷମ ପିଲାମନେ।

ରଣପୁର ଶିକ୍ଷା ବିଭାଗ ପକ୍ଷରୁ ବ୍ଲକର ବି.ସି. ହାଇସ୍କୁଲରେ ବ୍ଲକସ୍ତରୀୟ ଏକ ଦିବସୀୟ ଭିନ୍ନକ୍ଷମ ଖେଳକୁଦ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରିଣୀ ବନଲତା ବେହେରା, ମୁଖ୍ୟ ବକ୍ତା ଭାବେ ବି.ସି. ହାଇସ୍କୁଲର ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଙ୍ଗନାଥ ମିଶ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରିଣୀ ଶାନ୍ତିଲତା ଦେଇ ଓ ବିଦ୍ୟାଳୟ ଶିକ୍ଷୟିତ୍ରୀ ପ୍ରତିମା ଦେବି ପ୍ରମୁଖ ଯୋଗଦେଇଥିଲେ। ସେମାନେ ପିଲାମାନଙ୍କ ଆତ୍ମ ବିଶ୍ୱାସ ବୃଦ୍ଧି ପାଇ କହିଥିଲେ। ଏହି ଭିନ୍ନକ୍ଷମ ପିଲାମାନଙ୍କ ମଧ୍ୟରେ ଦୌଡ଼, ମ୍ୟୁଜିକ ଚେୟାର, ସଙ୍ଗୀତ, ଆଳୁ ଚାମଚ, ଚିତ୍ରାଙ୍କନ ଆଦି କ୍ଷେତ୍ରରେ ପ୍ରତିଯୋଗିତା କରାଯାଇ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରଯାଇଥିଲା। ଏହି ଖେଳଗୁଡିକୁ ଖେଳ ଶିକ୍ଷକ ମନ୍ମଥନାଥ ମହାପାତ୍ର, ବିଶ୍ୱ ରଞ୍ଜନ ଇନ୍ଦ୍ରଜିତ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମର ବିଭିନ୍ନ ବିଦ୍ୟାଳୟରୁ ୧୨୦ ଜଣ ଛାତ୍ରୀଛାତ୍ରୀ ଅଂଶଗ୍ରହଣ କରିଥିଲେ। ସିଆରସିସି ପବିତ୍ର ମୋହନ ସାମନ୍ତରାୟ, ରସାନନ୍ଦ ବେହୁରା, ସୁଶୀଲ କୁମାର ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୮ ମାସ ହେଲା ପାନୀୟ ଜଳ ଯୋଗାଣ ବନ୍ଦ


ଅଚଳ ହୋଇ ପଡିଥିବା ପମ୍ପ ହାଉସ୍।

- ଗୁଡୁପାଙ୍ଗିବାସୀଙ୍କୁ ପ୍ରଶାସନର ଅଣଦେଖା
- ଖୋଲା କୂଅ ଓ ନଦୀ ଚୁଆ ପାଣି ରଖିଛି ଜୀବନ
- କାହାରିକୁ ମିଳିଲାନି ପ୍ରଧାନମନ୍ତ୍ରୀ ଆବାସ ଗୃହ
- ହେଉନି କୌଣସି ଉନ୍ନୟନ ମୂଳକ କାର୍ଯ୍ୟ

**ନୂଆଗାଁ, ୧୩।୧୦ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତର ଗୁଡୁପାଙ୍ଗି ଗ୍ରାମବାସୀଙ୍କୁ ପ୍ରଶାସନ ଅଣଦେଖା କରୁଛି। ଦୀର୍ଘ ୮ ମାସ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ସେଥିପ୍ରତି ପ୍ରଶାସନ କିମ୍ବା ଜନପ୍ରତିନିଧି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଏପରିକି ମାଳିସାହି ପଞ୍ଚାୟତର ୪ଟି ୱାର୍ଡକୁ ନେଇ ଗଠିତ ଗୁଡୁପାଙ୍ଗି ଗ୍ରାମରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରାଯାଉନାହିଁ। ୱାର୍ଡର କୌଣସି ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ମାଳିସାହି ପଞ୍ଚାୟତର ୪ଟି ୱାର୍ଡ (୪,୫,୬,୭)ର ୩ ଶହ ପରିବାରର ପ୍ରାୟ ୨୨୦୦ ଜନସଂଖ୍ୟାଙ୍କୁ ନେଇ ଗୁଡୁପାଙ୍ଗି ଗ୍ରାମ ଗଠିତ। ସେମାନଙ୍କ ବ୍ୟବହାର ନିମନ୍ତେ ୫ ଟି ନଳକୂଅ ଓ ୨ ଗୋଟି ଖୋଲା କୂଅ ରହିଛି। ସେଥିରୁ ପାଣି ବ୍ୟବହାର କରିବା ଫଳରେ ଗ୍ରାମରେ ଝାଡାବାନ୍ତି ରୋଗ ବ୍ୟାପିବା ସହ ଶରତ ନାୟକ, ବାଲୁଙ୍କେଶ୍ୱର ନାୟକ, ଦାଶରଥି ପରିଡା, ପରମାନନ୍ଦ ସାହୁ, ରବି ବେହେରା, ହଜାରୀ ନାୟକଙ୍କ ସମେତ ଅନେକ ଲୋକ କିଡନୀ ରୋଗରେ ମୃତ୍ୟୁ ହୋଇଛି। ଝାଡାବାନ୍ତି ବ୍ୟାପିବା ସମୟରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗୁଡୁପାଙ୍ଗିରେ କ୍ୟାମ୍ପ କରିବା ସହ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଧ୍ୟାନ ଦେଇଥିଲେ। ନଳକୂଅଗୁଡିକର ପାଣିବ୍ୟବହାର କରି ସ୍ୱାସ୍ଥ୍ୟ ଖରାପ ହେଉଛି। ତେଣୁ ଉକ୍ତ ନଳକୂଅ ବ୍ୟବହାର ଯୋଗ୍ୟ ନୁହେଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। ବର୍ତ୍ତମାନ ସେଥିମଧ୍ୟରୁ ୩ଟି ନଳକୂଅ ଚାଲୁଥିବା ବେଳେ ସେଥିରୁ ଫ୍ଲୋରାଇଡ୍‌ଯୁକ୍ତ ଲୁହାଗୁଣ୍ଡ ମିଶ୍ରିତ ପାଣି ବାହାରୁଛି। ଖୋଲା କୂଅ ମଧ୍ୟରୁ ଗୋଟିଏ କୂଅ ଲୋକଙ୍କ ବ୍ୟବହାର ଯୋଗ୍ୟ ରହିଛି। ତାହା ପୁଣି ଖରାଦିନେ ଶୁଖିଯାଏ। ଉକ୍ତ ଜଳ ଉତ୍ସ ଗୁଡ଼ିକରୁ ପାଣି ବ୍ୟବହାର କରି ବର୍ତ୍ତମାନ ମଧ୍ୟ ଅନେକ ଲୋକ କିଡନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏପରିସ୍ଥିତିରେ ଗୁଡୁପାଙ୍ଗି ଗ୍ରାମକୁ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇ ପାଇପ୍ ଯୋଗେ ପାଣି ଯୋଗାଇ ଦିଆଯାଉଥିଲା। କିନ୍ତୁ ଦୀର୍ଘ ୮ମାସ ହେଲା ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ଗୋଟିଏ ଖୋଲା କୂଅ ଓ ଗାଁର ଅନତି ଦୂରରେ ଥିବା ନଦୀର ଚୁଆ ପାଣି ଗ୍ରାମବାସୀଙ୍କ ଜୀବନ ରଖିଛି ବୋଲି ଗ୍ରାମବାସୀ କହିଛନ୍ତି। ତେବେ ଜଳ ସମସ୍ୟା ନେଇ ପ୍ରଶାସନ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନି ବୋଲି ଗ୍ରାମବାସୀ କହୁଛନ୍ତି। ସେହିପରି ପଞ୍ଚାୟତ ନିର୍ବାଚନ ପରେ ୪ଟି ୱାର୍ଡକୁ ପ୍ରଶାସନ ଅଣଦେଖା କରୁଛି। ପଞ୍ଚାୟତର ମୋଟ ୪୨ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇଥିଲେ ମଧ୍ୟ ଉକ୍ତ ୱାର୍ଡଗୁଡିକର କୌଣସି ଲୋକଙ୍କୁ ସାମିଲ କରାଯାଇନାହିଁ। ୱାର୍ଡଗୁଡିକରେ କୌଣସି ଉନ୍ନତିମୂଳକ କାର୍ଯ୍ୟ କରାଯାଉନାହିଁ। ପାନୀୟ ଜଳ ଯୋଗାଣରେ ବାବଦରେ ଆରଡବ୍ଲୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ଲିପ୍‌ସା ମହାନ୍ତିଙ୍କୁ ପଚାରିବାରେ ପାଣି ପମ୍ପରେ ବିଦ୍ୟୁତ ତ୍ରୁଟି ଥିବା ଯୋଗୁ ମୋଟର ପମ୍ପ ଚାଲୁ ନାହିଁ। ତାହାକୁ ସଜାଡିବା ପାଇଁ ବିଦ୍ୟୁତ୍ ବିଭାଗକୁ ଜଣାଇଛୁ ବୋଲି ସେ କହିଛନ୍ତି।


ଗୁଡୁପାଙ୍ଗିବାସୀଙ୍କ ସାହାରା ପାଲଟି ଥିବା ଖୋଲାକୂଅ।




ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୪ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

#### ନାବାଳିକାଙ୍କୁ ଅସଦାଚରଣ ମାମଲା

ଯାଜପୁର ଟାଉନ,୧୩।୧୦(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ନାବାଳିକା ଅସଦାଚରଣ ମାମଲାରେ ଅଭିଯୁକ୍ତଙ୍କୁ ୩ବର୍ଷ ୩ମାସ ଜେଲ୍ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରି ଏକ ରାୟ ପ୍ରକାଶ କରିଛନ୍ତି ଯାଜପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଅଭିଜିତ୍ ପଲେଇ। ଏଥିସହିତ ପୀଡ଼ିତାଙ୍କୁ ଜିଲା ଲିଗାଲ ସେଲ୍‌କୁ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବା ପାଇଁ ବିଚାରପତି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।ମାମଲାର ବିବରଣୀ ଅନୁଯାୟୀ, କୁଆଖିଆ ଥାନା ଅଞ୍ଚଳର ନିର୍ମଳ ସାମଲ(୨୮) ୨୦୨୧ ନଭେମ୍ବର ୧୧ ତାରିଖ ରାତିରେ ଉକ୍ତ ଅଞ୍ଚଳର ଜଣେ ୧୪ବର୍ଷୀୟା ନାବାଳିକାଙ୍କୁ ତାଙ୍କ ଘରେ ପଶି ଅସଦାଚରଣ କରିଥିଲେ। ନାବାଳିକା ଚିତ୍କାର କରିବାରୁ ପରିବାର ଲୋକେ ଉଠି ବିରୋଧ କରିଥିଲେ। ଏହି ସମୟରେ ଅଭିଯୁକ୍ତ ରାଗରେ ପୀଡିତାଙ୍କ ଝାଟିମାଟି ଘରକୁ ଜାଳି ଦେଇଥିଲେ। ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ମହାନ୍ତି ସରକାରଙ୍କ ତରଫରୁ ମକୋଦ୍ଦମା ପରିଚାଳନା କରୁଥିଲେ।

### ନଦୀକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଯାଜପୁର ସଦର,୧୩।୧୦(ସମର ବିଜୟ ଶରଣ)

ଯାଜପୁର ସଦର ଥାନା ଅନ୍ତର୍ଗତ ଖରସ୍ରୋତା ନଦୀର ରାଜଘାଟ ପୋଲରୁ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ସେ ହେଲେ ବ୍ରହ୍ମବରଦା ଥାନା ଅନ୍ତର୍ଗତ ଅଳପୁଆ ଗ୍ରାମର ଅକ୍ଷୟ ଦଳେଇ। ଅକ୍ଷୟ ଯାଜପୁର ଟାଉନ ଥାନା ଅନ୍ତର୍ଗତ ସିତଳେଶ୍ୱର ଗ୍ରାମର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଗୁରୁବାର ସନ୍ଧ୍ୟାରେ ଉଭୟେ ଘରୁ ଫେରାର ହେବାର ନିଷ୍ପତ୍ତି ନେଇ ଯାଜପୁରରୁ କୁଆଖିଆ ଯାଉଥିଲେ। ଏହି ସମୟରେ ରାସ୍ତାରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଫଳରେ ଅକ୍ଷୟ ହଠାତ୍ ରାଗିଯାଇ ଖରସ୍ରୋତା ବ୍ରିଜ ଉପରୁ ନଦୀକୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ବରୁଆଁ ଅଗ୍ନିଶମ ବାହିନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ସଦର ଥାନା ଅଧିକାରୀ ସଦଳବଳ ପହଞ୍ଚି ଅକ୍ଷୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଯୁବତୀଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ତାଙ୍କ ବାପାଙ୍କ ଜିମା ଦେଇଥିଲେ।

### ମୁଗୁନି ପଥର ଚାଲାଣ, ୩ ଗିରଫ

ଚଣ୍ଡିଆ,୧୩।୧୦(ମହେଶ୍ୱର ଦାସ)

ଚଣ୍ଡିଆ ଥାନା ଅଧୀନ ଗୁଣ୍ଡୁଣିଆଠାରେ ମୁଗୁନି ପଥର ଚାଲାଣ ହେଉଥିବା ବେଳେ ପୋଲିସ ଚଡାଉ କରି ପଥର ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଗୁଣ୍ଡୁଣିଆଠାରେ କେନାଲ ଖୋଳା ଯାଉଥିବା ବେଳେ ମାଟି ତଳୁ ମୁଗୁନି ପଥର ବାହାରୁଛି। ଗୁରୁବାର ଉକ୍ତ ମୁଗୁନି ପଥରକୁ ଏକ ପିକ୍‌ଅପ୍ ଭ୍ୟାନ୍ ଯୋଗେ ଚାଲାଣ କରାଯାଉଥିବା ବେଳେ ଗ୍ରାମବାସୀଙ୍କଠାରୁ ଖବର ପାଇ ଚଣ୍ଡିଆ ପୋଲିସ ପହଞ୍ଚିଥିଲା। ଚଢ଼ାଉ ବେଳେ ସୁକୁମାର କର, ବିକାଶ ଦାସ ଏବଂ ରାଜେନ୍ଦ୍ରପ୍ରସାଦ ସିଂଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଥିଲା।

# ଷାଣ୍ମାସିକ ପରୀକ୍ଷାରେ ମିଳିଲାନି ପ୍ରଶ୍ନପତ୍ର

**ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କ ମୌଳିକ ଅଧିକାର କ୍ଷୁଣ୍ଣ**

- ଶିକ୍ଷକ କଳାପଟାରେ ଲେଖିଲେ ପ୍ରଶ୍ନ, ପିଲା ବୁଝିବାରେ ବିଫଳ
- ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ



କଳାପଟାରେ ପ୍ରଶ୍ନ ଲେଖାଯାଇଛି।

ରସୁଲପୁର,୧୩।୧୦(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ କଳଣସ୍ଥିତ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହୋଇଥିବା ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷକଙ୍କ ମନମୁଖି କାର୍ଯ୍ୟ ଯୋଗୁ ଷାଣ୍ମାସିକ ପରୀକ୍ଷାରେ ପିଲାଙ୍କୁ ପ୍ରଶ୍ନପତ୍ର ମିଳି ପାରିନାହିଁ। ପ୍ରଶ୍ନଗୁଡ଼ିକୁ ବିଦ୍ୟାଳୟ କଳାପଟାରେ ଲେଖାଯାଇଛି। ସେଠାରୁ ଦେଖି ପିଲାମାନେ ଉତ୍ତର ଲେଖିଛନ୍ତି। ପ୍ରଶ୍ନପତ୍ର ଲାଭ କରିବା ବିଦ୍ୟାର୍ଥୀଙ୍କ ଅଧିକାର ହୋଇଥିବାବେଳେ ପ୍ରଧାନଶିକ୍ଷକଙ୍କ ଭୁଲ ନିଷ୍ପତ୍ତି ଯୋଗୁ ତାହା କ୍ଷୁଣ୍ଣ ହୋଇଛି ବୋଲି ବ୍ଲକ ଶିକ୍ଷାଧିକାରୀ ସ୍ୱୀକାର କରିଛନ୍ତି। କଳାପଟାରେ ଲେଖାଯାଉଥିବା ପ୍ରଶ୍ନଗୁଡ଼ିକୁ ପିଲାମାନଙ୍କୁ ପଢ଼ିବାରେ ଅସୁବିଧା ହେଉଛି। ପିଲାମାନେ ପ୍ରଶ୍ନପତ୍ରକୁ ଠିକ୍ ଭାବରେ ବୁଝି ନ ପାରି ଉତ୍ତର ଖାତାରେ ତ୍ରୁଟି କରିବା ସମ୍ଭାବନା ବଢ଼ିଯାଇଛି। ଏଭଳିସ୍ଥିତିକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

୧୦୬ବର୍ଷ ପୁରାତନ ଏହି ବିଦ୍ୟାଳୟରେ ୧ମରୁ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୫୩୦ରୁ ଉର୍ଦ୍ଧ୍ୱ ପିଲା ଅଧ୍ୟୟନରତ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀଙ୍କ ଷାଣ୍ମାସିକ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ସୋମବାର ପର୍ଯ୍ୟନ୍ତ ଚାଲିବ। ବ୍ଲକ ଅଞ୍ଚଳର ସବୁ ବିଦ୍ୟାଳୟରେ ମଧ୍ୟ ଏହି ପରୀକ୍ଷା ଜାରି ରହିଛି। ପରୀକ୍ଷା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କେତେକ ବିଦ୍ୟାଳୟ ସଂଘ ତରଫରୁ ପ୍ରସ୍ତୁତ ପ୍ରଶ୍ନପତ୍ରକୁ କ୍ରୟକରି ଅଣାଯାଇ ପରୀକ୍ଷା କରାଯାଉଛି ତ ଆଉ କେତେକ ସ୍ଥାନରେ ବିଦ୍ୟାଳୟରେ ବିଷୟ ଶିକ୍ଷକମାନେ ପ୍ରଶ୍ନପତ୍ର ପ୍ରସ୍ତୁତକରି ତା'ର ଅବିକଳ ନକଲର କପି ପିଲାଙ୍କୁ ପରୀକ୍ଷା କେନ୍ଦ୍ରରେ ପ୍ରଦାନ କରୁଛନ୍ତି। ଏଥିପାଇଁ ଯେଉଁ ଅର୍ଥ ଖର୍ଚ୍ଚ ହେବ ତାହାକୁ ବିଦ୍ୟାଳୟ ଉନ୍ନୟନ ପାଇଁ ଆସୁଥିବା ଅର୍ଥରୁ ଭରଣା କରାଯିବାର ବିଧି ରହିଛି। ତେବେ ଏତେ ସବୁ ସୁବିଧା ଥାଇ ମଧ୍ୟ ଏଭଳି ପୁରୁଣା ଶିକ୍ଷାନୁଷ୍ଠାନରେ ତାହାକୁ ପାଳନ କରିବାରେ ଖିଲାପ କରାଯାଉଛି। ବିଦ୍ୟାଳୟରେ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇ ତାହାକୁ କଳାପଟାରେ ଲେଖାଯାଉଛି। ପୂର୍ବ ବର୍ଷଗୁଡ଼ିକରେ ଏଭଳି ଘଟଣା କେତେକ ବିଦ୍ୟାଳୟରେ ଘଟିଥିଲା। ଏହାକୁ ବିରୋଧ କରାଯିବା ସହ ସେତେବେଳେ ଏଭଳି ସ୍ଥିତିର ପୁନରାବୃତ୍ତି ନ ହେବା ପାଇଁ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦିଆଯାଇଥିଲା। ସେସବୁ ପୁରୁଣା ଘଟଣାରୁ ପ୍ରଧାନଶିକ୍ଷକଙ୍କୁ କିଛି ଶିକ୍ଷା ମିଳି ପାରିନାହିଁ। ନଚେତ୍ ପ୍ରଧାନଶିକ୍ଷକ ଘଟଣାକୁ ହାଲୁକା ଭାବେନେଇ ପ୍ରଶ୍ନଗୁଡ଼ିକୁ କଳାପଟାରେ ଲେଖିବା ପାଇଁ ସହକାରୀ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଥାଇ ପାରନ୍ତି ବୋଲି ଅଭିଭାବକ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ପ୍ରଧାନଶିକ୍ଷକ କୁଶମଣି ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି, ସଂଘଠାରୁ ପ୍ରଶ୍ନପତ୍ର ଆଣିଲେ ତାହା ଲିକ୍ ହୋଇଯିବା ସମ୍ଭାବନା ରହିଛି। ତେଣୁ ସେ ବିଦ୍ୟାଳୟରେ ପ୍ରଶ୍ନପତ୍ର ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଥିଲେ। ବିଦ୍ୟାଳୟ କମ୍ପ୍ୟୁଟରକୁ ବ୍ୟବହାର କରି ପ୍ରଶ୍ନପତ୍ରର କପି ବାହାର କରି ପିଲାଙ୍କୁ ଦେଇ ପାରିଥାଆନ୍ତେ ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ସେ ପୂର୍ବରୁ ଏହି ଭଳି ପରୀକ୍ଷା ପରିଚାଳନା ପାଇଁ ଅର୍ଥ ଖର୍ଚ୍ଚ କରିଥିଲେ। ହେଲେ ଏଯାଏ ସେ ଅର୍ଥ ଭରଣା କରିପାରି ନାହାନ୍ତି। ପ୍ରଶ୍ନପତ୍ର ଛପାଇବା/ଜେରକ୍ସ କରିବା ପାଇଁ ସେ ଅର୍ଥ କେଉଁଠୁ ଆଣିବେ ବୋଲି ପାଲଟା ପ୍ରଶ୍ନ କରିଥିଲେ। ତେଣୁ ସେ କଳାପଟାରେ ଲେଖିବାକୁ ନିଷ୍ପତ୍ତି ନେଇଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ନୀଳାମ୍ବର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ପରୀକ୍ଷା ପରିଚାଳନା ପାଇଁ ବିଦ୍ୟାଳୟକୁ ଆସୁଥିବା କମ୍ପୋଜିଟ୍ ଅର୍ଥରୁ ଖର୍ଚ୍ଚ କରିବା ନିୟମ ରହିଛି। ତେବେ ପ୍ରଧାନଶିକ୍ଷକ କେଉଁ ପରିସ୍ଥିତିରେ କଳାପଟାରେ ପ୍ରଶ୍ନପତ୍ର ଲେଖିଛନ୍ତି ତାହାକୁ ଅନୁଧ୍ୟାନ କରିବା ସହ ଉକ୍ତ ଘଟଣାର କିଭଳି ପୁନରାବୃତ୍ତି ନ ଘଟିବ ସେ ଦିଗରେ ଧ୍ୟାନଦେବେ ବୋଲି ମିଶ୍ର ପ୍ରକାଶ କରିଛନ୍ତି।

## ଅଲ୍ ଇଣ୍ଡିଆ ପୋଲିସ ଗେମରେ ଅକ୍ଷୟଙ୍କୁ ସ୍ୱର୍ଣ୍ଣ


ସ୍ୱର୍ଣ୍ଣ ବିଜେତା ଅକ୍ଷୟ ମଲ୍ଲିକଙ୍କୁ ଶୋଭାଯାତ୍ରାରେ ଛତିଆ ବଜାର ପରିକ୍ରମା କରାଯାଉଛି।

ଛତିଆ,୧୩।୧୦(ସୌମ୍ୟ ରଞ୍ଜନ ସାହୁ)

ହରିୟାଣାଠାରେ ଗତ ୯ ତାରିଖରେ ଅନୁଷ୍ଠିତ ହୋଇଥିବା ୭୨ତମ ଅଲ୍ ଇଣ୍ଡିଆ ପୋଲିସ ଗେମରେ ସ୍ୱର୍ଣ୍ଣପଦକ ପାଇଛନ୍ତି ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅଧୀନ ଛତିଆ ପାଇକରାପୁର ଗ୍ରାମର ଅକ୍ଷୟ ମଲିକ। ଅକ୍ଷୟ ଓଡ଼ିଶା ପୋଲିସରେ ହାବିଲଦାର ଭାବେ କାର୍ଯ୍ୟ କରୁଛନ୍ତି। ପିଲାବେଳୁ ତାଙ୍କର ବଡିବିଲଡିଙ୍ଗ୍ ପ୍ରତି ରହିଥିଲା ଆଗ୍ରହ। ଉକ୍ତ ଗେମରେ ସେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ। ସେ ଓଡ଼ିଶା ପୋଲିସର ସଫଳତାକୁ ଦ୍ୱିଗୁଣିତ କରି ପାରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଂଶସାର ସୁଅ ଛୁଟୁଛି। ସେ ଛତିଆଠାରେ ପହଞ୍ଚିବା ପରେ ବହୁ ବୁଦ୍ଧିଜୀବୀ, ରାଜନେତା, ସାମାଜିକ କର୍ମୀ ଓ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇ ଏକ ଶୋଭାଯାତ୍ରାରେ ଛତିଆ ବଜାର ପରିକ୍ରମା କରାଯାଇଥିଲା। ଆଗାମୀ ଦିନରେ ଅନ୍ତର୍ଜାତୀୟସ୍ତରରେ ଖେଳି ସେ ଓଡ଼ିଶା ପାଇଁ ସୁନାମ ଆଣିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି।

## ଖବର ପ୍ରକାଶ ପରେ ମରାମତି ହେଲା ବିଦ୍ୟୁତ୍ ଖୁଣ୍ଟ


ପୂର୍ବରୁ ଥିବା ବିଦ୍ୟୁତ୍ ଖୁଣ୍ଟ।


ଖବର ପ୍ରକାଶ ପରେ ଖୁଣ୍ଟ ମରାମତି ଚାଲିଛି।

ଯାଜପୁରରୋଡ୍,୧୩।୧୦(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ସହରର ମୁଖ୍ୟରାସ୍ତା ପାର୍ଶ୍ୱ ଡାକ୍ତର ପରମେଶ୍ୱର ନାୟକଙ୍କ କ୍ଲିନିକ ନିକଟରେ ଥିବା ବିପଦସଂକୁଳ ବିଦ୍ୟୁତ୍ ଖୁଣ୍ଟର ମରାମତି କରାଯାଇଛି। ଯେକୌଣସି ସମୟରେ ଉକ୍ତ କଳଙ୍କି ଲଗା ଲୁହାଖୁଣ୍ଟ ଭାଙ୍ଗି ସାଧାରଣ ଲୋକଙ୍କ ପାଇଁ ବିପଦର କାରଣ ସାଜିଥାନ୍ତା। ଏନେଇ ଗତ ୧୦ତାରିଖରେ 'ବିପଦ ସଂକୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ' ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଗୁରୁବାର ଟାଟା ପାୱାରର କର୍ମଚାରୀ ଉକ୍ତ ବିଦ୍ୟୁତ୍ ଖୁଣ୍ଟକୁ ମରାମତି କରିବା ସହ ଖୁଣ୍ଟମୂଳକୁ କଂକ୍ରିଟ ସାହାଯ୍ୟରେ ଢଳାଇ କରିଛନ୍ତି। ଏଥିସହିତ ଖୁଣ୍ଟକୁ ଧରି ରଖିବା ପାଇଁ ଏକ ସପୋର୍ଟିଂ ଖୁଣ୍ଟ ଦିଆଯାଇଛି। ବିଭାଗୀୟ ଯନ୍ତ୍ରୀଙ୍କ କହିବା କଥା ନୂଆ ବିଦ୍ୟୁତ୍ ଖୁଣ୍ଟ ସ୍ଥାପନ କାର୍ଯ୍ୟ ଚାଲିଛି। ଖୁବ୍‌ଶୀଘ୍ର ସହରରେ ଥିବା ସମସ୍ତ ପୁରୁଣା ଖୁଣ୍ଟଗୁଡ଼ିକୁ ହଟାଇ ଦିଆଯିବ। ଅନ୍ୟପକ୍ଷରେ ଏହି କାର୍ଯ୍ୟ ପାଇଁ ସ୍ଥାନୀୟ ବ୍ୟବସାୟୀ ଆଶ୍ୱସ୍ତ ହେବା ସହ ଧରିତ୍ରୀକୁ ଧନ୍ୟବାଦ ଜଣାଇଛନ୍ତି।

## ଶେରପୁରରେ ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି ଜୋରଦାର


ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ଚାଲିଛି।

କାଏମା,୧୩।୧୦(ଶିବପ୍ରସାଦ ମହାନ୍ତି)

ଧରାପୃଷ୍ଠକୁ ଆସିବେ ମହିଷା ମର୍ଦ୍ଦିନୀ ମା' ଦୁର୍ଗା। ଏଥିପାଇଁ ଉତ୍ସବ ମୁଖର ଗାଁଠୁ ସହର। ଧର୍ମଶାଳା ଅଞ୍ଚଳର ଅନେକ ସ୍ଥାନରେ ଚଳିତ ବର୍ଷ ଦୁର୍ଗାପୂଜାକୁ ଖୁବ୍ ଧୁମଧାମରେ ପାଳନ ପାଇଁ ପ୍ରସ୍ତୁତି ଦେଖିବାକୁ ମିଳୁଛି। ସେଥିମଧ୍ୟରୁ ବଡ଼କାଏମା ପଞ୍ଚାୟତ ଶେରପୁର ଗ୍ରାମରେ ଧୁମଧାମରେ ପୂଜା ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ବହୁ ପୁରାତନ କାଳରୁ ଏହି ଗ୍ରାମରେ ଦୁର୍ଗା ପୂଜା କରାଯାଉଛି। ମା'ଦୁର୍ଗା ଏଠାରେ ମୃଣ୍ମୟୀ ରୂପରେ ପୂଜା ପାଇଥାନ୍ତି। ମହାଳୟା ଅବସରରେ ମୃଣ୍ମୟ ମୂର୍ତ୍ତିରେ ଖଡ଼ି ଚଢ଼ାଯାଏ। ସେହିଦିନରୁ ପ୍ରକୃତ ଦୁର୍ଗାପୂଜା ଆରମ୍ଭ ହୁଏ। କାରଣ ମହାଳୟାଠାରୁ ଦୁର୍ଗାପୂଜା ମଧ୍ୟରେ ୧୦ ଦିନ ସମୟ ରହିଥାଏ। ଯାହା ପୁରାଣଶାସ୍ତ୍ରରେ ଦଶହରା ବୋଲି କୁହାଯାଇଛି, କିନ୍ତୁ ପ୍ରକୃତ ପୂଜାବିଧି ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ଦେଖିବାକୁ ମିଳେ। ମା'ଙ୍କୁ ଷଷ୍ଠୀ ପୂଜାରେ ବେଲବରଣୀ କରାଯିବ। ଆସନ୍ତା ଶୁକ୍ରବାର କେଲୁଅ ନଦୀରୁ ଜଳ ଆଣି ମଣ୍ଡପ ପାଖେ ଥିବା ବେଲ ଗଛ ପାଖେ ବେଲବରଣୀ ପୂଜା ସମ୍ପନ୍ନ କରାଯିବ। ପରେ ରାତ୍ରୀକାଳରେ ମା'ଙ୍କ ଚକ୍ଷୁଦାନ ସମ୍ପନ୍ନ କରାଯିବ। ଏହା ମା'ଙ୍କ ବିଶେଷ ପୂଜାବିଧି। ଏଥିରେ କୌଣସି ଅବହେଳା ହେଲେ ଅନିଷ୍ଟ ଘଟିବା ସୁନିଶ୍ଚିତ ବୋଲି ଗ୍ରାମବାସୀ କହିଛନ୍ତି। ଶନିବାର ଭୋର ୭ଟା ୨୪ରେ ମହାସପ୍ତମୀ କଳସଯାତ୍ରା ଆରମ୍ଭ ହୋଇ ନିକଟ କେଲୁଅ ନଦୀକୂଳରେ ପୂଜାର୍ଚ୍ଚନା କରାଯିବ ଓ ୯ଟା୪୦ମିନିଟ ମଧ୍ୟେ ଶେଷ ହେବ। ରବିବାର ଅଷ୍ଟମୀରେ ହେବ ମା'ଙ୍କ ମୁଖ୍ୟ ସନ୍ଧିପୂଜା। ଏହିଦିନ ଅନେକ ମହିଳାମାନେ ଉପବାସ କରିଥାନ୍ତି ଓ ଶାଢ଼ି, ଫେଣୀ ଇତ୍ୟାଦି ଆଣି ମା'ଙ୍କ ପାଖରେ ଭୋଗ କରିସାରିବା ପରେ ନୂଆ ବସ୍ତ୍ର ପରିଧାନ କରିଥାନ୍ତି। ସେହିଦିନ ରାତ୍ର ପ୍ରାୟ ୭ଟା ୩୫ରେ ବଳି ପୂଜା ଆରମ୍ଭ ହେବ ଏବଂ ମା'ଙ୍କ ପାଖରେ ଲାଉ, ପାଣିକଖାରୁ ବଳି ଦିଆଯିବ। ସୋମବାର ନବମୀ ପୂଜା କରାଯିବ। ଅପରାହ୍ନରେ ପ୍ରାସାଦ ସେବନ ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ମା'ଙ୍କ ଅନ୍ତିମ ପୂଜାର୍ଚ୍ଚନା ଦଶମୀ ପୂଜା ପାଳନ କରାଯିବ। ଅପରାଜିତା ଫୁଲରେ ମା'ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯିବ। ବୁଧବାର ଗ୍ରାମରୁ ଭସାଣି ଯାତ୍ରା ବାହାରି କେଲୁଅ ନଦୀରେ ମା'ଙ୍କ ବିସର୍ଜନ କରାଯିବ। ମା'ଙ୍କ ପୂଜା ଆରମ୍ଭ ଦିନରୁ ଶେଷ ପର୍ଯ୍ୟନ୍ତ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।

## ହାଟଡିହୀ ବିଡିଓ ଡେଙ୍ଗୁ ଆକ୍ରାନ୍ତ

ହାଟଡିହୀ,୧୩।୧୦(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଡେଙ୍ଗୁ ଆକ୍ରାନ୍ତ ହୋଇଛନ୍ତି। ଗତ ବୁଧବାର ଅସୁସ୍ଥ ଅନୁଭବ କରିବାରୁ ସେ ବ୍ଲକ କାର୍ଯ୍ୟାଳୟରୁ ଘରକୁ ପଳାଇଥିଲେ। ଚିକିତ୍ସା ପାଇଁ ମେଡିକାଲ ଯାଇଥିଲେ। ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ଡେଙ୍ଗୁ ସହ ସେ ଟାଇଫଏଡରେ ଆକ୍ରାନ୍ତ ଥିବା ଜଣାପଡିଛି। ଏବେ ସେ ଛୁଟିରେ ରହି ଚିକିତ୍ସିତ ହେଉଛନ୍ତି। ବିଡିଓ ପାଣିଗ୍ରାହୀ କହିଛନ୍ତି, ଘରେ ରହି ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଉଛି। ଗତ ୩ ତାରିଖରେ ସେ ନୂତନ ବିଡିଓ ଭାବେ ହାଟଡିହୀ ବ୍ଲକରେ ଯୋଗଦାନ କରିଥିଲେ।

## ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ସମ୍ବର୍ଦ୍ଧନା

ପ୍ରୀତିପୁର,୧୩।୧୦(ସୁଶାନ୍ତ ବେହୁରିଆ)


ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବିଞ୍ଝାରପୁର ବିଧାୟିକା ତଥା ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବାଚସ୍ପତି ଦାୟିତ୍ୱ ଗ୍ରହଣ ପରେ ସେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅଧୀନ ଦଶରଥପୁର ବ୍ଲକର ୧୫ ପଞ୍ଚାୟତକୁ ପ୍ରଥମ ଥର ଗସ୍ତ ଅବସରରେ ବ୍ଲକର ପ୍ରବେଶ ପଥ ଅସନପୁର ପଞ୍ଚାୟତର ରଙ୍ଗସ କାଳୀ ପଡ଼ିଆଠାରେ ତାଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ପ୍ରଭାତ ଦାସ ଓ ବରିଷ୍ଠ ବିଜେଡି ନେତା ପ୍ରଦୀପ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଶରଥପୁର ବ୍ଲକ ଉପାଧ୍ୟକ୍ଷା ଝିଲି ମଲ୍ଲିକ, ଅସନପୁର ସରପଞ୍ଚ କାଞ୍ଚନ ମଲ୍ଲିକ, ଜିଲା ପରିଷଦ ସଭ୍ୟା ନିନାରାଣୀ ସାମଲ, ମାମିନା ମଲ୍ଲିକ, ଯୁବନେତା ବିରଜା ମଲ୍ଲିକ, ଦୀପକ ବାରିକ, ପ୍ରିୟବ୍ରତ ବିଶ୍ୱାଳ, ଚିନ୍ମୟ ମାହୁନ୍ତ ଓ ଛାତ୍ରନେତା ତପନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବାଚସ୍ପତି ଏକ ବାଇକ୍ ଶୋଭାଯାତ୍ରାରେ ରଙ୍ଗସରୁ ବାହାରି ଚଷାଖଣ୍ଡ, ବିରିପଟା, ପାଲଟପୁର, ଥାଲକୁଡ଼ି ଓ ଖାନନଗର ଅତିକ୍ରମ କରି ନିଜାମପୁର ପଞ୍ଚାୟତର ନୂଆପାଟଣା ଗ୍ରାମ ପର୍ଯ୍ୟନ୍ତ ଯାଇଥିଲେ। ରାସ୍ତାରେ ଯିବାବେଳେ ବିଭିନ୍ନ ସ୍ଥାନରେ ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।


ଗନ୍ଧଣ ପଞ୍ଚାୟତରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ, ବିଡିଓ ଏବଂ ଅନ୍ୟମାନେ।

## ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ବିଧାୟକ, ଅଧିକାରୀ

ରସୁଲପୁର,୧୩।୧୦(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତରେ କୋରେଇ ବିଧାୟକ ଅଶୋକ କୁମାର ବଳ, ବିଡିଓ ଅବନିକାନ୍ତ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ ଓ କନିଷ୍ଠ ଯନ୍ତ୍ରୀ ଅନିତା ବେହୁରା ପ୍ରମୁଖ ପହଞ୍ଚି ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିବା ସହ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି। ଯୋଜନା କାର୍ଯ୍ୟକାରୀ କରିବାରେ ରହୁଥିବା ସମସ୍ୟା ଏବଂ ତା'ର ସମାଧାନ ଦିଗରେ ସରପଞ୍ଚ ଓ ସମିତିସଭ୍ୟଙ୍କୁ ନେଇ ବିଚାର ବିମର୍ଶ କରାଯାଇଛି। ଏଥିସହ ପଞ୍ଚାୟତ ପକ୍ଷରୁ ଆୟୋଜିତ ଭତ୍ତା ବଣ୍ଟନ ମେଳାରେ ବିଧାୟକ ବଳ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଭତ୍ତା ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିବା ସହ ୨ମାସର ବକେୟା ଅର୍ଥରାଶି ଓ ନୂତନ ଭତ୍ତା ଖାତା ପ୍ରଦାନ କରିଛନ୍ତି। ମୋଟ୍ ୧୫୦ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଗନ୍ଧଣ ସରପଞ୍ଚ ରୁଦ୍ରନାରାୟଣ ମହାନ୍ତି, ସମିତିସଭ୍ୟ ଅଜୟ ପଣ୍ଡା, ବଡ଼କଇଞ୍ଚି ସରପଞ୍ଚ ଅଶୋକ ମଲ୍ଲିକ, ପୂର୍ବତନ ସମିତି ସଭ୍ୟ ଅନନ୍ତ ଚରଣ ପୁହାଣ, ଶତ୍ରୁଘ୍ନ ମଲିକ, ସମବାୟ ନେତା ପ୍ରଦୀପ ପତପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପଞ୍ଚାୟତର ଶତାଧିକ ଜନସାଧାରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନିର୍ବାହୀ ଅଧିକାରୀ ଅନିଲ ଅଙ୍ଗରାଇ ଧନ୍ୟବାଦ ଦେଇଥିଲେ।

## ଅଧିକାରୀଙ୍କ ଉପସ୍ଥିତିରେ ହେଲା ପଲ୍ଲିସଭା

- ଜଙ୍ଗଲ ଅଧିକାର ଆଇନରୁ ଆଦିବାସୀ ବଞ୍ଚିତ ଘଟଣା
- ଯୋଗ୍ୟ ବ୍ୟକ୍ତିଙ୍କୁ ପଟ୍ଟା ପାଇଁ ଆବେଦନ କରିବାକୁ ପରାମର୍ଶ

କୋରେଇ,୧୩।୧୦(ଚନ୍ଦ୍ରକାନ୍ତ ପତି)


ପଲ୍ଲିସଭାରେ ଯୋଗଦେଇଥିବା ଅଧିକାରୀ ଓ ଗ୍ରାମବାସୀ।

ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ ପାଟରଙ୍ଗା ପଞ୍ଚାୟତ ଗୋହିରାଗ ଆଦିବାସୀ ବସ୍ତି ଭାଲୁକାହୁଡିରେ ଶୁକ୍ରବାର ପଲ୍ଲିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶାସନିକ ଅଧିକାରୀଙ୍କ ସମେତ ଶତାଧିକ ଆଦିବାସୀ ଯୋଗ ଦେଇଥିଲେ।

୭୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଧରି କୋରାବନ୍ଦୀ ଓ ମଲାରିଆ ଗ୍ରାମର ମଧ୍ୟ ଭାଗରେ ଥିବା ଜଙ୍ଗଲର ଏକ ପାହାଡ ତଳେ ଏହି ଆଦିବାସୀମାନେ ରହି ଆସୁଛନ୍ତି। ସେମାନେ ଜଙ୍ଗଲରେ ବାସ କରିଆସୁଥିଲେ ମଧ୍ୟ ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ପଟ୍ଟା ପାଇ ପାରିନାହାନ୍ତି। ପଟ୍ଟା ପାଇଁ ଆବେଦନ କରିଥିଲେ ହେଁ ତାହା ମିଳିପାରିନାହିଁ। ପୂର୍ବରୁ ୨୨ଜଣ ପଟ୍ଟା ପାଇଥିବାବେଳେ ଆଉ ୬୯ ଜଣ ପଟ୍ଟା ପାଇଁ ଆବେଦନ କରିଛନ୍ତି। ମାସଲା ସୋରେନ, ସୁନାରାମ ସୋରେନ, ଡାଲି କିସ୍କୁ, ଫଗୁ କିସ୍କୁ, ଲକ୍ଷ୍ମଣ ବେଶ୍ରା, ମାଳ ଟୁଡୁ, ଫଗୁ ସାନ୍ତଲ, ସଲାଇ ଟୁଡୁ, ବିରେନ୍ଦ୍ର ହାଁସଦା, ସୁନୀଲ ଚନ୍ଦ୍ର ଟୁଡୁ ଆଦି ୧୦ଜଣଙ୍କ ପଟ୍ଟା ମିଳିଥିବା ବେଳେ ୫ଜଣ ଦୁଇଥର ଲେଖାଏ ଆବେଦନ କରିଛନ୍ତି। ବାକି ୫୪ଜଣ ପଟ୍ଟା ପାଇବାରୁ ବଞ୍ଚିତ ଥିବା ଜଣାପଡିଛି। ତେଣୁ ସେମାନେ ସିଭିଲ ସୋସାଇଟି ଫୋରମର ସମ୍ପାଦକ ବିଶ୍ୱନାଥ ପାତ୍ରଙ୍କ ନେତୃତ୍ୱରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାରୁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏପରି ସ୍ଥଳେ ପଟ୍ଟା ପାଇଁ ଆବେଦନ କରିଥିବା ୫୪ ଜଣଙ୍କ ମଧ୍ୟରୁ ଯୋଗ୍ୟଙ୍କୁ ଚିହ୍ନଟ କରିବା ପାଇଁ ସାହିର ଆରାଧ୍ୟ ଦେବ 'ଗଷାଣେ'ଙ୍କ ପୀଠରେ ୱାର୍ଡସଭ୍ୟା ରୀନା ପାତ୍ରଙ୍କ ସଭାପତିତ୍ୱରେ ପଲ୍ଲିସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପଟ୍ଟା ପାଇଁ ଆବେଦନ କରିଥିବା ୫୪ ଜଣଙ୍କର କାଗଜପତ୍ର ଯାଞ୍ଚ କରାଯିବାକୁ ସ୍ଥିର ହେବା ସହ ବାକି ରହିଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ଆବେଦନ କରିବାକୁ ପରାମର୍ଶ ଦିଆଯାଇଥିଲା। ସମସ୍ତଙ୍କ କାଗଜପତ୍ର ଠିକ ଭାବେ ଯାଞ୍ଚ କରାଯାଇ ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ପଟ୍ଟା ପ୍ରଦାନ କରାଯିବାକୁ ସହମତି ପ୍ରକାଶ ପାଇଥିଲା। ସଭାରେ ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ଦାସ, ସମିତିସଭ୍ୟ କୁଶ ମୁଣ୍ଡା, କୋରେଇ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଙ୍ଗୁଳି ଚରଣ ପ୍ରଧାନ, ପଛିକୋଟ ଆରଆଇ ଲକ୍ଷ୍ମୀପ୍ରିୟା ପାତ୍ର, ରଣପୁର ଆର୍‌ଆଇ ରବିନାରାୟଣ ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲାଖୀ ପୂର୍ତ୍ତି, ଜଙ୍ଗଲ ଅଧିକାର କମିଟି ସଭାନେତ୍ରୀ ଚୂଡ଼ାମଣି ସୋରେନ, ସମ୍ପାଦକ ଡୁକୁରୁ ସାମାଡେଙ୍କ ସହିତ ସମସ୍ତ ୱାର୍ଡ ସଭ୍ୟାସଭ୍ୟା, ଶତାଧିକ ଆଦିବାସୀ ଏବଂ ଗୋହିରାଗଡ଼ିଆ ଗ୍ରାମବାସୀ ଉପସ୍ଥିତ ଥିଲେ।

**ଜୟନ୍ତୀ ଅବସରରେ ଅକ୍ଷୟ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି**

**କେନ୍ଦ୍ରାପଡା, (ଜଗନ୍ନାଥ ଧଳ):** କେନ୍ଦ୍ରାପଡା ବ୍ଲକ ବାରୁଅସ୍ଥିତ ଭାବଗ୍ରାହୀ କଳାନିକେତନରେ ଚିର ସବୁଜ ସଙ୍ଗୀତଜ୍ଞ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। କଳା ନିକେତନ ସଭାପତି ବିମଳ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା ହୋଇଥିଲା। ଏଥିରେ ମୁଖ୍ୟ ଆଲୋଚକ ଶିକ୍ଷାବିତ୍ ମାନସ ଭୂଷଣ, ପଣ୍ଡିତ ହୃଷୀକେଶ ରଥ, ଡ. ମନୋରଞ୍ଜନ ଦାସ ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ, ସ୍ୱର୍ଗତ ମହାନ୍ତି ଏକାଧାରରେ ଗାୟକ, ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ, ଅଭିନେତା, ନିର୍ଦ୍ଦେଶକ ଥିଲେ। ୧୯୩୭ରେ ଚାନ୍ଦୋଳଠାରେ ଜନ୍ମ ଗ୍ରହଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ମହାନ୍ତିଙ୍କ ବିଭିନ୍ନ ଗୀତକୁ କଳାକାରମାନେ ଉପସ୍ଥାପନ କରିଥିଲେ।



## ସଂକ୍ଷେପରେ

### ଅମୃତବାଟିକା ପାଇଁ ବାସୁଦେବ ଆଶ୍ରମରୁ ଉଠିଲା ମାଟି

**ମହାକାଳପଡ଼ା,୧୩।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ପେଟଛେଲା ପଞ୍ଚାୟତ କୋଟିଳା ବାସୁଦେବ ଆଶ୍ରମଠାରୁ ଅମୃତ କଳସରେ ପବିତ୍ର ମାଟି ଗ୍ରାମର ମୁରବି ବୁଦ୍ଧିଜୀବୀ ଓ ମହିଳାମାନେ ଭକ୍ତି ପୂର୍ଣ୍ଣ ଭାବେ ଘର ଅଗଣା ଓ ତୁଳସୀ ଚଉରା ମୂଳରୁ ମାଟି ଉଠାଇ କଳସରେ ଭରିଥିଲେ। ଦେଶର ମୁକ୍ତି ସଂଗ୍ରାମୀ, ଯବାନମାନଙ୍କ ବଳିଦାନ ତ୍ୟାଗ ତପସ୍ୟାର ସ୍ମୃତି ଉଦ୍ଦେଶ୍ୟରେ ଦିଲ୍ଲୀରେ ନିର୍ମାଣ ହେବାକୁ ଥିବା ଅମୃତ ବାଟିକାରେ ଦେଶର କୋଣ ଅନୁକୋଣରୁ ପବିତ୍ର ମାଟିକୁ ସମ୍ମାନ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଭାଜପା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଶିକ୍ଷାବିତ୍ ଭୁବନ ମୋହନ ଜେନାଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଭାଜପା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ଭାଜପା ନେତା ପବିତ୍ର କୁମାର ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରୋଜାଲିନ ମହାନ୍ତି, ରଞ୍ଜିତ ଆଚାର୍ଯ୍ୟ, ବୈଷ୍ଣବ ଚରଣ ପରିଡ଼ା, ସୌଭାଗ୍ୟ ବାହାଲିଆ, ସୁବାସ ସେଠୀ, ରାଧୁ ସାହୁ ଓ ବିଦ୍ୟୁତ୍ କୁମାର ଖୁଣ୍ଟିଆ ପ୍ରମୁଖଙ୍କ ସମେତ ବହୁସଂଖ୍ୟାରେ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ।

### ୧୯୯୯ ମହାବାତ୍ୟା ପରେ ଓଡ଼ିଶାର ଚିତ୍ର ବଦଳିଛି

**ମାର୍ଶାଘାଇ,୧୩।୧୦ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ତଥା ଦୂରଦର୍ଶୀ ନେତୃତ୍ୱରେ ଓଡ଼ିଶା ଆଜି ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହୋଉଛି। ୧୯୯୯ ମହାବାତ୍ୟା ପରେ ଧ୍ୱସ୍ତବିଧ୍ୱସ୍ତ ହୋଇପଡ଼ିଥିବା ଓଡ଼ିଶାର ଅର୍ଥନୀତିକୁ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ସଜାଡ଼ିବା ସହ ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟଜଳ, ଶିକ୍ଷା, ଚାଷୀ, ଯୁବକ, ମହିଳାମାନଙ୍କ ପାଇଁ ଯୁଗାନ୍ତକାରୀ ପଦକ୍ଷେପ ନେଇ ରାଜ୍ୟକୁ ଦେଶରେ ଅଗ୍ରଣୀ ରାଜ୍ୟରେ ପରିଣତ କରିଛନ୍ତି ବୋଲି ମାର୍ଶାଘାଇଠାରେ ବିଜେଡିର ୩ଦିନିଆ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇ ପ୍ରଶିକ୍ଷକମାନେ ମତପ୍ରକାଶ କରିଛନ୍ତି। ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରକୁ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ଭାବେ ରାଜ୍ୟ ବିଜେଡି ମୁଖପାତ୍ର ତୁମ୍ପନାଥ ପଣ୍ଡା, ଅନୁଗୋଳ ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ ଯୋଗଦେଇଥିଲେ। ମହାକାଳପଡ଼ା ବିଧାୟକ ତଥା ସମବାୟ ଖାଦ୍ୟ ଯୋଗାଣ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ମହାକାଳପଡ଼ା ଓ ମାର୍ଶାଘାଇର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାକୁ ବିଭିନ୍ନ କ୍ଷେତ୍ରରେ କେନ୍ଦ୍ର ଅବହେଳା କରୁଛି ବୋଲି କହିବା ସଙ୍ଗେ ସଙ୍ଗେ ସେ ମହାକାଳପଡ଼ାବାସୀଙ୍କ ସେବା ପାଇଁ ସମ୍ପୂର୍ଣ୍ଣ ସମର୍ପିତ। ଶନିବାର ଏହି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି। ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ମୋଟ ୪୮ଟି ପଞ୍ଚାୟତ ଥିବାବେଳେ ଗୁରୁବାର ଓ ଶୁକ୍ରବାର ୨୯ ପଞ୍ଚାୟତର ବିଭିନ୍ନ ୱାର୍ଡରୁ ଆସିଥିବା ସକ୍ରିୟ କର୍ମୀମାନେ ପ୍ରଶିକ୍ଷଣ ନେଇଥିଲେ। ଶନିବାର ଅବଶିଷ୍ଟ ପଞ୍ଚାୟତର ସକ୍ରିୟ କର୍ମୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏଥିରେ କର୍ମୀମାନଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମକୁ ଘରେ ଘରେ ପହଞ୍ଚାଇବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ସଞ୍ଜୟ ଲେଙ୍କା, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଜିଲା ବିଜୁ କୃଷକ ମୋର୍ଚ୍ଚା ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲା ଉପସଭାପତି ଗଙ୍ଗାଧର ପରିଡ଼ା, ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ଅଶୋକ ମହାପାତ୍ର, ଅମିୟ ନାୟକ, ଅମରେନ୍ଦ୍ର ସାମଲ, ଜ୍ୟୋତି ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରାନ୍ସଫର୍ମର ବସେଇବା ଦାବିରେ ଟାଟା ପାୱାର କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

**ରାଜକନିକା,୧୩।୧୦ (ସଞ୍ଜୟ କୁମାର ଦାଶ)**

ଲୋ ଭୋଲଟେଜ ସମସ୍ୟା ଓ ଟ୍ରନ୍ସଫର୍ମର ବସେବା ଦାବିରେ ୧୨ବର୍ଷ ହେବ ବାରମ୍ବାର ଅଭିଯୋଗ କରି ଆସୁଥିବା ରାଜକନିକା ବ୍ଲକ ଜୟନଗର ପଞ୍ଚାୟତ ଚାଉଳିଆକୋହ୍ଲା ଗ୍ରାମବାସୀ ଗତ ୫ତାରିଖରେ ଟାଟା ପାୱାର ସେକ୍ସନ କାର୍ଯ୍ୟାଳୟ ଘେରାଉ କରିଥିଲେ। ରାଜକନିକା ସେକ୍ସନର ବିଭାଗୀୟ ଅଧିକାରୀ (କମର୍ସିଆଲ ଜେଇ) ରଶ୍ମିକାନ୍ତ ପାଇକରାଏଙ୍କ ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଥିଲେ। ଏହାକୁ ନେଇ ଧରିତ୍ରୀରେ ଖବର ପ୍ରସାରଣ ହୋଇଥିଲା। ତେବେ ଦାବି ପୂରଣ ନ ହେବାରୁ ଶୁକ୍ରବାର ପୁଣି ଚାଉଳିଆକୋହ୍ଲା ଗ୍ରାମର ଶତାଧିକ ମହିଳାପୁରୁଷ ରାଜକନିକା ସ୍ଥିତ ଟାଟା ପାୱାର ସେକ୍ସନ କାର୍ଯ୍ୟାଳୟ ଘେରାଉ କରିଛନ୍ତି।



ଚାଉଳିଆକୋହ୍ଲା ଗାଁର ମହିଳାପୁରୁଷ ରାଜକନିକା ଟାଟା ପାୱାର ସେକ୍ସନ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ଚାଉଳିଆକୋହ୍ଲା ଗାଁରେ ଦୀର୍ଘ ୧୨ବର୍ଷ ହେବ ବିଦ୍ୟୁ ଜନିତ ଅସୁବିଧାରେ ଲୋ ଭୋଲଟେଜ ସମସ୍ୟା ଲାଗିରହିଛି। ବାରମ୍ବାର ଲୋ ଭୋଲଟେଜ୍‌କୁ ନେଇ ଅଭିଯୋଗ କଲା ପରେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଟ୍ରାନ୍ସଫର୍ମରୁ ରାତ୍ରିରେ

**ଲୋ ଭୋଲଟେଜ ସମସ୍ୟା**

ଲାଇନ୍ କଟିଗଲେ ରାତିସାରା ଆସେ ନାହିଁ। ଏକ ବଡ଼ ଟ୍ରାନ୍ସଫର୍ମର ବସିଇବା ପାଇଁ ଗାଁ ଲୋକଙ୍କୁ ପିଣ୍ଡି ତିଆରି କରିବାକୁ ବାଧ କରାଯାଇଥିଲା। ଏମିତିକି ୨୫ ବଦଳରେ ୬୩ କେଭିଏ ଟ୍ରାନ୍ସଫର୍ମର ବସାଇବା ପାଇଁ ଗାଁ ଲୋକମାନେ ଘରପିଛା ୫ଶହ ଟଙ୍କା ଦେଇ ସମୁଦାୟ ୩୦ ହଜାର ଟଙ୍କା ଖର୍ଚ୍ଚ ଆଦାୟ କରିଥିଲେ। ହେଲେ ୬୩କେଭିଏ ଟ୍ରାନ୍ସଫର୍ମର ଏପର୍ଯ୍ୟନ୍ତ ବସି ପାରିଲା ନାହିଁ ବୋଲି ୮୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଗ୍ରାହକ ଅଭିଯୋଗ କରି ଆସୁଛନ୍ତି। ଦାବି ପୂରଣ ବଦଳରେ କାର୍ଯ୍ୟାଳୟ ପକ୍ଷରୁ ଆଜିକାଲି କହି ସମୟ ଗଡା ଯାଉଥିଲା। ଶୁକ୍ରବାର ଗାଁର ଅନ୍ନପୂର୍ଣ୍ଣା ପ୍ରଧାନ, ପୁଷ୍ପଲତା ମଲିକ, ଉତ୍ତମା ପ୍ରଧାନ, ଗୀତାଞ୍ଜଳି ମଲିକ, ମାଳତି ପ୍ରଧାନ, ମମତା ପ୍ରଧାନ, ସରସ୍ୱତୀ ପ୍ରଧାନ, ଉର୍ମିଳା ସ୍ୱାଇଁ, ଅରୁଣା ମଲିକ, ପୂଜା ମଲିକ, ସସ୍ମିତା ବିଶ୍ୱାଳ, ଅଲେଖ ପ୍ରଧାନ, ଅନିରୁଦ୍ଧ ପ୍ରଧାନ, ସୁବାସ ଚନ୍ଦ୍ର ମଲିକ, ଚାନନ୍ଦ ମଲିକ, ସୁବାସ ପ୍ରଧାନ, ଭୀମସେନ ମଲିକ, ଚୌଧୁରୀ ମଲିକ, ଲମ୍ବୋଧର ମଲିକ, ଆମର ମଲିକ, ସିପୁନୁ ପ୍ରଧାନ, ନିର ପ୍ରଧାନଙ୍କ ସମେତ ଶତାଧିକ ମହିଳାପୁରୁଷ ରାଜକନିକା ସ୍ଥିତ ଟାଟା ପାୱାର ସେକ୍ସନ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଯେ ପର୍ଯ୍ୟନ୍ତ ଆମ ଗାଁରେ ଲୋ ଭୋଲଟେଜ ସମସ୍ୟା ଦୂର ସହ ନୂଆ ୬୩ କେଭିଏ ଟ୍ରାନ୍ସଫର୍ମର ନ ବସିଛି ସେ ପର୍ଯ୍ୟନ୍ତ ଆମେ ଏମିତି କାର୍ଯ୍ୟାଳୟ ସମ୍ମୁଖରେ ବସି ରହି ଧାରଣା ଦେବୁ ବୋଲି ଚେତାବନୀ ଦେଇଛନ୍ତି।

# ଭିତରକନିକା ଇକୋ ଟୁରିଜମ ଆଣ୍ଡ ଇକୋ ଡେଭଲପମେଣ୍ଟ ସୋସାଇଟି ବୈଠକ

**ରାଜନଗର, ୧୩।୧୦ (ଭାସ୍କର ରାଉତରାୟ)**

ରାଜନଗର ବନ୍ୟପ୍ରାଣୀ ଡିଭିଜନ କାର୍ଯ୍ୟାଳୟରେ ଭିତରକନିକା ବିଭବ, ଭିତରକନିକାକୁ ଆସୁଥିବା ଦେଶ ବିଦେଶର ଆଗନ୍ତୁକ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଭିତରକନିକା ଇକୋ ଟୁରିଜିମ ଆଣ୍ଡ ଡେଭଲପମେଣ୍ଟ ସୋସାଇଟି (ବିସ୍)ର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସଞ୍ଜିତ କୁମାରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ, ଭଦ୍ରକ ଡିଏଫ୍‌ଓ ଅଧୀର କୁମାର ବେହେରା, ଏସିଏଫ୍ ପୁନମ ହୀରା ହାଁସଦା, ଗଗନ କୁମାର ମଲ୍ଲିକ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୂର୍ଯ୍ୟ ନାରାୟଣ ଲେଙ୍କା, ପର୍ଯ୍ୟଟନ ଅଧିକାରୀ, ସହକାରୀ ମତ୍ସ୍ୟ ଅଧିକାରୀ, କନିକା ରେଞ୍ଜ ଅଫିସର ମାନସ କୁମାର ଦାସ, ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେଉରା ପ୍ରମୁଖ ଯୋଗଦେଇଥିଲେ। ସେମାନେ ଭିତରକନିକାର ସୌନ୍ଦର୍ଯ୍ୟକୁ କିଭଳି ପର୍ଯ୍ୟଟକମାନେ ଆଗାମୀଦିନରେ ଅଧିକ ଉପଭୋଗ କରିବେ ଓ ଆକର୍ଷିତ ହେବେ, ଏ ନେଇ ଆବଶ୍ୟକ କାର୍ଯ୍ୟପନ୍ଥା ସମ୍ବନ୍ଧରେ ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ଭିତରକନିକାର ଜୈବ ବିବିଧତାର ସୁରକ୍ଷା ପାଇଁ ଏହି କଟକଣାକୁ କଡାକଡି କରାଯିବ। ଖୁବଶୀଘ୍ର ଜାତୀୟ ଉଦ୍ୟାନ ମଧ୍ୟକୁ ପ୍ଲାଷ୍ଟିକ ବୋତଲ ଓ ପଲିଥିନ ପ୍ରବେଶ ଉପରେ ରୋକ ଲାଗିବ। ଭିତରକନିକା ଜାତୀୟ ଉଦ୍ୟାନର ପ୍ରବେଶ ପଥ ଡାଙ୍ଗମାଳ, ଖୋଲା ଓ ଗୁପ୍ତି ଏଣ୍ଟ୍ରି ପଏଣ୍ଟରେ ଏ ନେଇ ପର୍ଯ୍ୟଟକଙ୍କୁ ସଚେତନ କରାଯିବା ସହ ପ୍ଲାଷ୍ଟିକ ବୋତଲ ପିଛା ପର୍ଯ୍ୟଟକଙ୍କଠାରୁ ୫୦ ଟଙ୍କା ଲେଖାଏ ରଖାଯିବ ଓ ବୋତଲ ଫେରାଇଲେ ଏହି ଅର୍ଥ ଫେରସ୍ତ କରାଯିବ।

ଚାନ୍ଦବାଲିରୁ କାଳିଭଞ୍ଜଡିଆ ଓ ଖୋଲାରୁ କାଳିଭଞ୍ଜଡିଆ ପର୍ଯ୍ୟଟକମାନେ ଯିବେ। ସେଥିପାଇଁ ପ୍ରାଇଭେଟ ବୋଟ ଆସୋସିଏଶନ ସହିତ ଡିଏଫ୍‌ଓ ଆଲୋଚନା କରି ଚଳିତମାସ ୩୧ ତାରିଖ ସୁଦ୍ଧା ବୋଟ ଭଡ଼ା ସ୍ଥିର କରିବେ। ନଭେମ୍ବର ୧ରୁ ବୋଟ ଭଡ଼ା ଲାଗୁ ହେବ। ଏହାବାଦେ ହୁକିଟୋଲା ଯାଉଥିବା ପର୍ଯ୍ୟଟକମାନେ ମାଛଧରା ଡଙ୍ଗାରେ ଯାଉଛନ୍ତି। ମାଛଧରା ଡଙ୍ଗା କୌଣସି ପରିସ୍ଥିତିରେ ପର୍ଯ୍ୟଟକଙ୍କୁ ନେଇ ହୁକିଟୋଲା ଯାଇ ପାରିବ ନାହିଁ। ଏହାଦ୍ୱାରା ପର୍ଯ୍ୟଟକଙ୍କ ସୁରକ୍ଷା ବିପନ୍ନ ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାର ଆଶଙ୍କା ରହିଛି। ସେଥିପାଇଁ କୌଣସି ବୋଟ ନ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହେଉଛି। ପର୍ଯ୍ୟଟନ ବିଭାଗ ସହିତ ଏ ନେଇ ଆଲୋଚନା କରି ପଦକ୍ଷେପ ନେବା ପାଇଁ ଆରସିସିଏଫ୍ କହିଥିଲେ। ପର୍ଯ୍ୟଟକମାନଙ୍କୁ ଭିତରକନିକାର ଶୋଭା, ଭିତରକନିକାରେ ଥିବା ପଶୁପକ୍ଷୀ ଓ ଗଛଲତା ବିଷୟରେ ଜଣାଇବା ପାଇଁ ଗାଇଡମାନଙ୍କର ଆବଶ୍ୟକତା ରହିଛି। ସେଥିପାଇଁ ଭିତରକନିକାରେ ୪ ଜଣ ବନ ବିଭାଗର କର୍ମଚାରୀଙ୍କ ସହିତ ମୋଟ ୧୬ଜଣଙ୍କୁ ଗାଇଡ ଟ୍ରେନିଂ ଦିଆଯାଇଛି। ଗାଇଡଙ୍କୁ ଆଇ କାର୍ଡ ଯୋଗାଇ ଦେବା ଓ ସେମାନେ ପ୍ରତ୍ୟେକ ବୋଟରେ ପର୍ଯ୍ୟଟକଙ୍କ ସହ ଯାଇଁ ପର୍ଯ୍ୟଟକଙ୍କୁ ଭିତରକନିକା ବିଷୟରେ ବୁଝାଇବା ପାଇଁ ନିଷ୍ପତ୍ତି ହୋଇଛି।

# ମଣିଷପଣିଆର ପ୍ରତୀକ ଥିଲେ କୁମାର




ସ୍ମୃତିଚାରଣ ସଭାରେ ଉପସ୍ଥିତ ଅତିଥିମାନେ।

**ଡେରାବିଶ, ୧୩।୧୦(ବେବର୍ତ୍ତା ଅଜୟ ଦାସ)**

**ଦ୍ୱାଦଶାହ ଅବସରରେ ସ୍ମୃତିଚାରଣ ସଭା**

କେନ୍ଦ୍ରାପଡ଼ା ଜିଲା କଂଗ୍ରେସ କମିଟିର ଉପସଭାପତି ତଥା ଡେରାବିଶ ବ୍ଲକ ଛୋଟି ପଞ୍ଚାୟତର ପୂର୍ବତନ ସରପଞ୍ଚ କୁମାର ଚନ୍ଦ୍ର ବଳଙ୍କ ଦ୍ୱାଦଶାହ ତିଥିରେ ଶୁକ୍ରବାର ଛୋଟିଠାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ବିଷ୍ଣୁଚରଣ ମହାନ୍ତି, ଜୟନ୍ତ ମହାନ୍ତି, ରତିକାନ୍ତ କାନୁନ୍‌ଗୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ କୁମାର ନିଜକୁ ଜଣେ ଭଲ ମଣିଷ ଭାବେ ପ୍ରତିପାଦିତ କରିବା ସହ ମଣିଷପଣିଆର ପ୍ରତୀକ ଥିବା କହିଥିଲେ। ଏହି ସଭାରେ ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ, ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଜିଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡ଼ା, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ପ୍ରାଧ୍ୟାପକ ଅଜୟ ରାଉତ, ବଡ଼ଚଣା କଂଗ୍ରେସ ନେତା ଅନନ୍ତ କିଶୋର ସାମଲ, ଭାଜପା ନେତା ତେଜେଶ୍ୱର ପରିଡ଼ା, ଛୋଟି ସରପଞ୍ଚ ରଜନୀ ମଲିକ ପ୍ରମୁଖ ସ୍ୱର୍ଗତ କୁମାରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ନେହବୋଳା କଥା କହି ପରକୁ ଆପଣାର କରିବା ଭଳି ଦକ୍ଷତା କୁମାରଙ୍କଠାରେ ରହିଥିବା ନେଇ ନିଜ ନିଜର ବକ୍ତବ୍ୟରେ ଅତିଥିମାନେ କହିଥିଲେ। ଏହି ସଭାରେ ଅବସରପ୍ରାପ୍ତ ପ୍ରଶାସକ ବିଶ୍ୱନାଥ ଆଚାର୍ଯ୍ୟ, ଆଇନଜୀବୀ ପରିକ୍ଷିତ ପାତ୍ର, ବିଜେଡି ନେତ୍ରୀ ମନୀଷା ପଣ୍ଡା, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଦାସ, ସୁଖଦାନନ୍ଦ ପ୍ରଧାନ, ଉମେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଓ ଶୈଳଜା ଶଙ୍କର ସାମଲ ଏହି ସଭାକୁ ସଂଯୋଜନା କରିଥିଲେ। ଏହି ଅବସରରେ ବଳଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତୃତ୍ୱ ସ୍ୱର୍ଗତ ବଳ ନେଉଥିବା ବେଳେ ବିଭିନ୍ନ ରାଜନୈତିକ ନେତାଙ୍କ ସହ ନିଜର ସୁସମ୍ପର୍କ ରଖିଥିଲେ। ଦୀର୍ଘଦିନ ହେବ ଅସୁସ୍ଥ ଥାଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଅକ୍ଟୋବର ୨ରେ ତାଙ୍କର ପରଲୋକ ହୋଇଥିଲା।

# ରାଜକନିକାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ରାଜକନିକା,୧୩।୧୦ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)**

ଆଜି ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ଜନସମ୍ପର୍କ ପଦଯାତ୍ରା ରାଜକନିକା ବ୍ଲକଠାରେ ଅନୁଷ୍ଠିତ ହୋଇଯାଇଛି। ରାଜକନିକା ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରାଙ୍କ ପୌରୋହିତ୍ୟରେ ପଦଯାତ୍ରା ଓଳାଭର ଦେଉଳସାହି ଜଗନ୍ନାଥ ମନ୍ଦିରରୁ ବାହାରି ଦେଉଳସାହି, ଓଳାଭର ସାହି, ପାତୁଳି, ଓଳାଭର ମାର୍କେଟ, ନୂଆପାଟଣା, ବଳରାମପୁର, ଛଦେଶ ଏବଂ ଶେଷରେ କୋଠସାହି ଗାଁ ପରିକ୍ରମା କରି ଛଦେଶ-କୋଠସାହି ଦୁର୍ଗା ମନ୍ଦିର ନିକଟ ଶେଷ ହୋଇଥିଲା। ଦୁର୍ଗା ମନ୍ଦିର ପଡିଆରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ରାଜକନିକା ବ୍ଲକ ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଆଳି ବିଧାୟକ ତଥା ଲଘୁ ଉଦ୍ୟୋଗ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ଓ ବିଜେଡିର ନୀତି ଆଦର୍ଶକୁ ପାଥେୟକରି ଆଜିର ଏହି ଜନସମ୍ପର୍କ ପଦଯାତ୍ରା ବୋଲି କହିଥିଲେ। ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ ଦଳୀୟ କାର୍ଯ୍ୟକ୍ରମ, ସରକାରୀ ଯୋଜନା, ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିବା ପାଇଁ ସୁଯୋଗ ମିଳୁଛି। ପଦଯାତ୍ରା ମାଧ୍ୟମରେ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବାର ଏକ ସୁଯୋଗ ମିଳୁଛି। ରାଜକନିକା ବ୍ଲକର ୨୯ଟି ପଞ୍ଚାୟତର ବୟୋଜ୍ୟେଷ୍ଠମାନଙ୍କୁ ମନ୍ତ୍ରୀ ଦେବ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଆଳି ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ସାଂସଦଙ୍କ ପ୍ରତିନିଧି ପବିତ୍ର ରାଉତ, ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ପ୍ରତାପ ବେହେରା, ଅମିତା ସାହୁ, ପ୍ରବୀଣା ଦାସ, ସରପଞ୍ଚ ସ୍ୱର୍ଣ୍ଣଲତା ବେହୁରା, ନହୁଷ ନାୟକ, ସଂଯୁକ୍ତା ଶତପଥୀ, ଉମେଶ ବେହୁରା, ମନୋରଞ୍ଜନ ବିହାରୀ, ନିରଞ୍ଜନ ନାୟକ, ସୁବଳ ସାହୁ ପ୍ରମୁଖ ସାମିଲ ହୋଇଥିଲେ।




ଜନସମ୍ପର୍କ ପଦଯାତ୍ରାରେ ବିଜେଡି ନେତା ଓ କର୍ମୀମାନେ।

## କୋଇଲା ଗାଡ଼ି ଜବତ: ୨ ଗିରଫ

**ଆଳି,୧୩।୧୦(ବନମାଳୀ ସେନାପତି)**

ଆଳି ପୋଲିସ ଶୁକ୍ରବାର ଭୋରୁ କଟକ -ଚାନ୍ଦବାଲି ରାସ୍ତାରେ ଏକ ଚୋରା କୋଇଲା ବୋଝେଇ ପିକ୍‌ଅପ ଭ୍ୟାନକୁ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ଭୋରୁ ଏକ କୋଇଲା ବୋଝେଇ ପିକ୍‌ଅପ ଭ୍ୟାନକୁ ଅଟକ ରଖିଥିଲା। ଏହି ଭ୍ୟାନକୁ ଥାନାକୁ ଆଣିବା ସହ ୨ଜଣଙ୍କୁ ଅଟକ ରଖି ପଚରା ଉଚୁରା କରିଥିଲା। ଏ ନେଇ ନଂ. ୭୭୮/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ପିକଅପ ଭ୍ୟାନ ସହିତ ୪୦ରୁ ଊର୍ଦ୍ଧ୍ୱ ବସ୍ତା କୋଇଲା ଜବତ କରିଥିବା ବେଳେ ଗାଡିରେ ଥିବା ଚାନ୍ଦବାଲି ପଳାଶପୁର ଗ୍ରାମର ଅକ୍ଷୟ କୁମାର ରାଉତ, ଭଦ୍ରକ ଜିଲ୍ଲା ବାଂଶଡା ମଣିପୁରର ପ୍ରଭାତ କୁମାର ବେହେରାଙ୍କୁ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, କିଛି ମାସ ପୂର୍ବେ ଆଳି ପୋଲିସ ଚୋରା କୋଇଲା ଜବତ କରିଥିଲା।

## ନୂତନ ବିଡିଓଙ୍କ ଯୋଗଦାନ

**ରଘୁନାଥପୁର,୧୩।୧୦ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକର ନୂତନ ବିଡିଓ ନମିତା ବାରିକ ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ତାଙ୍କୁ ବ୍ଲକ କର୍ମଚାରୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଜନତାଙ୍କ କାର୍ଯ୍ୟକୁ ଅଗ୍ରାଧିକାର ଓ ଉନ୍ନୟନ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ଏହି ଅବସରରେ ସେ ପ୍ରକାଶ କରିଛନ୍ତି। ବିଡିଓ ବାରିକ ପୂର୍ବରୁ ଯାଜପୁର ଜିଲା ବରୀ ବ୍ଲକରେ କାର୍ଯ୍ୟରତ ଥିଲେ। ଏଠାରେ ପୂର୍ବରୁ ବିଡିଓ ଥିବା ତପନ ସେନାପତିଙ୍କ ବଦଳି ତିର୍ତ୍ତୋଲ ବ୍ଲକକୁ ହୋଇଯାଇଛି।

# ଡେରାବିଶ କଲେଜରେ କ୍ରୀଡ଼ା, ସାଂସ୍କୃତିକ ଉତ୍ସବ

**ଡେରାବିଶ, ୧୩।୧୦ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ କଲେଜରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ଯୁକ୍ତ ୩ ଡିଗ୍ରୀ ଶ୍ରେଣୀ ପାଇଁ ଗତ ୧୧ତାରିଖରୁ ଆରମ୍ଭ ହୋଇଥିବା କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ୩ ଦିନ ଧରି କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଶରତ କୁମାର କର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଦେଶ ଗଠନରେ ସହାୟକ ହେବା ପାଇଁ ନିଜ ଭିତରେ ସଂକଳ୍ପ ନେବାକୁ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଶାନ୍ତନୁ କୁମାର ମାଟି, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅଶ୍ୱିନୀ କୁମାର ପୃଷ୍ଟି, ଅଧ୍ୟାପକ ବିକ୍ରମ କୁମାର ମହାନ୍ତି, ଅଧ୍ୟାପକ ସଞ୍ଜୟ କୁମାର ମିଶ୍ର, ଅତିଥି ଭାବେ ଅଧ୍ୟାପିକା ଡ. ପ୍ରଜ୍ଞା ପଟ୍ଟନାୟକ, ଅଧ୍ୟାପକ ନଗେନ୍ଦ୍ର ନାଥ ପାଣି ଯୋଗଦେଇ ନିଜର ଶିକ୍ଷା ସହ ପ୍ରତ୍ୟେକ ଛାତ୍ରୀଛାତ୍ର ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷାକୁ ଆପଣେଇବା ଓ ନିଜକୁ ଜଣେ ଭଲ ମଣିଷ ଭାବେ ତିଆରି କରିବା ଉପରେ ଆଲୋକପାତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।




ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଢିଙ୍କି ସାଜିଥିଲା ମହିଳାଙ୍କ ବ୍ୟାୟାମର ମାଧ୍ୟମ

**ପଟ୍ଟାମୁଣ୍ଡାଇ, ୧୩।୧୦(କଳ୍ପତରୁ ନାୟକ)**

- ଏବେ ଲୁଚି ଯିବାକୁ ବସିଲାଣି
- ଆଉ ମିଳୁନି ଢିଙ୍କିକୁଟା ଚୁଡା କି ଚାଉଳ ଚୂନା



ସମୟ ବଦଳିବା ସହିତ ମନୁଷ୍ୟ ମଧ୍ୟ ପରିବର୍ତ୍ତନ ହେଉଛି। ଆଧୁନିକତାର ଚାକଚକ୍ୟ ସମୟର ସ୍ୱଳ୍ପତା ଭିତରେ ଆଜିର ମଣିଷ ପୁରୁଣା ଓ ପାରମ୍ପରିକ ଘରକରଣା ଜିନିଷକୁ ହଜେଇ ଦେଇ ଆଧୁନିକ ମେଶିନ୍‌ର ବ୍ୟବହାର ବହୁଳ ଭାବରେ ବଢ଼ି ଚାଲିଛି। ଆଗକାଳରେ ବ୍ୟବହାର କରାଯାଉଥିବା ଅନେକ ଜିନିଷ ଏବେ ଲୋପ ପାଇବାକୁ ବସିଲାଣି। ତା' ଭିତରୁ ଢିଙ୍କି ଅନ୍ୟତମ । ଏକଦା ଢିଙ୍କି ଥିଲା ସବୁ ଗ୍ରାମରେ ଏକ ନିତ୍ୟ ବ୍ୟବହୃତ ପଦାର୍ଥ। ଧାନ ଓ ଚୁଡ଼ା କୁଟିବାଠାରୁ ଆରମ୍ଭ କରି ଢିଙ୍କି ସାହାଯ୍ୟରେ ସବୁ ପ୍ରକାରର ଚୁନା ପ୍ରସ୍ତୁତ କରାଯାଉଥିଲା। ଢିଙ୍କି ମହିଳାମାନଙ୍କ ବ୍ୟାୟାମର ଏକ ମାଧ୍ୟମ ପାଲଟିଥିଲା। ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ଆମ ଚତୁଃପାର୍ଶ୍ୱରୁ ଉଭେଇ ଗଲା। ଆଉ ତହିଁରେ ବ୍ୟବହୃତ ସରଞ୍ଜାମ ସଂଗ୍ରହାଳୟରେ ସ୍ଥାନ ନେଇ ଇତିହାସ ପାଲଟିଗଲା। ଆଗାମୀ ପିଢି ପାଇଁ ଏହା କେବଳ ଗୋଟିଏ କାହାଣୀ ହୋଇ ରହିଗଲା ବୋଲି ପୁରୁଖା ଲୋକେ କହିଛନ୍ତି।

ପଟ୍ଟାମୁଣ୍ଡାଇ ଜିଗରଣ ଗ୍ରାମର ବୃଦ୍ଧା ଦମୟନ୍ତୀ ବଳ କହିଛନ୍ତି, ପୂର୍ବ କାଳର ଓଡ଼ିଆ ଗ୍ରାମୀଣ ଘରକରଣା ଜିନିଷ ସବୁ ଆଉ ଦେଖିବାକୁ ମିଳୁନାହିଁ। ଆଗକାଳରେ ଢିଙ୍କିର ବହୁଳ ବ୍ୟବହାର ହେଉଥିଲା। ଓଷାବାରରେ ଭୋଗ ପ୍ରସ୍ତୁତି ନିମନ୍ତେ ଘରେ ଢିଙ୍କିକୁ ପୂଜା କରାଯାଇ ପ୍ରଥମେ ଧାନରୁ ଅରୁଆ ଚାଉଳ ପରେ ଅରୁଆ ଚାଉଳକୁ ଭିଜାଇ ଢିଙ୍କିରେ ଚୁନା କରାଯାଇ ଭୋଗ ପ୍ରସ୍ତୁତ କରାଯାଉଥିଲା। ସେ ଭୋଗର ସ୍ୱାଦ କିଛି ନିଆରା ଥିଲା । ବର୍ତ୍ତମାନ ସେ ଯୁଗ ଗଲା କଳ ଯୁଗ ଆସିଲା। ସେଥିରୁ ତିଆରି କରାଯାଉଥିବା ଖାଦ୍ୟର ସ୍ୱାଦ ରହୁନାହିଁ। ଦକ୍ଷିଣଦିଆ ଗାଁର ଗୀତାଞ୍ଜଳି ଦାଶ କହିଛନ୍ତି, ବିଶେଷ କରି ପୂର୍ବକାଳରେ ଘରେ ଘରେ ଧାନରୁ ଚାଉଳ ପ୍ରସ୍ତୁତ କରିବା ପାଇଁ ଢିଙ୍କିର ଅଧିକ ଆବଶ୍ୟକତା ଥିଲା। ଧାନକଳରେ କୁଟା ଯାଉଥିବା ଚାଉଳରେ ସେ ସବୁ ସ୍ୱାଦ କିଛି ପରିମାଣରେ ରହୁଥିବା ବେଳେ ଏବେ ମିଲରୁ ଆସୁଥିବା ପଲିସ୍ ଚାଉଳରୁ ପ୍ରସ୍ତୁତ ଚାଉଳରେ ଆଉ ସ୍ୱାଦ ରହୁନାହିଁ। ୪ ଦଶନ୍ଧି ପୂର୍ବରୁ ଢିଙ୍କି ବ୍ୟବହାର କମି ଧାନକଳ ଆସିଲା। ଧୀରେ ଧୀରେ ଧାନକଳ ଗାଁ ଗହଳିରେ କୁଟୀର ଶିଳ୍ପ ଭାବେ ହୋଇ ଚାଲିଲା। ଲୋକଙ୍କୁ ଧାନରୁ ଚାଉଳ କରିବାକୁ ଅଧିକ ସମୟ ଅପଚୟ ଓ ପରିଶ୍ରମ କରିବାକୁ ପଡ଼ିଲା ନାହିଁ। ଧାନକଳରେ ଧାନ କୁଟିବା ଶିଖିଲା ପରେ ଲୋକେ ଢିଙ୍କିର ବ୍ୟବହାର ବନ୍ଦ କରିବାରୁ ତାହା ଏବେ ଲୋପ ପାଇବାକୁ ବସିଲାଣି। ସୁଷମା ମହାନ୍ତି କହିଛନ୍ତି, ଗାଁରେ ବସବାସ କରୁଥିବା ମହିଳାମାନେ ପ୍ରଥମେ ଚୁଲିରେ ଧାନ ଉସାଇଁ ତାକୁ ଖରାରେ ଶୁଖାଇବା ପରେ ଢିଙ୍କିରେ କୁଟୁଥିଲେ। ଏହାଦ୍ୱାରା ସେମାନଙ୍କ ଶାରୀରିକ ବ୍ୟାୟାମରେ ସାହାଯ୍ୟ କରୁଥିଲା। ଢିଙ୍କିରେ କେବଳ ଧାନରୁ ଚାଉଳ କୁଟା ହେଉଥିଲା ତାହା ନୁହେଁ, ଢିଙ୍କିରେ ଧାନ ଓ ଚୁଡ଼ା କୁଟିବାଠାରୁ ଆରମ୍ଭ କରି ସବୁ ପ୍ରକାରର ଚୁନା ପ୍ରସ୍ତୁତ ହେଉଥିଲା। ଚାଉଳ ଚୁନାରେ ନାନାଦି ପ୍ରକାର ପିଠାପଣା ଭଳି ଅନେକ ବ୍ୟଞ୍ଜନ ତିଆରି କରାଯାଉଥିଲା। ଢିଙ୍କି ଦେ ଧମସାଇଲୋ ସମା କୁଟଇ ଧାନ, ଭଳି ବିଭିନ୍ନ ଗୀତ ଏବଂ ଢିଙ୍କି କୁଟା ଢକ ଢକ ଶବ୍ଦ ଆଉ ଶୁଣିବାକୁ ମିଳୁନାହିଁ। ଢିଙ୍କି ଗୋଡ଼ ସାହାଯ୍ୟରେ ଓ ଆଉ ଗୋଟିଏ ହାତ ସାହାଯ୍ୟରେ କୁଟାଯାଉଥିଲା। ହାତରେ କୁଟା ଯାଉଥିବା ସରାମ କହୁ ବା ପାହୁରାଣି ନାମରେ ଜଣାଶୁଣା। ପରିବର୍ତ୍ତନଶୀଳ ଦୁନିଆରେ ଆବଶ୍ୟକତା ଅନୁସାରେ ଚାହିଦା ପୂରଣ ନ କରି ପାରିବା, ଶ୍ରମ ଦାନର ଅଭାବ ଓ ଅଳସୁଆମି ପଣ ଯୋଗୁ ସଂସାରରୁ ଅନେକ ଜିନିଷ ହଜିଯିବାକୁ ବସିଲାଣି। ଗାଁ ଗହଳିର ଓ ପରିବାର ପାଖରେ ଏହି ଢିଙ୍କି ରହି ଯାଇଥିବା ବେଳେ ଆଗାମୀ ଦିନରେ କେବଳ ଫଟୋ ଚିତ୍ରରେ ହିଁ ଦେଖିବାକୁ ମିଳିବ ବୋଲି ବହୁ ପୁରୁଖା ଲୋକ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୪ ଅକ୍ଟୋବର, ୨୦୨୩



**୪୩୮ ଲିଟର ମଦ ଜବତ, ୫ ଗିରଫ**

ମୋହନା(ମନ୍ମଥ ମିଶ୍ର): ଗଜପତି ଜିଲା ମୋହନା ଓ ଅଡବା ଥାନା ଅଞ୍ଚଳରେ ଅବକାରୀ ଗୋଇନ୍ଦା ବିଭାଗ ଓ ପୋଲିସ ଟିମ୍ ମିଳିତ ଚଢଉ କରି ବିପୁଳ ପରିମାଣର ଦେଶୀ ରନ୍ଧା ମଦ ଜବତ କରିବା ସହ ବେଆଇନ ମଦ କାରବାରରେ ସଂପୃକ୍ତ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ଶୁକ୍ରବାର ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ସବ ଇନ୍ସପେକ୍ଟର ଅଜିତ କୁମାର ନାୟକଙ୍କ ନେତୃତ୍ୱରେ ଅବକାରୀ ଓ ପୋଲିସ ଟିମ୍ ମୋହନା, ଅଡବା, ଅନ୍ତର୍ବା ଓ ମର୍ଜିମା ଆଦି ଅଞ୍ଚଳରେ ଚଢ଼ାଉ କରି ଘଟଣା ସ୍ଥଳରୁ ୪୩୮ ଲିଟର ଦେଶୀ ରନ୍ଧା ମଦ ଜବତ କରିବା ସହ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅବକାରୀ ବିଭାଗରୁ ସୂଚନା ମିଳିଛି।

## ସଂକ୍ଷେପରେ

### ଆଙ୍କୋଲିରେ କୋଠଘର ଉଦ୍‌ଘାଟିତ

ବ୍ରହ୍ମପୁର,୧୩।୧୦ (ନରସିଂହ ସାହୁ)

ଶିଳ୍ପାଞ୍ଚଳ ଆଙ୍କୋଲି ବାଉରୀ ସାହିରେ ନବ ନିର୍ମିତ କୋଠଘର ଶୁକ୍ରବାର ଉଦଘାଟିତ ହୋଇଛି। ଏମପି ଚନ୍ଦ୍ରଶେଖର ସାହୁ ଏହାକୁ ଉଦଘାଟନ କରି ଅଞ୍ଚଳବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ବିକ୍ରମ କୁମାର ପଣ୍ଡା, ବିଏମସି ମେୟର ସଂଘମିତ୍ରା ଦଳେଇ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ କାଜୁ ଉନ୍ନୟନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା ଯୋଗ ଦେଇଥିଲେ। ପୂର୍ବତନ କର୍ପୋରେଟର ଶାନ୍ତି ଦାସଙ୍କ ସମେତ ଏଲ. ସୁଦାମ ଦାସ, ପ୍ରକାଶ ଚନ୍ଦ୍ର ଘଟୁଆଳ, ଦୁର୍ଗା ନାୟକ, ସୁବାସ ନାୟକ, ପ୍ରଦୀପ ନାୟକ, ବ୍ରଜ ମୋହନ ପ୍ରଧାନ, ପୀତବାସ ପ୍ରଧାନ, ସୁଶାନ୍ତ ଜେନା ପ୍ରମୁଖ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

### ବାଲାଜୀ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଦିଗପହଣ୍ଡି ... ଟିକିଟି,୧୩।୧୦(ପ୍ରକାଶ ଚନ୍ଦ୍ର ସାହୁ):

ଟିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମସ୍ଥିତ ଶ୍ରୀ ବାଲାଜୀ ମହାବିଦ୍ୟାଳୟ ପରିସରରେ ଗୁରୁବାର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଓଡ଼ିଆ ବିଭାଗର ମୁଖ୍ୟ ଡ଼କ୍ଟର ସୁଦର୍ଶନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଧନ୍ଦାମୂଳକ ଅନୁଷ୍ଠାନର ବରିଷ୍ଠ ଅଧ୍ୟାପକ ରୁନା ଚନ୍ଦ୍ର ସାହୁ, ରାଜନୀତି ବିଭାଗର ଅଧ୍ୟାପକ ଅୟସକାନ୍ତ ମହାନ୍ତି, ଓଡ଼ିଆ ବିଭାଗର ଅଧ୍ୟାପକ ବିଷ୍ଣୁ ପ୍ରସାଦ ଡାକୁଆ ଏବଂ ତ୍ରିପତି ଗମାଙ୍ଗ ପ୍ରମୁଖ ଯୋଗଦେଇ ଆୟୋଜିତ ଏହି ଉତ୍ସବର ଲକ୍ଷ୍ୟ ଓ ଏହାର ଉଦ୍ଦେଶ୍ୟ ଉପରେ ମତବ୍ୟକ୍ତ କରିଥିଲେ। ଶେଷରେ ଛାତ୍ରୀ ଓ ଛାତ୍ରମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ +୩ ତୃତୀୟ ବର୍ଷର ଛାତ୍ରୀ ଅର୍ପିତା କୁମାରୀ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଜନାରୋଗ୍ୟ ସମିତିର ପରିଚାଳନା କମିଟି ବୈଠକ

ବେଲଗୁଣ୍ଠା,୧୩।୧୦(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ପାଇଲିପଡ଼ା ଜନାରୋଗ୍ୟ ସମିତିର ପରିଚାଳନା କମିଟି ବୈଠକ ଅଧ୍ୟକ୍ଷ ସୁଧୀର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କମିଟି ଉପାଧ୍ୟକ୍ଷ ତଥା ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କେନ୍ଦ୍ର ଅଧୀକ୍ଷକ ଡ଼ା. ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ସମ୍ପାଦକ ଆୟୁଷ ଡାକ୍ତର ସରୋଜ ପ୍ରଧାନଙ୍କ ସମେତ ସଦସ୍ୟ ସରପଞ୍ଚ ଜୟରାମ ନାୟକ, ଫାର୍ମାସୀଷ୍ଟ ଶୁଭ୍ରମନ୍ୟୁ କର, ନର୍ସିଂ ଅଫିସର୍ ସିଦ୍ଧାର୍ଥ ମିଶ୍ର, ଆଇସିଡିଏସ୍ ସୁପରଭାଇଜର୍ ମୀନା ଦିଗାଲ୍, ଶିକ୍ଷକ ବିଜୟ କୁମାର ବରାଡ଼, ସ୍ୱାସ୍ଥ୍ୟକର୍ମୀ ସ୍ନେହଲତା ମିଶ୍ର, ଏଲ୍.ଏଚ୍.ଭି ବାସନ୍ତୀ ସାହୁ, ରବି ସାମନ୍ତ, କ୍ରିଷ୍ଣା ମୂର୍ତ୍ତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଏମବିବିଏସ୍ ଡ଼ାକ୍ତର ଏବଂ ଫାର୍ମାସିଷ୍ଟ ନିଯୁକ୍ତି, ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ପ୍ରବେଶ ଦ୍ୱାର ନିର୍ମାଣ, ମୋଟରସାଇକେଲ୍ ଷ୍ଟାଣ୍ଡ ନିର୍ମାଣ, ବୈଠକ ଗୃହ ଏବଂ ପରୀକ୍ଷାଗାର ନିର୍ମାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନିଜର ନିଷ୍ଠାପର କର୍ତ୍ତବ୍ୟ ଯୋଗୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ସାଗର କୁମାର ସେଠୀ ଏବଂ ପୂର୍ଣ୍ଣଚନ୍ଦ୍ର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଆୟୁଷ ଡାକ୍ତର ସରୋଜ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଡିଏଲ୍‌ଆର କର୍ମଚାରୀଙ୍କ ଦରମା ବଢ଼ିବ



ବୈଠକରେ ଉପସ୍ଥିତ ମେୟର, ବିଧାୟକ ଓ ଅନ୍ୟମାନେ।

ବ୍ରହ୍ମପୁର,୧୩।୧୦(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର କର୍ପୋରେଶନ ବୈଠକ ଶୁକ୍ରବାର ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମସି ମେୟର ସଂଘମିତ୍ରା ଦଳେଇ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ଇ ବିବେକ ରେଡ୍ଡୀ, ଏମପି ଚନ୍ଦ୍ର ଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, କମିଶନର ଜେ ସୋନାଲ, ବିଡିଏ ସଚିବ ତଥା ଅତିରିକ୍ତ କମିଶନର ସମ୍ବିତ ରାଉତ, ରମେଶ ହାଂସଦା ମଞ୍ଚାସୀନ ଥିଲେ। ବୈଠକରେ ଦଶହରା ପୂର୍ବରୁ ରାସ୍ତା ମରାମତି, ଗୋରୁଙ୍କୁ ଅବାଧ ବିଚରଣ ରୋକିବା, କୁକୁର ବନ୍ଧ୍ୟାକରଣ ଆଦି ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। ବିଏମସି ପକ୍ଷରୁ ମୋଟ ୪୨ଟି ୱାର୍ଡରୁ ୨୬ଟି ୱାର୍ଡରେ ଅଭିଯୋଗ ଶୁଣାଣି ସରିଥିବା କମିଶନର ସୂଚନା ଦେଇଥିଲେ। ଅଭିଯୋଗ ଶୁଣାଣିରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଥିବା ସେ କହିଥିଲେ। ଆଗାମୀ ଦିନରେ ଅନ୍ୟ ସମସ୍ତ ୱାର୍ଡରେ ଅଭିଯୋଗ ଶୁଣାଣି ହେବ। ବିଏମସିର ବିଭାଗୀୟ ଯନ୍ତ୍ରୀ ବିଭିନ୍ନ ୱାର୍ଡରେ ଜାରି ରହିଥିବା ଉନ୍ନୟନ ମୂଳକ କାର୍ଯ୍ୟ ଶୀଘ୍ର ସାରିବା ପାଇଁ କହିଥିଲେ। ଆସନ୍ତା ନଭେମ୍ବରରେ କାର୍ଯ୍ୟ ଗୁଡିକର ତଦାରଖ କରାଯିବ ବୋଲି କମିଶନର କହିଥିଲେ। ବିଜେଡି କର୍ପୋରେଟର ତିରୁପତି ପାତ୍ର ଦଶହରାକୁ ଦୃଷ୍ଟିରେ ରଖି ସହରର ଖାଲ ଖମା ରାସ୍ତା ମରାମତି ପାଇଁ ଦାବି କହିଥିଲେ। ରାସ୍ତା ମରାମତି ନେଇ ୩ ଦିନ ମଧ୍ୟରେ ସର୍ଭେ କରାଯିବ ବୋଲି କମିଶନର କହିଥିଲେ। ଏ କ୍ଷେତ୍ରରେ ସ୍ଥାନୀୟ କର୍ପୋରେଟରଙ୍କୁ ଦାୟିତ୍ୱ ପ୍ରଦାନ କରାଯିବ ବୋଲି ଏମପି କହିଥିଲେ। କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ ସହରରେ ଗୋରୁଙ୍କ

**ବିଏମ୍‌ସି କାଉନସିଲ ବୈଠକ**

- ରାସ୍ତା ଉପରେ ଗାଈ ଛାଡ଼ିଲେ ମାଲିକଙ୍କୁ ୩ ହଜାର ଜରିମାନା

ଅବାଧ ବିଚରଣ ଓ କୁକୁର ଆକ୍ରମଣରେ ସହରବାସୀ ଅସୁରକ୍ଷିତ ଥିବା କହିଥିଲେ। ଆଗାମୀ ଦିନରେ କୁକୁର ବନ୍ଧ୍ୟାକରଣ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଡେପୁଟି କମିଶନର ଆର୍ଶୀବାଦ ପରିଡା କହିଥିଲେ। ରାସ୍ତା ଉପରେ ଗାଇ ଛାଡିଲେ ମାଲିକଙ୍କ ବିରୋଧରେ ୩୦୦୦ ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ମେୟର କହିଥିଲେ। କିନ୍ତୁ ରାସ୍ତାରେ ଗାଇ ନ ଛାଡିବା ପାଇଁ ସଚେତନତା କରାଯିବା ସହ ଗୋ ଶାଳା ନିର୍ମାଣ ପାଇଁ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ଏଥିସହ ନିଗମର ସ୍ୱାସ୍ଥ୍ୟ କମିଟି ଓ ପ୍ରାଣୀ ଚିକିତ୍ସାଧିକାରୀଙ୍କ ମିଳିତ ବୈଠକ କରାଯାଇ ଗାଇଗୁଡିକୁ ଟ୍ୟାଗ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କର୍ପୋରେଟର ଧୀରେଶ ସାବତ ଘରୋଇ ଟ୍ୟାକ୍ସ ଦେଇ ବାଣିଜ୍ୟିକ ପ୍ରତିଷ୍ଠାନ ଖୋଲିଥିବା ମାଲିକଙ୍କଠାରୁ ବାଣିଜ୍ୟିକ ଟ୍ୟାକ୍ସ ଆଦାୟ ପାଇଁ ଦାବି କରିଥିଲେ। ଏଥିସହ ବିଏମସି ଓ ବିଡିଏର ରହିଥିବା ଖାଲି ସ୍ଥାନକୁ ପାଚେରୀ ଦ୍ୱାରା ଆବଦ୍ଧ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ବିଡିଏ ଓ ବିଏମସିର ଖାଲି ପଡିଥିବା ସ୍ଥାନରେ ପାର୍କ ନିର୍ମିତ ହୋଇଥିବା ନେଇ ବିଡିଏ ସଚିବ କହିଥିଲେ।

ଭାଜପା କର୍ପୋରେଟର ପ୍ରଦୀପ ଶତପଥୀ ନିଗମର ବିଭିନ୍ନ ୱାର୍ଡରେ ଡ୍ରେନ ସଫେଇ ନିମନ୍ତେ ନିୟୋଜିତ କର୍ମଚାରୀଙ୍କୁ କିଏ ଦରମା ଦେଉଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏ ନେଇ ଡେପୁଟି କମିଶନର ଆର୍ଶିବାଦ ପରିଡା ଆଗାମୀ ୭ ଦିନ ମଧ୍ୟରେ ସବିଶେଷ ବିବରଣୀ ଦେବା ପାଇଁ କହିଥିଲେ। କଂସେଇ ଖାନା ପାଇଁ ଫୁଡ ଓ ଟ୍ରେଡ ଲାଇସେନ୍ସ ନ ଥିବା ନେଇ କର୍ପୋରେଟର ଶତପଥୀ ଅଭିଯୋଗ କରିଥିଲେ। ଅତିରିକ୍ତ କମିଶନର ରାଉତ କହିଥିଲେ, କଂସେଇ ଖାନାଗୁଡିକରେ ପ୍ରାୟ ୨୮% ଟ୍ରେଡ ଲାଇସେନ୍ସ ନ ଥିବା ନେଇ ସର୍ଭେ ରିପୋର୍ଟରୁ ଜଣାପଡିଥିବା କହିଥିଲେ। ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଭୁବନେଶ୍ୱର ଭଳି ବ୍ରହ୍ମପୁର ମହାନଗର ନିଗମ ଅଧୀନରେ କାର୍ଯ୍ୟରତ ଥିବା ଡିଏଲଆର କର୍ମଚାରୀଙ୍କ ଦରମା ବୃଦ୍ଧି କରାଯିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଯାହା ବୈଠକରେ ପାରିତ ହେବା ସହ ପ୍ରଥମ ବର୍ଷରେ ୧ ହଜାର ଟଙ୍କା ବୃଦ୍ଧି ପାଇଁ ସହମତି ପ୍ରକାଶ ପାଇଥିଲା। ଆମ୍ବପୁଆଠାରେ ନିର୍ମିତ ରକ ଗାର୍ଡେନରେ ୱାଟର ଫାଉଣ୍ଟେନ ଓ ଡ୍ରେନେଜ ବ୍ୟବସ୍ଥାରେ ବର୍ତ୍ତମାନ ସୁଧାର ଆସିଛି। ଖୁବ ଶୀଘ୍ର ଏହା ସର୍ବସାଧାରଣଙ୍କ ନିମନ୍ତେ ଖୋଲାଯିବ ବୋଲି ବିଡିଏ ସଚିବ କହିଥିଲେ।

### ଯୁବତୀଙ୍କୁ ଗର୍ଭବତୀ ମାମଲାରେ ବୃଦ୍ଧ ଗିରଫ

ଗୋପାଳପୁର,୧୩।୧୦ (ନବୀନ ରାଜ ଆଚାରୀ):

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ପ୍ରଲୋଭନ ଦେଖାଇ ବଳାତ୍କାର କରି ଗର୍ଭବତୀ କରିବା ମାମଲାରେ ଶୁକ୍ରବାର ପୋଲିସ ଜଣେ ବୃଦ୍ଧଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବିଶ୍ୱନାଥପୁର ଗ୍ରାମର ମନୁ ନାଇକ (୭୦)। ସୂଚନା ଅନୁସାରେ ବିଶ୍ୱନାଥପୁର ଓଡ଼ିଆରପି କଲୋନୀରେ ମନୁ ରହୁଥିବା ବେଳେ ପଡ଼ୋଶୀ ଘରେ ଜଣେ ଯୁବତୀ ରହି ଶ୍ରମିକ ଭାବେ କାମ କରୁଥିଲେ। ଗତ କିଛି ମାସ ତଳେ ମନୁ ଯୁବତୀଙ୍କୁ ପ୍ରଲୋଭନ ଦେଖାଇ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ବଳାତ୍କାର କରି ଚାଲିଥିଲେ। ଇତି ମଧ୍ୟରେ ଯୁବତୀ ଜଣକ ସାତ ମାସର ଗର୍ଭବତୀ ହୋଇଥିଲେ। ମନୁ ଯୁବତୀଙ୍କୁ ବିବାହ କରିବା ପାଇଁ ମନା କରିବା ସହ ଧମକ ଚମକ ଦେଇଥିଲେ। ଏ ନେଇ ବୁଧବାର ଯୁବତୀ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗ୍ରାମରେ ମନୁ ବୁଲୁଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ପରେ ଉଭୟଙ୍କୁ ଡାକ୍ତରି ମାଇନା କରି ମନୁକୁ କୋର୍ଟ ଚାଲାଣ କରିଛି। ସିଆରପିସି ୧୬୪ ଧାରା ଅନୁସାରେ ଯୁବତୀଙ୍କ ବୟାନ ରେକର୍ଡ କରାଯାଇଥିବା ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

## ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସ ଅନୁଷ୍ଠିତ

ପାରଳାଖେମୁଣ୍ଡି(ଗିରିଧାରୀ ପରିଛା), ୧୩।୧୦ :



ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ଖାରଡା ଗ୍ରାମର ବିନାୟକ ମହାପାତ୍ର ଉଚ୍ଚ ବିଦ୍ୟାଳୟଠାରେ ୩୧ତମ ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସ ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରକଳ୍ପ ପ୍ରତିଯୋଗିତାରେ ଜିଲା ବିଜ୍ଞାନ ନୀରିକ୍ଷକ ଏ. ରବି କୁମାର କାର୍ଯ୍ୟକ୍ରମର ଶୁଭାରମ୍ଭ କରି 'ସ୍ୱାସ୍ଥ୍ୟ ଓ ସୁସ୍ଥତା ସକାଶେ ଆମ ପରିସଂସ୍ଥାକୁ ଜାଣିବା' ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସର ଏକାଡେମିକ ସଂଯୋଜକ ତଥା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାମ୍ବିକ କୁମାର ପଟ୍ଟନାୟକ ଉଦ୍ଦେଶ୍ୟ ଜ୍ଞାପନ କରି ଛାତ୍ରଛାତ୍ରୀମାନଙ୍କ ମନରେ ଉଙ୍କି ମାରିଥିବା ବିଜ୍ଞାନ ଚିନ୍ତାଧାରାକୁ ବିନିଯୋଗ କରି ନିଜ ଅଞ୍ଚଳର ବିକାଶକୁ ପ୍ରତିହତ କରୁଥିବା ସମସ୍ୟାକୁ ଦୂର କରିବା ପାଇଁ ଏହିଭଳି ପ୍ରକଳ୍ପ ପ୍ରତିଯୋଗିତା ଏକ ମାଧ୍ୟମ ଅଟେ ବୋଲି କହିଥିଲେ। ଦେବଦାସ ତମାରପୁ ଓ ବାଳକୃଷ୍ଣ ମାଝି ବିଚାରକ ଭାବେ ଯୋଗଦେଇଥିଲେ । ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ୫୬ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେମାନଙ୍କ ମଧ୍ୟରୁ ୫ଟି ପ୍ରକଳ୍ପ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଥିଲା। ମନୋନୀତ ପ୍ରକଳ୍ପଗୁଡ଼ିକ ପପୁନ ମହାରଣା, ସରକାରୀ ମହେନ୍ଦ୍ର ଗିରି ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଅନିତା ପ୍ରଧାନ, ସରକାରୀ ଉଚ୍ଚ ବିଦ୍ୟାଳୟ ଜାଜପୁର, ଏ ଗୌତମୀ, ବି ଏମ ଉଚ୍ଚବିଦ୍ୟାଳୟ ଖାରଡା, ମୁନା ଦୋଲାଇ, ଏସକେସିଜି ଉଚ୍ଚ ବିଦ୍ୟାଳୟ ଗୁରାଣ୍ଡି, ବର୍ଣ୍ଣିତା ଦାସ, ସରସ୍ୱତୀ ଶିଶୁ ମନ୍ଦିର ପାରଳାଖେମୁଣ୍ଡି ପ୍ରଦର୍ଶିତ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମୋସ ଲିମା ଧନ୍ୟବାଦ ଦେଇଥିବାବେଳେ ଏନ ଜଗଦୀଶ, ଗୌରୀ ପ୍ରସାଦ ରଣା ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଦିଗପହଣ୍ଡି ଏନ୍‌ଏସିର ପରିବର୍ଦ୍ଧିତ ଆଲୋଚନାସଭା

ଦିଗପହଣ୍ଡି,୧୩।୧୦(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ଏନ୍‌ଏସିର ପରିବର୍ଦ୍ଧିତ କାଉନସିଲ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ ସଭାରେ ସଂଯୋଜନା କରିଥିବା ବେଳେ ଏନ୍‌ଏସି ଉପାଧ୍ୟକ୍ଷା କେ.ପୂଜା , ଏମ.ପି ପ୍ରତିନିଧି ନିରୁପମା ପଟ୍ଟନାୟକ ଏବଂ କାଉନସିଲର ବୃନ୍ଦ ସଭାରେ ମଞ୍ଚାସିନ ଥିଲେ। ସହରର ବିଭିନ୍ନ ସମସ୍ୟା, ଉନ୍ନୟନ କାର୍ଯ୍ୟ ପ୍ରଭୃତି ବିବିଧ ପ୍ରସ୍ତାବ ସମ୍ପର୍କରେ ସଭାରେ ବିସ୍ତୃତ ଆଲୋଚନା କରାଯାଇ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଶେଷରେ ଦିଗପହଣ୍ଡି ଏନ୍‌ଏସି ଅଧୀନ ସମସ୍ତ ୱାର୍ଡରୁ ସଂଗୃହୀତ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରବର୍ତ୍ତୀ ସମୟରେ କେଉଁ ସୋପାନ ଅବଲମ୍ବନ କରାଯାଇ କମ୍ପୋଷ୍ଟ ପ୍ରସ୍ତୁତ ପରେ ସେସବୁକୁ ବିକ୍ରି କରାଯାଇପାରିବ ତାହାକୁ ନେଇ ସଭାରେ ଉପସ୍ଥିତ ଏନ୍‌ଏସି ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ସମସ୍ତ କାଉନସିଲରମାନଙ୍କୁ ତାଲିମ ଦିଆଯିବା ସହ ନିମପଲ୍ଲୀ ନିକଟସ୍ଥ ମାଇକ୍ରୋ କମ୍ପୋଷ୍ଟ କେନ୍ଦ୍ର ପରିଭ୍ରମଣ କରାଯାଇଥିଲା। ଆୟୋଜିତ ସଭା ଓ ପରିଭ୍ରମଣ କାର୍ଯ୍ୟକ୍ରମରେ କାଉନସିଲର ନୀଳ ମାଧବ ଗୌଡ଼, ଦୀପକ କୁମାର ମିଶ୍ର, ସୁଶାନ୍ତ ପାତ୍ର, ସୁନୀଲ କୁମାର ପଣ୍ଡା, ସନ୍ତୋସିନି ବେହେରା, କରିଷ୍ମା ନାୟକ, ଗୌରାଙ୍ଗ ଚରଣ ବେହେରା, ମାମିନୀ ବେହେରା, ଇ . ଗାୟତ୍ରୀ, ଜ୍ୟୋସ୍ନା ଜେନାଙ୍କ ସମେତ ଏନ୍‌ଏସି କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

## ୫ ନିର୍ଦ୍ଦୋଷ, ୫ ଜଣଙ୍କ ବିରୋଧରେ ୱାରେଣ୍ଟ ଜାରି

ବ୍ରହ୍ମପୁର,୧୩।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ସିଜେଏମ୍) ବିଷ୍ଣୁପ୍ରସାଦ ମିଶ୍ର ଶୁକ୍ରବାର ଏକ ଚିଟଫଣ୍ଡ ଜରିଆରେ ଟଙ୍କା ଠକେଇ ମାମଲାର ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ୫ଜଣଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଉକ୍ତ ଚିଟଫଣ୍ଡ ସଂସ୍ଥାର ଶାଖା ପରିଚାଳକ ତାମିଲନାଡୁ କୋଏମ୍ବଟୋରର କେ. ଆର. ଶ୍ରୀନିଭାଷନ, ଏଜେଣ୍ଟ ଚମାଖଣ୍ଡିର ଭି. ଲାଛମେୟା ରେଡ୍ଡୀ, ଛତ୍ରପୁରର ରମେଶ ବେହେରା, ବ୍ରହ୍ମପୁରର ପିଣ୍ଟୁ ସାମଲ ଓ ରବୀନ୍ଦ୍ରନାଥ ଜେନା। ସେହିପରି ଏହି ମାମଲାରେ ଫେରାର ଥିବା ରାଇଟ ମେକ୍ସ ଚିଟଫଣ୍ଡ କମ୍ପାନୀର ୫ଜଣ ମୁଖିଆ ଘଟଣା ପରଠାରୁ ଫେରାର ଅଛନ୍ତି। କୋର୍ଟ ବିଚାରରେ ସେମାନେ ସହଯୋଗ କରିନଥିବାରୁ ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲ୍ୟୁ) ଜାରି କରାଯାଇଛି। ୨୦୧୧ରେ ରାଇଟ ମେକ୍ସ ଚିଟଫଣ୍ଡ କମ୍ପାନୀ ଛତ୍ରପୁରରେ ଶାଖା ଖୋଲିଥିଲା। ବିଭିନ୍ନ ଜମାକାରୀଙ୍କୁ ଜମା ଟଙ୍କାର ଦୁଇଗୁଣା ଦେବା କହି ଅଞ୍ଚଳର ଅନେକ ଜମାକାରୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ କରିଥିଲା। ପରେ ଜଣେ କ୍ଷତିଗ୍ରସ୍ତ ଜମାକାରୀ ଜି. ଚନ୍ଦ୍ରପଣି ରେଡ୍ଡୀ ୨୦୧୨ ଅଗଷ୍ଟ ୧୨ ରେ ଚମାଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୭୫/୧୨ ରେ କମ୍ପାନୀ ମୁଖିଆ ସମେତ ୧୦ ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା। ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନରେ ବାହାରିଥିଲେ। ଅନ୍ୟପଟେ ତାମିଲନାଡୁ କୋଏମ୍ବଟୋରରରେ ରହୁଥିବା ଉକ୍ତ ଚିଟଫଣ୍ଡ ସଂସ୍ଥାର ମୁଖ୍ୟଙ୍କୁ ପୋଲିସ ଧରିପାରିନଥିଲା। ସେମାନେ ଉକ୍ତ ମାମଲାର ଏଯାବତ ଫେରାର ରହିଛନ୍ତି। ଏଣୁ କୋର୍ଟ ସେମାନଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଜାରି କରିଛି। ଏହି ମାମଲାର ବିଚାରଣା ବେଳେ ୧୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶୁକ୍ରବାର ଉପରୋକ୍ତ ଜାମିନରେ ଥିବା ୫ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ସିଜେଏମ୍ ସେମାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମଦାଲାଙ୍କ ପକ୍ଷରୁ ଡ଼ି. ଶଙ୍କର ରାଓ ଆଚାରୀ ଓ ରାଜେଶ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ ।

## ପଞ୍ଚାୟତ ଉନ୍ନୟନ ସୂଚକ ସମ୍ପର୍କିତ ତାଲିମ ଶିବିର ଉଦ୍‌ଯାପିତ

ବୁଗୁଡା,୧୩।୧୦(କଳୀଚରଣ ଦାଶ):



ବୁଗୁଡା ପଞ୍ଚାୟତ ସମିତି ସଭା ଗୃହରେ ଚାଲିଥିବା ପଞ୍ଚାୟତ ଉନ୍ନୟନ ସୂଚକ ସମ୍ପର୍କିତ ତିନି ଦିନିଆ ତାଲିମ ଶିବିର ଶୁକ୍ରବାର ଉଦଯାପିତ ହୋଇଯାଇଛି। ବୁଧବାର ଶିବିରକୁ ପଞ୍ଚାୟତ ସମିତିର ଅଧ୍ୟକ୍ଷ କେ ପ୍ରିୟଦର୍ଶିନୀ ଆଚାରୀ, ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା ଉଦଘାଟନ କରିଥିଲେ। ପ୍ରତ୍ୟେକ ଦିନ ୭ଟି ଗ୍ରାମ ପଞ୍ଚାୟତର ୧୧ ଜଣ ଆଗଧାଡିର କର୍ମଚାରୀମାନଙ୍କୁ ପଞ୍ଚାୟତ ଉନ୍ନୟନ ସୂଚକ ସମ୍ପର୍କିତ ତାଲିମ୍ ପ୍ରଦାନ କରାଯାଇଥିଲା। ସିଡିପିଓ ବବିତା କୁମାରୀ ପଣ୍ଡା, ବିଏସ୍ଏସ୍ ଓ ସୁପ୍ରିୟା ତ୍ରିପାଠୀ, ସିପି ତୁଷାର ରଞ୍ଜନ ପ୍ରଧାନ ଓ ଜଳ, ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଏ ରାମରାଓ ଶିବିରରେ ଯୋଗଦେଇ ତାଲିମ୍ ପ୍ରଦାନ କରିଥିଲେ। ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ମନୋଜ କୁମାର ସାହୁ ନୋଡାଲ ଅଧିକାରୀ ଭାବରେ ଶିବିରକୁ ପରିଚାଳନା କରିଥିଲେ।

## ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ମୋହନା,୧୩।୧୦(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ଅଡ଼ବା ମଣ୍ଡଳ ଗୁଲୁବା ଗ୍ରାମରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ସହିତ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା କାର୍ଯ୍ୟକର୍ତ୍ତାମାନେ ପ୍ରତି ଗାଁକୁ ଯାଇ ଘର ଘର ବୁଲି ମାଟି ସଂଗ୍ରହ କରୁଛନ୍ତି। ଅଡବା ମଣ୍ଡଳ ସଭାପତି ଏଣ୍ଟି ଆଚାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଓବିସି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର କୁମାର ବେହେରା, ଜିଲା ଉପ ସଭାପତି ଦିବାକର ପ୍ରଧାନୀ, ସଂଯୋଜକ କାମଦେବ ବଡ଼ନାୟକ, ବିଜୟ ପାତ୍ରଙ୍କ ସହିତ ଗୁଲୁ। ଅଞ୍ଚଳର ଶତାଧିକ କର୍ମୀ ଯୋଗ ଦେଇଥିଲେ।

## ମତ୍ସ୍ୟ, ପ୍ରାଣୀସମ୍ପଦ ମେଳା ପାଇଁ ପ୍ରସ୍ତୁତି ବୈଠକ

ଫୁଲବାଣୀ, ୧୩।୧୦(ରାକେଶ କୁମାର ରାଉତ)

ଫୁଲବାଣୀରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏଥିରେ ଅଧ୍ୟକ୍ଷତା କରିଥିଲେ । ଜିଲାରେ ମତ୍ସ୍ୟ ଉତ୍ପାଦନ, କୁକୁଡା ଚାଷ, ଅଣ୍ଡା ଉତ୍ପାଦନ, ଗୋ-ପାଳନ, ପ୍ରାଣୀ ସମ୍ପଦରେ ଅଧିକରୁ ଅଧିକ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ପ୍ରଭୃତି ଦିଗରେ ଚାଷୀଙ୍କୁ ସଚେତନ କରିବା ଏହି ମେଳାର ଉଦ୍ଦେଶ୍ୟ ବୋଲି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା.ସଂଜୀବ କୁମାର ପଟେଲ ବୈଠକରେ ସୂଚନା ଦେଇଥିଲେ । ମତ୍ସ୍ୟ ଓ ପ୍ରାଣୀ ସମ୍ପଦରେ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଏବଂ ଇଚ୍ଛୁକ ଥିବା ପ୍ରାୟ ୭୦୦ ଜଣ ହିତାଧିକାରୀ ଏହି ମେଳାରେ ଅଂଶଗ୍ରହଣ କରିବାକୁ କାର୍ଯ୍ୟକ୍ରମ ରହିଛି। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଚାଷୀଙ୍କୁ ଏହି ମେଳାରେ ସମ୍ବର୍ଦ୍ଧିତ କରାଯିବ। ମେଳାରେ କୃଷି, ମତ୍ସ୍ୟ, ପ୍ରାଣୀ, ଉଦ୍ୟାନ ଶିଳ୍ପ ସମେତ ବିଭାଗୀୟ ୨୫ଟି ଷ୍ଟଲ, କଂଟ୍ରୋଲ ରୁମ, ରେଜିଷ୍ଟ୍ରେସନ କାଉଣ୍ଟର, ବାୟୋଫ୍ଲକ ଟ୍ୟାଙ୍କ, କେଜ୍ କଲଚର ଡେମୋ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଷ୍ଟଲ ଆଦି ଖୋଲା ଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଏଥିସହ ମେଳାରେ ଉନ୍ନତ କିସମର ଗାଇ, ଛେଳି, କୁକୁଡା ପ୍ରଦର୍ଶନ କରାଯିବ । ଆସନ୍ତା ନଭେମ୍ବରରେ ହେବାକୁ ଥିବା ଏହି ଦୁଇ ଦିନିଆ ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ବିଶେଷଜ୍ଞଙ୍କ ଦ୍ୱାରା ଚାଷୀ-ବୈଜ୍ଞାନିକ ଭାବ ବିନିମୟର କାର୍ଯ୍ୟମ ମଧ୍ୟ ହେବାକୁ ନିଷ୍ପତି ଗ୍ରହଣ କରାଯାଇଛି । ଜିଲା ମତ୍ସ୍ୟ ଅଧିକାରୀ ପ୍ରଫୁଲ୍ଲ କୁମାର କହଁରଙ୍କ ସମେତ ଅନ୍ୟମାନେ ଏହି ବୈଠକରେ ଉପସ୍ଥିତ ଥିଲେ ।



ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ ।

# ଶିଳ୍ପ ବିକାଶ କ୍ଷେତ୍ରରେ ଗଞ୍ଜାମ ପଛୁଆ

ବ୍ରହ୍ମପୁର,୧୩।୧୦(ନରସିଂହ ସାହୁ)

**ଜିଲାର ଲକ୍ଷାଧିକ ଶ୍ରମିକ ଦାଦନ**

ଗଞ୍ଜାମରେ ଶିଳ୍ପ ବିକାଶ ହୋଇପାରୁନାହିଁ। ତେଣୁ ଜିଲାର ଲକ୍ଷାଧିକ ଶ୍ରମିକ ବାହାର ରାଜ୍ୟକୁ ଯାଇ ଦାଦନ ଖଟୁଛନ୍ତି। ଗତ ୫ ଦଶନ୍ଧି ମଧ୍ୟରେ ଗୋଟିଏ ବି ନୂଆ ଶିଳ୍ପ ପ୍ରତିଷ୍ଠା ହୋଇ ନ ଥିବା ବେଳେ ପୁରୁଣା ଶିଳ୍ପ ରୁଗ୍‌ଣ ହୋଇଯାଇଛି। କଂଗ୍ରେସ ଓ ଅଣକଂଗ୍ରେସ ଶାସନରେ ଅଣଦେଖା କରାଯାଇଛି। ବ୍ରିଟିଶ ଶାସନରେ ହୋଇଥିବା ଆସିକା ସମବାୟ ଚିନି ଶିଳ୍ପ ରୁଗ୍‌ଣ ଅବସ୍ଥାରେ ଅଛି। ସେଠାର ସୂତାକଳ ଅଚଳ ହୋଇଯାଇଛି। କାମଧନ୍ଦା ନ ପାଇ ଆସିକା ଅଞ୍ଚଳରୁ ସର୍ବାଧିକ ଶ୍ରମିକ ଅନ୍ୟତ୍ର ଯାଇ କାମ କରୁଛନ୍ତି।

କୃଷି ବହୁଳ ଏହି ଜିଲାରେ କୃଷିଭିତ୍ତିକ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ପ୍ରତି ସରକାର ଆଖି ବୁଜି ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଚରମ ଅବହେଳାରୁ ଶୀତଳାପଲ୍ଲୀରେ ପ୍ରସ୍ତାବିତ ରେଳ ୱାଗନ ନିର୍ମାଣ କାରଖାନା ହୋଇପାରିଲାନି। ମୋଦୀ ସରକାର ବନ୍ଦ କରି ଦେଇଛନ୍ତି। ଛତ୍ରପୁର ବ୍ଲକରେ ଥିବା ଭାରତୀୟ ବିରଳ ମୃତ୍ତିକା (ଆଇଆରଇଏଲ) କାରଖାନା ମଧ୍ୟ କ୍ରମଶଃ ରୁଗ୍‌ଣ ହେବାରେ ଲାଗିଛି। ୨୬ ବର୍ଷ ତଳେ ଟାଟା କମ୍ପାନୀର ହେବାକୁ ଥିବା ମେଗା ଇସ୍ପାତ ପ୍ରକଳ୍ପରୁ କମ୍ପାନୀ ଓହରି ଯାଇଛି। ୧୯୯୬ ଲୋକସଭା ନିର୍ବାଚନରେ ବ୍ରହ୍ମପୁର ଆସନରୁ ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିଂହ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ। ଭୋଟ ରାଜନୀତି ପାଇଁ ୧୯୯୫ ଡିସେମ୍ବର ୩୦ରେ ଟାଟାର ଇସ୍ପାତ କାରଖାନା ପାଇଁ ସେ ଶିଳାନ୍ୟାସ କରିଥିଲେ। ସେତେବେଳେ ରାଜ୍ୟରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ କଂଗ୍ରେସ ସରକାର ଥିଲା। ଛତ୍ରପୁର ଓ ଗୋପାଳପୁର ଅଞ୍ଚଳରୁ ସାଢ଼େ ୩ ହଜାରରୁ ଅଧିକ ଏକର ଘରୋଇ ଜମି ଜୋରଜବରଦସ୍ତ ଶାଗମାଛ ଦରରେ ଅଧିଗ୍ରହଣ କରାଯାଇଥିଲା। ଫଳରେ ଶହ ଶହ ପରିବାର ବିସ୍ଥାପିତ ହୋଇ ଭିଟାମାଟି ହରାଇଲେ। ଅଧିଗ୍ରହଣ ବେଳେ ଦିଆଯାଇଥିବା ପ୍ରତିଶ୍ରୁତି ପ୍ରକାରେ ଚାକିରି ସୁଯୋଗ ଏବେ ବି ମିଳିନାହିଁ। ୧୯୯୯ ମହାବାତ୍ୟାରେ ରାଜ୍ୟ ସରକାରଙ୍କ ୧୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଗୋପାଳପୁର ସାମୟିକ ଓ କ୍ଷୁଦ୍ର ବନ୍ଦର ଧ୍ୱଂସ ହୋଇଗଲା। ୨୦୦୬ରେ ସେହି ବନ୍ଦରକୁ ସରକାର ଘରୋଇ ଉଦ୍ୟୋଗକୁ ଟେକିଦେଲେ। ତଥାପି ବିକାଶ ଘଟିନାହିଁ। ବନ୍ଦର ପାଖରେ ଜାହାଜ ଭଙ୍ଗା ଶିଳ୍ପର ପ୍ରଚାର ହେଲା। ବିଦେଶରୁ ମାତ୍ର ଗୋଟିଏ ପୁରୁଣା ଜାହାଜ ବନ୍ଦର ପାଖକୁ ଆସିଥିବା ଏବଂ ଭଙ୍ଗାଯିବା ବେଳେ ଅନେକ ମୂଲ୍ୟବାନ ସାମଗ୍ରୀ ଉଭାନ ହୋଇଯାଇଥିଲା। ୨୫ ବର୍ଷ ତଳେ ସେହି ଗୋଟିକରେ ଜାହାଜ ଭଙ୍ଗା ଶିଳ୍ପ ଅଟକି ଯାଇଛି। ସେହିପରି ଗଞ୍ଜାମ ବ୍ଲକରେ ଏକ ଘରୋଇ ଇଣ୍ଡଷ୍ଟ୍ରି ଥିବା ବେଳେ ବିଭିନ୍ନ ସମୟରେ ଶ୍ରମିକ ଅଶାନ୍ତି ସୃଷ୍ଟି ହେଉଛି।

ଟାଟା କମ୍ପାନୀର ଇସ୍ପାତ କାରଖାନା ଏବଂ ରେଳ ୱାଗନ ଫ୍ୟାକ୍ଟ୍ରି ଦ୍ୱାରା ଜିଲାର ହଜାର ହଜାର ଶ୍ରମିକ କର୍ମ ନିଯୁକ୍ତି ପାଇବାର ଆଶା କରାଯାଇଥିଲା। ତେବେ ଏହା କାର୍ଯ୍ୟକ୍ଷମ ନ ହେବାରୁ ଆଶା ମଉଳି ଯାଇଛି। ଫଳରେ ଗଞ୍ଜାମ ଶିଳ୍ପ ବିହିନ ଜିଲାରେ ପରିଣତ ହୋଇଯାଇଛି। ବିଜେଡି ସରକାର ବିଭିନ୍ନ ନୂଆ ଯୋଜନା କରୁଥିବାରୁ ଗଞ୍ଜାମ ଜିଲାରେ ଶିଳ୍ପର ବିକାଶ ନିମନ୍ତେ ପଦକ୍ଷେପ ନେବାକୁ ଶ୍ରମିକ ସଂଗଠନ ନେତାଙ୍କ ପକ୍ଷରୁ ଦାବି କରାଯାଇଛି।

# ବରୀ: ପ୍ରମୁଖ ଦଳରେ ଗୋଷ୍ଠୀ କନ୍ଦଳ

ବରୀ,୧୩।୧୦ (ମହେନ୍ଦ୍ର ସ୍ୱାଇଁ)

ଆସନ୍ତା ସାଧାରଣ ନିର୍ବାଚନକୁ ପ୍ରାୟ ୬ ମାସ ଥିବାବେଳେ ଯାଜପୁର ଜିଲାର ବରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ସବୁ ପ୍ରମୁଖ ରାଜନୈତିକ ଦଳରେ ଏକାଧିକ ଆଶାୟୀ ରହିଛନ୍ତି। ଏହାକୁ ନେଇ ଦଳଗୁଡ଼ିକରେ ଗୋଷ୍ଠୀ କନ୍ଦଳ ମଧ୍ୟ ଅଧିକ ଦେଖିବାକୁ ମିଳୁଛି। ଶାସକ ବିଜେଡି ତୁଳନାରେ ଭାଜପା ଏବଂ କଂଗ୍ରେସର ସ୍ଥିତି ଦୁର୍ବଳ ରହିଛି। ଏଭଳିସ୍ଥଳେ ଗୋଷ୍ଠୀ କନ୍ଦଳ ଭାଜପା ଏବଂ କଂଗ୍ରେସ ପାଇଁ ଚିନ୍ତାଜନକ ଥିବାବେଳେ ତାହା ବିଜେଡିକୁ ଫାଇଦା ଦେଉଥିବା ମତପ୍ରକାଶ ପାଉଛି।

ଗତ ସାଧାରଣ ନିର୍ବାଚନରେ ଭାଜପାରୁ ବିଶ୍ୱରଞ୍ଜନ ମଲ୍ଲିକ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସଙ୍କୁ କଡ଼ା ଟକ୍କର ଦେଇଥିଲେ। ମଲ୍ଲିକ ୪,୬୬୭ ଭୋଟ ବ୍ୟବଧାନରେ ଦାସଙ୍କଠାରୁ ପରାଜିତ ହୋଇଥିଲେ। ପରବର୍ତ୍ତୀ ସମୟରେ ମଲ୍ଲିକ ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଥିଲେ। ଏଭଳିସ୍ଥଳେ ବିଜେଡିରେ ଦାସ ଏବଂ ମଲ୍ଲିକ ଦୁଇ ପ୍ରମୁଖ ଚେହେରା ଥିବାବେଳେ ନିୟମିତ ବ୍ୟବଧାନରେ ଉଭୟ ନେତାଙ୍କ ସମର୍ଥକମାନେ ସମାନ୍ତରାଳ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ଦେଖିବାକୁ ମିଳୁଛି। ଏହାକୁ ବିଜେଡି ନେତୃବୃନ୍ଦ ଚିନ୍ତାଜନକ ମନେ କରୁ ନ ଥିଲେ ହେଁ ଆଗାମୀ ଦିନରେ ହେବାକୁ ଥିବା ସାଧାରଣ ନିର୍ବାଚନବେଳେ ତାହା କେଉଁ ମୋଡ଼ ନେବ ସେନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଛି।

ଅନ୍ୟପକ୍ଷରେ ମଲ୍ଲିକଙ୍କ ଇସ୍ତଫା ପରେ ଭାଜପାରେ ସାଙ୍ଗଠନିକ ସଙ୍କଟ ଦେଖାଦେଇଥିଲା। ପରବର୍ତ୍ତୀ ସମୟରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଉମେଶ ଜେନା ଭାଜପାରେ ସାମିଲ ହୋଇ ନିଜର ପତିଆରା ଦେଖାଇବାକୁ ଉଦ୍ୟମ କରୁଥିଲାବେଳେ ୨୨ ନମ୍ବର ଜିଲା ପରିଷଦ ଜୋନ୍‌ରୁ ଭାଜପାରୁ ପ୍ରାର୍ଥୀ ହୋଇଥିବା କବିର ଦାସ ସମାନ୍ତରାଳ ଭାବେ ବ୍ଲକ୍‌ସ୍ତରୀୟ ନେତାମାନଙ୍କୁ ନେଇ କାର୍ଯ୍ୟକ୍ରମ କରୁଥିବାର ଦେଖିବାକୁ ମିଳୁଛି। ଉମେଶ ଜେନାଙ୍କ ନେତୃତ୍ୱରେ ରତଳାଙ୍ଗଠାରେ 'ମୋ ଦେଶ, ମୋ ମାଟି' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ କବିର ଦାସଙ୍କ ନେତୃତ୍ୱରେ ବରୀ ନିର୍ବାଚନ ମଣ୍ଡଳୀର ଛତିଶଦେବିଲଠାରେ ଅନୁରୂପ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହାକୁ ଭାଜପାର ଗୋଷ୍ଠୀ କନ୍ଦଳ ବୋଲି ଅନେକେ କହୁଛନ୍ତି। ସେହିପରି କଂଗ୍ରେସରେ ମଧ୍ୟ ବ୍ଲକସ୍ତରରେ ଦଳୀୟ କନ୍ଦଳ ଥିବା ଚର୍ଚ୍ଚା ହେଉଛି। ବରୀ ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଅପୂର୍ବ ସାମଲଙ୍କ ନେତୃତ୍ୱରେ 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ' କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ବ୍ଲକ୍ କଂଗ୍ରେସ ସଭାପତି ମନୋଜ ଦାସ, ନାରୀନେତ୍ରୀ କଳ୍ପନା ପଣ୍ଡା, ଅଞ୍ଜନା ଧଳ, ଅଞ୍ଜନା ମଲିକ, ଆରତି ଦେଓ ପ୍ରମୁଖ ଯୋଗଦେଇଥିଲେ। ଶୁକ୍ରବାର ଯୁବ କଂଗ୍ରେସ ସଭାପତି ଇଂ. ଅମରେଶ ପରିଡ଼ାଙ୍କ ନେତୃତ୍ୱରେ ବରୀ ବ୍ଲକ୍ ଗମୁଁଠାରେ ଅନୁରୂପ କାର୍ଯ୍ୟକ୍ରମ କରାଯାଇଛି।

ବରୀରେ ବିରୋଧୀ ଭାଜପା ଏବଂ କଂଗ୍ରେସର କିଏ ନେତୃତ୍ୱ ନେବ ତାହାର ଚିତ୍ର ସ୍ପଷ୍ଟ ହେଉ ନ ଥିବାରୁ ଏଭଳି ଗୋଳମାଳିଆ ସ୍ଥିତି ସୃଷ୍ଟି ହେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ସୂଚନା ଥାଉକି ଅଦ୍ୟାବଧି ବରୀ ବ୍ଲକରେ ଭାଜପାର ଜୋନ୍ ସ୍ତରୀୟ ସଭାପତିମାନଙ୍କୁ ମନୋନୟନ କରାଯାଇଥିବାବେଳେ କଂଗ୍ରେସ ନୀରବତା ଅବଲମ୍ବନ କରୁଥିବା ଦେଖିବାକୁ ମିଳୁଛି। ଏ ବିଷୟରେ ବରୀ ବ୍ଲକ୍ କଂଗ୍ରେସ ସଭାପତି ମନୋଜ ଦାସଙ୍କୁ ପଚାରିବାରେ ସେ କୁହନ୍ତି, କଂଗ୍ରେସ ସଂଗଠିତ ଅବସ୍ଥାରେ ଅଛି। ଆଗାମୀ ନିର୍ବାଚନରେ କଂଗ୍ରେସରୁ ଯିଏ ପ୍ରାର୍ଥୀ ହେବେ ତାଙ୍କ ବିଜୟ କ୍ଷେତ୍ରରେ ଆମେ କାମ କରିବୁ। ଅପରପକ୍ଷରେ ବରୀ ଭାଜପା ନେତା ଉମେଶ ଜେନାଙ୍କୁ ଦଳୀୟ କନ୍ଦଳ ସମ୍ପର୍କରେ ପଚାରିବାରେ ସେ କୁହନ୍ତି, ଦଳର ଚିନ୍ତାଧାରା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକୁ ଘରେ ଘରେ ପହଞ୍ଚିବା କେବଳ ତାଙ୍କର ନୁହେଁ, ସବୁ ଦଳୀୟ କର୍ମୀଙ୍କର ଦାୟିତ୍ୱ।



କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ସଂକ୍ଷେପରେ

### ୫ ବର୍ଷର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ଡେରାବିଶ, ୧୩।୧୦(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଏକ ଗାଁରେ ଜଣେ ୫ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ଗୁରୁବାର ହୋଇଛି। ଅଭିଯାଗକୁ ଭିତ୍ତିକରି ଥାନାରେ ନଂ. ୭୩୮/୨୩ରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣେ ୧୪ ବର୍ଷର ନାବାଳକଙ୍କୁ ଶୁକ୍ରବାର ପୋଲିସ ଧରି ଜୁଭେନାଇଲ୍ କୋର୍ଟକୁ ଚାଲାଣ କରିଛି। ସୂଚନା ଅନୁଯାୟୀ ଏକ ଗ୍ରାମରେ ବୁଧବାର ସନ୍ଧ୍ୟାରେ ଗାଁ ଦାଣ୍ଡରେ ନାବାଳିକା ଖେଳୁଥିବା ବେଳେ ନାବାଳକ ଜଣକ ତାଙ୍କୁ ଚକୋଲେଟ୍ ଲୋଭ ଦେଖାଇ ବଳାତ୍କାର କରିଥିବା ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଗୁରୁବାର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲିକ ଘଟଣାର ଅଧିକ ତଦନ୍ତ କରୁଥିବା ନେଇ ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

### ଆଦର୍ଶ ଶିକ୍ଷୟିତ୍ରୀଙ୍କ ପରଲୋକ

କେନ୍ଦ୍ରାପଡ଼ା, ୧୩।୧୦(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ଦୀର୍ଘ ୩ ଦଶନ୍ଧି ଧରି ଶିକ୍ଷକତା କରିଥିବା ଶିକ୍ଷୟିତ୍ରୀ ସବିତା ପତି (୬୮)ଙ୍କର ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ବହୁ ପୁରାତନ ଛାତ୍ରୀଛାତ୍ର ପୌରାଞ୍ଚଳ ଅଧୀନ ମହିପାଳ ଘରେ ପହଞ୍ଚି ଶବାଧାରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେ ଗତ ୩ ଦିନ ପୂର୍ବେ ଅସୁସ୍ଥ ହୋଇପଡ଼ିଥିଲେ। ସେ ଜଣେ କର୍ତ୍ତବ୍ୟପରାୟଣା ଓ ଆଦର୍ଶ ଗୃହିଣୀ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ପାଇଥିଲେ। ପରିବାର ସଦସ୍ୟ ସ୍ୱର୍ଗଦ୍ୱାରଠାରେ ତାଙ୍କର ସଂସ୍କାର କରିଛନ୍ତି।

### ମଦନପୁର ହାଇସ୍କୁଲରେ ଶିଶୁ ମହୋତ୍ସବ ସୁରଭି

ପଟ୍ଟାମୁଣ୍ଡାଇ ୧୩।୧୦ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଦନପୁର ଯୁକେ ମହାବୀର ହାଇସ୍କୁଲଠାରେ ଲକ୍ଷ୍ମୀସୁବଳ କ୍ଲଷ୍ଟର ପକ୍ଷରୁ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ ମୁଖ୍ୟଅତିଥି, ବିଆରସିସି ଚନ୍ଦ୍ରଶେଖର ତ୍ରିପାଠୀ ମୁଖ୍ୟବକ୍ତା ଓ ସିଆରସିସି ମଳୟ ଜେନା, ରଞ୍ଜନ କୁମାର ସାହୁ, ବିଶ୍ୱରଞ୍ଜନ ଦାଶ, ସଂସାରଫଳ ସରପଞ୍ଚ ପ୍ରତିନିଧି ଶିବ ପ୍ରସାଦ ସାମନ୍ତରାୟ, ସମିତିସଭ୍ୟ ପର୍ଶୁରାମ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ସୁରଭି କାର୍ଯ୍ୟକ୍ରମ ସରକାରଙ୍କ ଏକ ବଳିଷ୍ଠ ପଦକ୍ଷେପ ବୋଲି ମତପ୍ରକାଶ ପ୍ରକାଶ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ପୂର୍ବତନ ଶିକ୍ଷାଧିକାରୀ ଅନିଲ କୁମାର ବଳ, ସୁଶାନ୍ତ ଦାସ, ସହଦେବ ରାଉତ, ଗୋବିନ୍ଦ ନାଥ ଓ ସ୍କୁଲ ପରିଚାଳନା କମିଟି ସଭାପତି ଶରତ ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି ତ୍ରିଲୋଚନ ସ୍ୱାଇଁ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ମହିଳାଙ୍କୁ ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

ଚଣ୍ଡିଖୋଲ,୧୩।୧୦(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ଥାନା ଅନ୍ତର୍ଗତ ବଡ଼ଚଣା ଗ୍ରାମରେ ଜଣେ ମହିଳାଙ୍କ ଘରେ ପଶି ନିଶାସକ୍ତ ଅବସ୍ଥାରେ ତାଙ୍କୁ ଆକ୍ରମଣ ଓ ଟଣା ଘୋଷରା କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଡ଼ଚଣା ଗ୍ରାମର ଗୋପାଳ ଦଳେଇ। ସେ ଗୁରୁବାର ସନ୍ଧ୍ୟାରେ ନିଶାସକ୍ତ ଅବସ୍ଥାରେ ସେହି ଗ୍ରାମର ଜଣେ ମହିଳାଙ୍କ ଘରକୁ ଯାଇ କବାଟ ବାଡ଼େଇଥିଲେ। ସେ କବାଟ ଖୋଲିବା ମାତ୍ରେ ଯୁବକ ତାଙ୍କ ଘରେ ପଶି ଟଣାଓଟରା କରିଥିଲେ। ମହିଳାଙ୍କ ସ୍ୱାମୀ ପ୍ରତିବାଦ କରିବାରୁ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୩୦୨/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିପରି ଗୁରୁବାର ସନ୍ଧ୍ୟାରେ ବଡ଼ଚଣା ଛକରେ ଗୋପାଳ ବଡ଼ଚଣା ଗ୍ରାମର ଶୁଶାନ୍ତ କୁମାର ଆଚାର୍ଯ୍ୟଙ୍କୁ ନିଶାସକ୍ତ ଅବସ୍ଥାରେ ଗାଳି ଗୁଲଜ କରିଥିବା ଅଭିଯୋଗ ହୋଇଛି। ଏନେଇ ଆଉ ଏକ ମାମଲା ନଂ.୩୦୧/୨୩ ରୁଜୁ ହୋଇଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

# ସଂସ୍କୃତି ଭବନର ଆଭିମୁଖ୍ୟ ପରିବର୍ତ୍ତନକୁ ବିରୋଧ

## ପୁନଃ ନବୀକରଣକୁ ନେଇ ପ୍ରଶ୍ନବାଚୀ

ଯାଜପୁର,୧୩।୧୦(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ସଦର ମହକୁମାରେ ୨୦୧୦ରେ ସାହିତ୍ୟ, ସଂସ୍କୃତି, ବିଭିନ୍ନ ସଂଘ, ସଂଗଠନର ସଭା ସମିତି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମର ଆବଶ୍ୟକତାକୁ ଅନୁଭବ କରି ଏକ ସଂସ୍କୃତି ଭବନ ନିର୍ମାଣ କରାଯାଇଥିଲା। ଜିଲା ସଂସ୍କୃତି ପରିଷଦ ଅଧୀନରେ ଏହାର ନାମ ରଖାଯାଇଥିଲା ଗୌତମ ବୁଦ୍ଧ ସଂସ୍କୃତି ଭବନ। ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏବେ ଏହି ସଂସ୍କୃତି ଭବନର ସ୍ଥିତି ଓ ଆଭିମୁଖ୍ୟର ପରିବର୍ତ୍ତନ ପାଇଁ ପ୍ରଶାସନିକସ୍ତରରେ ନିଷ୍ପତ୍ତି ହୋଇଛି। ଏହାର ପ୍ରତିବାଦରେ ଓଡ଼ିଶା ଲେଖକ ବୁଦ୍ଧିଜୀବୀ ପରିଷଦର ସମ୍ପାଦକ ହରେକୃଷ୍ଣ ପଣ୍ଡା, ଆବାହକ ନିର୍ମଳ ଚନ୍ଦ୍ର ସାମଲ ପ୍ରମୁଖ ଜିଲା ସଂସ୍କୃତି ପରିଷଦର ସମସ୍ତ ସଦସ୍ୟ ଓ ରାଜ୍ୟ ସଂସ୍କୃତି ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନେ ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ନିକଟରେ ୪ କୋଟି ଟଙ୍କା ବ୍ୟୟରେ ଏହାର ନବୀକରଣ କରାଯାଇଥିଲା। ଚଳିତ ମାସ ୧୦ରୁ ୩୦ ତାରିଖ ପର୍ଯ୍ୟନ୍ତ ପୁଣି ଏହାର ନବୀକରଣ କାର୍ଯ୍ୟ ହେବ ବୋଲି ନୋଟିସ ଦିଆଯାଇଛି। ଏଠାରେ ଅଲଗା ବିଭାଗ ଏବଂ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଯୋଜନା ଚାଲିଛି। ଏଠାରେ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଥିବା ପାଠାଗାରକୁ ଅନ୍ୟତ୍ର ନିଆଯାଇଛି। ହଲ୍‌ରେ ଥିବା ୮୦ଟି ବାଲ୍‌କୋନି ସିଟ୍ ସଂଖ୍ୟାକୁ ସଙ୍କୁଚିତ କରାଯାଉଛି। ବିପୁଳ ଟଙ୍କା ବ୍ୟୟରେ ନିର୍ମିତ ଭବନର ଭିତରକୁ ପରିବର୍ତ୍ତନ କରାଯାଇ ଶ୍ରୀହୀନ କରାଯାଇଥିବାବେଳେ ପୁଣି ସିଟ୍ ନବୀକରଣ ଆଳରେ ଯେଉଁ କାର୍ଯ୍ୟ କରାଯାଉଛି ତାକୁ ସଂସ୍କୃତି ପ୍ରେମୀ ଓ ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ବିରୋଧ କରାଯାଉଛି। ଜିଲା ପ୍ରଶାସନ ସଂସ୍କୃତି ବିରୋଧୀ କାର୍ଯ୍ୟ ନ କରିବାକୁ ନିବେଦନ କରାଯାଇଛି। ସଂସ୍କୃତି ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିଲେ ହେଁ ନୂତନ କମିଟି ଗଠନ, ପୂର୍ବ ୪ କୋଟିର ଖର୍ଚ୍ଚ ହିସାବ ନ ଦେଇ ପ୍ରଶାସନର ନବୀକରଣ କାର୍ଯ୍ୟ ସନ୍ଦେହଜନକ ବୋଲି ପରିଷଦ ପକ୍ଷରୁ କୁହାଯାଉଛି। ୩ ବର୍ଷ ଧରି ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନକୁ ଆର୍ଥିକ ସହାୟତା ନ ମିଳିବା, ଜିଲା ମହୋତ୍ସବକୁ ସଙ୍କୁଚିତ କରାଯିବା, ଭବନର ଦୈନିକ ଭଡ଼ା ବାରମ୍ବାର ବୃଦ୍ଧି ଆଦି କାର୍ଯ୍ୟଗୁଡ଼ିକ ଉପରେ ସନ୍ଦେହ ସୃଷ୍ଟି ହୋଇଥିବାବେଳେ ଏବେ ଭବନର ୩ୟ ପର୍ଯ୍ୟାୟର ନବୀକରଣ କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠିଛି। ଜିଲାର ସାହିତ୍ୟ, ସଂସ୍କୃତିର ସୁରକ୍ଷା ପାଇଁ ସଂସ୍କୃତି ଭବନର କର ହ୍ରାସ କରିବା ଏବଂ ଏହି ଭବନର ସ୍ଥିତିକୁ ଅପରିବର୍ତ୍ତିତ ରଖିବା ପାଇଁ ଜିଲାର ବହୁ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦାବି ହେଉଛି। ଏଥିସହ ରାଜ୍ୟ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ମନ୍ତ୍ରୀ ଓ ବାଚସ୍ପତିଙ୍କୁ ଅଖିଳଚନ୍ଦ୍ର ଏବଂ ଓଡ଼ିଶା ଲେଖକ ବୁଦ୍ଧିଜୀବୀ ପରିଷଦ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଛି।



# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କୃଷକ ଗୁରୁତର

ଯାଜପୁର ସଦର,୧୩।୧୦(ସମର ବିଜୟ ଶରଣ)

ଯାଜପୁର ବ୍ଲକ ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତ ଭୁବନେଶ୍ୱରପୁର ଗ୍ରାମର ମଦନ ବେହେରାଙ୍କ ସାନ ପୁଅ ଦୀପୁକିଶୋର ବେହେରା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ସେ ନିଜ ଚାଷ ଜମିରେ କୀଟନାଶକ ପକାଇବାକୁ ଯିବାବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ବିଲରେ ଥିବା ଅନ୍ୟ ଚାଷୀମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଜଣାପଡିଛି। ଦୀର୍ଘଦିନ ହେଲା ଭୁବନେଶ୍ୱରପୁର ଗ୍ରାମର ଶିବପ୍ରସାଦ ବେହେରାଙ୍କ ଚାଷ ଜମିରେ ଏକ ୧୧ କେଭି ବିଦ୍ୟୁତ୍ ତାର ଖୁଣ୍ଟ ସହ ତଳେ ପଡ଼ିରହିଛି। ଏନେଇ ପାଣିକୋଇଲି ବିଦ୍ୟୁତ୍ ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ଯାଇନାହିଁ। ବିଦ୍ୟୁତ୍ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ଖୁଣ୍ଟ ପଡ଼ିଯିବା ଫଳରେ ତାର ଝୁଲିରହିଛି। ତେଣୁ ତୁରନ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଘଟଣାର ଅନୁଧ୍ୟାନ କରିବା ସହ ଗୁରୁତର ଚାଷୀଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଦାବି ହୋଇଛି।

# କୁଆଖିଆ ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା



ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ପୋଲିସ ଅଧିକାରୀ ଓ ଅନ୍ୟମାନେ।

ରସୁଲପୁର,୧୩।୧୦(ରଞ୍ଜିତ ରାଉତ)

ସାଇବର ଅପରାଧ ବଢ଼ିବାରେ ଲାଗିଥିବାରୁ ଏ ଦିଗରେ ଜନସଚେତନା ସୃଷ୍ଟି ପାଇଁ ପୋଲିସ ଜନସାଧାରଣଙ୍କ ନିକଟରେ ପହଞ୍ଚିବାକୁ ପ୍ରୟାସ କରିଛି। ବିଭିନ୍ନ ଅଭିନୟ ଓ ରଥ ପରିକ୍ରମା ମାଧ୍ୟମରେ ସାଇବର ଅପରାଧରୁ ବଞ୍ଚିବାର ନାନା ଉପାୟ ସମ୍ପର୍କରେ ଜନସାଧାରଣ, ସ୍କୁଲ, କଲେଜ ବିଦ୍ୟାର୍ଥୀ, ବ୍ୟବସାୟୀ, ଅଙ୍ଗନୱାଡ଼ିକର୍ମୀ ଓ ଯୁବଗୋଷ୍ଠୀଙ୍କୁ ସଚେତନ କରାଯାଉଛି। ଏହିକ୍ରମରେ ରସୁଲପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ କୁଆଖିଆ ଥାନା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଶ୍ରୀକାନ୍ତ ବାରିକଙ୍କ ତତ୍ତ୍ୱାବଧାନରେ କୁଆଖିଆ ବଜାର, ମଧୁବନ ବଜାର, ହରିପୁର ବଜାର, କୁଆଖିଆ ବଜାରସ୍ଥିତ ହାଇଟେକ୍ ବିଜ୍ଞାନ କଲେଜ, ମଧୁବନ କଲେଜ, ଖଇରାବାଦ-ମୁଗୁପାଳସ୍ଥିତ ୟୁଏନ୍‌ଏସ୍ ମହାବିଦ୍ୟାଳୟ, କୋଳଥଳସ୍ଥିତ କ୍ଷେତ୍ରପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ରସୁଲପୁର ବ୍ଲକ ଆଦି ପରିସରରେ ସଚେନତତା କାର୍ଯ୍ୟକ୍ରମ କରାଯାଇଛି। ସାମାଜିକ ଗଣମାଧ୍ୟମ ବ୍ୟବହାର କ୍ଷେତ୍ରରେ ସତର୍କତା, ଗେମିଂଙ୍ଗ ଆପ୍ଲିକେଶନ, ଆର୍ଥିକ କାରବାର ସୁରକ୍ଷା ଦିଗରେ ଅଜଣା ଲୋକଙ୍କୁ ଗୁପ୍ତ ପାସୱାର୍ଡ ପ୍ରଦାନ ନ କରିବା ପାଇଁ ବିଭିନ୍ନ ବର୍ଗର ଲୋକଙ୍କୁ କୁହାଯାଇଛି। ଏଥିରେ କୁଆଖିଆ, ବ୍ରହ୍ମବରଦା ଓ ପାଣିକୋଇଲି ଥାନାର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ସାଇବର ଅପରାଧର ଶିକାର ହେଉଥିବା ଲୋକେ ତୁରନ୍ତ ୧୯୩୦ ନମ୍ବରରେ ଅଭିଯୋଗ କରିବାକୁ ବାର୍ତ୍ତା ପ୍ରଦାନ କରାଯାଇଛି।

# ବୋହୂଙ୍କୁ ଅସଦାଚରଣ ମାମଲାରେ ଶ୍ୱଶୁର ଗିରଫ

ବାଲିକୁଦା,୧୩।୧୦(ତାପସ ସ୍ୱାଇଁ)

ପୁତୁରା ବୋହୂଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବାଲିକୁଦା ପୋଲିସ ଦାଦା ଶ୍ୱଶୁରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଯୋଗୀ ମଲ୍ଲିକ। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତ୍‌କୁ ପଠାଇ ଦିଆଯାଇଛି । ପୀଡ଼ିତା ବୋହୂଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ. ୪୮୯/୨୩) ରୁଜୁ କରାଯାଇଛି।

# ନିର୍ମାଣର ୨ ମାସରେ ଲୁଣାଘେରି ବନ୍ଧ ରାସ୍ତା ନଷ୍ଟ

କୁଜଙ୍ଗ,୧୩।୧୦(ମନୋଜ ପ୍ରଧାନ)

ଏରସମା ବ୍ଲକ ମାହାଙ୍ଗା ନଦୀ ନିକଟ ବାଲିତୁଠରୁ ଢିଙ୍କିଆକୁ ସଂଯୋଗ କରୁଥିବା ଲୁଣା ଘେରିବନ୍ଧ ରାସ୍ତା ନିର୍ମାଣ ସରିବାର୨ ମାସ ମଧ୍ୟରେ ନଷ୍ଟ ହୋଇଯାଇଛି। ନିମ୍ନମାନର କାମ ଯୋଗୁ ଏପରି ହୋଇଥିବା ନେଇ ଅଭିଯୋଗ ହୋଇଛି।

୩ କିଲୋମିଟର ଲମ୍ବ ଏହି ରାସ୍ତା ଉପରେ ଢିଙ୍କିଆ, ନୂଆଗାଁ ଓ ବାଲିତୁଠ ପଞ୍ଚାୟତର ବହୁ ଲୋକ ନିର୍ଭରଶୀଳ । ରାସ୍ତାଦେଇ ଏରସମା ବ୍ଲକର ଅନେକ ଲୋକ ତୈଳ ବିଶୋଧନାଗାର ସମେତ ପାରାଦୀପ ବନ୍ଦର ଓ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ଅଞ୍ଚଳକୁ ଯାତାୟାତ କରନ୍ତି। ବିଶେଷକରି ଢିଙ୍କିଆ ପଞ୍ଚାୟତର ୫ହଜାରରୁ ଉର୍ଦ୍ଧ୍ୱ ଲୋକ ଏହି ବାଟ ଦେଇ ବ୍ଲକ ସଦର ମହକୁମା ଓ ଏରସମା ତହସିଲ ସମେତ କଟକ ଭୁବନେଶ୍ୱରକୁ ଯାଇଥାନ୍ତି। ଏହି ରାସ୍ତା ଜଳସମ୍ପଦ ବିଭାଗର ଲୁଣାଘେରି ବନ୍ଧ ଅଧୀନରେ ରହିଛି। ରାସ୍ତା ମରାମତି ପାଇଁ ୬ମାସ ତଳେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିଲା। ମାତ୍ର ମରାମତିର ୨ ମାସ ପରେ ପିଚୁ ଓ ମେଟାଲ ଉଠି ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି । ଏହାଛଡ଼ା ନିର୍ମାଣ ସମୟରେ ସୂଚନା ଫଳକ ଲଗାଯାଇ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବାଲିତୁଠର ଯୁବନେତା ରମେଶ ଚନ୍ଦ୍ର ପରିଡା କହିଛନ୍ତି, ଲୁଣାଘେରି ବନ୍ଧ ରାସ୍ତା କାର୍ଯ୍ୟରେ ଜନସାଧାରଣଙ୍କୁ ଅନ୍ଧକାରରେ ରଖାଯାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି।ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ବାଲିତୁଠ ଲୁଣା ଘେରି ବନ୍ଧ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଅଶ୍ୱିନୀ ସେନାପତିଙ୍କ ଦୃଷ୍ଟି ଆକର୍ଷଣ କରିବାରେ, ଦୁଇମାସ ହେଲା ସେ ଦାୟିତ୍ୱରେ ଅଛନ୍ତି।ସେ ଏଠାରେ ଯୋଗଦେବାର ୪ମାସ ପୂର୍ବରୁ ଏହି କାମ ସରିଯାଇଥିଲା।



- ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲା
- ନିର୍ମାଣ ସମୟରେ ସୂଚନା ଫଳକ ଲଗାଯାଇ ନାହିଁ
- ନିମ୍ନମାନର କାମ ଅଭିଯୋଗ

# ୧୭ରୁ ନବନିର୍ମାଣ କୃଷକ ସଙ୍ଗଠନର ଏତଲା ଶୋଭାଯାତ୍ରା

ରସୁଲପୁର,୧୩।୧୦(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ନଠୁଆବର ପଞ୍ଚାୟତର ନଠୁଆବର ହାଟଠାରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଯାଜପୁର ଜିଲା ସଭାପତି ବିଜୟ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ଏତଲା ଶୋଭାଯାତ୍ରା ଅକ୍ଟୋବର ୧୭ରୁ ୨ଦିନ ବ୍ୟାପୀ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ସଂଗଠନର ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଶୋଭାଯାତ୍ରାରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ଥାନାରେ ଏତଲା ପ୍ରଦାନ କରିବେ। ପୁରୀଠାରେ ଜଗନ୍ନାଥ ଜମି ହଡ଼ପ ମାମଲାରେ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀକରି ସଂଗଠନ ପକ୍ଷରୁ ତାଙ୍କ ନାମରେ ଏତଲା ଦେବାକୁ ନିଷ୍ପତ୍ତି ନିଆଯାଇଛି।

ବୈଠକରେ ସଂଗଠନର ରାଜ୍ୟ ସହ-ସଂଯୋଜକ ନିମାଇଁ ରାୟ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏଥର ସଂଗଠନ ରାଜନୈତିସ୍ତରରେ ଆନ୍ଦୋଳନ କରି ଚାଷୀଙ୍କ ସ୍ୱାର୍ଥ ପାଇଁ ଲଢେଇ କରିବାକୁ ମୋ ଦଳ ଗଠନ କରାଯାଇଛି। ଚାଷୀଙ୍କ ପାଇଁ ପ୍ରାଇସ୍, ପ୍ରଷ୍ଟିଜ୍, ପେନସନ ଦାବି ହାସଲ କରିବା ପାଇଁ ଲଢେଇ ଜାରି ରଖିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିବା ସହ ମୋ ଦଳ ସରକାର ଗଠନ କଲେ ତାହା ଚାଷୀ ସରକାର ହେବ। ଚାଷୀଙ୍କ ହକ୍ ପାଇଁ ଦଳ ଲଢିବ, ଚାଷୀଙ୍କୁ ସୁରକ୍ଷା ଭତ୍ତା ମାସିକ ୫ହଜାର ଟଙ୍କ ପ୍ରଦାନ କରାଯିବା ସହ ସ୍ୱତନ୍ତ୍ର କୃଷି ନୀତି ପ୍ରଣୟନ କରାଯିବ। ଚାଷୀ ସାମଗ୍ରୀ କାରବାରରେ ଦଲାଲିରାଜକୁ ହଟାଇ ଦିଆଯିବ। ପ୍ରତ୍ୟେକ ହାଟରେ ଶୀତଳ ଭଣ୍ଡାର ସ୍ଥାପନ ଓ ତାର ପରିଚାଳାନ ଉପରେ ଗୁରୁତ୍ୱ ଦିଆଯିବ। ଚାଷୀ ଉତ୍ପାଦିତ ଦ୍ରବ୍ୟର ସରକାରୀ ମୂଲ୍ୟ ନିର୍ଦ୍ଧାରଣ କରାଯାଇ କ୍ଷତି ଭରଣା କରାଯିବ। ସବୁ ଅଞ୍ଚଳର ଚାଷ ଜମିକୁ ଜଳସେଚନ ସୁବିଧା ଉପଲବ୍ଧ ହେବ। କୃଷିକ୍ଷେତକୁ ଜଳସେଚନ ପାଇଁ ରହିତି ଦରରେ ବିଜୁଳି ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ସଂଗଠନର ଯାଜପୁର ଜିଲା ସମ୍ପାଦକ ଦିଲୀପ କୁମାର ବେହେରା, ରସୁଲପୁର ବ୍ଲକ ସଭାପତି ଦୀନବନ୍ଧୁ ମଲିକ, କାର୍ଯ୍ୟକର୍ତ୍ତା ବିଷ୍ଣୁଚରଣ ପାତ୍ର, ପଞ୍ଚାନନ ବୁଢା, ପ୍ରଫୁଲ କଣ୍ଟ, ରଞ୍ଜନ ମଲିକ ଓ ଦାମୋଦର ନାୟକ ପ୍ରମୁଖ ଯୋଗଦେଇ ଉକ୍ତ ବ୍ଲକର ଚାଷୀଙ୍କୁ ସରକାରୀ ସହାୟତା ମିଳିବା ସହ ରବି ଋତୁରେ ବିହନ, ସାର, କୀଟନାଶକ ଆଦି ରିହାତି ଯୋଗାଦଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ନାରୀନେତ୍ରୀ ରୀତାରାଣୀ ରାଉତ ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା।

## ସଂକ୍ଷେପରେ

### ୫ ବର୍ଷର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ଡେରାବିଶ, ୧୩।୧୦(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଏକ ଗାଁରେ ଜଣେ ୫ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ଗୁରୁବାର ହୋଇଛି। ଅଭିଯାଗକୁ ଭିତ୍ତିକରି ଥାନାରେ ନଂ. ୭୩୮/୨୩ରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣେ ୧୪ ବର୍ଷର ନାବାଳକଙ୍କୁ ଶୁକ୍ରବାର ପୋଲିସ ଧରି ଜୁଭେନାଇଲ୍ କୋର୍ଟକୁ ଚାଲାଣ କରିଛି। ସୂଚନା ଅନୁଯାୟୀ ଏକ ଗ୍ରାମରେ ବୁଧବାର ସନ୍ଧ୍ୟାରେ ଗାଁ ଦାଣ୍ଡରେ ନାବାଳିକା ଖେଳୁଥିବା ବେଳେ ନାବାଳକ ଜଣକ ତାଙ୍କୁ ଚକୋଲେଟ୍ ଲୋଭ ଦେଖାଇ ବଳାତ୍କାର କରିଥିବା ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଗୁରୁବାର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲିକ ଘଟଣାର ଅଧିକ ତଦନ୍ତ କରୁଥିବା ନେଇ ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

### ଆଦର୍ଶ ଶିକ୍ଷୟିତ୍ରୀଙ୍କ ପରଲୋକ

କେନ୍ଦ୍ରାପଡ଼ା, ୧୩।୧୦(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ଦୀର୍ଘ ୩ ଦଶନ୍ଧି ଧରି ଶିକ୍ଷକତା କରିଥିବା ଶିକ୍ଷୟିତ୍ରୀ ସବିତା ପତି (୬୮)ଙ୍କର ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ବହୁ ପୁରାତନ ଛାତ୍ରୀଛାତ୍ର ପୌରାଞ୍ଚଳ ଅଧୀନ ମହିପାଳ ଘରେ ପହଞ୍ଚି ଶବାଧାରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେ ଗତ ୩ ଦିନ ପୂର୍ବେ ଅସୁସ୍ଥ ହୋଇପଡ଼ିଥିଲେ। ସେ ଜଣେ କର୍ତ୍ତବ୍ୟପରାୟଣା ଓ ଆଦର୍ଶ ଗୃହିଣୀ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ପାଇଥିଲେ। ପରିବାର ସଦସ୍ୟ ସ୍ୱର୍ଗଦ୍ୱାରଠାରେ ତାଙ୍କର ସଂସ୍କାର କରିଛନ୍ତି।

### ମଦନପୁର ହାଇସ୍କୁଲରେ ଶିଶୁ ମହୋତ୍ସବ ସୁରଭି

ପଟ୍ଟାମୁଣ୍ଡାଇ ୧୩।୧୦ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଦନପୁର ଯୁକେ ମହାବୀର ହାଇସ୍କୁଲଠାରେ ଲକ୍ଷ୍ମୀସୁବଳ କ୍ଲଷ୍ଟର ପକ୍ଷରୁ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ ମୁଖ୍ୟଅତିଥି, ବିଆରସିସି ଚନ୍ଦ୍ରଶେଖର ତ୍ରିପାଠୀ ମୁଖ୍ୟବକ୍ତା ଓ ସିଆରସିସି ମଳୟ ଜେନା, ରଞ୍ଜନ କୁମାର ସାହୁ, ବିଶ୍ୱରଞ୍ଜନ ଦାଶ, ସଂସାରଫଳ ସରପଞ୍ଚ ପ୍ରତିନିଧି ଶିବ ପ୍ରସାଦ ସାମନ୍ତରାୟ, ସମିତିସଭ୍ୟ ପର୍ଶୁରାମ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ସୁରଭି କାର୍ଯ୍ୟକ୍ରମ ଏକ ବଳିଷ୍ଠ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ପୂର୍ବତନ ଶିକ୍ଷାଧିକାରୀ ଅନିଲ କୁମାର ବଳ, ସୁଶାନ୍ତ ଦାସ, ସହଦେବ ରାଉତ, ଗୋବିନ୍ଦ ନାଥ ଓ ସ୍କୁଲ ପରିଚାଳନା କମିଟି ସଭାପତି ଶରତ ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି ତ୍ରିଲୋଚନ ସ୍ୱାଇଁ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରମୋଦ ମିଶ୍ର ଧନ୍ୟବାଦ ଦେଇଥିଲେ।

# ସାତଭାୟା ୧୯୯ ହିତାଧିକାରୀଙ୍କୁ ମିଳିଲା ସ୍ୱତନ୍ତ୍ର ସହାୟତା

ରାଜନଗର, ୧୩।୧୦ (ଭାସ୍କର ରାଉତରାୟ)


ବିଧାୟକ ଧ୍ରୁବ ସାହୁ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

ରାଜନଗର ବ୍ଲକ ସାତଭାୟାର ନୂଆ ଠିକଣା ବଗପାଟିଆ ଥଇଥାନସ୍ଥଳୀରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ରାଶି ଶୁକ୍ରବାର ସାତଭାୟାବାସୀଙ୍କୁ ପ୍ରଦାନ କରାଯାଇଛି। ଥଇଥାନସ୍ଥଳୀ ବାତ୍ୟା ଆଶ୍ରୟସ୍ଥଳରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ସମୁଦ୍ର ଗ୍ରାସରୁ ବିପନ୍ନ ସାତଭାୟାର ୫୭୧ ପରିବାରକୁ ବଗପାଟିଆଠାରେ ରାଜ୍ୟ ସରକାର ଥଇଥାନ କରିଛନ୍ତି। ସାତଭାୟାବାସୀଙ୍କୁ ଯୋଗାଇ ଦିଆଯାଇଥିବା ଗୃହ ବାବଦ ବିଜୁ ପକ୍କାଘରଗୁଡିକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଯେଉଁ ହିତାଧିକାରୀ ଶେଷ କରିଛନ୍ତି ସେମାନଙ୍କୁ ବୋନସ ଭାବେ ଏହି ଅର୍ଥ ପ୍ରଦାନ କରାଯାଇଛି। ଥଇଥାନସ୍ଥଳୀର ୩୦ପରିବାର ଗୃହ ନିର୍ମାଣ ଶେଷ କରିଥିବାରୁ ପ୍ରତି ପରିବାରଙ୍କୁ ୫୪,୩୪୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ସେହିପରି ଗୃହ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚାଇଥିବା ୧୬୯ ପରିବାରଙ୍କୁ ପ୍ରତ୍ୟେକ ୨୫ ହଜାର ଲେଖାଏ ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ବିଡିଓ ନିଶାନ ମିଶ୍ର, ୩୨ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ସାତଭାୟା ସରପଞ୍ଚ ପ୍ରସନ୍ନ କୁମାର ପରିଡା, ସମିତିସଭ୍ୟ କୌଶିକ ବେହେରା, ଗୁପ୍ତି ସରପଞ୍ଚ, ଡେରା ସରପଞ୍ଚ ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ।

ସୂଚନାଯୋଗ୍ୟ ଜଳବାୟୁର ପରିବର୍ତ୍ତନ ଓ ବିଶ୍ୱତାପନର ପ୍ରଭାବରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବଙ୍ଗୋପସାଗର ତଟବର୍ତ୍ତୀ ସାତଭାୟା ଜନବସତି ପ୍ରଭାବିତ ହୋଇଛି। ସେମାନେ ବାପ ଅଜା ଅମଳର ଭିଟାମାଟି ହରାଇଛନ୍ତି। ବଙ୍ଗୋପସାଗରର କ୍ରୁରତାର ଶିକାର ହୋଇଛି ସାତଭାୟାର ଗୋଟିଏ ପରେ ଗୋଟିଏ ଗାଁ। ସମୁଦ୍ର ଆଁର କରାଳ ଗ୍ରାସରୁ ବଞ୍ଚିଯାଇଥିବା ୫୭୧ ପରିବାରଙ୍କୁ ରାଜ୍ୟ ସରକାର ବଗପାଟିଆ ପୁନର୍ବାସ କଲୋନୀରେ ଥଇଥାନ କରିଛନ୍ତି। ଗୁରୁବାର ବଗପାଟିଆ ପୁନର୍ବାସ ପ୍ରକଳ୍ପର ବିକାଶ ଏବଂ ବଗପାଟିଆକୁ ଏକ ଆଦର୍ଶ କଲୋନୀରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ଘୋଷଣା କରିଛନ୍ତି। ରାଜ୍ୟ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବଗପାଟିଆ ପୁନର୍ବାସ କଲୋନୀର ସାମଗ୍ରିକ ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ବର୍ତ୍ତମାନ ସୁଦ୍ଧା ୫୭୧ ପରିବାରଙ୍କୁ ବିଜୁ ପକ୍କାଘର, ୪ଟି ଅଙ୍ଗନୱାଡି କେନ୍ଦ୍ର, ଗୋଟିଏ ପ୍ରାଥମିକ ସ୍କୁଲ, ଗୋଟିଏ ହାଇସ୍କୁଲ, ରାଜୀବ ଗାନ୍ଧୀ ସେବା କେନ୍ଦ୍ର, ପୋଷ୍ଟ ଅଫିସ, ୪ଟି ଟ୍ରାନ୍ସଫର୍ମର ଏବଂ ଏହା ବାଦେ ୧୫୦୦ ଲୋକଙ୍କ ରହିବା ପାଇଁ ବାତ୍ୟା ଆଶ୍ରୟସ୍ଥଳ, ୨ଟି ଶ୍ମଶାନ, କମ୍ୟୁନିଟି ସେଣ୍ଟର, କଲ୍ୟାଣ ମଣ୍ଡପ ଏବଂ ଉପକୂଳ ଅଞ୍ଚଳର ପ୍ରାଚୀନ ଶକ୍ତିପୀଠ ମା' ପଞ୍ଚୁବରାହୀ ମନ୍ଦିରର ବିକାଶ ପାଇଁ ବ୍ୟୟବରାଦ କରାଯାଇଥିବା ଆର୍ଥିକ ସ୍ଥିତି ସମ୍ପର୍କରେ ନାବାର୍ଡର ଉଚ୍ଚ ପଦସ୍ଥ ଅଧିକାରୀ ପ୍ରକାଶ କରିଥିଲେ। ଅପରପକ୍ଷରେ ବଗପାଟିଆ ନିକଟସ୍ଥ ବନ୍ଧର ସୁଦୃଢ଼ୀକରଣ, ଖେଳପଡ଼ିଆ ନିର୍ମାଣ, ମନ୍ଦିରର ପାରିପାର୍ଶ୍ୱିକ ବିକାଶ, ପଞ୍ଚାୟତ ଗୃହ ନିର୍ମାଣ, ସାତଭାୟାବାସୀ ଆର୍ଥିକ ସ୍ୱାବଲମ୍ବୀ ପାଇଁ ଗୋପାଳନ, ଛେଳି ପାଳନ, ମାଛଚାଷ ପ୍ରଭୃତି ଜୀବିକା ନିର୍ବାହରେ ଯୋଗାଇ ଦିଆଯାଇଥିବା ପ୍ରୋତ୍ସାହନ ରାଶି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାତଭାୟାବାସୀ ଭବିଷ୍ୟତରେ ଯେପରି ଅର୍ଥପୂର୍ଣ୍ଣ ଓ ସମ୍ମାନଜନକ ଭାବେ ସ୍ୱତନ୍ତ୍ର ପରିଚୟ ପାଇବେ, ଚାଷ ଓ ଚାଷୀଙ୍କ ଜୀବିକା ଅର୍ଜନ ପାଇଁ ଆନୁଷଙ୍ଗିକ ସୁବିଧା, ସୁଯୋଗ, ନିରାପଦ ପାନୀୟଜଳର ଉପଲବ୍ଧ, ସାତଭାୟାବାସୀଙ୍କୁ ସ୍ଥାୟୀ ପଟ୍ଟା ଓ ଚାଷଜମି ବଣ୍ଟନ, ସେମାନଙ୍କ ଶିଶୁମାନଙ୍କୁ ଉତମ ଶିକ୍ଷାର ସୁବ୍ୟବସ୍ଥା, ଯୋଗାଯୋଗ ଓ ଅନ୍ୟ ମୌଳିକ ଭିତ୍ତିଭୂମିର ଆବଶ୍ୟକତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

### କଂଗ୍ରେସର ଘରେ ଘରେ ହାତ କାର୍ଯ୍ୟକ୍ରମ

ନାଉଗାଁ/ରଘୁନାଥପୁର, ୧୩।୧୦
(ସୁଧା ବେହୁରା/ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନାଉଗାଁ ବ୍ଲକର ୧ନମ୍ବର ଜୋନରେ ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାଉଗାଁ ବ୍ଲକ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ବେହୁରା ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ଏକ ପଦଯାତ୍ରା ନୂଆଗାଁ ପଞ୍ଚାୟତର ଶୁଦ୍ଧକଣ୍ଟି ଛକରୁ ବାହାରି ଗଜରାଜପୁର ପଞ୍ଚାୟତର ବାହାଲିଆ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ପଦଯାତ୍ରାରେ ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଦୁଃଶାସନ ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରସନ୍ନ ପରିଡା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ରଘୁନାଥପୁର ବ୍ଲକ ଅନ୍ତର୍ଗତ ତଅଁରା ଓ ରେଢୁଆ ପଞ୍ଚାୟତରେ କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ 'ଘରେ ଘରେ କଂଗ୍ରେସ ଘରେ ଘରେ ହାତ ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନେଇ ତଅଁରା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରୁ ଏକ ପଦଯାତ୍ରା ବାହାରି ରେଢୁଆ ବଜାର ପର୍ଯ୍ୟନ୍ତ ଯାଇଥିଲା। ରଘୁନାଥପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ କଂଗ୍ରେସ କର୍ମୀ ଏଥିରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ଦାସ, ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡା, ମନମୋହନ ଗୋଛାୟତ, ପୁରୁଣାବସନ୍ତ ସରପଞ୍ଚ କାଳନ୍ଦୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ବଉଲାଙ୍ଗ ବାତ୍ୟା ଆଶ୍ରୟସ୍ଥଳରେ ପ୍ରଶାସନର ଚଢ଼ାଉ

କୁଜଙ୍ଗ, ୧୩।୧୦ (ମନୋଜ ପ୍ରଧାନ)


ଆଶ୍ରୟସ୍ଥଳରେ ଥିବା ବାକ୍ସରେ କୌଣସି ସାମଗ୍ରୀ ନାହିଁ।

କୁଜଙ୍ଗ ବ୍ଲକର ଅନ୍ତର୍ଗତ ବାତ୍ୟା ଆଶ୍ରୟସ୍ଥଳୀ ଉପରେ ଶୁକ୍ରବାର ଅପରାହ୍ନରେ ପ୍ରଶାସନ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇଛି। ଉକ୍ତ ବାତ୍ୟା ଆଶ୍ରୟସ୍ଥଳୀରେ କୌଣସି ସାମଗ୍ରୀ ନ ଥିବା ଜଣାପଡ଼ିଛି। କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କିଶୋର ମହାନ୍ତି ଏହି ଚଢ଼ାଉରେ ସାମିଲ ହୋଇଥିଲେ।

ଏହି ବାତ୍ୟା ଆଶ୍ରୟ ସ୍ଥଳରୁ ମୂଲ୍ୟବାନ ଜିନିଷ ହଡ଼ପ ହେବା ନେଇ ପୂର୍ବରୁ ୫-ଟି ସଚିବଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଥିଲେ । ଏହାପରେ ମେ ୨୫ରେ ଓସ୍‌ଡମାର ଜିଏମ ଭୋଳାନାଥ ମିଶ୍ର ଓ ତତ୍କାଳୀନ ବିଡିଓ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ୧୩ଟି ବାତ୍ୟା ଆଶ୍ରୟସ୍ଥଳୀରେ ଚଢ଼ାଉ ହୋଇଥିଲା ମାତ୍ର ବଉଲାଙ୍ଗ ପଞ୍ଚାୟତରେ ଚଢ଼ାଉ ସମୟରେ ସମ୍ପାଦକ ସେତେବେଳେ ସହଯୋଗ କରି ନ ଥିଲେ। ଏନେଇ ପ୍ରଶାସନିକ ଅଧିକାରୀମାନେ ଶୁକ୍ରବାର ପୁନର୍ବାର ଚଢ଼ାଉ କରିଥିଲେ। ବାତ୍ୟା ଆଶ୍ରୟସ୍ଥଳରେ କୌଣସି ସାମଗ୍ରୀ ନଥିବା ଦେଖି ଦାୟିତ୍ୱରେ ଥିବା ସମ୍ପାଦକ ପ୍ରଫୁଲ୍ଲ ମହାନ୍ତିଙ୍କୁ ପଶାସନିକ ଅଧିକାରୀମାନେ ପଚାରିଥିଲେ। ମହାନ୍ତି ସମସ୍ତ ସାମଗ୍ରୀ ଚୋରି ହୋଇଯାଇଛି ବୋଲି କହିଥିଲେ। ଚୋରି ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି କି ନାହିଁ ପଚାରିବାରେ ସମ୍ପାଦକ ମହାନ୍ତି କହିଥିଲେ, ପୋଲିସ ଅଭିଯୋଗ ଗ୍ରହଣ କରି ନ ଥିଲା । ଏ ସମ୍ପର୍କରେ ବିଡିଓଙ୍କୁ କାହିଁକି ଜଣାଇଲ ନାହିଁ ବୋଲି ତହସିଲଦାର ମିଶ୍ର ସମ୍ପାଦକଙ୍କୁ ପଚାରିବାରେ ବିଡିଓଙ୍କ ବଦଳି ହୋଇଯାଇଥିବା କହିଥିଲେ। ଅପରପକ୍ଷେ ସେପ୍ଟେମ୍ବର ୨୭ରୁ ନୂତନ ବିଡିଓ ଦୀପକ ସ୍ୱାଇଁ କାର୍ଯ୍ୟରେ ଯୋଗଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହିଁକି ଅବଗତ କରାଯାଇ ନାହିଁ, ସେନେଇ କୌଣସି ଉତ୍ତର ଦେଇ ନ ଥିଲେ। ଏ ସମ୍ପର୍କରେ ବିଡିଓ ଦିପକ ସ୍ୱାଇଁ କହିଛନ୍ତି, ଏହାର ତଦନ୍ତ ରିପୋର୍ଟ ପ୍ରସ୍ତୁତ କରାଯାଇ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣାଯିବ। ସୂଚନାଯୋଗ୍ୟ, ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷାପାଇବା ପାଇଁ ସରକାର ବାତ୍ୟା ଆଶ୍ରୟସ୍ଥଳ ମାନ ନିର୍ମାଣ କରିଛନ୍ତି । ସେଠାରେ ବିପର୍ଯ୍ୟୟରୁ ଜନସାଧାରଣଙ୍କୁ ରକ୍ଷାକରିବାପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଯଥା ଜେନରେଟର, ଆସ୍କାଲାଇଟ, କଟିଂ ମେଶିନ, ଆଲୁମିନିୟମ ଲ୍ୟାଡର, ଲାଇଫ ଜ୍ୟାକେଟ ଓ ବହୁ ପରିମାଣର ରୋଷେଇ ସରଞ୍ଜାମ ଆଦି ଯୋଗାଇ ଦିଆଯାଇଥାଏ।

## ବୁଥ୍ ଏଜେଣ୍ଟ ପରିଚାଳନାକୁ ଗୁରୁତ୍ୱ


ବୈଠକରେ ଯୋଗଦେଇଥିବା କଂଗ୍ରେସ କର୍ମୀମାନେ।

ତିର୍ତ୍ତୋଲ, ୧୩।୧୦(ଗୌରାଙ୍ଗ ଚରଣ ସ୍ୱାଇଁ)

**କଂଗ୍ରେସର ସାଙ୍ଗଠନିକ କାର୍ଯ୍ୟକ୍ରମ**

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ନେତା ଇ.ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ ଦଳିୟ ସଙ୍ଗଠନ ମଜ୍‌ଭୁତ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ମଣିଜଙ୍ଗାସ୍ଥିତ କଲ୍ୟାଣ ମଣ୍ଡପରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତ ମାସ ୧୬ ଅପରାହ୍ନରୁ କୃଷ୍ଣାନନ୍ଦପୁର ମେଡିକାଲ ବଜାରରୁ ବିଶନପୁର ଶୁକୁନା ଛକ ପର୍ଯ୍ୟନ୍ତ ଘର ଘର କଂଗ୍ରେସ କାର୍ଯ୍ୟକ୍ରମ ଲାଗି ପ୍ରସ୍ତାବ ଗୃହୀତ ହୋଇଥିଲା। ଘରେ ଘରେ ହାତ, ଘରେ ଘରେ କଂଗ୍ରେସ କାର୍ଯ୍ୟକ୍ରମ କର୍ମୀମାନଙ୍କ ସହଯୋଗରେ ଅନୁଷ୍ଠିତ ହେବା ପାଇଁ ସୂଚନା ଦିଆଯାଇଥିଲା। ଡିସେମ୍ବର ୩ରେ ତିର୍ତ୍ତୋଲ ବ୍ଲକ ବୁଥ କମିଟିର ସଭ୍ୟମାନଙ୍କୁ ନେଇ ବୁଥ ଏଜେଣ୍ଟ ପରିଚାଳନା ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବାର ଯୋଜନା ପ୍ରସ୍ତୁତ କରାଯାଇଥିଲା। ବୈଠକରେ ବ୍ଲକ କଂଗ୍ରେସ ସଭାପତି ନୀହାର ରଞ୍ଜନ ନାୟକ, ଉପ ସଭାପତି ଧନଞ୍ଜୟ ସୂତାର, ଜିତେନ୍ଦ୍ର ମହାନ୍ତି, ଅଶ୍ୱିନୀ ସ୍ୱାଇଁ, ତୁଳଙ୍ଗ ପଞ୍ଚାୟତ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ମୂଳିସିଂହ ସରପଞ୍ଚ ତଥା ଯୁବ କଂଗ୍ରେସ ସଭାପତି ସଫି ଆଜମ, ତେନ୍ତୁଲିପଦା ସରପଞ୍ଚ ସରୋଜିନୀ ପରିଜା, ଅମିୟ ଦାସପ୍ରମୁଖ ଯୋଗଦେଇଥିଲେ।

## ଶିକ୍ଷକଙ୍କ ମନମୁଖି କାର୍ଯ୍ୟକୁ ବିରୋଧ

**ଜିଲା ଶିକ୍ଷା ଅଧିକାରୀଙ୍କୁ ପରିଚାଳନା କମିଟିର ଅଭିଯୋଗ**

ରଘୁନାଥପୁର, ୧୩।୧୦(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେଢୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକଙ୍କ ମନମୁଖି କାର୍ଯ୍ୟକୁ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ବିରୋଧ କରିଛନ୍ତି। ତୁରନ୍ତ ସମ୍ପୃକ୍ତ ଶିକ୍ଷକଙ୍କୁ ବଦଳି କରି ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପରିଚାଳନା କମିଟି ସଭାପତି ମିନା ମଞ୍ଜରୀ ବିଶ୍ୱାଳ ଦାବି କରିଛନ୍ତି। ଏନେଇ କମିଟି ସଦସ୍ୟମାନେ ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସଭାପତି ବିଶ୍ୱାଳଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ଶିକ୍ଷକଙ୍କ ଘର ବିଦ୍ୟାଳୟର ନିକଟତର ହୋଇଥିବାରୁ ସେ ବିଭିନ୍ନ ସମୟରେ ସ୍କୁଲରେ ପାଠ ନ ପଢ଼ାଇ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପାଇଁ କାର୍ଯ୍ୟ କରୁଛନ୍ତି। ବିଦ୍ୟାଳୟର କେତେକ କାର୍ଯ୍ୟରେ ଅନିୟମିତତା କରିଛନ୍ତି। ଏହାଛଡ଼ା ସମ୍ପୃକ୍ତ ଶିକ୍ଷକ ଜଣକ ବିଭିନ୍ନ ସମୟରେ ଛାତ୍ରୀଛାତ୍ରଙ୍କୁ ଧମକ ଦେଇ ମାନସିକ ନିର୍ଯାତନା ଦେଉଛନ୍ତି ବୋଲି ପରିଚାଳନା କମିଟି ସଭାପତି ବିଶ୍ୱାଳ ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଶିକ୍ଷକଙ୍କୁ ବଦଳି କରିବାକୁ ପରିଚାଳନା କମିଟି ଉପସଭାପତି ସୁଜୟ ମହାପାତ୍ର, ସଦସ୍ୟ ଛବିଲତା ଦାସ, ଅନ୍ନପୂର୍ଣ୍ଣା ଖଟୁଆ, ଲୀଳାବତି ବସ୍ତିଆ, ଉମାକାନ୍ତ ଦାସ, ସଚିତ୍ର କୁମାର ସ୍ୱାଇଁ, ଦିଲୀପ କୁମାର ନାୟକ, ସତ୍ୟଭାମା ମଲ୍ଲିକ, ବିପିନ ବିହାରୀ ସ୍ୱାଇଁ, ପ୍ରତାପ କୁମାର ବାରିକ ଓ ସମୀର କୁମାର ଖଟୁଆ ପ୍ରମୁଖ ଦାବି କରିଛନ୍ତି।

### ବୋହୂଙ୍କୁ ଅସଦାଚରଣ ମାମଲାରେ ଶ୍ୱଶୁର ଗିରଫ

ବାଲିକୁଦା, ୧୩।୧୦(ତାପସ ସ୍ୱାଇଁ)

ପୁତୁରା ବୋହୂଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବାଲିକୁଦା ପୋଲିସ ଦାଦା ଶ୍ୱଶୁରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଯୋଗୀ ମଲ୍ଲିକ। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତ୍‌କୁ ପଠାଇ ଦିଆଯାଇଛି । ପୀଡ଼ିତା ବୋହୂଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ. ୪୮୯/୨୩) ରୁଜୁ କରାଯାଇଛି।

## ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ବାଲିକୁଦା, ରଘୁନାଥପୁର, ୧୩।୧୦
(ତାପସ ସ୍ୱାଇଁ/ ରାଜେନ୍ଦ୍ର ନାରାୟଣ ସିଂହ)

ବାଲିକୁଦା ନିର୍ବାଚନ ମଣ୍ଡଳୀର ୫୫ ପଞ୍ଚାୟତରେ ଚାଲିଥିବା ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଭାଜପା ଯୁବ ନେତା ସତ୍ୟ ମହାନ୍ତି ଏହାର ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସତ୍ୟବ୍ରତ ମହାପାତ୍ର, ବିଭୁପ୍ରସାଦ ତରାଇ, ସମ୍ପଦ ସ୍ୱାଇଁ ଓ ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରଘୁନାଥପୁର ବ୍ଲକ ଛକ ସ୍ଥିତ ମଦନମୋହନ ମଠ ପରିସରରେ ଗୁରୁବାର ଭାଜପା ପକ୍ଷରୁ ଅମୃତ ମୃତ୍ତିକା ହୋମଯଜ୍ଞ କରାଯାଇ ଜିଲା କାର୍ଯ୍ୟାଳୟ ଅଭିମୁଖେ ପଠାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଆଇନଜୀବୀ ରାଜକିଶୋର ବେହେରା ଏହାର ନେତୃତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମରେ କର୍ମକର୍ତ୍ତା ସୁବାସ ଜେନା, ଅଶୋକ ମହାରଣା, ଶିବପ୍ରସାଦ ଦାସ, ତରୁଣ ଦାସ, ସୁଦର୍ଶନ ପଣ୍ଡା, ରୂପକ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ।

## ଅମୃତ କଳସ ଶୋଭାଯାତ୍ରା

ଜଗତସିଂହପୁର, ୧୩।୧୦
(ପ୍ରମୋଦ କୁମାର ନାୟକ)


କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା କର୍ମୀମାନେ।

ଭାଜପା ପକ୍ଷରୁ ସାରା ଦେଶରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଚାଲିଛି । ଏହି ଅବସରରେ ଶୁକ୍ରବାର ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟରେ ଜିଲା ଭାଜପା ପକ୍ଷରୁ ଅମୃତ କଳସ ଶୋଭାଯାତ୍ରା କରାଯାଇଥିଲା । ଜିଲାର ୮ ବ୍ଲକ ଓ ୨ ପୌରାଞ୍ଚଳରୁ ସଂଗୃହୀତ ୧୦ଟି କଳସରେ ପୂର୍ଣ୍ଣ ମାଟି ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା । ୧୦ ଜଣ ଏହି କଳସ ଧରିଥିବାବେଳେ ଶୋଭଯାତ୍ରା ସମୟରେ ମା'ଶାରଳାଙ୍କ ଘଣ୍ଟ, ସଂକୀର୍ତ୍ତନ ଓ ଶଙ୍ଖ ନାଦ ଦେଶାତ୍ମବୋଧକ ସଙ୍ଗୀତ ପଦଯାତ୍ରାକୁ ନିଆରା ରୂପ ଦେଇଥିଲା। ଶୋଭାଯାତ୍ରା ସ୍ଥାନୀୟ ଗାନ୍ଧି ଛକ ନିକଟରୁ ବାହାରି ମୁଖ୍ୟ ଡାକ ଘର ଛକ ପର୍ଯ୍ୟନ୍ତ ଯାଇଥିଲା। ଦଳ ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପଦାଧିକାରୀ ମନସ୍ୱିତା ଖୁଣ୍ଟିଆ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦଳ ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବିଭୂ ପ୍ରସାଦ ତରାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ପାରାଦୀପ ନେତା ସମ୍ପଦ ସ୍ୱାଇଁ, ରାଜକିଶୋର ବେହେରା, ସଞ୍ଜୟ ମହାନ୍ତି, ଶିବବ୍ରତ ଦାସ, ଶଶୀଭୂଷଣ ପରିଡ଼ା, ସତ୍ୟ ସାରଥି ମହାନ୍ତି, ନୃସିଂହ ସାହୁ, ନବ ନିଯୁକ୍ତ ଯୁବ ମୋର୍ଚ୍ଚା ସଭାପତି ସୁଧୀର ମଲ୍ଲିକ, ଓବିସି ମୋର୍ଚ୍ଚା ସଭାପତି ସୁବୋଧ ବାରିକ, ଜଗତ୍‌ସିଂହପୁର ପୌର ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଶିକ୍ଷକ ନବଘନ ସ୍ୱାଇଁଙ୍କ ଦ୍ୱାରା ଏକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଏଥିରେ ସ୍ୱାଧୀନତା ସଂଗ୍ରାମୀ ଭାଗିରଥି ସ୍ୱାଇଁ, କୃଷି ବିଜ୍ଞାନୀ ରମେଶ ଚନ୍ଦ୍ର ଦାଶ, ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି, ରାଷ୍ଟ୍ରପତି ପଦକପ୍ରାପ୍ତ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ, ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ଏଏନ୍‌ଏମ୍ ଖୁଲଣା ବାରିକଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ନଗର ସଭାପତି ଅକ୍ଷୟ ପାତ୍ର ଶେଷରେ ଧନ୍ୟବାଦ ଦେଇଥିଲେ।

## ଅଣ୍ଡାର ବହୁଳ ପ୍ରଚାର ଉପରେ ଗୁରୁତ୍ୱ

ଜଗତସିଂହପୁର, ୧୩।୧୦
(ପ୍ରମୋଦ କୁମାର ନାୟକ)


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଜିଲାସ୍ତରୀୟ ବିଶ୍ୱ ଅଣ୍ଡା ଦିବସ**

ପ୍ରାକୃତିକ ଭିଟାମିନ ବଟିକା କହିଲେ ଅଣ୍ଡାକୁ ବୁଝାଏ। କେବଳ ଏତିକି ନୁହେଁ, ଏହାକୁ ପୁଷ୍ଟିକର ଖାଦ୍ୟ ରୂପେ ଧାତବ ଲବଣର ଭଣ୍ଡାର ମଧ୍ୟ କୁହାଯାଏ। ତେଣୁ ଅଣ୍ଡାର ଆବଶ୍ୟକତା ଆମ୍ଭମାନଙ୍କ ପାଇଁ ନିହାତି ରହିଛି। ଏହାର ମହତ୍ୱ ବୁଝି ବ୍ୟାପକ ପ୍ରଚାର ଓ ପ୍ରସାର କଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ଶୁକ୍ରବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ବିଶ୍ୱ ଅଣ୍ଡା ଦିବସ ପାଳନ ଅବସରରେ ଅନୁଷ୍ଠିତ ଉତ୍ସବରେ ଏହା କୁହାଯାଇଛି। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ (ସିଡିଭିଓ) ଡ. କୈଳାସ ଚନ୍ଦ୍ର ମଲ୍ଲିକ ଯୋଗଦେଇ ବିଶ୍ୱ ଅଣ୍ଡା ଦିବସର ଆଭିମୁଖ୍ୟ ସମ୍ପର୍କରେ ବଖାଣିଥିଲେ। ସେ କହିଥିଲେ, ଏହି ଦିବସର ମୁଖ୍ୟ ବାର୍ତ୍ତା ହେଉଛି ଏକ ସୁସ୍ଥ ଭବିଷ୍ୟତ ପାଇଁ ଅଣ୍ଡା। ଅର୍ଥାତ୍ ଅଣ୍ଡାର ଉପକାରିତା ଜାଣି ତା'ର ବହୁଳ ବ୍ୟବହାର କରିବା। ଅନ୍ୟପଟେ ପ୍ରାଣୀ ସମ୍ପଦର ବିକାଶ ଧାରାରେ ପ୍ରାଣୀ ଚିକିତ୍ସକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜଗତ୍‌ସିଂହପୁର ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନରେ ଅଗ୍ରଣୀ ଜିଲାର ମାନ୍ୟତା ପାଇଛି। ପ୍ରତ୍ୟେକ ଏ କ୍ଷେତ୍ରରେ ଅଧିକ ଦାୟିତ୍ୱବାନ ହେଲେ ସଫଳତା ନିଶ୍ଚୟ ମିଳିବ। ସମ୍ମାନିତ ଅତିଥି ଭାବେ ଜିଲା ମତ୍ସ୍ୟ ଅଧିକାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ଜିଲା ପ୍ରାଣୀ ଚିକିତ୍ସାଳୟ ଉପ ନିର୍ଦ୍ଦେଶକ ଯୋଗଦେଇ ଅଣ୍ଡାର ଉପାଦେୟତା, ସୁସ୍ଥ ଜୀବନ ପାଇଁ ଏହାର ଆବଶ୍ୟକତା, ଚାଷୀଙ୍କ ଆୟବୃଦ୍ଧିରେ କୁକୁଡ଼ା ପାଳନ ଏବଂ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଚାଷୀଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ସ୍ଥାନୀୟ ଶିଶୁ ଆଶ୍ରମ ଓ ପାରାଦୀପସ୍ଥିତ ଲୋକନାଥ ଆଶ୍ରମରେ ବିଶ୍ୱ ଅଣ୍ଡା ଦିବସ ପାଳନ ହୋଇଥିଲା। ଏହି ଅବସରରେ ଜଗତ୍‌ସିଂହପୁର ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ ଉପରୋକ୍ତ ଆଶ୍ରମରେ ପିଲାଙ୍କୁ ଅଣ୍ଡା ଓ ଜଳଖିଆ ଦିଆଯାଇଥିଲା। ଏହାବାଦ୍ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ଏବଂ ପୁରୋହିତପୁର ଉଚ୍ଚ ବିଦ୍ୟାଳୟ ପରିସରରେ ୪୦୦ ଜଣ ଛାତ୍ରୀଛାତ୍ରଙ୍କୁ ଅଣ୍ଡା ଓ ଜଳଖିଆ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ, ପ୍ରାଣୀଧନ ନିରୀକ୍ଷକ, କୁକୁଡ଼ା ପାଳନର ଉଦ୍ୟୋଗୀ ଚାଷୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଡାକ୍ତର ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ ଓ ରଘୁନାଥପୁର ଅତିରିକ୍ତ ପ୍ରାଣୀ ଚିକିତ୍ସକ ସଂଯୋଜନା କରିଥିଲେ। ଶେଷରେ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ଶଶାଙ୍କ ଶେଖର ନାୟକ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ନାବାଳିକା ବଳାତ୍କାର ମାମଲା, ଦୋଷୀଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ,୧୩ା୧୦(ରାକେଶ କୁମାର ରାଉତ)

ଜଣେ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଶୁକ୍ରବାର ଫୁଲବାଣୀ ପୋକ୍‌ସୋ କୋର୍ଟ ବିଚାରପତି ସଞ୍ଜିତ ବେହେରା ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦାୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ଜଣଙ୍କ ହେଲେ କ. ନୂଆଗାଁ ଥାନା ଅଞ୍ଚଳର ବିଜୟ ଦିଗାଲ। ଅନ୍ୟପକ୍ଷରେ ପୀଡିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୧ ଅକ୍ଟୋବର ୮ ତାରିଖରେ କ. ନୂଆଗାଁ ଥାନା ଅଞ୍ଚଳର ଜଣେ ମାନସିକ ଭିନ୍ନକ୍ଷମ ନାବାଳିକା ଘରେ ଏକୁଟିଆ ଥିଲେ। ମା' ବାପା ବିଲକୁ ଯାଇଥିଲେ। ଏହାର ସୁଯୋଗ ନେଇ ବିଜୟ ତାଙ୍କ ଘରକୁ ଯାଇଥିଲେ । ନାବାଳିକାଙ୍କୁ ବାରି ପଟେ ଦେଖି ଘରକୁ ଡାକି ବଳାତ୍କାର କରିଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି ଗ୍ରାମର ୨ଜଣ ଯୁବକ ସେଠାରେ ପହଞ୍ଚିବାରୁ ବିଜୟ ଚମ୍ପଟ ମାରିଥିଲେ । ଯୁବକମାନେ ନାବାଳିକାଙ୍କୁ ଉଦ୍ଧାର କରି ଘର ଲୋକଙ୍କୁ ଖବର ଦେଇଥିଲେ। ଘର ଲୋକ ପହଞ୍ଚିବା ପରେ ନାବାଳିକା ସବୁ କଥା କହିଥିଲେ। ପରିବାର ଲୋକେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ. ୭୫/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

## ନାଳରେ ପଶିଗଲା ମହାପ୍ରୟାଣ ଗାଡ଼ି, ବର୍ତ୍ତିଲେ ଡ୍ରାଇଭର



ଫିରିଙ୍ଗିଆ,୧୩ା୧୦(ବିକ୍ରମ ଦିଗାଲ)

ଫିରିଙ୍ଗିଆ ବ୍ଲକ ତେଲିମୁଣ୍ଡା ଛକ ନିକଟ ନାଳକୁ ଶୁକ୍ରବାର ଏକ ମହାପ୍ରୟାଣ ଗାଡି ପଶିଯିବାରୁ ଡ୍ରାଇଭର ଗୁରୁତର ହୋଇଛନ୍ତି। ସକାଳେ ମହାପ୍ରୟାଣ ଗାଡିଟି ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରୁ ମୃତଦେହ ନେଇ ବାଲିଗୁଡା ବ୍ଲକ ବାଟଗୁଡା ଗାଁରେ ଛାଡି ଫେରିବା ବେଳେ ଭାରସାମ୍ୟ ହରାଇବାରୁ ନାଳରେ ପଶି ଯାଇଥିଲା। ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ରତଙ୍ଗ ପଞ୍ଚାୟତ ପୋଡ଼ାପଡା ଗାଁର ସୁବାସ ମୁଖି ଘଟଣାକୁ ଦେଖି ତୁରନ୍ତ ପାଣିରେ ପଶି ଭାସୁଥିବା ଗାଡ଼ିରୁ ଡ୍ରାଇଭର ଜିତେନ୍ଦ୍ର ମହାନ୍ତିଙ୍କୁ ଉଦ୍ଧାର କରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଜିତେନ୍ଦ୍ରଙ୍କୁ ଆମ୍ବୁଲାନ୍ସରେ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରାଯାଇଛି।

## ତହଁରରୁ ଅପହୃତ ଉଦ୍ଧାର ଅପହରଣକାରୀ ବାପପୁଅଙ୍କ ସମେତ ୩ ଗିରଫ

ବ୍ରହ୍ମପୁର,୧୩ା୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ପୋଲିସ ଗୁରୁବାର ଜଣେ ଅପହୃତଙ୍କୁ ହିଞ୍ଜିଳିକାଟୁ ତହଁର ଅଞ୍ଚଳରୁ ଉଦ୍ଧାର କରିଛି। ସେ ହେଲେ ନାରାୟଣ ସ୍ୱାଇଁ। ସେହିପରି ପୋଲିସ ୩ ଅପହରଣକାରୀଙ୍କୁ ମଧ୍ୟ ଗିରଫ କରିଛି। ସେମାନେ ଆଙ୍କୁଲିର ଅଭିମନ୍ୟୁ ପ୍ରଧାନ, ତାଙ୍କ ପୁଅ କମଳଲୋଚନ ପ୍ରଧାନ ଓ ନିଗମ ନଗରର ରବୀନ୍ଦ୍ର କୁମାର ପାଢୀ ଓରଫ ମାମା। ଅପହରଣରେ ବ୍ୟବହୃତ ବୁଲେଟ ଜବତ ହୋଇଛି। ପୋଲିସ ୬୮/୨୩ରେ ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ହିଞ୍ଜିଳିକାଟୁ ବ୍ଲକ କଲୋନୀର ନାରାୟଣ ସିସିଟିଭି ଟେକ୍ନିସିଆନ ଭାବେ କାମ କରନ୍ତି। ଗତ ୧୦ ତାରିଖରେ ତାଙ୍କୁ ଆଙ୍କୁଲି ନିକଟରୁ ଅପହରଣ କରାଯାଇଥିଲା। ଏନେଇ ତାଙ୍କ ସ୍ତ୍ରୀ ଯଜ୍ଞଶିନୀ ସ୍ୱାଇଁ ୧୧ ତାରିଖରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରି ସେମାନଙ୍କୁ ଧରିଛି।

## ପାର୍କରେ ଯୁବକଙ୍କ ମୃତ୍ୟୁ, ମେଡିକାଲରେ ଉତ୍ତେଜନା

କବିସୂର୍ଯ୍ୟନଗର,୧୩ା୧୦(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ସହରର ହନୁମାନ ମନ୍ଦିର ସମ୍ମୁଖରେ ଥିବା ପାର୍କରେ ବୁଲିବାକୁ ଯାଇଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଓଡ଼ିଆ ପାଇକସାହିର ବସନ୍ତ ସାହୁଙ୍କ ବଡପୁଅ ଶିବରାମ (୨୨)। ସନ୍ଧ୍ୟାରେ ପାର୍କରେ ବୁଲୁଥିବା ବେଳେ ଶିବରାମ ହଠାତ୍ ଅଚେତ ହୋଇପଡିଥିଲେ। ତାଙ୍କୁ କବିସୂର୍ଯ୍ୟନଗର ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତେବେ ମେଡିକାଲରେ ମୁଖ୍ୟ ଡାକ୍ତରଙ୍କ ଅନୁପସ୍ଥିତି ନେଇ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଶିବଙ୍କ ମୃତ୍ୟୁର କାରଣ ଏବେ ବି ଅସ୍ପଷ୍ଟ ରହିଛି।

# ଧୁମଧାମରେ ପାଳନହେବ ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା

**ଛତ୍ରପୁର, ୧୩ା୧୦ (ଦିଲୀପ ସାମଲ):**

ଛତ୍ରପୁର ବଡ଼ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ମହାଆଡମ୍ବର ସହକାରେ ପାଳନ କରାଯିବ। ପୁରୋହିତ ମନୋଜ ଶତପଥୀଙ୍କ ପୌରୋହିତ୍ୟରେ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବଡ଼ବଜାର ବ୍ୟବସାୟୀ ସଂଘର ସଭାପତି ସଂଜିତ କୁମାର ରାଉଳ, ସମ୍ପାଦକ କେ. ରମେଶ, ଉପସଭାପତି କବିରାଜ ପଲାଇ, ଏସ. ମୁରଲୀ ରେଡ୍ଡୀ, ଖବରଦାତା କେ. ରମେଶ, ସହ ସମ୍ପାଦକ ସୁମନ୍ତ ଗୌଡ଼, ସତ୍ୟ ନାରାୟଣ ପାତ୍ରଙ୍କ ସମେତ ବହୁ ବ୍ୟବସାୟୀ ଉପସ୍ଥିତ ଥିଲେ। ପୂଜା ନିମନ୍ତେ ପୂର୍ବରୁ ସୁବାରାଓ ମାର୍କେଟ କମ୍ପ୍ଲେକ୍ସଠାରେ ସଂଘର ସଭାପତିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।



ବଡ଼ ବଜାର ବ୍ୟବସାୟୀ ସଂଘ ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଉଛି।

ସେହିପରି ସ୍ଥାନୀୟ ଲୋୟାର ବସଷ୍ଟାଣ୍ଡ ସ୍ଥିତ ଲକ୍ଷ୍ମୀ କମ୍ପ୍ଲେକ୍ସ ପରିସରରେ ପୂଜା କମିଟି ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ଧୁମଧାମରେ ପାଳନ ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି। କମିଟି ସଭାପତି ବସନ୍ତ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୬ ତାରିଖ ସନ୍ଧ୍ୟାରେ ଶୁଭଖୁଣ୍ଟି ସ୍ଥାପନ ପାଇଁ ପଣ୍ଡିତ ସରୋଜ କୁମାର ଶତପଥିଙ୍କ ଦ୍ୱାରା ସମୟ ଧାର୍ଯ୍ୟ କରାଯାଇଥିଲା। ଏହି ପୂଜା ୭ ଦିନ ଧରି ଚାଲିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି । ଏହି ପ୍ରସ୍ତୁତି ବୈଠକରେ କମିଟିର ଉପସଭାପତି ମନୋଜ କୁମାର ସାହୁ, ସମ୍ପାଦକ ପ୍ରଦୀପ କୁମାର ସାହୁ, କୋଷାଧ୍ୟକ୍ଷ ଅତୁଲ କୁମାର ଦାସ, କମିଟିର ସଦସ୍ୟ ସରୋଜ କୁମାର ପାଢୀ, ଆରତ କୁମାର ବିଶ୍ୱାଳ, ଲିପୁନ ବିଶ୍ୱାଳ, କେଞ୍ଚୁ ପୁରୋହିତ, ଅଶୋକ କୁମାର ବେହେରା, ପ୍ରଶାନ୍ତ କୁମାର ମହାରଣା, ସରୋଜ କୁମାର ସାମଲ, ଦିଲ୍ଲୀପ କୁମାର ସାମଲ,ଏସ. ପ୍ରବୀଣ କୁମାର, ସନ୍ତୋଷ କୁମାର ଚୌଧୁରୀ, ବାବୁ ବେହେରା, କିଶୋର ଚନ୍ଦ୍ର ମହାନ୍ତି, କେ. କମଲକର, କେ. ଶ୍ରୀନିବାସ ଦୋରା, ଅରୁଣ ପଣ୍ଡା,ରବି ନାରାୟଣ ବେହେରା, ସୁଶାନ୍ତ ବେହେରା,ପୂର୍ବତନ କାଉନସିଲର ବି. ରାଜୁବାବୁ ଓ ୱାର୍ଡ କାଉନସିଲର ଦେବାଶିଷ ମିଶ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ନଜର ଆଢୁଆଳରେ ନୀଳମାଧବ ଜୀଉଙ୍କ ଦଶହରା ପଡ଼ିଆ

**ଖଣ୍ଡପଡା.୧୩ା୧୦**
**(ଅଜୟ କୁମାର ମହାରଣା)**

ପୁରୀ ଶ୍ରୀମନ୍ଦିର ପୂଜାନୀତି ସହ ପୁରାଣ ପ୍ରସିଦ୍ଧ ଶ୍ରୀନୀଳମାଧବ ଜୀଉ ମନ୍ଦିର ପୂଜା ନୀତି ମଧ୍ୟରେ ଗଭୀର ସାମଞ୍ଜସ୍ୟ ରହିଛି। ଏହି କାରଣରୁ ଶ୍ରୀମନ୍ଦିରରେ ପାଳିତ ହେଉଥିବା ବିଭିନ୍ନ ଯାନିଯାତ୍ରା ମଧ୍ୟ ଏହି ମନ୍ଦିରରେ ପାରମ୍ପରିକ ରୀତିରେ ପାଳିତ ହୋଇଥାଏ। ବିଶେଷକରି ବର୍ଷର ଗୋଟିଏ ଦିନ ଠାକୁର ପରମ୍ପରା କ୍ରମେ ଦଶହରା ଅନୁକୂଳ ପାଇଁ ଦଶହରା ପଡିଆକୁ ବିଜେ ହୋଇଥାନ୍ତି। ମାତ୍ର ଐତିହ୍ୟ ସମ୍ପନ୍ନ ଏହି ଦଶହରା ପଡ଼ିଆ ଏବେ ପ୍ରଶାସନିକ ନଜର ଆଢୁଆଳରେ ରହି ଯାଉଥିବା ବେଳେ ସମ୍ପ୍ରତି ଏହା ସର୍ବସାଧାରଣଙ୍କ ଶୌଚପଦା ଭାବେ ବ୍ୟବହାର ହେଉଥିବା ଜଣାପଡିଛି।

କଣ୍ଟିଲୋସ୍ଥିତ ମହାନଦୀ ଓ କମେଇ ନଦୀର ସଂଯୋଗ ସ୍ଥଳରେ ରାଜରାଜୁଡ଼ା ଅମଳରୁ ଯୁଦ୍ଧ କୌଶଳର ଅଭ୍ୟାସ ପାଇଁ ଏକ ପଡିଆ ରହିଥିଲା। ଏଥିପାଇଁ ଖଣ୍ଡାୟତ ଓ ପାଇକମାନେ ମହାନଦୀ ଓ କମେଇ ନଦୀ ସଂଗମ ସ୍ଥଳରେ ଦଶହରାରେ ନୀଳମାଧବ ଜୀଉଙ୍କ ଚଳନ୍ତୀ ପ୍ରତିମାଙ୍କୁ ବିଜେ କରାଇ ରଣ କୌଶଳ ଶିକ୍ଷାର ଶୁଭାରମ୍ଭ କରୁଥିଲେ। ମାତ୍ର କାଳକ୍ରମେ ସମ୍ପୃକ୍ତ ସମ୍ପ୍ରଦାୟ ପରମ୍ପରା କ୍ରମେ ଦଶହରାରେ ଠାକୁର ଏହି ଦଶହରା ପଡ଼ିଆକୁ ସନ୍ଧ୍ୟାଧୂପ ପରେ ପାଟପଟୁଆର ସହିତ ବିଜେ କରିଥାନ୍ତି। ଠାକୁରଙ୍କ ଏହି କାର୍ଯ୍ୟକ୍ରମକୁ ସୁସଙ୍ଗଠିତ କରିବାରେ ତଥା ସୁପରିଚାଳନା ପାଇଁ ଦେବୋତ୍ତର ବିଭାଗ ରହିଥିଲେ ହେଁ ଜଳ ସମ୍ପଦ ବିଭାଗ ଓ ବିଦ୍ୟୁତ ବିଭାଗ ଏହି କାର୍ଯ୍ୟକ୍ରମରେ ଆନ୍ତରିକ ସହଯୋଗ କଲେ ଠାକୁର ଅନ୍ଧାର ରାତିରେ ସୁରକ୍ଷିତ ଭାବେ ପଡିଆକୁ ବିଜେ ହୋଇ ପାରନ୍ତେ। ଫକୀରଅତବୁଦ୍ଧି ପାଟଣାଠାରୁ କମେଇ ନଦୀ ପର୍ଯ୍ୟନ୍ତ ମାଳବନ୍ଧର ଦୂରତା ମାତ୍ର ୪୮୦ ମିଟର । ଏହି ମାଳବନ୍ଧର ଉପଯୁକ୍ତ ରକ୍ଷଣା ବେକ୍ଷଣ ଅଭାବରୁ ଏହା କ୍ରମଶଃ ସଙ୍କୁଚିତ ହେଉଥିବା ପ୍ରତିୟମାନ ହେଉଛି। ଫଳରେ ରାତିରେ ସରୀସୃପଙ୍କ ଯୋଗୁ ଏହି ମାଳବନ୍ଧ ଦେଇ ଯାତାୟତ କରିବା ନିରାପଦ ନୁହେଁ। ଅପରପକ୍ଷରେ ସବୁଦିନ ନ ହେଲା ନାହିଁ ବର୍ଷର ମାତ୍ର ଗୋଟିଏ ଦିନ ଅର୍ଥାତ୍ ଠାକୁର ଦଶହରାରେ ଏହି ମାଳବନ୍ଧ ଦେଇ ଦଶହରା ପଡିଆକୁ ବିଜେ ହେବା ସମୟରେ ବିଦ୍ୟୁତ୍ ଆଲୋକର ବ୍ୟବସ୍ଥା କଲେ ଉଚିତ ହୁଅନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ତେବେ ଠାକୁର ବର୍ଷର ଗୋଟିଏ ଦିନ ଏହି ପଡିଆକୁ ଆସୁଥିବାରୁ ବର୍ଷର ଅନ୍ୟ ଦିନଗୁଡିକରେ ଏହି ପଡିଆଟି ଅପାଙ୍‌କ୍ତେୟ ହୋଇ ପଡି ରହିଛି। ଆସନ୍ତା ୨୪ ତାରିଖରେ ଠାକୁର ଏହି ସ୍ଥାନକୁ ବିଜେ ହେବେ। ଏଥି ପାଇଁ ଉକ୍ତ ସ୍ଥାନକୁ ସଫା ସୁତୁରା କରାଯାଉଥିବା ଦେବୋତ୍ତର ମ୍ୟାନେଜର ହରିହର ଦାଶ ସୂଚନା ଦେଇଛନ୍ତି। ମାଳବନ୍ଧର ଶେଷମୁଣ୍ଡରେ ଠାକୁର ବିମାନରେ ଓହ୍ଲାଇବାରେ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଥିବା ସୂଚନା ଦେଇଥିଲେ। ତେବେ ଏ ସମ୍ପର୍କରେ କଣ୍ଟିଲୋ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ରାମ ମୋହନ ବେହେରାଙ୍କୁ ପଚାରିବାରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସୂଚନା ଦେଇଛନ୍ତି।



କଣ୍ଟିଲୋରେ ଥିବା ନୀଳମାଧବ ଜୀଉଙ୍କ ଦଶହରା ପଡିଆ।

## ଚୋରି ହୋଇଥିବା ବୋଲେରୋ ଜବତ

**ଦଶପଲ୍ଲା,୧୩ା୧୦ (ପ୍ରକାଶ କୁମାର ପାଣି )**

ଦଶପଲ୍ଲା ବାରପୁରିକିଆ ଛକରୁ ଚୋରି ହୋଇଥିବା ବୋଲରୋକୁ ଦଶପଲ୍ଲା ପୋଲିସ ଫତେଗଡ ଅଞ୍ଚଳରୁ ଜବତ କରିଛି। ରବିବାର ରାତିରେ ବାରପୁରିକିଆ ଛକରୁ ସୁରେନ୍ଦ୍ର କୁମାର ସାହୁଙ୍କ ବୋଲରୋଟି ଚୋରି ହୋଇ ଯାଇଥିଲା। ଏ ସମ୍ପର୍କରେ ସେ ଦଶପଲ୍ଲା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇଁ ପୋଲିସ ବିଭିନ୍ନ ଅଞ୍ଚଳରେ ଚଢାଉ କରି ତଦନ୍ତ ଚଳାଇଥିଲା। ତେବେ ବୋଲରୋଟି ଫତେଗଡ ଅଞ୍ଚଳରୁ ଠାବ କରି ଜବତ କରାଯାଇଥିବା ଆଇଆଇସି ମୁକେଶ କୁମାର ବେହେରା ସୂଚନା ଦେଇଛନ୍ତି।

## ବିଶ୍ୱ ଦୃଷ୍ଟି ଦିବସ ଅବସରରେ ସଚେତନତା ରାଲି

ଛତ୍ରପୁର/ପାରଳାଖେମୁଣ୍ଡି, ୧୩ା୧୦
(ଦିଲୀପ ସାମଲ/ଗିରିଧାରୀ ପରିଚ୍ଛା)

ପ୍ରତ୍ୟେକ ବର୍ଷ ଅକ୍ଟୋବର ମାସର ଦ୍ୱିତୀୟ ଗୁରୁବାରକୁ ବିଶ୍ୱ ଦୃଷ୍ଟି ଦିବସ ପାଳନ କରାଯାଇଥାଏ। ଏହି ଅବସରରେ ସମରଝୋଲସ୍ଥିତ ଶଙ୍କର ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଆମ ଶାରୀରର ସମସ୍ତ ଅଙ୍ଗ ମଧ୍ୟରୁ ଚକ୍ଷୁ ହେଉଛି ଏକ ମୂଲ୍ୟବାନ ଅଙ୍ଗ। ଆଖି ଦ୍ୱାରା ପଢିବା, ଲେଖିବା ଓ ଦେଖିବା ସହ ଅନେକ କାମ ହୋଇଥାଏ। ଦୃଷ୍ଟି ଶକ୍ତି ହରାଇ। ଦ୍ୱାରା ମଣିଷ ଅନ୍ଧ ହୋଇଯାଇଥାଏ। ତେଣୁ ଚକ୍ଷୁର ଯତ୍ନ ନେବା ସହ ତାକୁ ସୁସ୍ଥ ରଖିବା ନେଇ ପ୍ରତ୍ୟେକ ବ୍ୟକ୍ତି ସଚେତନତା ହେବା ଜରୁରୀ। ଏହି ରାଲି ଗଞ୍ଜାମ ଜିଲାପାଳଙ୍କ ବାସଭବନ ସମ୍ମୁଖରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶଙ୍କର ଚକ୍ଷୁ ଚିକିତ୍ସାଳୟର ପରାମର୍ଶଦାତା ବି. ଶ୍ରୀନିବାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶଙ୍କର ଚକ୍ଷୁ ଚିକିତ୍ସାଳୟର ସିଇଓ ଜେ. ବାବୁ, ଛତ୍ରପୁର ରୋଟାରୀ କ୍ଲବର ସଭାପତି ନିରଞ୍ଜନ ପାତ୍ର, ଯୁଥମାସ ସେବା ସଂଘର ସମ୍ପାଦକ ସୟଦ ମୁକ୍ତାରଙ୍କ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ସେହିପରି ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡିଠାରେ ଗୁରୁବାର ଜିଲା ଅନ୍ଧତ୍ୱ ନିୟନ୍ତ୍ରିତ ସମିତି, ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଦୀପ କୁମାର ପାତ୍ର ଉଦଘାଟନ କରିଥିଲେ।

## ୨୦ ପଞ୍ଚାୟତକୁ ୧୦କୋଟି ଟଙ୍କା ମଞ୍ଜୁର

### ଭାପୁରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ଭାପୁର,୧୩ୟ୧୦**
**(ଭରତ କୁମାର ବେହେରା )**

ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଭାପୁର ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଭାପୁର ବ୍ଲକ ସାମ୍ନାରେ ଥିବା ନୋଡାଲ ସ୍କୁଲ୍ ଖେଳପଡିଆରେ ଶୁକ୍ରବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଭାପୁର ବ୍ଲକର ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଲେଖାଏ ହିସାବରେ ୨୦ଟି ପଞ୍ଚାୟତକୁ ୧୦କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥରେ ପ୍ରତି ପଞ୍ଚାୟତରେ ଥିବା ବିଦ୍ୟାଳୟ, କମ୍ୟୁନିଷ୍ଟ ସେଣ୍ଟର, ମହିଳା ସଶକ୍ତୀକରଣ, କ୍ରୀଡା,ଐତିହ୍ୟ ଧାର୍ମିକ ଅନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ରୂପାନ୍ତରିତ ହୋଇପାରିବ। ଏଥିସହ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ଖଣ୍ଡପଡ଼ା ଓ ଭାପୁର ବ୍ଲକର ସମସ୍ତ ଘରେ ଘରେ ପାଇପ୍ ମାଧ୍ୟମରେ ପାନୀୟ ଜଳ ପାଇ ୬ ଶହ କୋଟି ମଞ୍ଜୁର ହୋଇଛି। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଉପଜିଲାପାଳ ଶକ୍ତିକାନ୍ତ ରାୟ, ଭାପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବିଡିଓ ରଣଜିତ କୁମାର ମଲ୍ଲିକ, ଏବିଡିଓ ସରୋଜ କୁମାର ନାୟକ, ଅତିରିକ୍ତ ତହସିଲଦାର ମନ୍ଦାକିନୀ ପ୍ରଧାନ, ଭାପୁର ବ୍ଲକ ବିଜେଡି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ଭାପୁର ବ୍ଲକର ସମସ୍ତ ସରକାରୀ କର୍ମଚାରୀ, ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ବିଜେଡିର କର୍ମୀ, ମହିଳାମାନେ ଉପସ୍ଥିତ ରହିଥିଲେ। ଭାପୁର ବ୍ଲକକୁ ଏତେ ପରିମାଣର ଅନୁଦାନ ରାଶି ମଞ୍ଜୁର ପରେ ଭାପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଧାନ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଓ ୫-ଟି ସଚିବଙ୍କୁ କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି।



ଭାପୁରରେ ଅନୁଷ୍ଠିତ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିମାନେ।

## ଓଡ଼ଗାଁରେ ମୋ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ଓଡ଼ଗାଁ, ୧୩ା୧୦**
**(ଆଦର୍ଶ କୁମାର ପଟ୍ଟନାୟକ)**

ଓଡ଼ଗାଁ ବ୍ଲକରେ ଆୟୋଜିତ ହୋଇଥିବା ମୋ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାର ମହିଳାଙ୍କ ସମାଗମ ଦେଖିବାକୁ ମିଳିଥିଲା। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ହାଇସ୍କୁଲ ଖେଳ ପଡିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ପଞ୍ଚାୟତରୁ ଲୋକପ୍ରତିନିଧିମାନେ ଶୋଭାଯାତ୍ରାରେ ଆସି ପହଞ୍ଚି ଥିଲେ। ହେଲେ ଭିସି ମାଧ୍ୟମରେ କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବା ୫-ଟି ସଚିବ ଭି. କେ. ପାଣ୍ଡିୟାନ ବିଭିନ୍ନ ମନ୍ଦିର ପାଇଁ ଟଙ୍କା ମଞ୍ଜୁର ହୋଇଥିବା ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ବ୍ଲକ ପକ୍ଷରୁ ଗୋଡିସାହି ସରପଞ୍ଚ ଦିପ୍ତୀରଞ୍ଜନ ପରିଡା ଓ ଓଡ଼ଗାଁ ବ୍ଲକ ପକ୍ଷରୁ ଜିଲା ପରିଷଦ ସଦସ୍ୟା ବିରଜାଲକ୍ଷ୍ମୀ ସାହୁ ବକ୍ତବ୍ୟ ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ କୃତଜ୍ଞତା ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟ ସରକାର ହେବାକୁ ଥିବା ଓ ହୋଇଥିବା ବିଭିନ୍ନ ଗ୍ରାମାଭିମୁଖ୍ୟ ସହରୀକରଣ ଯୋଜନା ସମ୍ପର୍କରେ ଭିସି ମାଧ୍ୟମରେ ଉପସ୍ଥିତ ଲୋକଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ପରିଚାଳନା କରିଥିବା ବେଳେ ଜିଲା ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଅଧିକାରୀ ସୁଚାରୁ କୁମାର ବଳ, ବିଡିଓ ଜିତେନ୍ଦ୍ର କୁମାର ନାୟକ ଓ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କ ସମେତ ବ୍ଲକସ୍ତରୀୟ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ଲୁକ୍କାୟିତ ପ୍ରତିଭାର ବିକାଶ ଶିଶୁ ମହୋତ୍ସବର ଲକ୍ଷ୍ୟ



ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଖଣ୍ଡପଡା,୧୩ା୧୦
(ଅଜୟ କୁମାର ମହାରଣା)

ଲୁକ୍କାୟିତ ପ୍ରତିଭାର ବିକାଶ ଶିଶୁ ମହୋତ୍ସବ ସୁରଭିର ମୁଖ୍ୟ ଲକ୍ଷ୍ୟ। ଏ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଲିଙ୍ଗରାଜ ନୋଡାଲ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଳିସାହ ସରପଞ୍ଚ ଫକୀର ମୋହନ ଦାସ ଓ ମୁଖ୍ୟ ବକ୍ତା ଭାବେ ସମିତିସଭ୍ୟା ଆରତୀ ବେହେରା ଓ ସମ୍ମାନୀତ ଅତିଥି ରୁପେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ, ଏବିଇଓ କଳିଙ୍ଗ ଚନ୍ଦ୍ର ନାୟକ, ପ୍ରଦୀପ କୁମାର ସାହୁ ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଓ ସମ୍ମାନୀତ ଅତିଥି ରୂପେ ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ କର ସଭାପତିତ୍ୱ କରିଥିଲେ। ଏ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବ୍ଲକସ୍ତରରୁ ଯୋଗ୍ୟ ବିବେଚିତ ହୋଇଥିବା ପ୍ରତିଯୋଗୀ ଜିଲାସ୍ତରରେ ଆୟୋଜିତ ସୁରଭି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

## ଜିଲାସ୍ତରୀୟ କବାଡ଼ି ତାଲିମ ଶିବିର



ଶିବିରରେ ଭାଗ ନେଇଥିବା କ୍ରୀଡ଼ାବିତ୍।

**ଆର.ଉଦୟଗିରି,୧୩ା୧୦**
**(ମନୋଜ କୁମାର ପାଢୀ)**

ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ କେ. ଏମ. ଭାଲିଆସାହିଠାରେ ପଞ୍ଚ ଦିବସୀୟ ଜିଲାସ୍ତରୀୟ କବାଡି ପ୍ରଶିକ୍ଷଣ ଶିବିର ଗତ ୧୦ ତାରିଖଠାରୁ ଆରମ୍ଭ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ପ୍ରଦୋଷ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲାର ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରୁ ୧୭ ବର୍ଷରୁ କମ ଓ ୧୪ ବର୍ଷରୁ କମ ମୋଟ ୪୦ ବାଳକ ବାଳିକା ତାଲିମ ଗ୍ରହଣ କରିଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିରକୁ ଆର. ଉଦୟଗିରି ବ୍ଲକର ଅତିରିକ୍ତ ଗୋଷ୍ଠୀଶିକ୍ଷାଧିକାରୀ ଯୁଧିଷ୍ଠିର ବେହେରା, ଲୋକନାଥ ନାହାକ, ବନମାଳୀ ବଡରଇତଏବଂ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦଳବେହେରା ଉଦଘାଟନ କରିଥିଲେ। ଶିବିରରେ ଜିଲାରୁ ୯ ଜଣ ଦକ୍ଷ କ୍ରୀଡା ଶିକ୍ଷକ ତାଲିମ ଦେଉଥିବା ବେଳେ ଜିଲା କ୍ରୀଡ଼ା ନିରୀକ୍ଷକ ସୁରେନ୍ଦ୍ର କୁମାର ପାତ୍ର ଏହାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। ତାଲିମ ନେଉଥିବା ବାଳକ ବାଳିକାମାନେ ଗଞ୍ଜାମଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ କବାଡି ଚାମ୍ପିୟନସିପ - ୨୦୨୩ରେ ଭାଗ ନେବାପାଇଁ ମନୋନୀତ ହୋଇସାରିଛନ୍ତି। ପ୍ରଶିକ୍ଷକ ଭାବେ ଲିଙ୍ଗରାଜ ସାହୁ, ସୁଶାନ୍ତ କୁମାର ପ୍ରଧାନ, ରାମକୃଷ୍ଣ ପାଣିଗ୍ରାହୀ, ପ୍ରତିକ କିରଣ ପାହାଡ଼ସିଂ, ରେଖାରାଣୀ ଦେଓ, ମାଧବ ଖୁଣ୍ଟିଆ, ଅଜୟ ବିଶ୍ୱାଳ, ଦର୍ଶିତା ପଟ୍ଟନାୟକ ଓ ଦିଗାମ୍ବର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ନୀଳକଣ୍ଠ ନାୟକ, କିଶୋର ଦଣ୍ଡସେନା ଏବଂ ପ୍ରହଲ୍ଲାଦ ଶିଅଳ ସହଯୋଗ କରିଥିଲେ।

## 'ଘରେ ଘରେ କଂଗ୍ରେସ ଘରେ ଘରେ ହାତ' କାର୍ଯ୍ୟକ୍ରମ




କୋଟଗଡ,୧୩ା୧୦(ସରୋଜ ବଳିୟାରସିଂ):

ବାଲିଗୁଡା ବ୍ଲକ ଅନ୍ତର୍ଗତ ସେନ୍ଦ୍ରିଗାଁ ଓ ବଡୁକିଆ ପଞ୍ଚାୟତରେ 'ଘରେ ଘରେ କଂଗ୍ରେସ ଘରେ ଘରେ ହାତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶୁକ୍ରବାର ବାଲିଗୁଡା ବ୍ଲକ କଂଗ୍ରେସ ସଭାପତି ଆଇବର ନାୟକଙ୍କ ନେତୃତ୍ୱରେ ସେନ୍ଦ୍ରିଗାଁ ଓ ବୁଡୁକିଆ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ଅନାମ ନାୟକ, ଗୌରୀଶଙ୍କର ଆଚାରି, ଦେବବ୍ରତ ସିଂଦେଓ, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ପିସିସି ସଭ୍ୟ ଉପେନ୍ଦ୍ର ପ୍ରଧାନ, ମନୋଜ ମଲ୍ଲିକଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଗୋଟିଏ ଗୃହରେ ୫ ଶ୍ରେଣୀର ପିଲା

**ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ଚିତ୍ର ଏମିତି**

ମୋହନା,୧୩ା୧୦(ମନ୍ମଥ ମିଶ୍ର)

ସରକାର ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ୫-ଟିରେ ରୂପାନ୍ତରିତ କରି ଗୁଣାତ୍ମକ ଶିକ୍ଷା ପ୍ରଦାନ କରୁଛନ୍ତି। ହେଲେ ଦୁର୍ଗମ ଅଞ୍ଚଳରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଦେଖିବାକୁ ମିଳିଛି। ଯେଉଁଠି ୫ଟି ଶ୍ରେଣୀର ପିଲାଙ୍କ ପାଇଁ ଗୋଟିଏ ମାତ୍ର ଶ୍ରେଣୀଗୃହ ରହିଛି। କୁନି ପିଲାମାନେ ଡହ ଡହ ଖରା ନଚେତ କେଉଁଠି ଗଛମୂଳେ ବସି ମଧ୍ୟାହ୍ନ ଭୋଜନ ଖାଉଛନ୍ତି। ଏଭଳି ଦେଖିବାକୁ ମିଳିଛି ମୋହନା ବ୍ଲକ୍ ଟୁଟୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ବିଦ୍ୟାଳୟର ମାତ୍ର ଗୋଟିଏ ଶ୍ରେଣୀ ଗୃହ ରହିଛି। ଯେଉଁଠି ୧ମରୁ ୩ମ ଶ୍ରେଣୀର ପିଲାମାନେ ଏକାଠି ବସି ପାଠ ପଢୁଥିବା ବେଳେ ୪ର୍ଥ ଓ ୫ମ ଶ୍ରେଣୀର ପିଲାମାନେ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ବିଦ୍ୟାଳୟର ୪ ଜଣ ଶିକ୍ଷକ ଅଛନ୍ତି। ହେଲେ ପାଠ ପଢ଼ାଇବା ପାଇଁ ଶ୍ରେଣୀଗୃହ ନାହିଁ। ବର୍ଷା ଦିନେ ଛାତରୁ ପାଣି ଗଳୁଥିବା ବେଳେ ବାରଣ୍ଡାରେ ବସି ପାଠ ପଢୁଥିବା ପିଲାଙ୍କ ସମସ୍ୟା ନ କହିବା ଭଲ। ଏ ଦୃଶ୍ୟ ହିଁ ବୟାନ କରୁଛି, ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା କେତେ ସୁଦୃଢ଼। ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି, ବାରମ୍ବାର ଅତିରିକ୍ତ ଶ୍ରେଣୀ ଗୃହ ପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନ ଓ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଠାରେ ଅଭିଯୋଗ କରାଯାଇଛି। ହେଲେ ଅଏ ଯାଏଁ କୌଣସି ସୁଫଳ ମିଳିନାହିଁ। ସହକାରୀ ବ୍ଲକ୍ ଶିକ୍ଷାଧିକାରୀ କହିଛନ୍ତି, ଆଗରୁ ବିଡ଼ିଓଙ୍କୁ ଅବଗତ କରାଯାଇଛି, ପୁଣି ଥରେ ଏ ସମ୍ପର୍କରେ ବିଡ଼ିଓଙ୍କୁ ଅବଗତ କରାଯିବ। ଅର୍ଥ ଆସିଲେ କାମ ହେବ ବୋଲି କହିଛନ୍ତି।



ଟୁଟୁଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ପିଲାମାନେ ବାହାରେ ବସି ଖାଉଛନ୍ତି।

# ହେନ୍ତାଳବଣ ପାଇଁ ମଧୁରଜଳ ଆବଶ୍ୟକ

**କେନ୍ଦ୍ରାପଡ଼ା, ୧୩।୧୦ (ଜଗନ୍ନାଥ ଧଳ)**


ଭିତରକନିକାର ହେନ୍ତାଣ ବଣ।

- ଜିଲାର ୩ ନଦୀ ସିଷ୍ଟମରେ ଆସୁନାହିଁ ପର୍ଯ୍ୟାପ୍ତ ଜଳ
- ପ୍ରଦୂଷିତ ଜଳ ଉଜାଡ଼ିବ ଭିତରକନିକା ଆର୍ଦ୍ରଭୂମି
- ବ୍ରାହ୍ମଣୀ ନଦୀ ସର୍ବାଧିକ ପ୍ରଦୂଷିତ

ହେନ୍ତାଳ ବଣକୁ ଅଧିକ ଘଞ୍ଚ କରିବା ପାଇଁ ବିପର୍ଯ୍ୟୟ ପରିଚାଳନା ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି (ଏସ୍ଇସି)ର ତୃତୀୟ ବୈଠକ ଭୁବନେଶ୍ୱରଠାରେ ବୁଧବାର ଅନୁଷ୍ଠିତ ହୋଇଛି। ଏହା ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ହେନ୍ତାଳ ବଣର ଉପକାରିତା ସମ୍ପର୍କରେ ଆଲୋଚନା କରାଯାଇ ଅଧିକ ଘଞ୍ଚ ଓ ବ୍ୟାପକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ଭିତରକନିକା ଆର୍ଦ୍ରଭୂମିରେ ପର୍ଯ୍ୟାପ୍ତ ପରିମାଣରେ ମଧୁର ଜଳ ପହଞ୍ଚି ପାରୁ ନ ଥିବାରୁ ପରିବେଶବିତମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରଦୂଷିତ ନଦୀ ଜଳ ଆର୍ଦ୍ରଭୂମିର ଜୈବ ବିବିଧତାକୁ ନଷ୍ଟ କରିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସେହିପରି ଉପକୂଳ କେନାଲ ଦ୍ୱାରା ଏହାର ସାମାଧାନ କିଛି ମାତ୍ରାରେ ହୋଇପାରିବ ବୋଲି ମତ ଦେଇଛନ୍ତି।

ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ, ସତ୍ୟପ୍ରକାଶ ସାମଲ, ଅଧ୍ୟାପକ କ୍ଷୀତିଶ କୁମାର ସିଂହ ପ୍ରମୁଖ କହିଛନ୍ତି, ହେନ୍ତାଳ ବଣ ସୃଷ୍ଟି ପାଇଁ ୬୦ ପ୍ରତିଶତ ଲୁଣି ସହିତ ୪୦ ପ୍ରତିଶତ ମଧୁର ଜଳର ସମ୍ମିଶ୍ରଣ ଆବଶ୍ୟକ। ଚଳିତବର୍ଷ କେନ୍ଦ୍ରାପଡ଼ା ଜିଲାରେ ଆଶାନୁରୂପକ ବର୍ଷା ହୋଇନାହିଁ। ଫଳରେ ଜିଲାରେ ଉତ୍କଟ ଜଳାଭାବ ଦେଖାଦେଇଛି। ଏପରିକି ଭିତରକନିକା ଆର୍ଦ୍ରଭୂମିକୁ ସଂଲଗ୍ନ ଥିବା ୩ ନଦୀ ସିଷ୍ଟମ ଜଳାଭାବରୁ ଶୁଖିଲା ପଡ଼ିଛି। ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀ ସିଷ୍ଟମରେ ଥିବା ୭ ନଦୀରେ ଏବେ ପ୍ରଦୂଷିତ ଜଳ ପ୍ରବାହିତ ହେଉଛି। ଏହି ଜଳ ଜାତୀୟ ଉଦ୍ୟାନର ବହୁ କ୍ଷତି ଘଟାଇବ। ଶିଳ୍ପରୁ ନିର୍ଗତ ରାସାୟନିକ ଦ୍ରବ୍ୟ ବ୍ରାହ୍ମଣୀ ନଦୀକୁ ପ୍ରଦୂଷିତ କରୁଛି। ଭିତରକନିକା ଜଳ ପ୍ରଦୂଷଣରେ ବେଆଇନ ଚିଙ୍ଗୁଡ଼ି ଘେରି, ଅବାଧ ନୌଚଳାଚଳ, ବେଆଇନ ଭାବେ ରହିଥିବା ବାଂଲାଦେଶୀଙ୍କ ଦ୍ୱାରା ବନକ୍ଷୟ ଓ ଚିଙ୍ଗୁଡ଼ି ଘେରି ଆଦି ନିର୍ମାଣ ଦ୍ୱାରା ନଦୀ ଜଳ ପ୍ରଦୂଷଣର କାରଣ ହୋଇଛି। ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀର ସିଷ୍ଟମରେ ଥିବା କେନ୍ଦ୍ରାପଡ଼ା ଜିଲାର ୭ ନଦୀ ଓ ୨୭ ନାଳ ଭିତରକନିକାର ହେନ୍ତାଳ ବଣକୁ ବଞ୍ଚାଇ ରଖୁଛି। ଭିତରକନିକାର ହେନ୍ତାଳବଣକୁ ମଧୁର ଜଳ ଯୋଗାଉଥିବା ମୁଖ୍ୟତଃ ମହାନଦୀ, ବୈତରଣୀ ଓ ବ୍ରାହ୍ମଣୀ ଶାଖା ନଦୀ ଖରସ୍ରୋତା ଏବେ ଅକାମୀ ହେବାକୁ ଯାଉଛି। ଛତିଶଗଡ଼ ରାଜ୍ୟରେ ବନ୍ଧ ନିର୍ମାଣ ପରେ ମହାନଦୀ ଜଳକୁ ନେଇ ଓଡ଼ିଶା ସରକାରଙ୍କ ସହ ଦ୍ୱନ୍ଦ୍ୱ ଦେଖାଦେଇଛି। ଅଣମୌସୁମୀରେ ମହାନଦୀର ତଳମୁଣ୍ଡରେ ଥିବା କେନ୍ଦ୍ରାପଡ଼ା ଜିଲାରେ ଜଳସ୍ରୋତ କମି ଯାଇଛି। ଏବେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ସନ୍ତରାଠାରେ ମହାନଦୀରେ ଏକ ବୃହତ ଜଳାଶୟ ନିର୍ମାଣ, ଯାଜପୁର ସହର ନିକଟ ନିର୍ମାଣାଧୀନ ଜଳାଶୟରେ ପାଣି ରଖିବାକୁ ଯୋଜନା ହୋଇଛି। ଫଳରେ ମହାନଦୀ ଓ ବୈତରଣୀର ସ୍ରୋତ କମିବ। ବ୍ରାହ୍ମଣୀ ସିଷ୍ଟମରେ ବ୍ରାହ୍ମଣୀ ଓ ଶାଖା ନଦୀ ଖରସ୍ରୋତା ଅଛି। ଖରସ୍ରୋତାରେ କେନ୍ଦ୍ରାପଡ଼ା ଜିଲାର ୨ଟି ସ୍ଥାନରେ ମେଗା ଜଳସେଚନ ପ୍ରକଳ୍ପ, ୨ଟି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି। ଏଥିସହ ଭଦ୍ରକ ଜିଲାର ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ପାଣି ନିଆଯିବ। ଯାହା ମଧୁର ଜଳ ନିଅଣ୍ଟକୁ ଅଧିକ କରିବ। ଉପକୂଳ କେନାଲ ପ୍ରସ୍ତୁତି ହୋଇପାରିଲେ, ଏହାର ସମାଧାନ କିଛି ମାତ୍ରାରେ ହୋଇପାରିବ। ସମୁଦ୍ର ତଟଠାରୁ ୧୦ କିଲୋମିଟର ଦୂରରେ କେନାଲ ମାଧ୍ୟମରେ ଜିଲାର ନଦୀ ସମୂହକୁ ସଂଯୋଗ କରାଯାଉ। ଏହି କେନାଲରୁ ହେନ୍ତାଳବଣ ସୃଷ୍ଟି ପାଇଁ ଯୋଜନାବଦ୍ଧ ଭାବେ ପାଣି ଛଡ଼ାଯିବା ସହ ଜିଲାର କ୍ଷେତକୁ ଜଳ ଓ ପାନୀୟ ଜଳ ଅଭାବର ସମାଧାନ ହୋଇପାରିବ ବୋଲି ସେମାନେ ମତ ରଖିଛନ୍ତି। ସୂଚନାଯୋଗ୍ୟ, ଜିଲାର ୪୮ କିଲୋମିଟର ସମୁଦ୍ର ତଟରୁ ପ୍ରାୟ ୨୮ କି.ମି. ହେନ୍ତାଳ ବଣର ସାନ୍ଦ୍ରତା କମ୍ ଥିବାରୁ ସାମୁଦ୍ରିକ ଜୁଆର ମାଡରେ କ୍ଷୟ ହୋଇଚାଲିଛି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଉପକୂଳ କେନାଲ ଯୋଜନା ସମ୍ପର୍କରେ ଅନୁଧ୍ୟାନ ହୋଇନାହିଁ। ଏ ନେଇ ଜିଲାସ୍ତରୀୟ ବୈଠକରେ ଆଲୋଚନା ହେବ ବୋଲି ସେ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଆରିୟନ


@ ମଧୁ


@ ସ୍ୱପ୍ନା


@ ପ୍ରଦୀପ୍ତ


@ ସତ୍ୟପୁଷ୍ପା


@ ସୁନୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅସହାୟ ନାବାଳକ ଘରେ ପହଞ୍ଚିଲା ଜିଲା ପ୍ରଶାସନ

**ପୁଅ ହେଲା ପର: ମା’ ବାପା ଅନ୍ୟତ୍ର ବିବାହ ଘଟଣା**

- ଆବାସିକ ବିଦ୍ୟାଳୟରେ ନାମଲେଖା ପାଇଁ ମିଳିଲା ପ୍ରତିଶ୍ରୁତି

**ମହାକାଳପଡ଼ା, ୧୩।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ପେଟଛେଲା ପଞ୍ଚାୟତର ଶବରପଡ଼ା ଗାଁର ମଣିଆ ଭକ୍ତା ଓ ଲକ୍ଷ୍ମୀ ଭକ୍ତା ପୁଅକୁ ଛାଡ଼ି ଅନ୍ୟତ୍ର ବିବାହ କରିବା ଘଟଣା ଶୁକ୍ରବାର ଧରିତ୍ରୀରେ ପ୍ରସାରଣ ହୋଇଥିଲା। ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ପୂର୍ବାହ୍ନରେ ଜିଲା ପ୍ରଶାସନ ପକ୍ଷରୁ ସେହି ନାବାଳକଙ୍କ ଘରେ ରାଶନ ସାମଗ୍ରୀ ପହଞ୍ଚିଛି। ପରେ ଉକ୍ତ ନାବାଳକଙ୍କ ନାମ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବା ପାଇଁ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରାଯାଇଛି। ନାବାଳକଙ୍କ ସମସ୍ତ ଦାୟିତ୍ୱ ଯଥା ଖାଇବା ପିଇବାଠାରୁ ପାଠ ପଢ଼ିବା ପର୍ଯ୍ୟନ୍ତ ଜିଲା ପ୍ରଶାସନ ବହନ କରିବା ପାଇଁ ଜିଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲିକ କହିଛନ୍ତି। ଅପରପକ୍ଷରେ ଧରିତ୍ରୀ ଖବରକାଗଜ ପଢ଼ି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନା ସମ୍ପୃକ୍ତ ଅସହାୟ ନାବାଳକ ଘରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହ ଘରୋଇ ଆବାସିକ ବିଦ୍ୟାଳୟରେ ପାଠ ପଢ଼ିବାର ସମସ୍ତ ଦାୟିତ୍ୱ ବହନ କରିବେ ବୋଲି କହିଛନ୍ତି।


ଅସହାୟ ନାବାଳକ ଘରେ ପ୍ରଶାସନ ପହଞ୍ଚି ରାଶନ ସାମଗ୍ରୀ ଦେଉଛି।

# ଡାକ୍ତରଙ୍କ ଶୌଚାଳୟରୁ ମିଳିଲା ୨୦,୫୫୮ ଡଲାର

**ଲାଞ୍ଚ ନେବାବେଳେ ସିବିଆଇ ହାତରେ ଧରାପଡ଼ିଥିଲେ**

- ନଗଦ ୧୭ ଲକ୍ଷ ଟଙ୍କା , ୫ ସମ୍ପତ୍ତିର କାଗଜପତ୍ର ଜବତ
- ଗିରଫ ଡାକ୍ତରଙ୍କୁ କୋର୍ଟରେ ହାଜର କଲା ସିବିଆଇ



**ଭୁବନେଶ୍ୱର (ସୂର୍ଯ୍ୟକାନ୍ତ ବେହେରା)/ ପାରାଦୀପ,(ଶରତ ରାଉତ)/ ସିମୁଳିଆ, ୧୩।୧୦ (ସନ୍ତୋଷ ନାୟକ)**

ପୋର୍ଟ ହେଲ୍‌ଥ ମେଡିକାଲ କ୍ଲିୟରାନ୍ସ ପ୍ରଦାନ ପାଇଁ ଜାହାଜ କ୍ରିଉ ମେମ୍ବର (ନାବିକ)ଙ୍କଠାରୁ ୫୪ ହଜାର ଲାଞ୍ଚ ନେବାବେଳେ ଗିରଫ ହୋଇଥିବା ପାରାଦୀପ ବନ୍ଦରସ୍ଥିତ ପୋର୍ଟ ହେଲ୍‌ଥ ଅର୍ଗାନାଇଜେଶନ(ପିଏଚ୍‌ଓ)ର ଡାକ୍ତର ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କୁ ଶୁକ୍ରବାର ସିବିଆଇ ଘନଘନ ଜେରା କରିଛି। ତାଙ୍କ ବିରୋଧରେ ଏକ ମାମଲା ପରେ ମାମଲା ନଂ.ଆର୍‌ସି୧୦ଏ/୨୩, ଡିକେ ରୁଜୁ କରାଯାଇଛି। ତେବେ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଜେରା ଭିତରେ ସିବିଆଇ ଅଧିକାରୀମାନେ ତାଙ୍କର ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ସହ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛନ୍ତି। ଏହି ଆଧାରରେ ସିବିଆଇ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ପାରାଦୀପ ଭୂୟାଁ ଛକରେ ଥିବା ଡା. ପାଣିଗ୍ରାହୀଙ୍କ ଅଫିସ ସମେତ ବାଲେଶ୍ୱର ଓ କଟକରେ ଥିବା ଘରେ ସିବିଆଇ ଚଢ଼ାଉ କରି ଖଟତଳ, ଟେବୁଲ ଡ୍ରୟାର ମଧ୍ୟରୁ ନଗଦ ୧୭ ଲକ୍ଷ ଟଙ୍କା ଓ ଶୌଚାଳୟରୁ ୨୦ ହଜାର ୫୫୮ ଆମେରିକୀୟ ଡଲାର, ଓଡିଶା ଓ ହାଇଦ୍ରାବାଦରେ ଥିବା ୫ଟି ସମ୍ପତ୍ତିର କାଗଜପତ୍ର ଏବଂ କମ୍ପ୍ୟୁଟର ହାର୍ଡଡିସ୍କକୁ ସିବିଆଇ ଅଧିକାରୀମାନେ ଜବତକରି ନେଇଛନ୍ତି। ସେହିପରି ପାରାଦୀପର ଦୁଇଟି ଘରୁ ଲକ୍ଷ ଲକ୍ଷ ଟଙ୍କାର ଦାମୀ ବିଦେଶୀ ମଦ ଓ ସିଗାରେଟ ମିଳିଥିବା ସୂଚନା ମିଳିଛି। ପରେ ଡା. ପାଣିଗ୍ରାହୀଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ତେବେ ଏହା ପୂର୍ବରୁ ସିବିଆଇ ଟିମ୍ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନେଇଥିଲା। ଏହି ସମୟରେ ସେ କୌଣସି ଲାଞ୍ଚ ନେଇନାହାନ୍ତି, ତାଙ୍କୁ ଫସାଇ ଦିଆଯାଇଥିବା ଗଣମାଧ୍ୟମ ଆଗରେ କହିଥିଲେ।

ସୂଚନାନୁସାରେ, ଏମିନେନ୍ସ ଶିପିଂ ନାମକ କମ୍ପାନୀର କର୍ମଚାରୀ ଆଲୋକ ରାଉତ ଅକ୍ଟୋବର ୧୦ରେ ପୋର୍ଟ ହେଲ୍‌ଥ ମେଡିକାଲ କ୍ଲିୟରାନ୍ସ ପାଇଁ ପିଏଚ୍‌ଓ କାର୍ଯ୍ୟାଳୟକୁ ଯାଇ ଡାକ୍ତର ରାଜେନ୍ଦ୍ର ପାଣିଗ୍ରାହୀଙ୍କୁ ଭେଟିଥିଲେ। ଏଥିପାଇଁ ଡା. ପାଣିଗ୍ରାହୀ ୭୦ ହଜାର ଟଙ୍କା ଦାବି କରିଥିଲେ। ଏନେଇ ଆଲୋକ ଅକ୍ଟୋବର ୧୧ରେ ମେଲ୍ ଜରିଆରେ ସିବିଆଇରେ ଅଭିଯୋଗ କରିଥିଲେ। ପରେ ଆଲୋକ ପୁଣିଥରେ ଅର୍ଥାତ୍ ଗୁରୁବାର ପିଏଚ୍‌ଓ କାର୍ଯ୍ୟାଳୟକୁ ଯାଇ ଡା. ପାଣିଗ୍ରାହୀ ସହ ମୂଲଚାଲ କରି ୫୪ ହଜାର ଟଙ୍କା ଦେଉଥିବାବେଳେ ପୂର୍ବ ଯୋଜନା ମୁତାବକ ସିବିଆଇ ଟିମ୍ ସେଠାରେ ଚଢ଼ାଉକରି ତାଙ୍କୁ ରେଡ୍ ହ୍ୟାଣ୍ଡରେ ଧରିଥିଲା। ଏହାପରେ ସିବିଆଇ ଟିମ୍ ତାଙ୍କୁ ହେପାଜତକୁ ଆଣି ମାରାଥନ ଜେରା କରିବା ସହ ବାଲେଶ୍ୱର ଜିଲା ସିମୁଳିଆରେ ଥିବା ବାସଭବନ, ଶ୍ୱଶୁର ଘର, ଭୁବନେଶ୍ୱରସ୍ଥିତ ଘରେ ଚଢ଼ାଉ ଆରମ୍ଭ କରିଥିଲା।


ଡାକ୍ତର ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀ

# ମା’ସିଦ୍ଧିଦାତ୍ରୀଙ୍କ ଚାମୁଣ୍ଡା ବେଶ

**ନାଉଗାଁ,୧୩।୧୦ (ସୁଧା ବେହୁରା)**

ଜଗତ୍‌ସିଂହପୁର ଜିଲା ସରୋମ୍ଭୋସ୍ଥିତ ଶାରଦୀୟ ପାର୍ବଣ ପୂଜାର ସପ୍ତମ ଦିବସରେ ଶୁକ୍ରବାର ମା’ସିଦ୍ଧିଦାତ୍ରୀଙ୍କୁ ଚାମୁଣ୍ଡା ବେଶରେ ସୁସଜ୍ଜିତ କରାଯାଇଛି। ଏହି ବେଶକୁ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଉଥିବା ବେଳେ ସମ୍ପାଦକ ଅକ୍ଷୟ ମିଶ୍ର ପରିଚାଳନା କରୁଛନ୍ତି।



# ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ: ୩ ଗିରଫ

**ରାଜକନିକା,୧୩।୧୦ (ସଞ୍ଜୟ କୁମାର ଦାଶ)**

ରାଜକନିକା ଥାନା ଅଞ୍ଚଳରୁ ଭଦ୍ରକର ଧମରା ବନ୍ଦର ଅଞ୍ଚଳରୁ ଚୋରାରେ କୋଇଲା ନେଇ ଯାଉଥିବା ୨ଟି ପିକ୍‌ଅଫ ଭ୍ୟାନକୁ ପୋଲିସ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ଶୁକ୍ରବାର ସକାଳୁ ଗିରଫ କରି କୋର୍ଟ ଚାଲାଣ କରିଛି। ବିଶେଷ ସୂତ୍ରରୁ ଖବରପାଇ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ରାଜନକନିକା ଥାନା ଏସ୍‌ଆଇ ଚିନ୍ମୟ କୁମାର ମହାନ୍ତି ଏକ ଟିମ୍ ଗଠନ କରି କଟକ-ଚାନ୍ଦବାଲି ରାସ୍ତାର ତରାସ ନେତାଜୀ ଛକ ନିକଟରେ ଛକି ବସିଥିଲେ। ଭଦ୍ରକ ଜିଲା ଧାମରା ଅଞ୍ଚଳରୁ ଚୋରା କୋଇଲା ବୋଝେଇ ୨ଟି ପିକଅପ୍ ଭ୍ୟାନ୍ (ନଂ.ଓଡି୨୨ ଡବ୍ଲ୍ୟୁ ୪୧୦୪) ଓ (ନଂ. ଓଡି୦୫ ବିକେ ୫୦୩୩) ଧରିବାରେ ପୋଲିସ ସକ୍ଷମ ହୋଇଛି। ଅନ୍ୟଜଣେ ବାଇକ୍ (ନଂ. ଓଡି୨୨ ୟୁ ୦୨୦୧) ଏହି ପିକଅପ୍ ଭ୍ୟାନ୍ ଆଗେ ଆଗେ ଏସ୍କର୍ଟ କରିଯାଉଥିବା ସନ୍ଦିଗ୍ଧ ଅଭିଯୁକ୍ତଙ୍କ ଘଟଣାସ୍ଥଳରୁ ବାଇକ୍ ଛାଡି ଚମ୍ପଟ ମାରିଥିବା ଜଣାପଡିଛି। ହେଲେ ଚୋରା କୋଇଲା ନେଇ ଯାଉଥିବା ୨ଟି ପିକଅଫ ଭ୍ୟାନର ଡ୍ରାଇଭର ଜଣକ ଭଦ୍ରକ ଜିଲା ବାଂସଡା ଥାନା ଅଞ୍ଚଳର ମାଣିପୁର ଗ୍ରାମର ସିପୁନ୍ ଦାସ(୧୯) ଓ ଅନ୍ୟଜଣେ କେନ୍ଦ୍ରାପଡା ଜିଲା ରାଜକନିକା ଅଞ୍ଚଳ ପିମ୍ପୁଡି ଗ୍ରାମର ଆଶିଷ ନାୟକ(୨୧) ଏବଂ ଗାଡିରେ ହେଲପର ଥିବା ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ପାଞ୍ଚପଡାର କୁଆଁସର ଗ୍ରାମର ଗୌତମ ଜେନା (୨୪)ଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ବିରୋଧରେ ନଂ. ୫୩୭/୨୩ରେ ମାମଲା ରୁଜୁ କରି ଗିରଫ କରିଛି। ପରେ ପଚରାଉଚରା କରି କୋର୍ଟ ଚାଲାଣ କରାଯାଇଛି। ତେବେ ୨ଟି ଭ୍ୟାନରେ ନେଉଥିବା ଶହେ ବସ୍ତା ଚୋରା କୋଇଲା ସହ ଏକ ବାଇକ୍ ଓ ମୋବାଇଲକୁମଧ୍ୟ ପୋଲିସ ଜବତ କରିଛି।



ଜବତ ହୋଇଥିବା ଚୋରା କୋଇଲା ଓ ଗିରଫ ଅଭିଯୁକ୍ତ।

# ଏଣ୍ଡର ବଙ୍ଗାଳିସାହି ଦୁର୍ଗାଙ୍କ ତନ୍ତ୍ରମତେ ହୁଏ ପୂଜା

**ଡେରାବିଶ, ୧୩।୧୦ (ବେବର୍ତ୍ତା ଅଜୟ ଦାସ)**

ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଉ ମାତ୍ର ୭ ଦିନ ପରେ ମା’ ଦୁର୍ଗାଙ୍କର ଶାରଦୀୟ ପୂଜା ପାଇଁ ସମଗ୍ର ରାଜ୍ୟ ଚଳଚଞ୍ଚଳ ହେବ। ଏହି ପୂଜା ପାଇଁ ଡେରାବିଶ ବ୍ଲକ ଅଧୀନ ଏଣ୍ଡର, ଛରିଣା, ତିଲଙ୍ଗହଳଦିଆପାଟଣା, ଖରିଦାସାହି, ଭୋଲହାଟ, ପଲେଇ ପଞ୍ଚାୟତର ସାଥୀ ସମାଜ ପରିସର, ନାଲୁବାବାଙ୍କ ଆଶ୍ରମ, ମୁକୁନ୍ଦପୁର ସମେତ ବିଭିନ୍ନ ସ୍ଥାନରେ ଦୁର୍ଗାପୂଜା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ବ୍ଲକ ଅଧୀନ ଏଣ୍ଡର ବଙ୍ଗାଳିସାହି ମା’ ଦୁର୍ଗାଙ୍କ ପୀଠରେ ଏହି ପୂଜା ଅତି ପ୍ରାଚୀନ। ଡେରାବିଶ ସମେତ କେନ୍ଦ୍ରାପଡ଼ା, ଯାଜପୁର ଓ କଟକ ଜିଲାର ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁ ଏହି ପୂଜାକୁ ଅପେକ୍ଷା କରିଥାନ୍ତି। ବଙ୍ଗୀୟ ମତରେ ଓ ତନ୍ତ୍ର ଆରାଧନାର ପୀଠ ଭାବେ ପ୍ରତିଷ୍ଠିତ ଏଣ୍ଡର ବଙ୍ଗାଳିସାହି ମା’ଦୁର୍ଗାଙ୍କ ପୀଠରେ ଅନ୍ୟ ପୂଜା ମଣ୍ଡପଠାରୁ ପୂଜାବିଧି ସମ୍ପୂର୍ଣ୍ଣ ନିଆରା। ଚଳିତବର୍ଷ ପୂଜା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଥିବା ପୂଜା କମିଟିର କର୍ମକର୍ତ୍ତା ଦୁର୍ଗା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ପୂଜା ସମୟରେ ଏହି ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥାଏ। ଏ ନେଇ ଚଳିତବର୍ଷ ପାଇଁ କମିଟି ପକ୍ଷରୁ ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ସହ ଅନ୍ୟ ବ୍ୟବସ୍ଥା କରାଇବାକୁ ଅନୁରୋଧ କରାଯାଇଛି।

ଏହି ପୀଠରେ ପୂଜାର ଏକ ବିଶେଷତ୍ୱ ରହିଛି। ଏହା ପଛରେ ଏକ କାହାଣୀ ରହିଥିବା ଲୋକଶ୍ରୁତିରୁ ଜଣାଯାଏ। ତତ୍କାଳୀନ ଆଳି ରାଜା ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲାର ବନମାଳୀ ବ୍ରହ୍ମା ନାମକ ଜଣେ ବ୍ରାହ୍ମଣଙ୍କୁ ନିଜ ରାଜବାଟୀରେ ଥିବା ଦେବାଳୟରେ ପୂଜକ ଭାବେ ନିଯୁକ୍ତି ଦେଇଥିଲେ। ପରବର୍ତ୍ତୀ ଅବସ୍ଥାରେ ବନମାଳୀଙ୍କୁ ଡେରାବିଶ ସମେତ କିଛି ଅଞ୍ଚଳର ଜମିଦାର ଭାବେ ଦାୟିତ୍ୱ ଦେଇଥିଲେ। ବନମାଳୀ ଜଣେ କାଳୀ ସାଧକ ଭାବେ ସେ ସମୟରେ ଜଣାଶୁଣା ଥିଲେ। ଗୋବରୀ ନଦୀର କୂଳରେ ଥିବା ବଣ ଜଙ୍ଗଲ ଘେରା ଶ୍ମଶାନ ଯାହାକି ବନମାଳୀଙ୍କ ଇଲାକା ମଧ୍ୟରେ ଥିଲା। ଏହି ଶ୍ମଶାନରେ ସାଧକ ବନମାଳୀ ନିଜର ସାଧନା କରିବା ସମୟରେ ମା’ କାଳୀଙ୍କ ସ୍ୱପ୍ନାଦେଶ କ୍ରମେ ଶରତକାଳୀନ ଦୁର୍ଗାପୂଜା ସହ ଅମାବାସ୍ୟା ତିଥିରେ ମା’ଙ୍କ କାଳୀ ପୂଜା ଆରମ୍ଭ କରିଥିଲେ। ଏହା ମଧ୍ୟରେ ବନମାଳୀଙ୍କ ବଂଶର ୭ପୁରୁଷ ଅତିକ୍ରମ କରିଯାଇଛି। ଏହି ପୂଜାର ବିଶେଷତ୍ୱ ହେଲା ପଣାହାଣ୍ଡି। ସପ୍ତମୀ ତିଥିରୁ ଦଶହରା ଯାଏ ମା’ଙ୍କ ନିକଟରେ ମାନସିକଧାରୀ ଶ୍ରଦ୍ଧାଳୁ ମାଟିହାଣ୍ଡିରେ ପ୍ରସ୍ତୁତ ପଣା ଆଣି ଲାଗି କରିଥାନ୍ତି। ଏଥିସହ ସମସ୍ତ ପୂଜା ମଣ୍ଡପରେ ଅରୁଆ ପ୍ରସାଦ ସହ ଘିଅରେ ତିଆରି ନୈବେଦ୍ୟ ବ୍ୟବସ୍ଥା ଥିବାବେଳେ ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ। ସପ୍ତମୀ ତିଥିରୁ ଦଶହରା ଯାଏ ପ୍ରତ୍ୟେକ ଦିନ ମା’ଙ୍କ ନିକଟରେ ଅନ୍ନଭୋଗ ଉଷୁନା ଚାଉଳରେ ପ୍ରସ୍ତୁତ ହୋଇଥାଏ। ସୋରିଷ ତେଲରେ ତିଆରି ହୋଇଥିବା ମାଛ ତରକାରି, ଶାଗ ଭଜା ସହ ଦହି ପଖାଳ ମା’ଙ୍କ ନିକଟରେ ଭୋଗ ଲାଗିଥାଏ। ଏହାସହ ବିଭିନ୍ନ ପ୍ରକାର ପିଠା ଭୋଗ ହେବା ଏକ ପାରମ୍ପରିକ ବ୍ୟବସ୍ଥା। ତେବେ ରାଜାରାଜୁଡାଙ୍କ ଶାସନ ସମୟରେ ଏକ ନିର୍ଦ୍ଦିଷ୍ଟ ଇଲାକାର ଜମିଦାରୀ ବ୍ୟବସ୍ଥା ସମୟରୁ ମା’ଙ୍କ ପୂଜାର ଶେଷଦିନ ଅର୍ଥାତ୍ ଦଶହରାରେ ୩୨ଜଣ ଗୋପାଳ ମା’ଙ୍କୁ କାନ୍ଧରେ ନେଇ ନିକଟରେ ଥିବା ଏକ ପୋଖରୀରେ ବିସର୍ଜନ କରିଥାନ୍ତି। ପରମ୍ପରା ଅନୁଯାୟୀ ଏହି ଗୋପାଳମାନଙ୍କୁ ଧୂଆଁପତ୍ର (ବର୍ତ୍ତମାନ ବିଡି) ଓ ମଣ୍ଡାପିଠା ଦିଆଯିବା ବ୍ୟବସ୍ଥା ରହିଥିବା ଦୁର୍ଗାପ୍ରସନ୍ନ କହିଛନ୍ତି। ସେ କହିଛନ୍ତି, ବାପଘରକୁ ଆସିଥିବା ବିବାହିତ ଝିଅକୁ ଯେଉଁ ମାନ୍ୟତା ଦିଆଯାଏ ସେହି ମାନ୍ୟତା କ୍ରମରେ ମା’ଙ୍କୁ ଆମେ ଆମର ଝିଅ ବୋଲି ଭାବି ପୂଜାର୍ଚ୍ଚନା କରିଥାଉ। ବାପଘରକୁ ଝିଅ ଆସିଲେ ବିଭିନ୍ନ ପ୍ରକାର ଗାଉଁଲି ଖାଦ୍ୟ ଯେପରି ବ୍ୟବସ୍ଥା କରାଯାଇଥାଏ ସେହିପରି ମା’ଙ୍କ ନିକଟରେ ଭୋଗ କରାଯାଇଥାଏ। ଘରର ସମସ୍ତ ମହିଳା ଅତି ନିଷ୍ଠାର ସହ ମା’ଙ୍କୁ ନିଜ ବାପଘରର ଝିଅ ଭାବରେ ସ୍ୱାଗତ ଜଣାଇବା ସହ ୪ଦିନ ଧରି ପୂଜାରେ ଲାଗୁଥିବା ଭୋଗକୁ ପ୍ରସ୍ତୁତ କରିଥାନ୍ତି। ଦଶହରାରେ ମେଲାଣି ସମୟରେ ମା’ଙ୍କୁ ଶୋକାତୁର ଭାବେ ମହିଳାମାନେ ମେଲାଣି ଦେଇଥାନ୍ତି। ଏଣ୍ଡର ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ପୂଜାରେ ଶୃଙ୍ଖଳା ପାଇଁ ଇତିମଧ୍ୟରେ ପ୍ରସ୍ତୁତି ବୈଠକ ଶେଷ ହୋଇଯାଇଛି।



# ପୁରୁଣା ସେତୁକୁ ଭାଙ୍ଗି ନୂଆ ନିର୍ମାଣ ହେଉନି

**ନୟାଗଡ଼,୧୩।୧୦(ଲୋକନାଥ ମିଶ୍ର)**


ଜଗନ୍ନାଥ ସଡ଼କର ଡିମିଶର ପନ୍ଦାରିଛକ ସ୍ଥିତ ଦୁଆଣ୍ଟ ନଦୀ ଭୋଲ ଭୁଶୁଡ଼ି ପଡିଛି।

■ଭଙ୍ଗା ସେତୁରେ ଚାଲିଛି ଯାତାୟାତ
■ଜନସ୍ୱାର୍ଥ ମାମଲା ପରେବି ଅଣଦେଖା
■ହାଇକୋର୍ଟରେ ଅଦାଲତ ଅବମାନନା

ନୟାଗଡ଼ ଜିଲାରେ ବିପଦସଙ୍କୁଳ ଘୋଷଣା ହୋଇଥିବା କେତେଗୋଟି ସେତୁରେ ଚାଲିଛି ଯାନବାହାନ ଓ ଯାତାୟତ। ତେବେ ସେତୁ ନିର୍ମାଣ ନ କରି ଅର୍ଥ ମଞ୍ଜୁର କରାଯାଇଛି ଓ ସେତୁ ନିର୍ମାଣ କରାଯିବା ପରି ବାହାବା ନାମଫଳକରେ ଝୁଲୁଛି। ପୁରୁଣା ସେତୁକୁ ଭାଙ୍ଗି ନୂଆ ସେତୁ ନିର୍ମାଣ କରିବାକୁ ପ୍ରଶାସନ ଭୁଲି ଯାଉଥିବାରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଜନସ୍ୱାର୍ଥ ମାମଲା ପରେ ବି ଅଣଦେଖା କରାଯିବାରୁ ଅଦାଲତ ଅବମାମନା ମାମଲା ପୁଣି ହାଇକୋର୍ଟରେ କରାଯାଇଛି।

ନୟାଗଡ଼ ଜିଲାର ଶରଣକୁଳ ଲଡୁବାବାଙ୍କ ଧାମରୁ ଶ୍ରୀକ୍ଷେତ୍ର ପୁରୀ ଧାମକୁ ପଡ଼ିଥିବା ନୂଆ ଜଗନ୍ନାଥ ସଡକର ଡିମିଶର ପନ୍ଦାରିଛକସ୍ଥିତ ଦୁଆଣ୍ଟ ନଦୀ ପୋଲ ଭୁଶୁଡିବାର ୨୨ ମାସ ବିତି ଯାଇଛି। ନୂଆ ପୋଲ ନିର୍ମାଣ ପାଇଁ ୧୧.୪୬ କୋଟି ମଞ୍ଜୁର ହୋଇଛି ବୋଲି ଫଳକ ଲାଗିଛି। ୧୯।୨।୨୦୨୫ କାର୍ଯ୍ୟ ସମାପ୍ତି ତାରିଖ ଉଲ୍ଲେଖ ରହିଛି। କାର୍ଯ୍ୟ ଆରମ୍ଭ ନେଇ କିଛି ଲେଖାଯାଇନାହିଁ। ପୁଣି ଫଳକ ଲାଗିବାର ୪ ମାସ ବିତି ଯାଇଥିଲେ ମଧ ସେତୁ କାମ ଆରମ୍ଭ ହୋଇନାହିଁ। ନୂଆ ସେତୁ କରାଯାଉ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ନଦୀରେ ପାଣି ଆସିବା ଦ୍ୱାରା ଗୋଡିପଦା, ଡମସାହି, ପଞ୍ଚୁମୁ, ଡିମଶର ପରି ୫୦ରୁ ଊର୍ଦ୍ଧ୍ୱ ଗାଁ ବିଚ୍ଛିନ୍ନ ହୋଇ ରହୁଛି। ଅନ୍ୟପକ୍ଷେ ନଦୀ ମଧ୍ୟସ୍ଥ ଅସ୍ଥାୟୀ ରାସ୍ତା ବିପଦ ସଙ୍କୁଳ ଅବସ୍ଥାରେ ରହୁଛି। ଦୁଆଣ୍ଟ ପୋଲ ଦବିବା ପରେ ଏଠାକାର ଅଞ୍ଚଳର ଲୋକଙ୍କ ଦୁଃଖ ବଢ଼ିଛି। ପ୍ରାୟ ୩୯ ବର୍ଷ ତଳେ ତତ୍କାଳୀନ ରଣପୁର ବିଧାୟକ ରମାକାନ୍ତ ମିଶ୍ର ଦୁଆଣ୍ଟ ନଦୀର ପୋଲକୁ ଉଦ୍‌ଘାଟନ କରିଥିଲେ। ପୋଲଟି ବହୁ ବର୍ଷର ପୁରୁଣା ହୋଇଥିଲେ ହେଁ ଭଲ ଥିଲା। ବାଲି ଚୋରମାନେ ନଦୀର ଶଯ୍ୟା ଖୋଳି ବାଲି ନେଇଯିବା ପରେ ବନ୍ୟା ଜଳ ଯୋଗେ ପୋଲର ରାଫ୍ଟ ଫାଉଣ୍ଡେଶନର ପାର୍ଶ୍ୱରେ ଗର୍ତ୍ତ ହୋଇ ରହିଥିଲା। ରାଫ୍ଟ ଫାଉଣ୍ଡେଶନର ଗର୍ତ୍ତକୁ ମରାମତି ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଥିଲେ ହେଁ ପୂର୍ତ୍ତ ବିଭାଗ ଅଣଦେଖା କରିଥିଲା। ଫଳରେ ୨୦୨୧ ଡିସେମ୍ବର୨୯ରେ ପୋଲଟି ଦବି ଯାତାୟାତ ଠପ ହୋଇଗଲା। ଯଦିଓ ପୋଲଟି ସମ୍ପୂର୍ଣ୍ଣ ଭାବେ ଭୁଶୁଡି ନାହିଁ ତେବେ ଧୀରେ ଧୀରେ ଦବି ଚାଲିଛି। ପୂର୍ତ୍ତ ବିଭାଗ ପକ୍ଷରୁ ପୋଲକୁ ବିପଦ ସଙ୍କୁଳ ଘୋଷଣା କରାଯାଇ ନାମଫଳକ ଲଗାଯାଇ ରାସ୍ତା ବନ୍ଦ କରାଯାଇଛି। ବିପଦସଙ୍କୁଳ ସେତୁରେ ଯାତାୟାତ ଚାଲିଛି। ସେହିପରି ରଣପୁର ବ୍ଲକ ବନ୍ଧମୁଣ୍ଡା ପଞ୍ଚାୟତର ରାଆଁଳା ପୋଲଟିକୁ ମଧ ଅବହେଳା କରାଯାଇଥିବା ଅଭିଯୋଗ ରହିଛି। ତେବେ ଏହାର ସଂଯୋଗ ରାସ୍ତା ନିକଟରେ ଶେଷ ହୋଇଥିବା ଦେଖାଯାଇଛି। ଖଣ୍ଡପଡ଼ା ବ୍ଲକ କିଆଝର ପଞ୍ଚାୟତ କୁଆଁରିଆଁ ନଦୀ ଉପରେ ଥିବା ମଙ୍ଗରାଜପୁର ଗିରିଡିପଲ୍ଲୀ ପୋଲ ଦୀର୍ଘଦିନ ହେବ ନିର୍ମାଣ ଚାଲିଥିଲେ ମଧ ଏହାର କାମ ଶେଷ ହେଉନି। କାମ ଶୀଘ୍ର ଶେଷ କରିବାକୁ ଦାବି ହୋଇ ଆସୁଥିଲେ ମଧ ଅଣଦେଖା କରାଯାଉଛି। ନୂଆଗାଁ ବ୍ଲକ ଜଗନ୍ନାଥପ୍ରସାଦ ସୋରଡା ରାସ୍ତାର ବେଲପା ନାଳ ଉପରେ ଆଦୌ ପୋଲ ନାହିଁ। ପୋଲଟିଏ ନିର୍ମାଣ କରିବାକୁ ସ୍ଥାନୀୟ ବାସିନ୍ଦା ବାରମ୍ବାର ଦାବି କରି ଆସୁଥିଲେ ମଧ ଏହାକୁ ଅଣଦେଖା କରା ଯାଉଛି। ରଣପୁର ବ୍ଲକ ରଣପୁର ରାଜସୁନାଖଳା ରାସ୍ତାର ସଡକର ଚମ୍ପତିପୁର ନିକଟରେ ମନ୍ଦାକିନୀ ସେତୁ ପରିତ୍ୟକ୍ତ ହୋଇ ପଡ଼ି ରହିଛି। ୬ ବର୍ଷ ହେଲା ବିପଦସଙ୍କୁଳ ହୋଇ ପଡିଥିଲେ ମଧ ପୂର୍ତ୍ତ ବିଭାଗ ପକ୍ଷରୁ ସେତୁ ବିପଦ ସଙ୍କୁଳ ବୋର୍ଡ ମାରି ଦାୟିତ୍ୱ ଶେଷ କରି ଦିଆଯାଇଛି। ବିପଦସଙ୍କୁଳ ପୋଲରେ ଯାନବାହାନ ଯାତାୟାତ କରୁଛି। ଏ ନେଇ ଆବେଦନକାରୀ ଦିଲୀପ କୁମାର ସାମନ୍ତରାୟ କୁହନ୍ତି, ପ୍ରଶାସନ ଲୋକଙ୍କ ଅସୁବିଧାକୁ ଭୁଲି ଯାଉଛନ୍ତି। ସେତୁ ନିର୍ମାଣରେ କାହିଁକି କଚ୍ଛପ ଗତି ହେଉଛି, ଆବଶ୍ୟକ ସ୍ଥାନରେ କାହିଁକି ସେତୁ ନିର୍ମାଣ ହେଉନି ଓ ବିପଦସଙ୍କୁଳ ସେତୁକୁ ଭଙ୍ଗା ଯାଇ ନୂଆ ସେତୁ କାହିଁକି କାର୍ଯ୍ୟ ଆରମ୍ଭ ହେଉନି ସେ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା କରାଯାଇଥିଲା। ହେଲେ ସନ୍ତୋଷ ଜନକ ଉତ୍ତର ନ ମିଳିବା ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସେତୁ ନିର୍ମାଣକୁ ଅଣଦେଖା କରାଯିବାରୁ ଅଦାଲତ ଅବମାନନା କରାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆରିୟନ


@ ମଧୁ


@ ସ୍ୱପ୍ନା


@ ପ୍ରଦୀପ୍ତ


@ ସତପୁଷ୍ପା


@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଶ୍ୱ ଅଣ୍ଡା ଦିବସରେ ଗୁମର ଖୋଲିଲେ ଚାଷୀ

■କୁକୁଡା ଚାଷୀଙ୍କୁ ବ୍ୟାଙ୍କ ସହଯୋଗ ମିଳୁନି
■କ୍ଷୁଦ୍ର ଚାଷୀଙ୍କ ଅଣ୍ଡା ଉତ୍ପାଦନ କାଗଜକଲମରେ
■ଚିଆଁ ଉତ୍ପାଦନ କେନ୍ଦ୍ରର ସୁଫଳ ମିଳୁନି
■କୁକୁଡା ଚିଆଁଙ୍କ ପାଇଁ ନାହିଁ ଖାଦ୍ୟ ୟୁନିଟ୍
■ଅଣ୍ଡା ଉତ୍ପାଦନ ବଢୁଥିଲେହେଁ କ୍ଷତି ସହୁଛି ଚାଷୀ

**ନୟାଗଡ଼ ,୧୩।୧୦(ଲୋକନାଥ ମିଶ୍ର)**


ଅଣ୍ଡା ଦିବସରେ ଉପସ୍ଥିତ ଅତିଥିମାନେ।

ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଯାଇଛି। ଏଥିରେ କୁକୁଡା ଚାଷ ଓ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ଚାଷୀ ଭୋଗୁଥିବା ଅସୁବିଧା ଉପସ୍ଥାପନ ହୋଇଥିଲା। ବାହାଡାଝୋଲା ଚାଷୀ ସୂର୍ଯ୍ୟମଣି ସାହୁ କହିଥିଲେ, କୁକୁଡା ଚାଷୀଙ୍କୁ ବ୍ୟାଙ୍କ ହଇରାଣ କରୁଛି। ଚାଷୀ ସବ୍‌ସିଡି, ଇନ୍ସୁରାନ୍ସ ଓ ଋଣ କ୍ଷେତ୍ରରେ ହଇରାଣ ହେଉଛନ୍ତି। ୧ ହଜାରରୁ ୨ ହଜାର ଅଣ୍ଡା ଉତ୍ପାଦନ କେନ୍ଦ୍ରଗୁଡିକ କାଗଜକଲମରେ ଚାଲିଛି। ଚିଆଁ ଉତ୍ପାଦନ ଜିଲାରେ ନଗନ୍ୟ। ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିଲେ ମଧ ସୁଫଳ ମିଳୁନି। ପୁଣି କୁକୁଡା ଚିଆଁଙ୍କ ଖାଦ୍ୟ ନୟାଗଡ଼ ଜିଲାରେ ମିଳୁନି। ଜିଲାରେ କୁକୁଡା ଚିଆଁ ଖାଦ୍ୟ ପାଇଁ ଏକ ୟୁନିଟ ଖୋଲିବା ଦରକାର। ଅଣ୍ଡା କ୍ଷେତ୍ରରେ ନୟାଗଡ଼ ଜିଲା ବଳକା ଜିଲା ହୋଇପାରେ ତେବେ ଚାଷୀ ଅଣ୍ଡାକୁ କ୍ଷତିରେ ବିକ୍ରି କରୁଛନ୍ତି। ଅଣ୍ଡା ଉତ୍ପାଦନରେ ଚାଷୀଙ୍କ ଲାଭ ହେଉନି। ଚାଷୀ ତାପସ ପାଣି କହିଥିଲେ, କୁକୁଡା ଚାଷ ଓ ଅଣ୍ଡା ଉତ୍ପାଦନ କେନ୍ଦ୍ରରେ ଲୋକଙ୍କ ବିରୋଧ ଲାଗି ରହୁଛି। ଗଞ୍ଜାମ ଜିଲାରେ ଯେପରି ଅଣ୍ଡା ଉତ୍ପାଦନ ବଢୁଛି ନୟାଗଡ଼ରେ ନାହିଁ। ଖବରଦାତା ରାମକୃଷ୍ଣ ରଥ କହିଥିଲେ, ଅଣ୍ଡାର ଦର ବଢ଼ି ଚାଲିଛି। ଅଣ୍ଡାର ଦର ଉପରେ ଲଗାମ ଲଗାଇବା ଦରକାର। ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରଶାନ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଅନିଲ ସ୍ୱାଇଁ, ଜିଲା ମତ୍ସ୍ୟ ଅଧିକାରୀ ପ୍ରକାଶ କୁମାର ତ୍ରିପାଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଅତିଥି ରୂପେ ଯୋଗ ଦେଇଥିଲେ। ବକ୍ତାମାନେ କହିଥିଲେ, ଅଣ୍ଡା ଗୋଟିଏ ପୃଷ୍ଟିକର ଖାଦ୍ୟ ହେତୁ ଏ ଦିଗରେ ସଚେତନତା ପାଇଁ ଅଣ୍ଡା ଦିବସ ପାଳନ କରାଯାଉଛି। ଜିଲାରେ ୬୫ଟି ଲୟାର ଫାର୍ମ ରହିଥିବାବେଳେ ୪ ଲକ୍ଷ ୩୧ ହଜାର ଅଣ୍ଡା ଉତ୍ପାଦନ ହେବାର କାପାସିଟ ରହିଛି। ତେବେ ୨ ଲକ୍ଷ ୨ ହଜାର ୩୩୦ ଅଣ୍ଡାର ଦୈନିକ ଆବଶ୍ୟକତା ଥିବାବେଳେ ୩ ଲକ୍ଷ ୩୪ ହଜାର ଅଣ୍ଡା ଉତ୍ପାଦନ ହେଉଛି। ମଞ୍ଚ ପରିଚାଳନା ଡା. ପ୍ରତାପ ପ୍ରଧାନ କରିଥିଲେ।

# କୃଷି ସଚେତନତା ପାଇଁ ଗଡ଼ିଲା ୩ ରଥ

**ନୟାଗଡ଼,୧୩।୧୦(ଲୋକନାଥ ମିଶ୍ର)**

ଗୀତ, ନୃତ୍ୟରେ କୃଷିର ବିଭିନ୍ନ ଯୋଜନା ଓ ଜିଲା ସ୍ତରୀୟ କୃଷି ଏବଂ ଯନ୍ତ୍ରପାତି ମେଳାର ସଚେତନତା ପାଇଁ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରୁ ୩ଟି ରଥ ଶୁକ୍ରବାର ଗଡ଼ିଛି। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଓ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଆନୁଷ୍ଠାନିକ ଭାବେ ୩ ଟି ସଚେତନତା ରଥକୁ ଉଦ୍‌ଘାଟନ କରିଛନ୍ତି। ଏହି ସଚେତନତା ରଥ ଜିଲାର ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତସ୍ତରକୁ ଗଡ଼ିବ। ଏଥିସହିତ ନାଟକ ମାଧମରେ ବିଭିନ୍ନ ସଚେତନତା ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବ। ନଭେମ୍ବର ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ନୟାଗଡ଼ ଷ୍ଟାଡିୟମ ଗ୍ରାଉଣ୍ଡରେ ଜିଲା ସ୍ତରୀୟ କୃଷି ଓ ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବାକୁ ଯାଉଛି। କୃଷକ ମେଳାରେ ମୁଖ୍ୟତଃ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, ବିଭିନ୍ନ କୃଷି ଯନ୍ତ୍ର ପାଇଁ ସରକାରୀ ଆର୍ଥିକ ସହାୟତାର ସଚେତନତା କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକର ପ୍ରଚାର ଓ ପ୍ରସାର ଏହି ସଚେତନତା ରଥ ଦ୍ୱାରା କରାଯାଉଛି। ପୁଣି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ବିଶେଷ ରିହାତି ଏବଂ ବିକ୍ରୟର ବ୍ୟବସ୍ଥା ଓ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ ତତ୍କାଳ ବୁକିଂ ବ୍ୟବସ୍ଥା ଉପରେ ସଚେତନତା କରାଯାଉଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ସୁବାସ କଅଁର, ଆଶିଷ ଅଗ୍ରୱାଲ ଓ କ୍ଷୀରୋଦ କୁମାର ମହାପାତ୍ର, ଜିଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁପ୍ରସାଦ ସାହୁ, ଏଡିଓ ସଞ୍ଜୟ କୁମାର ଦଳେଇ, କୃଷି ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ଶେଖର ଦାସ, କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାପାତ୍ର, ଏଡିଓ ସ୍ୱାଗତିକା ପତି, ସହକାରୀ ଏଗ୍ରିକଲଚର ଅଫିସର ମୁକ୍ତିଲିନା ମୋନିକା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଓ କୃଷି ବିଭାଗର ସମସ୍ତ ଅଧିକାରୀମାନେ ସହଯୋଗ କରିଥିଲେ।



କୃଷି ସଚେତନତା ରଥକୁ ଉଦ୍‌ଘାଟନ କରାଯାଉଛି।

# ୨୨ ପଞ୍ଚାୟତ ପାଇଁ ୧୧ କୋଟି ଅନୁଦାନ

**ନୂଆଗାଁ, ୧୩।୧୦( ଧନେଶ୍ୱର ସାହୁ)**

**ନୂଆଗାଁ ବ୍ଲକରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ**

ନୂଆଗାଁ କଲେଜ ସମ୍ମୁଖ ଖେଳ ପଡିଆଠାରେ ଶୁକ୍ରବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ମାଧମରେ ଶୁଭାରମ୍ଭ କରିଛନ୍ତି। ବ୍ଲକର ବିକାଶ ପାଇଁ ଅନେକ ପ୍ରକଳ୍ପର ଆବଶ୍ୟକତା ରହିଛି। ତାହାକୁ ଅନୁଧ୍ୟାନ କରି ଓ ଲୋକମାନଙ୍କ ଆବଶ୍ୟକତାକୁ ଅନୁଭବ କରି ମୁଖ୍ୟମନ୍ତ୍ରୀ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ଅନୁଦାନ ଦେଇଛନ୍ତି। ବ୍ଲକର ୨୨ଟି ପଞ୍ଚାୟତ ପାଇଁ ୧୧ କୋଟି ଟଙ୍କା ଅନୁଦାନ ମିଳିଛି। ଉଦୟପୁର , ସୋରଡା , ସିଙ୍ଗାରପଲି , ଗାଡେରୀ, ଚାହାଳି , ବେରୁହାଁବାରି ଓ ବାହାଡାଝୋଲା ଆଦି ପଞ୍ଚାୟତରେ ୧୭ଟି ଲେଖାଏଁ ପ୍ରକଳ୍ପ , ମାଳିସାହି, ମହିପୁର କୋରଡା, କାପ୍ତାପଲି, ଜାକେଡା, ଗୁମୀ, ଦୁର୍ଦ୍ଧୁରା , ବାହାଡାଝୋଲା ଆଦି ପଞ୍ଚାୟତରେ ୧୮ଟି ଲେଖାଏ ପ୍ରକଳ୍ପ, ସିକ୍ରିଡା ପଞ୍ଚାୟତରେ ୧୬ ପ୍ରକଳ୍ପ , ପାରାଡିପି ପଞ୍ଚାୟତରେ ୧୯ଟିପ୍ରକଳ୍ପ, ନୁଆଗାଁ, ମାଇଛେଳି ପଞ୍ଚାୟତରେ ୧୫ଟି ଲେଖାଏଁ ପ୍ରକଳ୍ପ, ଖଣ୍ଡୁଗାଁ, ଢେଙ୍କେଣା ପଞ୍ଚାୟତରେ ୧୪ଟି ଲେଖାଏଁ ପ୍ରକଳ୍ପ , ହରିପୁର ପଞ୍ଚାୟତରେ ୧୩ଟି ପ୍ରକଳ୍ପ ନିର୍ମାଣ ପାଇଁ ଅନୁମୋଦନ ମିଳିଛି। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଜଗନ୍ନାଥ ସଂସ୍କୃତି ଓ ବିଭିନ୍ନ ଗ୍ରାମାଞ୍ଚଳର ଉନ୍ନତି ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଚେଷ୍ଟିତ ଥିବାରୁ ତାଙ୍କୁ ବ୍ଲକ ପକ୍ଷରୁ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ, ଅତିରିକ୍ତ ତହସିଲଦାର କବିରାଜ ସେଠୀ, ବିଡିଓ ବାସୁଦେବ ନାୟକ ଉପାଧକ୍ଷ ପର୍ଶୁରାମ ସ୍ୱାଇଁଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଜନସାଧାରଣ।

# କେନାଲରୁ ଜମିକୁ ପାଣି ମାଡୁନି, ମରୁଡ଼ି ଆଶଙ୍କା

**ଖଣ୍ଡପଡା,୧୩।୧୦ (ଅଜୟ କୁମାର ମହାରଣା)**


କେନାଲରେ ଗଛ ଉଠି ଥିବାରୁ ପାଣି ଯାଉନାହିଁ।


ଚାଷ ଜମି ଶୁଖିଲା ପଡିଛି।

ଖଣ୍ଡପଡ଼ା କ୍ଷୁଦ୍ର ଜଳ ସେଚନ ବିଭାଗ କର୍ତ୍ତୃପକ୍ଷଙ୍କ ଆନ୍ତରିକତାର ଅଭାବରୁ ବିଭିନ୍ନ ସ୍ଥାନରେ ଥିବା କେନାଲରେ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ପାଣି ଯାଉ ନ ଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଅପରପକ୍ଷରେ ସ୍ୱଳ୍ପ ବୃଷ୍ଟି ଧାନ ଫସଲ ପାଇଁ ବାଧକ ସାଜିଛି। ଧାନ ଫସଲ ନିଶ୍ଚିତ ମରୁଡି ହେବାର ଆଶଙ୍କା ପ୍ରକାଶ ପାଇଛି। ବିଭିନ୍ନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକରୁ ଆଖପାଖ ଅଞ୍ଚଳରେ ଅବସ୍ଥିତ ଚାଷ ଜମିକୁ ଜଳସେଚିତ କରିବାର ଲକ୍ଷ୍ୟ ନେଇ ଲକ୍ଷାଧିକ ଟଙ୍କା ବ୍ୟୟରେ ଦୀର୍ଘବର୍ଷ ତଳେ କେନାଲଗୁଡିକ ନିର୍ମାଣ କରାଯାଇଥିଲା। ୨ରୁ୪ ମାସ ପୂର୍ବରୁ କେନାଲଗୁଡିକ ସଫା କରାଯାଇଥିବା ବିଭାଗୀୟ ଅଧିକାରୀ କହୁଥିବା ବେଳେ ଲଘୁଚାପ ଜନିତ ବର୍ଷା ଫଳରେ କେନାଲରେ ଅନାବନା ଗଛ ଉଠି ସମ୍ପୂର୍ଣ୍ଣ ଜଙ୍ଗଲର ଭ୍ରମ ସୃଷ୍ଟି କରିଛି ବୋଲି କୁଞ୍ଜବିହାରୀପ୍ରସାଦ ଚାଷୀମାନେ ଅଭିଯୋଗ କରିଛନ୍ତି। କେନାଲ ସମସ୍ୟା ଏବଂ ଜମିକୁ ପାଣି ଆସୁ ନ ଥିବା ସମ୍ପର୍କରେ ଶତାଧିକ ଚାଷୀ ଲିଖିତ ଭାବେ ବିଭାଗୀୟ ଯନ୍ତ୍ରୀ ତଥା ନୟାଗଡ଼ କ୍ଷୁଦ୍ର ଜଳ ସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ୨ ମାସ ହେବ ଅବଗତ କରିଥିବା ସିଂଘାପଡା ପଞ୍ଚାୟତ ଅଧୀନ କୁଞ୍ଜ ବିହାରୀପ୍ରସାଦ ଚାଷୀ ବିଶ୍ୱମ୍ଭର ଜେନା, ଅନନ୍ତ ସାମଲ, କେଦାର ଜେନା, ଲୋଚନ ଜେନା, ପ୍ରକାଶ ଜେନା, ବଳଭଦ୍ର ପାତ୍ର, ଗୌରାଙ୍ଗ ଜେନା, କ୍ଷେତ୍ରବାସୀ ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି। ସମ୍ପ୍ରତି ଶତାଧିକ ଏକର ଧାନ ଫସଲ ପାଣି ବିନା ମରୁଡି ଆଶଙ୍କା ଥିବା ଅଭିଯୋଗ କରିଛନ୍ତି। ଖଣ୍ଡପଡା ଅଞ୍ଚଳରେ ଅବସ୍ଥିତ ସୁନାମୁହିଁ, ମୋଡାନାଳ, କୋସକା, ଗୋହିରିଆପଡା, କେନ୍ଦୁଆ, ଲକ୍ଷ୍ମୀପ୍ରସାଦ, କୋସକା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଧୀନରେ ଥିବା ଏକାଧିକ କେନାଲଗୁଡିକର ଅବସ୍ଥା ସମୟାନୁକ୍ରମେ ଶୋଚନୀୟ ହୋଇପଡିଛି। ବାରମ୍ବାର ଦାବି ସତ୍ତ୍ୱେ ମଧ ବିଭାଗୀୟ କର୍ତ୍ତୃପକ୍ଷ କେନାଲଗୁଡିକର ପୁନରୁଦ୍ଧାର ଦିଗରେ ଆଦୌ ଧ୍ୟାନ ଦେଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ତେବେ ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ମୟୂର ଚନ୍ଦ୍ରିକାଙ୍କୁ ପଚାରିବାରେ ସମ୍ପୃକ୍ତ ଅଞ୍ଚଳରେ ପାଣି ପଞ୍ଚାୟତ ଗଠନ ହୋଇ ନ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ତେବେ ଏବେ ନୂତନ ପାଣି ପଞ୍ଚାୟତ ଗଠନ ହୋଇଥିବାରୁ ସମସ୍ୟା ସମାଧାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହଛନ୍ତି। ଅପରପକ୍ଷରେ ସିଂଘାପଡା ଅଧୀନରେ ଥିବା କେନାଲର ଉନ୍ନତିକରଣ ପାଇଁ ପ୍ରାୟ ୩ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟ ବରାଦ ହୋଇ ଟେଣ୍ଡର ପ୍ରକ୍ରିୟା ଚାଲିଛି। ଫଳରେ ଚାଷୀମାନଙ୍କର ସମସ୍ୟା ଖୁବ୍‌ଶୀଘ୍ର ସମାଧାନ ହୋଇଯିବ ବୋଲି ଯନ୍ତ୍ରୀ ଚନ୍ଦ୍ରିକା ସୂଚନା ଦେଇଛନ୍ତି। ଅପରପକ୍ଷରେ ସୁନାମୁହିଁ ଜଳ ଭଣ୍ଡାରରେ ପର୍ଯ୍ୟାପ୍ତ ପରିମାଣର ଜଳ ମହଜୁଦ ଥିଲେ ହେଁ କେନାଲରେ ପାଣି ଆସୁ ନ ଥିବାରୁ କେନାଲ ପାର୍ଶ୍ୱବର୍ତ୍ତୀ ଚାଷ ଜମିଗୁଡିକ ଶୁଖିଲା ପଡିଛି। ଫଳରେ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଚଳିତବର୍ଷ ଅନିୟମିତ ବୃଷ୍ଟିପାତ ଯୋଗୁଁ ଖଣ୍ଡପଡା ଅଂଚଳର ବିଭିନ୍ନ ଇଲାକାରେ ଥିବା ଧାନଚାଷ ଜମିଗୁଡିକରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଖଣ୍ଡପଡା ସୁନାମୁହିଁ ଜଳଭଣ୍ଡାରରୁ ଶିଖରପୁର, ବରପଲ୍ଲୀ, ଶାଳଝରିଆ, କୃଷ୍ଣପ୍ରସାଦ, ପୁରୁଣା ସାହାସପୁର ଏବଂ ସିଂଘାପଡା ଅଞ୍ଚଳ ପ୍ରଭୃତି ଗ୍ରାମର ଚାଷ ଜମିଗୁଡିକୁ ଜରୁରୀକାଳୀନ ପରିସ୍ଥିତିରେ ଜଳସେଚିତ କରିବାର ଲକ୍ଷ୍ୟ ନେଇ ରାଜ୍ୟ ସରକାର କ୍ଷୁଦ୍ର ଜଳସେଚନ ବିଭାଗ ଜରିଆରେ ଅର୍ଥ ବ୍ୟୟ କରି କେନାଲ ନିର୍ମାଣ କରିବା ସହ ପ୍ରତିବର୍ଷ କେନାଲଗୁଡିକର ମରାମତି ଓ ରକ୍ଷଣାବେକ୍ଷଣ ବାବଦରେ ଲକ୍ଷାଧିକ ଟଙ୍କା ବ୍ୟୟ ହେଉଛି। ମାତ୍ର ଆବଶ୍ୟକ ସମୟରେ କେନାଲଗୁଡିକରେ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିବାରେ କେନାଲରେ ପାଣି ଛାଡିବା ପାଇଁ ବ୍ୟବସ୍ଥା କରାଯାଉଥିବା ବିଭାଗୀୟ ଅଧିକାରୀ ଅଶ୍ୱିନୀ କୁମାର ସୂଚନା ଦେଇଛନ୍ତି।


Reliance
Reliance Jewels
BE THE MOMENT
ଏକ ଅନନ୍ୟ ଦୀପାବଳୀ
ଜ୍ୱେଲରୀ କଲେକଶନ୍ 2023
Swarn Banga
ଏକ କବିତା ବେଙ୍ଗଲ୍ ଦ୍ୱାରା ଅନୁପ୍ରାଣିତ
25%* ପର୍ଯ୍ୟନ୍ତ ଛାଡ଼
ସୁନା ଅଳଙ୍କାରର ଗଢା ମଜୁରୀ ଉପରେ ଏବଂ ହୀରା ଅଳଙ୍କାରର ମୂଲ୍ୟ ଉପରେ ।
ସୀମିତ ଅବଧି ଅଫର୍ । * ସର୍ତ୍ତ ଓ ନିୟମାବଳୀ ଲାଗୁ
ଆମର ଅନନ୍ୟ କଲେକଶନ୍ ବିଷୟରେ ଜାଣିବା ପାଇଁ ସ୍କାନ୍ କରନ୍ତୁ
ଏବେ ଏଥିରେ ମଧ୍ୟ ଉପଲବ୍ଧ www.reliancejewels.com
ଆମକୁ ଅନୁସରଣ କରନ୍ତୁ:
ଅନୁଗୁଳ: ଫୋନ୍: 8249389498/06764-231280 । ବାଲାଙ୍ଗୀର: ଫୋନ୍: 7008120335 । ଭୁବନେଶ୍ୱର: ଜନପଥ, ଫୋନ୍: 7008218533 / 9835924332 / 7894455782 / 9861207889 / 0674-2570035/64 । ବରଗଡ଼: ଫୋନ୍: 7991081172/8249056295 । ବ୍ରହ୍ମପୁର (ଓଡ଼ିଶା): ଫୋନ୍: 7008995399, 0680-2250017/18 । ଭଦ୍ରକ: ଫୋନ୍: 9078000357 / 7377280211 / 8249081489 । ଢେଙ୍କାନାଳ: ଫୋନ୍: 9348432641 । ଯାଜପୁର: ଫୋନ୍: 9078084953 । ଝାରସୁଗୁଡ଼ା: ଫୋନ୍: 6645291740 / 9861925764 / 8926977419
ରାଉରକେଲା: ଫୋନ୍: 8456006992 / 9583420586 । ସମ୍ବଲପୁର: ଫୋନ୍: 6372909946 । କେନ୍ଦୁଝର: ଫୋନ୍: 7008752980 । କଟକ: ଫୋନ୍: 7682848136/0671-2520011


Reliance
ଉତ୍ସବ ମନାନ୍ତୁ,
#DilKholKe
ଫେଷ୍ଟିଭାଲ ଅଫ୍ ଇଲେକ୍ଟ୍ରୋନିକ୍ସ
10% ଇନ୍ଷ୍ଟାଣ୍ଟ ଡିସ୍କାଉଣ୍ଟ*
କ୍ରେଡିଟ୍ କାର୍ଡ୍ସ ଏବଂ ଇଜିଇଏମ୍ଆଇ ସହିତ ଟ. 5000 ଡିସ୍କାଉଣ୍ଟ ପର୍ଯ୍ୟନ୍ତ
₹10000 ପର୍ଯ୍ୟନ୍ତ କ୍ୟାଶବ୍ୟାକ୍*
କଂଜ୍ୟୁମର ଲୋନ୍ସ ଉପରେ
HDFC BANK
ଫେଷ୍ଟିଭ ଟ୍ରିଟସ
Reliance digital
PERSONALISING TECHNOLOGY
#TechnologySeRishtaJodo
MATCH DAY DEALS
TCL P745 2 Year Warranty 216cm (85) UHD TV Google TV ₹149990* *Price after Cashback
189 CM (75) UHD AVAILABLE AT ₹74990*
SAMSUNG 3 Year Warranty Neo QLED Starting from ₹99990* BENEFITS FREEBIES WORTH UPTO ₹124990/- *Price after Cashback
LG OLED evo 3 Year Warranty Starting from ₹89990* BENEFITS MAX 20% CASHBACK UPTO ₹15000*
JBL SOUNDBAR DOLBY ATMOS ₹28999 ₹17499*
EVERYDAY LAPTOP Intel® Core™ i3 Starting from ₹29999* AMD R3 Starting from ₹33999*
MULTITASKING LAPTOP AMD R5 Starting from ₹37999* Intel® Core™ i5 Starting from ₹39999*
GAMING LAPTOP GTX 1650 Starting from ₹40999* RTX 3050 Starting from ₹47999*
PRICE AFTER PROMO, CASHBACK & EXCHANGE BONUS AS APPLICABLE
LOWEST PRICE SAMSUNG S21 FE 5G ₹49999 Starting from ₹31999* *Price post Upgrade bonus & bank cashback
iPhone DEAL PRICE 13 128GB ₹59900 Starting from ₹33900* 14 128GB ₹69900 Starting from ₹39900* *Price post in store discount, exchange value, bonus and HDFC cashback
NEW LAUNCH VIVO V29 PRO Starting from ₹39999*
SIDE BY SIDE HAIER 628L ₹57990* LG 655L ₹74990* SAMSUNG 653L ₹97990*
FREE** 10 KG TOP LOAD WASHING MACHINE WORTH ₹32500 (ON SELECT SAMSUNG SBS*)
FRONT LOAD BOSCH 6 Kg ₹26590* LG 8 Kg ₹33490* SAMSUNG 8 Kg ₹33990*
WATER PURIFIER AQUAGUARD UV+UF ₹9990* AQUAGUARD RO+UV ₹18990 LG RO ₹21590
boAt Electra 1.81 ₹7990 ₹1499*
ଲାଟେଷ୍ଟ ଟେକ୍‌ର ବ୍ୟାପକ ରେଞ୍ଜ
ନିମ୍ନତମ ପ୍ରାଇସ୍*
ସହଜ ଇଏମ୍ଆଇ
ଦ୍ରୁତତମ ଡେଲିଭରୀ ଏବଂ ଇନଷ୍ଟଲେଶନ୍
Reliance resQ ବ୍ୟକ୍ତିଗତ ଅନୁସାରେ ମାର୍ଗଦର୍ଶନ । ସେବା । ମେଣ୍ଟେନାନ୍ସ 1800 889 1044
ଆଜି ମଧ୍ୟ ସପିଂ କରନ୍ତୁ: reliancedigital.in
SHOP ANY ELECTRONICS AT MY JIO STORE Jio DIGITAL LIFE
NOW OPEN AT: TALCHER ROAD, SHARMA CHOWK
VISIT US AT ODISHA: • JAJPUR ROAD CHODRA BY PASS PH :- 8984107745 • BHUBANESHWAR • RELIANCE MALL, MASTER CANTEEN • NANDAN KANAN ROAD, PATIA • ESPLANADE ONE MALL, RASULGARH • CUTTACK • COLLEGE SQUARE • CDA, CUTTACK • PURI, VIP ROAD | ALSO AVAILABLE AT:- • BALASORE • BEHRAMPUR • ROURKELA • SAMBALPUR • ANGUL • BALANGIR • JHARSUGUDA • SUNDERGARH • TALCHER |
TO LOCATE YOUR NEAREST MYJIO STORE, SMS LOCATE <PINCODE> TO 561611